# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଏପ୍ରିଲ ୨୮/୨୦୨୫ (୧୨ ପୃଷ୍ଠା) | Bhubaneswar, Monday, April 28/2025 Page 12 ₹ 7.00 | SAMBALPUR

୫୧ଶ ଭାଗ ୧୫୩ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 153 ମୂଲ୍ୟ ₹୭/-


# ୨ ଭାଇଙ୍କୁ ମାରି ଜାଳିଦେଲେ

**ଗଞ୍ଜାମ ଜିଲା ବେଗୁନିଆପଡ଼ା ଥାନା ଅଞ୍ଚଳରେ ରବିବାର ଘଟିଛି ଡବଲ ମର୍ଡର। ସୁମଣ୍ଡଳ ପଞ୍ଚାୟତ ଭାଲିଆଝର ଗାଁର ଦୁଇଭାଇଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇ ହତ୍ୟା କରାଯାଇଛି। ଏହାପରେ ପ୍ରମାଣ ନଷ୍ଟ ପାଇଁ ସେମାନଙ୍କ ମୃତଦେହକୁ ନିକଟ ଜଙ୍ଗଲରେ ପୋଡ଼ି ଦିଆଯାଇଛି। ପୂର୍ବ ଶତ୍ରୁତା ଓ ପୁଞ୍ଜୀଭୁତ ଅଶାନ୍ତିରୁ ଏହି ଘଟଣା ଘଟିଥିବା କୁହାଯାଉଛି। ଏହି ଡବଲ ମର୍ଡରକୁ ମିଶାଇ ରାଜ୍ୟରେ ରବିବାର ୫ଟି ହତ୍ୟାକାଣ୍ଡ ଘଟିଛି। କେବଳ ହତ୍ୟା ନୁହେଁ, ଗଣବଳାତ୍କାର, ବଳାତ୍କାର, ଡକାୟତି, ଶିଶୁ ଚୋରି ଆଦି ଏକାଧିକ ଘଟଣା ଚଳିତମାସରେ ଘଟିଛି। ଏଥିରୁ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ନେଇ ଅନେକେ ମତ ଦେଉଛନ୍ତି।**


ସଞ୍ଜୟ ବାରିକ


ଅଜୟ ବାରିକ

**ଖଲ୍ଲିକୋଟ/ବ୍ରହ୍ମପୁର,୨୭।୪**
**(ପ୍ରଶାନ୍ତ କୁମାର ମିଶ୍ର/ସୁବାସ ଚନ୍ଦ୍ର ପାଢ଼ୀ)**

ବେଗୁନିଆପଡ଼ା ଘଟଣାରେ ମୃତକ ଦ୍ୱୟ ହେଲେ ସଞ୍ଜୟ ବାରିକ ଓରଫ ବାଙ୍କା (୨୫) ଓ ତାଙ୍କ ସାନଭାଇ ଅଜୟ ବାରିକ(୨୩)। ସେମାନେ ରବିବାର ବେଗୁନିଆପଡ଼ା ଥାନା ଶାଳବଣ ଗ୍ରାମରେ ମନ୍ଦିର ପ୍ରତିଷ୍ଠା ପାଇଁ ଆୟୋଜିତ ନାମଯଜ୍ଞସ୍ଥଳକୁ ଯାଇଥିଲେ। ସେଠାରେ ଶାଳବଣ କେତେଜଣ ଲୋକଙ୍କ ସହ ସେମାନଙ୍କର ଯୁକ୍ତିତର୍କ ହୋଇଥିଲା। ଏହାପରେ ଗାଁର କେତେଜଣ ମେଳିହୋଇ ଉଭୟଙ୍କୁ ପିଟି ପିଟି କିଛି ଦୂରକୁ ନେଇ ହତ୍ୟା କରିଥିଲେ। ପରେ ସେମାନେ ମୃତଦେହ ଉପରେ ପାଳ ଜାଳି ଦେଇଥିଲେ। ମଧ୍ୟାହ୍ନରେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ମରେଇ ନୂଆଗାଁ ରାସ୍ତାକଡ଼ରେ ୨ଟି ଦରପୋଡା ମୃତଦେହ ପଡ଼ିଥିବା ଦେଖି କେତେଜଣ ଲୋକ ପୋଲିସକୁ ଖବର ଦେଇଥିଲେ। ବେଗୁନିଆପଡ଼ା ପୋଲିସ, ପୁରୁଷୋତ୍ତମପୁର ଏସ୍‌ଡିପିଓ ଦୀପକ କୁମାର ମିଶ୍ର, ଗଞ୍ଜାମ ଅତିରିକ୍ତ ଏସ୍‌ପି ରଞ୍ଜିତ୍ କୁମାର ପୁଷ୍ଟି ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ମୃତଦେହର ପୋଡା ଅଂଶ ଜବତ ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏ ନେଇ ଥାନାରେ ୨୨୦/୨୫ ନମ୍ବରରେ ହତ୍ୟା ମାମଲା ରୁଜୁ ହୋଇଛି। ଅନ୍ୟପଟେ ମୃତ ୨ ଭାଇଙ୍କ ନାମରେ ବିଭିନ୍ନ ଥାନାରେ ଆପରାଧିକ ମାମଲା ରହିଥିବା ସୂଚନା ମିଳିଛି। ୨୦୨୧ରେ ଅଜୟ ବେଗୁନିଆପଡ଼ା ବ୍ଲକର ପୂର୍ବତନ ଚେୟାରମ୍ୟାନ ଦେବରାଜ ସାହୁ ହତ୍ୟା ମାମଲାରେ ଗିରଫ ହୋଇ ଜେଲ ଯାଇଥିଲେ। ସେ କିଛିଦିନ ହେଲା ଜାମିନରେ ଆସିଥିଲେ ବୋଲି ଏସ୍‌ଡିପିଓ ମିଶ୍ର ସୂଚନା ଦେଇଛି।

(ଅଧିକ ଅପରାଧ ଖବର ପୃଷ୍ଠା-୫)

# ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକରୁ ମୋଗଲ ବିଷୟ ବାଦ୍

**ନୂଆଦିଲ୍ଲୀ,୨୭।୪**

ସପ୍ତମ ଶ୍ରେଣୀ ପିଲାମାନେ ଗତବର୍ଷ ପର୍ଯ୍ୟନ୍ତ ସେମାନଙ୍କ ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ ମୋଗଲ ଏବଂ ଦିଲ୍ଲୀ ସୁଲତାନ ଶାସନ ବିଷୟ ପଢ଼ିଆସୁଥିଲେ। ଜାତୀୟ ପାଠ୍ୟକ୍ରମ ରୂପରେଖ (ଏନ୍‌ସିଏଫ୍) ଅନୁଯାୟୀ ନୂଆ ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକରୁ ଉପରୋକ୍ତ ଅଧ୍ୟାୟଗୁଡ଼ିକୁ ବାଦ୍ ଦିଆଯାଇ ଭାରତୀୟ ଲୋକାଚାରକୁ ଗୁରୁତ୍ୱ ଦେଇ ଉକ୍ତ ସ୍ଥାନରେ ମଗଧ, ମୌର୍ଯ୍ୟ, ଶୁଙ୍ଗ ଏବଂ ସାତବାହନ ଭଳି ପୁରାତନ ଭାରତୀୟ ରାଜବଂଶ ଉପରେ ନୂଆ ଅଧ୍ୟାୟ ସାମିଲ କରାଯାଇଛି। ଏଥିସହିତ ଉତ୍ତରପ୍ରଦେଶର ପ୍ରୟାଗରାଜରେ ଚଳିତବର୍ଷ ଆୟୋଜିତ ହୋଇଥିବା ମହାକୁମ୍ଭକୁ ମଧ୍ୟ ନୂତନ ପାଠ୍ୟପୁସ୍ତକରେ ନିଆଯାଇଛି। କେବଳ ସେତିକି ନୁହେଁ, ବିଭିନ୍ନ ଅଧ୍ୟାୟରୁ ସଂସ୍କୃତ

## ସାମିଲ ହେଲା ମଗଧ ସାମ୍ରାଜ୍ୟ, ମହାକୁମ୍ଭ

ଶବ୍ଦ ଯଥା ଜନପଥ, ଅଧିରାଜ, ରାଜାଧିରାଜ ଆଦିକୁ ହଟାଇ ଦିଆଯାଇଛି।

ଜାତୀୟ ଶିକ୍ଷାନୀତି(୨୦୨୦) ଏବଂ ନୂଆ ଏନ୍‌ସିଏଫ୍ ଅନୁଯାୟୀ ଏନ୍‌ସିଇଆର୍‌ଟି ସପ୍ତମ ଶ୍ରେଣୀର ନୂଆ ପାଠ୍ୟପୁସ୍ତକ 'ଏକ୍ସପ୍ଲୋରିଂ ସୋସାଇଟି: ଇଣ୍ଡିଆ ଆଣ୍ଡ ବିୟଣ୍ଡ', ପ୍ରଥମ ଭାଗରେ ଅନେକ ପରିବର୍ତ୍ତନ କରିଛି, ଯେଉଁଥିରେ ଭାରତୀୟ ଏବଂ ସ୍ଥାନୀୟ ବିଷୟବସ୍ତୁ ଓ ଲୋକାଚାରକୁ ଗୁରୁତ୍ୱ ଦିଆଯାଇଛି। ପୁସ୍ତକର ମୁଖବନ୍ଧରେ ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ ଦୀନେଶ ପ୍ରସାଦ ସାକ୍‌ଲାନ ଲେଖିଛନ୍ତି, 'ଆମ ଛାତ୍ରୀଛାତ୍ରଙ୍କ ବିକାଶ ପାଇଁ ଆମେ ଚାହୁଁଥିବା ଭାରତୀୟ ସାଂସ୍କୃତିକ ସନ୍ଦର୍ଭ ଆଧାରିତ ମୂଲ୍ୟବୋଧକୁ ପାଠ୍ୟପୁସ୍ତକରେ ସନ୍ନିବେଶିତ କରିବା ସହ ବୟସ ଉପଯୁକ୍ତତା ଅନୁଯାୟୀ ବୈଶ୍ୱିକ ଦୃଷ୍ଟିକୋଣକୁ ସାମିଲ କରିଛୁ'। ଗତବର୍ଷ ଏନ୍‌ସିଇଆର୍‌ଟି ତୃତୀୟ ଓ ଷଷ୍ଠ ଶ୍ରେଣୀ ପାଇଁ ନୂଆ ପୁସ୍ତକ ଆଣିଥିବାବେଳେ ଏଥର ଚତୁର୍ଥ ଓ ସପ୍ତମ ଶ୍ରେଣୀ ପୁସ୍ତକରେ ପରିବର୍ତ୍ତନ କରିଛି। ଆସନ୍ତା ମାସରେ ଉକ୍ତ ପୁସ୍ତକର ଦ୍ୱିତୀୟ ଭାଗ ପ୍ରକାଶ ପାଇବ ବୋଲି ଏନ୍‌ସିଇଆର୍‌ଟିରେ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସେଥିରେ ଅନେକ ଅତିରିକ୍ତ ବିଷୟ ସାମିଲ ହେବାକୁ ଯାଉଛି।


**ଆଜିର ସମ୍ପାଦକୀୟ**
**ଭଡ଼ଭଡ଼**



DSPL-46


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଆନ୍ତର୍ଜାତିକ ସମବାୟ ବର୍ଷ ୨୦୨୫


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ**
**୧୭୭ତମ ଜୟନ୍ତୀ ପାଳନ ଅବସରରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ**

ମୁଖ୍ୟ ଅତିଥି
**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ ଓଡ଼ିଶା

ସଦୟ ଉପସ୍ଥିତି
**ଶ୍ରୀ ପ୍ରଦିପ ବଳ ସାମନ୍ତ**
ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ, ଓଡ଼ିଶା ସରକାର

**ଆଲୋଚନା ଚକ୍ର**
ଓଡ଼ିଶା ମାଟିରେ ସମବାୟ ଆନ୍ଦୋଳନର ମୂଳଦୁଆ ସ୍ଥାପନରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଭୂମିକା
କୃଷି ଭବନ, ଭୁବନେଶ୍ୱର

**ଜମା ରାଶି ଫେରସ୍ତ**
ସହରାଞ୍ଚଳ ସମବାୟ ବ୍ୟାଙ୍କ, ଭୁବନେଶ୍ୱରର ଜମାକାରୀମାନଙ୍କର ଜମା ରାଶି ଫେରସ୍ତ
ଲୋକସେବା ଭବନ ଓ କୃଷି ଭବନ, ଭୁବନେଶ୍ୱର

**ବୁଝାମଣାପତ୍ର ସାକ୍ଷର**
କୃଷି ସମବାୟ ସମିତି ଗୁଡ଼ିକର ବ୍ୟବସାୟିକ ବିବିଧିକରଣ ତଥା କୃଷକମାନଙ୍କୁ ଉନ୍ନତ ସେବା ପ୍ରଦାନ ପାଇଁ ତ୍ରିଭୁବନ ସମବାୟ ବିଶ୍ୱବିଦ୍ୟାଳୟ, IRMA ସ୍କୁଲ, ଆନନ୍ଦ, ଗୁଜରାଟ ସହିତ ବୁଝାମଣାପତ୍ର ସାକ୍ଷର
ଲୋକସେବା ଭବନ, ଭୁବନେଶ୍ୱର

**୨୮ ଏପ୍ରିଲ ୨୦୨୫ | ସନ୍ଧ୍ୟା ୫.୦୦ ଘଟିକା**

**ସମବାୟ ବିଭାଗ, ଓଡ଼ିଶା ସରକାର**




89 YEARS TRUST IS TIMELESS | 100% BIS Hallmarked HUID Pure Gold Jewellery | 100% Exchange of Old Gold | Fair Price Policy | Free Insurance on Diamonds | Tested and Certified Diamonds | Safe Gold Purchase Scheme | Lifetime Buyback Guarantee

**JHARSUGUDA: Sarbahal Road, Marwadi Para | ROURKELA: Kesar Bhawan, Main Road**

STORES ALSO AT:
BHUBANESWAR | BERHAMPUR | CUTTACK | PURI
ANGUL Opening Soon | JAJPUR ROAD Opening Soon

UP TO ₹3,000 EXTRA CASHBACK* SBI card
*Min. Trxn.: ₹40,000; Max. Cashback: ₹3,000 per card account; Validity: 25 Apr - 04 May 2025. T&C Apply.

khimjijewellers.com 1800 3131 777 Follow us on:

KHIMJI
JEWELLERS SINCE 1936

# ଭାରତର ଶକ୍ତି ପ୍ରଦର୍ଶନ, ପାକ୍‌ର ଧମକ

ନୂଆଦିଲ୍ଲୀ/ଇସ୍‌ଲାମାବାଦ,୨୭।୪

ଭାରତୀୟ ନୌସେନା ରବିବାର ଦୂରଗାମୀ ଲକ୍ଷ୍ୟଭେଦୀ ଆକ୍ରମଣ ପ୍ରସ୍ତୁତିକୁ ଦୋହରାଇବାକୁ ଯାଇ ସମୁଦ୍ରରେ ଅନେକ ଆଣ୍ଟି-ଶିପ୍ ମିଶାଇଲ୍ ଫାୟାରିଂ କରିଛି। ପହଲଗାମ୍ ଆକ୍ରମଣରେ ୨୬ ହିନ୍ଦୁଙ୍କ ପ୍ରାଣହାନିକୁ ନେଇ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ୁଥିବାବେଳେ ସାମୁଦ୍ରିକ ଜଳରାଶି ଉପରେ ଯୁଦ୍ଧପୋତରୁ ଏହି ମିଶାଇଲ ପରୀକ୍ଷଣ କରି ଭାରତ ସବୁ ପ୍ରକାର ସମ୍ଭାବ୍ୟ ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ବୋଲି ପଡ଼ୋଶୀ ଦେଶକୁ ପରୋକ୍ଷରେ ବାର୍ତ୍ତା ଦେଇଛି। ଏପରି କି ଏହି ଆତଙ୍କବାଦୀ ଆକ୍ରମଣର ଦୃଶ୍ୟ ଦେଖି ଦେଶବାସୀଙ୍କ ରକ୍ତ ତାତିଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଏହି ପୃଷ୍ଠଭୂମିରେ ପାକିସ୍ତାନ ପଟୁ ତୁହାକୁ ତୁହା ଧମକ ଆସିବାରେ ଲାଗିଛି। ପାକିସ୍ତାନ ମନ୍ତ୍ରୀ ହାନିଫ୍ ଅବ୍ବାସି ଭାରତକୁ ଖୋଲାଖୋଲି ଆଣବିକ ଆକ୍ରମଣର ଧମକ ଦେଇଛନ୍ତି। ଘୋରୀ, ଶାହିନ୍ ଓ ଗଜନବି ମିଶାଇଲ୍ ସମେତ ୧୩୦ ଆଣବିକ ଯୁଦ୍ଧାସ୍ତ୍ରକୁ କେବଳ ଭାରତ ପାଇଁ ପ୍ରସ୍ତୁତ କରି ରଖାଯାଇଥିବା ସେ କହିଛନ୍ତି।

ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ଶନିବାର ଭାରତକୁ କୌଣସି ପ୍ରକାର ସାମରିକ କାର୍ଯ୍ୟାନୁଷ୍ଠାନର ଜବାବ ଦେବାକୁ ପ୍ରସ୍ତୁତ ବୋଲି କହିଥିଲେ।




ସେହିପରି ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଭାରତ ସିନ୍ଧୁ ନଦୀ ଜଳ ବନ୍ଦ କଲେ ରକ୍ତ ବହିବ ବୋଲି ଧମକ ଦେଇଥିଲେ। ଏହାର ଦିନକ ପରେ ଶରିଫ୍‌ଙ୍କ କ୍ୟାବିନେଟରେ ରେଳମନ୍ତ୍ରୀ ଥିବା ହାନିଫ୍ ଅବ୍ବାସି କହିଛନ୍ତି, ଭାରତ ଯଦି ୧୯୬୦ର ସିନ୍ଧୁ ଜଳ ଚୁକ୍ତି (ଆଇଡବ୍ଲ୍ୟୁଟି) ରଦ୍ଦ କରି ପାକିସ୍ତାନର ପାଣି ରୋକିବାକୁ ଉଦ୍ୟମ କରେ ତେବେ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇ ରହିବା ଉଚିତ।



### ୧୩୦ ଆଣବିକ ଯୁଦ୍ଧାସ୍ତ୍ର କେବଳ ଭାରତ ପାଇଁ ରଖିଛୁ: ହାନିଫ୍ ଅବ୍ବାସି

ପାକିସ୍ତାନର ଆଣବିକ ଅସ୍ତ୍ରଗୁଡ଼ିକ କେବଳ ପ୍ରଦର୍ଶନ ପାଇଁ ନୁହେଁ, ସାରା ଦେଶରେ ବିଭିନ୍ନ ସ୍ଥାନରେ ଲୁକ୍କାୟିତ ଭାବେ ଏଭଳି ଅସ୍ତ୍ର ଗଚ୍ଛିତ ରଖାଯାଇଛି। ଭାରତ ଉସୁକାଉଲେ ସେଗୁଡ଼ିକୁ ପ୍ରୟୋଗ କରାଯିବ। ଏହି ଦୂରଗାମୀ କ୍ଷେପଣାସ୍ତ୍ର କେବଳ ଭାରତକୁ ଆକ୍ରମଣ କରିବା ପାଇଁ ଉଦ୍ଦିଷ୍ଟ ବୋଲି ହାନିଫ୍ କହିଛନ୍ତି। ସେହିପରି ପାକିସ୍ତାନ ଭାରତ ପାଇଁ ୨ ଦିନ ହେଲା ନିଜ ବାୟୁସୀମାକୁ ବନ୍ଦ କରିଛି। ଏହି ସ୍ଥିତି ଆଉ ୧୦ ଦିନ ଲାଗିରହିଲେ ଭାରତୀୟ ଏୟାରଲାଇନ୍ସଗୁଡ଼ିକ ଦେବାଳିଆ ହୋଇଯିବେ। ଭାରତର ନିଜ ସୁରକ୍ଷା ବିଫଳତା ଯୋଗୁ ପହଲଗାମ୍ ଆକ୍ରମଣ ଘଟିଲା ବୋଲି ସେମାନେ ସ୍ୱୀକାର କରିବା ପରିବର୍ତ୍ତେ ପାକିସ୍ତାନ ଉପରେ ଦୋଷ ଲଦୁଛନ୍ତି। ଇସ୍‌ଲାମାବାଦ ଏହା ବିରୋଧରେ ନିଆଯାଉଥିବା ଯେକୌଣସି ଆର୍ଥିକ ପଦକ୍ଷେପର ମୁକାବିଲା ପାଇଁ ପ୍ରସ୍ତୁତ ହୋଇ ରହିଥିବା ସେ କହିଛନ୍ତି। ହାନିଫ୍‌ଙ୍କ ମନ୍ତବ୍ୟ ଏଭଳି ସମୟରେ ଆସିଛି, ଯେତେବେଳେ କି ୨ ଦିନ ପୂର୍ବରୁ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଏକ ସାକ୍ଷାତକାରରେ ଆତଙ୍କବାଦୀଙ୍କୁ ତାଙ୍କ ଦେଶ ତାଲିମ, ଅସ୍ତ୍ର ପ୍ରଦାନ ଓ ପାଣ୍ଠି ଯୋଗାଣ କରୁଥିବା ବିଷୟ ସ୍ୱୀକାର କରିଥିଲେ।

ଅନ୍ୟପକ୍ଷେ ପହଲଗାମ୍ ଆକ୍ରମଣ ପରେ ଦୁଇଦେଶ ମଧ୍ୟରେ ତିକ୍ତତା ଚରମସୀମାରେ ଥିବାରୁ ପାକିସ୍ତାନ ଯୁଦ୍ଧ ଆଶଙ୍କା କରି ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ଅସ୍ତ୍ରଶସ୍ତ୍ର ଓ ସୈନ୍ୟ ଠୁଳ କରିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ୨ ଦିନ ତଳେ ରାଜସ୍ଥାନ ସୀମାରେ ଭାରତୀୟ ସେନା ଟ୍ୟାଙ୍କଗୁଡ଼ିକୁ ନେଇ ସୈନ୍ୟମାନେ ସାମରିକ କୌଶଳ ପ୍ରଦର୍ଶନ କରିଥିଲେ। ରବିବାର ଭାରତୀୟ ନୌସେନା ପକ୍ଷରୁ ଏକ୍ସ'ରେ ଏକ ବିବୃତି ଜାରି କରାଯାଇଛି। ଏଥିରେ ଦେଶର ଯୁଦ୍ଧ ପ୍ରସ୍ତୁତିକୁ ମଜଭୁତ୍ କରିବା ଲାଗି ଆଣ୍ଟି-ଶିପ୍ ଫାୟରିଂ କରାଯାଇଥିବା ଉଲ୍ଲେଖ କରାଯାଇଛି। ଏଥିସହ କ୍ଷେପଣାସ୍ତ୍ର ଛଡ଼ାଯିବାବେଳର କେତେକ ଫଟୋ ମଧ୍ୟ ପୋଷ୍ଟ କରାଯାଇଛି।

## 'ପହଲଗାମ୍ ମୃତକଙ୍କୁ ନିଶ୍ଚୟ ନ୍ୟାୟ ମିଳିବ'

ନୂଆଦିଲ୍ଲୀ,୨୭।୪(ପି.ଟି.)

### ମୋଦିଙ୍କ ମନ୍ କୀ ବାତ୍



ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ମୃତକମାନଙ୍କୁ ନିଶ୍ଚୟ ନ୍ୟାୟ ମିଳିବ। ୨୬ ଜଣ ନିରୀହ ଲୋକଙ୍କୁ ହତ୍ୟା କରିଥିବା ଆତଙ୍କବାଦୀ ଓ ଷଡ଼ଯନ୍ତ୍ରକାରୀମାନଙ୍କୁ ଅତ୍ୟନ୍ତ କଠୋର ଓ ନିର୍ମମ ଦଣ୍ଡ ମିଳିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କର ମାସିକ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କହିଛନ୍ତି। ଆକ୍ରମଣର ଦୃଶ୍ୟ ଦେଖି ପ୍ରତ୍ୟେକ ଭାରତୀୟଙ୍କ ରକ୍ତ ଗରମ ହୋଇଛି। ଆତଙ୍କବାଦ ବିରୋଧୀ ଲଢ଼େଇରେ ଦେଶର ଏକତା ଏବଂ ଏହାର ୧୪୦ କୋଟି ଜନସାଧାରଣଙ୍କ ସମର୍ଥନ ସବୁଠୁ ବଡ଼ ଶକ୍ତି। ଏହି ଏକତା ଆତଙ୍କବାଦ ବିରୋଧରେ ଆମ ନିର୍ଣ୍ଣାୟକ ଲଢ଼େଇର ଆଧାର ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

କଶ୍ମୀରରେ ଶାନ୍ତି ଫେରିଥିବାବେଳେ ପ୍ରସିଦ୍ଧ ପର୍ଯ୍ୟଟନ ସହର ଉପରେ ଆକ୍ରମଣ ଆତଙ୍କବାଦର ପୃଷ୍ଠପୋଷକମାନଙ୍କର ଭୀରୁତା ଏବଂ ନିରାଶାକୁ ପ୍ରତିଫଳିତ କରୁଛି ବୋଲି ପାକିସ୍ତାନକୁ ଲକ୍ଷ୍ୟ କରି ପ୍ରଧାନମନ୍ତ୍ରୀ କହିଛନ୍ତି। କଶ୍ମୀରରେ ନିର୍ମାଣ କାର୍ଯ୍ୟରେ ଅଭୂତପୂର୍ବ ଅଗ୍ରଗତି ହେବା ସହ ଗଣତନ୍ତ୍ର ସୁଦୃଢ଼ ହୋଇଛି। ପର୍ଯ୍ୟଟକ ସଂଖ୍ୟାରେ ରେକର୍ଡ ବୃଦ୍ଧି ଘଟିବା ସହ ଲୋକଙ୍କ ଆୟ ବଢ଼ିଛି ଓ ନୂଆ ସୁଯୋଗ ସୃଷ୍ଟି ହୋଇଛି। ଦେଶ ତଥା ଜମ୍ମୁ-କଶ୍ମୀରର ଶତ୍ରୁମାନେ ଏହାକୁ ପସନ୍ଦ କରୁନାହାନ୍ତି। ଆତଙ୍କବାଦୀ ଓ ଆତଙ୍କବାଦର ମାଷ୍ଟରମାଇଣ୍ଡମାନେ କଶ୍ମୀରକୁ ପୁଣିଥରେ ଧ୍ୱଂସ କରିଦେବାକୁ ଚାହାନ୍ତି। ସେଥିପାଇଁ ସେମାନେ ଏଭଳି ବଡ଼ ଷଡ଼ଯନ୍ତ୍ର କରିଥିବା ମୋଦି କହିଛନ୍ତି।

ଭାରତ କମ୍ ବ୍ୟୟରେ ଓ ସଫଳତାର ସହ ମହାକାଶ କାର୍ଯ୍ୟକ୍ରମ କରାଇ ସାରା ବିଶ୍ୱରେ ଅଗ୍ରଣୀ ଭୂମିକା ନେବା ସହ ଏକ ବୈଶ୍ୱିକ ମହାକାଶ ଶକ୍ତିରେ ପରିଣତ ହୋଇଛି। ଭବିଷ୍ୟତରେ ଏହା ନୂଆ ଶିଖର ଛୁଇଁବାକୁ ଯାଉଛି। ସ୍ପେସ୍ ଷ୍ଟାର୍ଟଅପ୍‌ଗୁଡ଼ିକରେ ଯୁବବର୍ଗ ନୂତନ ସଫଳତା ହାସଲ କରୁଛନ୍ତି। ଏହି କ୍ଷେତ୍ରରେ ୩୨୫ରୁ ଊର୍ଦ୍ଧ୍ୱ ଷ୍ଟାର୍ଟଅପ୍ କାର୍ଯ୍ୟ କରୁଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସେ ଗତ ୨୫ ତାରିଖରେ ପ୍ରାଣ ହରାଇଥିବା ଇସ୍ରୋର ପୂର୍ବତନ ଅଧ୍ୟକ୍ଷ କେ. କସ୍ତୁରୀରଙ୍ଗନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଭାରତୀୟ ମହାକାଶ କାର୍ଯ୍ୟକ୍ରମ ଓ ଶିକ୍ଷା କ୍ଷେତ୍ରରେ ତାଙ୍କ ଅବଦାନ ସ୍ମରଣୀୟ ହୋଇ ରହିବ ବୋଲି କହିଛନ୍ତି।

## ଗାଜାରେ ୫୧ ମୃତ

ଡେର୍ ଅଲ୍-ବଲାହ, ୨୭।୪

ଇସ୍ରାଏଲୀ ଏୟାର ଷ୍ଟ୍ରାଇକ୍‌ରେ ୨୪ ଘଣ୍ଟାରେ ଗାଜାରେ ୫୧ ପାଲେଷ୍ଟିନୀୟଙ୍କର ମୃତ୍ୟୁ ଘଟିଥିବା ହମାସ୍ ପରିଚାଳିତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରବିବାର ସୂଚନା ଦେଇଛି। ଯୁଦ୍ଧ ଆରମ୍ଭ ହେବା ପରଠାରୁ ୧୮ ମାସ ମଧ୍ୟରେ ପାଲେଷ୍ଟିନୀୟଙ୍କ ମୃତ୍ୟୁ ସଂଖ୍ୟା ୫୨ ହଜାର ପାର୍ କରିଛି। ରବିବାର ସୁଦ୍ଧା ଇସ୍ରାଏଲର ଏୟାରଷ୍ଟ୍ରାଇକ୍‌ରେ ୫୨,୨୪୩ ଜଣ ପାଲେଷ୍ଟିନୀୟଙ୍କର ମୃତ୍ୟୁ ଘଟିଥିବା ଗାଜାସ୍ଥିତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି।

## ବିମାନରେ ବୋମା ଗୁଜବ, କାନାଡା ନାଗରିକ ଅଟକ

ବାରାଣସୀ, ୨୭।୪

ବାରାଣସୀରୁ ବେଙ୍ଗାଲୁରୁ ଯାଉଥିବା ଏକ ଇଣ୍ଡିଗୋ ବିମାନ ଟେକଅଫ୍ କରୁଥିବା ସମୟରେ ସେଥିରେ ବୋମା ଥିବା ନେଇ ରବିବାର କାନାଡାର ଜଣେ ଯାତ୍ରୀ ଦାବି କରିଥିଲେ। ଫଳରେ ବିମାନରୁ ଯାତ୍ରୀମାନଙ୍କୁ ଓହ୍ଲାଯାଇଥିଲା। ଘଟଣାକୁ ନେଇ ବାରାଣସୀ ଏୟାରପୋର୍ଟରେ ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ସୁରକ୍ଷା ଅଧିକାରୀମାନେ ଯାଞ୍ଚ ପରେ ବିମାନରୁ କୌଣସି ସନ୍ଦିଗ୍ଧ ବସ୍ତୁ ନ ପାଇବାରୁ ଏହା ପୁଣି ଉଡ଼ାଣ କରିଥିଲା। ଗୁଜବ କରିଥିବା କାନାଡୀୟଙ୍କୁ ପୋଲିସ ଅଟକ ରଖିଛି।

## ଭେଙ୍କୁଭରରେ କାର୍ ମଡ଼ାଇ ୯ ଜଣଙ୍କୁ ହତ୍ୟା

ଭେଙ୍କୁଭର,୨୭।୪

କାନାଡାର ବ୍ରିଟିଶ୍ କଲମ୍ବିଆସ୍ଥିତ ଭେଙ୍କୁଭରରେ ଶନିବାର ଲାପୁ-ଲାପୁ ଷ୍ଟ୍ରିଟ୍ ଫେଷ୍ଟିଭାଲ ବେଳେ ଭିଡ଼ ଉପରକୁ ଜଣେ ବ୍ୟକ୍ତି ଦ୍ରୁତଗତିରେ କାର୍ ଚଢ଼ାଇ ଦେଇଛନ୍ତି। ଏଥିରେ ୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ୩୦ ବର୍ଷୀୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ତେବେ ଏହା ଆତଙ୍କବାଦୀ କାର୍ଯ୍ୟ ନୁହେଁ ବୋଲି ପୋଲିସ ସ୍ପଷ୍ଟ କରିଛି। ଭେଙ୍କୁଭରରେ ଶନିବାର ସ୍ଥାନୀୟ ସମୟ ରାତି ୮ଟା ୧୪ରେ ଫିଲିପିନୋ ସମ୍ପ୍ରଦାୟର ଲୋକେ ଲାପୁ-ଲାପୁ ଉତ୍ସବ ପାଳୁଥିବାବେଳେ ଇ୪୩ତମ ଆଭେନ୍ୟୁ ଏବଂ ଫ୍ରାସର ଷ୍ଟ୍ରିଟ୍‌ରେ ଏକ କଳାରଙ୍ଗର ଏସ୍‌ୟୁଭି ହଠାତ୍ ମାଡ଼ିଆସିଥିଲା। ଭିଡ଼ ଉପରେ କାର୍ ଚଢ଼ିଯିବାରୁ ଚାହୁଁଚାହୁଁ ୯ ଜଣଙ୍କ ଜୀବନ ଚାଲିଗଲା। ଆହତ ହୋଇଥିବା ଅନ୍ୟୂନ ୨୦ ଜଣଙ୍କୁ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଲୋକେ କାର୍ ଚାଳକଙ୍କୁ କାବୁ କରିଥିଲେ। ପୋଲିସ ତାଙ୍କୁ ପୂର୍ବରୁ ଜାଣିଥିବା କହିଛି। କାନାଡାରେ ସାଧାରଣ ନିର୍ବାଚନକୁ ୨ ଦିନ ବାକି ଥିବାବେଳେ ଏହା ପୂର୍ବରୁ ଏଭଳି ଘଟଣା ଘଟିଛି। କାନାଡା ପ୍ରଧାନମନ୍ତ୍ରୀ ମାର୍କ କେନି ଘଟଣାର ନିନ୍ଦା କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଏଥିସହ ଆହତଙ୍କ ଆଶୁ ଅରୋଗ୍ୟ କାମନା କରିଛନ୍ତି।



ଲାପୁ-ଲାପୁ ଷ୍ଟ୍ରିଟ୍ ଫେଷ୍ଟିଭାଲ ବେଳେ ଭିଡ଼ ଉପରକୁ ଚଢ଼ିଯାଇଥିବା ବ୍ଲାକ୍ ଏସ୍‌ୟୁଭି।

## ୟୁକ୍ରେନ୍‌କୁ ୧୪୯ ଡ୍ରୋନ୍ ଛାଡ଼ିଲା ରୁଷିଆ

କିଭ୍,୨୭।୪

ରୁଷିଆ ପକ୍ଷରୁ ରବିବାର ଭୋର ସମୟରେ ୟୁକ୍ରେନ୍ ଉପରେ ୧୪୯ ଡ୍ରୋନ୍ ଛଡ଼ାଯାଇଛି। ଖେର୍‌ସନ ସହରରେ ହୋଇଥିବା ଏହି ଆକ୍ରମଣରେ ଅନ୍ୟୂନ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଛନ୍ତି। ତେବେ ସେଥିରୁ ୫୭ଟିକୁ ଖସାଇ ଦିଆଯାଇଥିବାବେଳେ ଅନ୍ୟ ୬୭ ଡ୍ରୋନ୍‌କୁ ଅବରୋଧ କରାଯାଇଥିବା କିଭ୍ କହିଛି। ଯୁଦ୍ଧାବସାନ ନେଇ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଆଗ୍ରହ ଉପରେ ଆମେରିକା ପ୍ରତିପକ୍ଷ ଡୋନାଲ୍ଡ ଟ୍ରମ୍ପ ସନ୍ଦେହ ବ୍ୟକ୍ତ କରିବା ପରେ ମସ୍କୋ ଏହି ଡ୍ରୋନ୍ ଆକ୍ରମଣ କରିଛି। ଏହା ପୂର୍ବରୁ ରୁଷିଆ କୁର୍କସ୍କ ରିଜିଅନ୍‌ର ଅବଶିଷ୍ଟ ଅଂଶକୁ ପୁନଃ ଦଖଲ କରିଥିବା ଦାବି କରିଥିଲା। ଅନ୍ୟପକ୍ଷେ ସମ୍ପୃକ୍ତ ଅଞ୍ଚଳରେ ଏବେ ବି ଯୁଦ୍ଧ ଜାରି ରହିଥିବା ୟୁକ୍ରେନ୍ କହିଥିଲା।

## 'ପଞ୍ଜାବ ଚାଷୀ ୪୮ ଘଣ୍ଟାରେ ଫସଲ ଅମଳ କରନ୍ତୁ'

ଚଣ୍ଡିଗଡ଼,୨୭।୪

ପହଲଗାମ୍ ଆକ୍ରମଣକୁ ନେଇ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ଜାରି ରହିଥିବାବେଳେ ସୀମାନ୍ତ ଜମିରୁ ୪୮ ଘଣ୍ଟା ମଧ୍ୟରେ ଫସଲ ଅମଳ ଶେଷ କରିବାକୁ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଅଧିକାରୀମାନେ ଶନିବାର ପଞ୍ଜାବ ଚାଷୀଙ୍କୁ କହିଥିବା ଅଭିଯୋଗ ହୋଇଛି। ତେବେ ଏଭଳି କୌଣସି ନିର୍ଦ୍ଦେଶନାମା ଜାରି ହୋଇ ନ ଥିବା ସ୍ଥାନୀୟ ପ୍ରଶାସନ ଏବଂ ବିଏସ୍‌ଏଫ୍ ପକ୍ଷରୁ କୁହାଯାଇଛି। ୪୮ ଘଣ୍ଟା ମଧ୍ୟରେ ଗହମ ଫସଲ ଅମଳ କରି ଜମିରୁ ନେଇଯିବା ପାଇଁ ଅମୃତସର, ତରନ୍‌ତାରନ୍, ଫିରୋଜପୁର ଏବଂ ଫାଜିଲ୍‌କା ଜିଲାର ଚାଷୀମାନଙ୍କୁ ଗ୍ରାମ ଗୁରୁଦ୍ୱାରାଗୁଡ଼ିକ ଜରିଆରେ ଘୋଷଣା କରାଯାଇଥିଲା। ସ୍ଥିତି ଅଧିକ ଖରାପ ହେଲେ ଆଗୁଆ ଅଞ୍ଚଳଗୁଡ଼ିକୁ ଯିବା ପାଇଁ ଗେଟ୍ ବନ୍ଦ ହୋଇଯିବ ଏବଂ ସୀମାନ୍ତ ଜମିକୁ ଚାଷୀମାନେ ଯାଇପାରିବେ ନାହିଁ। ଭାରତ-ପାକିସ୍ତାନ ଅନ୍ତର୍ଜାତୀୟ ସୀମାର ଜିରୋ ଲାଇନ୍ ଏବଂ ଭାରତୀୟ ପାର୍ଶ୍ୱ ସୀମାନ୍ତ ବାଡ଼ ମଧ୍ୟରେ ପଞ୍ଜାବ ଚାଷୀଙ୍କର ପ୍ରାୟ ୪୫,୦୦୦ ଏକର ଜମି ରହିଛି। ବିଏସ୍‌ଏଫ୍ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇ ନ ଥିବାବେଳେ ଏହାର ଅଫିସରମାନେ ସୋମବାର ସନ୍ଧ୍ୟା ସୁଦ୍ଧା ଫସଲ ଉଠାଇବାକୁ କହିଥିବା ଜଣେ ଚାଷୀନେତା ଅଭିଯୋଗ ଆଣିଛନ୍ତି।

## ଭାରତ ଝେଲମ୍‌ରୁ ପାଣି ଛାଡ଼ିବାରୁ ପିଓକେରେ ବନ୍ୟା

ଇସ୍‌ଲାମାମାଦ,୨୭।୪

ଭାରତ କୌଣସି ପୂର୍ବ ସତର୍କ ସୂଚନା ନ ଦେଇ ଶନିବାର ଅଚାନକ ଉରି ଡ୍ୟାମ୍‌ରୁ ପାଣି ଛାଡ଼ିଦେବାରୁ ଝେଲମ୍ ନଦୀର ଜଳସ୍ତର ହଠାତ୍ ବଢ଼ିଯାଇ ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ଭୟର ବାତାବରଣ ସୃଷ୍ଟି ହୋଇଥିବା ସ୍ଥାନୀୟ ଅଧିକାରୀ ଅଭିଯୋଗ କରିଛନ୍ତି। ହଠାତ୍ ଜଳ ଛଡ଼ାଯିବାରୁ ହାଟିଆନ୍ ବାଲା ଜିଲାରେ ୱାଟର ଏମର୍ଜେନ୍ସି ସୃଷ୍ଟି ହୋଇଛି। ନଦୀକୂଳବର୍ତ୍ତୀ ଲୋକେ ଘରଦ୍ୱାର ଛାଡ଼ି ସୁରକ୍ଷିତ ସ୍ଥାନକୁ ପଳାଇଯିବାକୁ ବାଧ୍ୟ ହୋଇଛନ୍ତି। ପାଣି ଜୋର୍‌ରେ ମାଡ଼ିଆସିବାରୁ ଧନଜୀବନର ସୁରକ୍ଷାକୁ ନେଇ ବିଚଳିତ ହୋଇପଡ଼ିଥିଲୁ ବୋଲି ପିଓକେର ଜଣେ ବାସିନ୍ଦା କହିଛନ୍ତି। ପିଓକେ ରାଜଧାନୀ ମୁଜାଫରାବାଦ ଏବଂ ଚାକୋଟିରେ ଅଧିକାରୀମାନେ ଡାକବାଜି ଯନ୍ତ୍ର ଯୋଗେ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲିଯିବା ପାଇଁ ସତର୍କ କରାଇଛନ୍ତି। ଝେଲମ୍ ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରୁ ଦୂରେଇ ରହିବା ପାଇଁ ମୁଜାଫରାବାଦ ଜିଲା ଅଧିକାରୀ ଏକ ବିବୃତି ଜରିଆରେ ଲୋକଙ୍କୁ ସତର୍କ କରାଇଛନ୍ତି। କୋହାଲା ଏବଂ ଧଲକୋଟ୍‌ର ଖାଲୁଆ ଅଞ୍ଚଳରେ ମଧ୍ୟମ ଧରଣର ବନ୍ୟା ସୃଷ୍ଟି ହୋଇଛି।

## ପହଲଗାମ୍‌ରେ ଏନ୍‌ଆଇଏ ତନାଘନା

ନୂଆଦିଲ୍ଲୀ,୨୭।୪(ପି.ଟି.)

ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ରବିବାର ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ମାମଲା ସମ୍ପର୍କିତ ତଥ୍ୟପ୍ରମାଣ ଯୋଗାଡ଼ ଲାଗି ବିଭିନ୍ନ ସ୍ଥାନରେ ଚଢ଼ାଉକୁ ଜୋରଦାର କରିଛି। ଆକ୍ରମଣ ପଛର ଷଡ଼ଯନ୍ତ୍ର ଦିଗକୁ ଖୋଜି ବାହାର କରିବା ଲାଗି ଏନ୍‌ଆଇଏ ସାକ୍ଷୀମାନଙ୍କୁ ପଚରାଉଚରା କରୁଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରୁ ନିର୍ଦ୍ଦେଶ ମିଳିବା ପରେ ଏନ୍‌ଆଇଏ ରବିବାର ଜମ୍ମୁରେ ମାମଲା ରୁଜୁ କରିଛି। ଏହାର ଏକାଧିକ ଟିମ୍ ତଦନ୍ତରେ ସାମିଲ ହୋଇଛନ୍ତି। ଗତ ମଙ୍ଗଳବାର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟଣା ପରେ ଏନ୍‌ଆଇଏ ଅଧିକାରୀମାନଙ୍କ ଏକ ଟିମ୍ ଆଇଜିଙ୍କ ନେତୃତ୍ୱରେ ସେଠାରେ ପହଞ୍ଚି ସ୍ଥାନୀୟ ପୋଲିସକୁ ତଦନ୍ତରେ ସହାୟତା କରିଥିଲା। ବୁଧବାରଠାରୁ ଏନ୍‌ଆଇଏ ଟିମ୍ ଆକ୍ରମଣ ସ୍ଥଳରେ ରହି ତଥ୍ୟପ୍ରମାଣ ସଂଗ୍ରହ କରୁଛି। ପର୍ଯ୍ୟଟନ ସ୍ଥଳର ପ୍ରବେଶ ଓ ପ୍ରସ୍ଥାନ ପଥକୁ ଯାଞ୍ଚ କରାଯାଇଛି। ଟିମ୍ ସହ ଫୋରେନ୍‌ସିକ ଓ ଅନ୍ୟ ବିଶେଷଜ୍ଞ ରହିଛନ୍ତି।

# ଅଟ୍ଟାରୀ ଦେଇ ଫେରିଲେଣି ୫୩୭ ପାକିସ୍ତାନୀ



ଅଟ୍ଟାରୀ-ୱାଘା ସୀମା ଦେଇ ଜଣେ ପାକିସ୍ତାନୀ ନିଜ ଦେଶକୁ ଫେରିଯାଉଥିବାବେଳେ ତାଙ୍କ ଭଉଣୀ କାନ୍ଦୁଛନ୍ତି।

ନୂଆଦିଲ୍ଲୀ,୨୭।୪

ପହଲଗାମ୍ ଆକ୍ରମଣ ପରେ ପାକିସ୍ତାନୀମାନଙ୍କୁ ଭାରତ ଛାଡ଼ି ଚାଲିଯିବା ପାଇଁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ତଦନୁଯାୟୀ ୨୪ରୁ ଅଦ୍ୟାବଧି ଅଟ୍ଟାରୀ-ୱାଘା ସୀମା ଦେଇ ୫୩୭ ପାକିସ୍ତାନୀ ନାଗରିକ ଭାରତ ଛାଡ଼ିଛନ୍ତି। ସେମାନଙ୍କ ମଧ୍ୟରେ ୯ ଜଣ କୂଟନୀତିଜ୍ଞ ରହିଛନ୍ତି। ମା'ଙ୍କୁ ଛାଡ଼ି ପିଲାଙ୍କୁ ପାକିସ୍ତାନ ଫେରିଯିବାକୁ ହେଉଥିବାରୁ ସୀମାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ଆକ୍ରମଣକୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଦେଖାଦେଇଥିବାବେଳେ ଭାରତରେ ରହିଥିବା ପାକିସ୍ତାନୀଙ୍କ ଭିଜା ରଦ୍ଦ କରାଯାଇଥିଲା। ସାର୍କ ଭିଜାଧାରୀଙ୍କ ପାଇଁ ସମୟସୀମା ଏପ୍ରିଲ ୨୬ ରଖାଯାଇଥିଲାବେଳେ ମେଡିକାଲ ଭିଜାଧାରୀଙ୍କ ପାଇଁ ଏହା ଏପ୍ରିଲ ୨୯ ରହିଛି। ୧୨ ପ୍ରକାରର ସ୍ୱଳ୍ପମିଆଦୀ ଭିଜାଧାରୀଙ୍କୁ ରବିବାର ସୁଦ୍ଧା ଦେଶ ଛାଡ଼ିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଏହା ପରେ ଯେଉଁମାନେ ରହିବେ, ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଯେଉଁମାନେ ଦୀର୍ଘମିଆଦୀ ବା କୂଟନୈତିକ ଭିଜା ପାଇଛନ୍ତି, ସେମାନଙ୍କୁ 'ଭାରତ ଛାଡ଼' ନିର୍ଦ୍ଦେଶନାମାରୁ ବାଦ୍ ଦିଆଯାଇଛି। ତଦନୁଯାୟୀ ଅଟ୍ଟାରୀ-ୱାଘା ସୀମା ଦେଇ ୨୫ ତାରିଖରେ ୧୯୧ ଜଣ ଏବଂ ୨୬ରେ ୮୧ ଜଣ ପାକିସ୍ତାନୀ ଭାରତ ଛାଡ଼ିଛନ୍ତି। ସେହିପରି ବର୍ତ୍ତମାନ ସୁଦ୍ଧା ପାକିସ୍ତାନରୁ ୧୪ ଜଣ କୂଟନୀତିଜ୍ଞ ଓ ଅଫିସରଙ୍କ ସମେତ ୮୫୦ ଜଣ ଭାରତୀୟ ଅନ୍ତର୍ଜାତୀୟ ସୀମା ଦେଇ ପାକିସ୍ତାନରୁ ପଳାଇଆସିଲେଣି।

### ପ୍ରତ୍ୟାବର୍ତ୍ତନ କଲେଣି ୮୫୦ ଭାରତୀୟ

ପଞ୍ଜାବ ସୀମା ଦେଇ ୧୧ ବର୍ଷୀୟ ଜୈନାବ ଏବଂ ୮ ବର୍ଷୀୟା ଜେନିଶଙ୍କୁ ପାକିସ୍ତାନ ପଠାଇଦିଆଯାଇଛି। ସେମାନେ ଦିଲ୍ଲୀରେ ସେମାନଙ୍କ ମାଆଙ୍କୁ ଛାଡ଼ି ଯାଉଥିବାରୁ ଦୁଃଖରେ ଭାଙ୍ଗିପଡ଼ିଥିବା ଦେଖାଯାଇଥିଲା। ମା'ଙ୍କୁ ଛାଡ଼ି ଯିବା ବହୁତ କଷ୍ଟ ବୋଲି ଜୈନାବ ଗଣମାଧ୍ୟମକୁ କାନ୍ଦିକାନ୍ଦି କହୁଥିବା ଦେଖାଯାଇଛି। ସେହିପରି ପାକିସ୍ତାନୀ ନାଗରିକ ସରିତା କନୱେରଙ୍କୁ ତାଙ୍କ ଭାରତୀୟ ନାଗରିକ ମା' ପ୍ରିୟା କନୱେରଙ୍କୁ ଛାଡ଼ିବାକୁ ପଡ଼ିଛି।



# ଓପିଏସ୍‌ସି, ଓଏସ୍‌ଏସ୍‌ସି ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି

■ ଉଭୟ ଆୟୋଗ ନିଜ ଆଡୁ ତ୍ରୁଟି ସ୍ୱୀକାର କଲେ
■ ପରୀକ୍ଷାର୍ଥୀଙ୍କ ଅସନ୍ତୋଷ ପ୍ରକାଶ

କଟକ,୨୭।୪(କାର୍ତ୍ତିକ ସାହୁ)

ଓଡ଼ିଶା ଲୋକ ସେବା ଆୟୋଗ (ଓପିଏସ୍‌ସି) ଏବଂ ଓଡ଼ିଶା କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ସି) ଦ୍ୱାରା ପରିଚାଳିତ ୨ଟି ବଡ଼ ପ୍ରତିଯୋଗିତାମୂଳକ ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ପରିଲକ୍ଷିତ ହୋଇଛି। ରବିବାର ଗୋଟିଏ ଦିନରେ ଏହି ୨ଟି ପରୀକ୍ଷାରେ ତ୍ରୁଟି ନେଇ ପରୀକ୍ଷାର୍ଥୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ପରୀକ୍ଷା ସହ ସେମାନଙ୍କ ଭବିଷ୍ୟତ ଜଡ଼ିତ ଥିବାରୁ ଏଭଳି ତ୍ରୁଟି ଚିନ୍ତାର ବାହାରେ ବୋଲି ଅନେକ ପରୀକ୍ଷାର୍ଥୀ ମତ ଦେଇଛନ୍ତି। ଅପରପକ୍ଷେ ୨ଟି ପରୀକ୍ଷା ପରିଚାଳନା କରୁଥିବା ଉଭୟ ଆୟୋଗ ନିଜ ଆଡୁ ତ୍ରୁଟି ସ୍ୱୀକାର କରି ୱେବସାଇଟ୍ ଜରିଆରେ ପରୀକ୍ଷାର୍ଥୀମାନଙ୍କୁ ଅବଗତ କରାଇଥିବା କୁହାଯାଇଛି।

ସୂଚନାନୁସାରେ, ସିଭିଲ ସର୍ଭିସ ସେବା ମେନ-୨୦୨୩ର ଆନ୍ଥ୍ରୋପୋଲୋଜିର ୨ଟି ପେପର ପରୀକ୍ଷା ଥିଲା। ପୂର୍ବାହ୍ନ ୯ରୁ ୧୨ଟା ଯାଏ ଆନ୍ଥ୍ରୋପୋଲୋଜି ପ୍ରଥମ ପେପର ଏବଂ ଅପରାହ୍ନ ୨ଟାରୁ ୫ଟା ଯାଏ ଆନ୍ଥ୍ରୋପୋଲୋଜି ଦ୍ୱିତୀୟ ପେପର୍ ପରୀକ୍ଷା ଥିଲା। ପରୀକ୍ଷାର୍ଥୀମାନେ ପ୍ରଶ୍ନୋତ୍ତର ଶିଟ୍ ଖୋଲିବା ପରେ ପ୍ରଥମ ପେପର ପରୀକ୍ଷାରେ କିଛି ପ୍ରଶ୍ନ ଦ୍ୱିତୀୟ ପେପରରୁ ଆସିଥିଲା ଏବଂ ଦ୍ୱିତୀୟ ପେପର ପରୀକ୍ଷାରେ ପ୍ରଥମ ପେପର କିଛି ପ୍ରଶ୍ନ ଆସିଥିବା ଅଭିଯୋଗ କରିଛନ୍ତି। ଓପିଏସ୍‌ସି ପକ୍ଷରୁ ୱେବସାଇଟ୍‌ରେ ଅନ୍‌ଲାଇନ ନୋଟିସ ଜରିଆରେ ଏହି ତ୍ରୁଟି ସ୍ୱୀକାର କରାଯାଇଛି।

ସେହିପରି ଓଏସ୍‌ଏସ୍‌ସିର ଏକ୍ସସାଇଜ୍ ଓ ଟ୍ରାଫିକ ଏସ୍‌ଆଇ ପଦବୀ ନିମନ୍ତେ ପରୀକ୍ଷା ହୋଇଥିଲା। ପରୀକ୍ଷାର୍ଥୀମାନେ ପରୀକ୍ଷାରେ ଆସିଥିବା ପ୍ରଶ୍ନକୁ ନେଇ ଅଭିଯୋଗ ଉଠାଇବା ପରେ ଆୟୋଗ ତ୍ରୁଟି ସ୍ୱୀକାର କରି ଦୁଃଖପ୍ରକାଶ କରିଛନ୍ତି। ଅନ୍‌ଲାଇନ୍ ନୋଟିସ ଜରିଆରେ କୁହାଯାଇଛି ଯେ, ଆୟୋଗ ଅବଗତ ହେଲେ ଯେ, ରବିବାର ଅନୁଷ୍ଠିତ ବିଭିନ୍ନ ପଦବୀର ମିଳିତ ପରୀକ୍ଷାର (ମୁଖ୍ୟ) ପ୍ରଶ୍ନପତ୍ରରେ ପାଠ୍ୟକ୍ରମର କିଛି ଅଂଶରୁ ପ୍ରଶ୍ନ ପଚରା ଯାଇ ନ ଥିଲା। ଆୟୋଗ ତ୍ରୁଟିକୁ ସ୍ୱୀକାର କରି ଦୁଃଖ ପ୍ରକାଶ କରିଛନ୍ତି ଏବଂ ପ୍ରତିକାରମୂଳକ ପଦକ୍ଷେପ ନେବାକୁ ପ୍ରତିବଦ୍ଧ। ଅବଶିଷ୍ଟ ଅଂଶ ଯଥା ସାଧାରଣ ଇଂଲିଶ, ଓଡ଼ିଆ ଭାଷା, ସାଧାରଣ ଅଧ୍ୟୟନର କିଛି ଅଂଶକୁ ଅନ୍ତର୍ଭୁକ୍ତ କରି ଆଉ ଏକ ପରୀକ୍ଷାର ବିକଳ୍ପ ଉପରେ ବିଚାର କରୁଛନ୍ତି। ପରୀକ୍ଷାରେ ଉପସ୍ଥିତ ପରୀକ୍ଷାର୍ଥୀମାନଙ୍କୁ ଆସନ୍ତା ମେ ୪ ତାରିଖ ୨୦୨୫ ପୂର୍ବରୁ ଆୟୋଗର ୱେବସାଇଟ୍ ଏବଂ ଇମେଲ ମାଧ୍ୟମରେ ପ୍ରତିକାରମୂଳକ ପଦକ୍ଷେପ ପାଇଁ ପରାମର୍ଶ ପ୍ରଦାନ କରିବାକୁ ଉତ୍ସାହିତ କରାଯାଉଛି ବୋଲି ନୋଟିସରେ ଦର୍ଶାଇଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ମାସ ୩୦ ତାରିଖରେ ଓପିଏସ୍‌ସି ଦ୍ୱାରା ପରିଚାଳିତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପରୀକ୍ଷା ଥିଲା। ଉକ୍ତ ପରୀକ୍ଷାରେ ୧୦୦ ନମ୍ବର ପ୍ରଶ୍ନ ବଦଳରେ ୯୪ ନମ୍ବର ପ୍ରଶ୍ନ ଆସିଥିଲା।

# କଣ୍ଟାବାଞ୍ଜିର ଯଶ୍ ଜୈନ ନିଟ୍ ସୁପର ସ୍ପେଶାଲିଟି ଟପ୍ପର


ଯଶ୍ ଜୈନ

କଣ୍ଟାବାଞ୍ଜି,୨୭।୪(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିର ଯଶ୍ ଜୈନ ନିଟ୍ ସୁପର ସ୍ପେଶାଲିଟି ଏଣ୍ଟ୍ରାନ୍ସ ପରୀକ୍ଷା-୨୦୨୫ରେ ସର୍ବଭାରତୀୟ ସ୍ତରରେ ଟପ୍ପର ହୋଇଛନ୍ତି। ସେ ହେଉଛନ୍ତି କଣ୍ଟାବାଞ୍ଜି ଅଞ୍ଚଳର ବ୍ୟବସାୟୀ ସୁନୀଲ ଜୈନ ଓ ପୂଜା ଜୈନଙ୍କ ପୁଅ। ଯଶ୍ ମୁମ୍ବାଇର ଏକ ପ୍ରତିଷ୍ଠିତ ମେଡିକାଲ କଲେଜରୁ ଏମ୍‌ବିବିଏସ୍‌ରେ ୧୪୭(ନିଟ୍)ର ଡିଗ୍ରୀ ହାସଲ ପରେ ମହାରାଷ୍ଟ୍ର ନାଗପୁର ମେଡିକାଲ କଲେଜରେ ସାଧାରଣ ସର୍ଜରିରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ଯଶ୍‌ଙ୍କ ଏହି ସଫଳତା ପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି। ବିଭିନ୍ନ ମହଲରୁ ଯଶ୍ ଓ ତାଙ୍କ ପରିବାରବର୍ଗଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

# ୧୦ ହଜାର ନଳକୂପରୁ ବାହାରୁଛି ଲୁଣିପାଣି

## କେନ୍ଦ୍ରାପଡ଼ାରେ ଜଳକଷ୍ଟ

**କେନ୍ଦ୍ରାପଡ଼ା ଜିଲାରେ ଖରାତାତି ବଢ଼ିଚାଲିଛି। ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମରେ ଥିବା ୭ ନଦୀ ଶୁଖିଲା ପଡ଼ିଛି। ଜନଜୀବନ ପାଇଁ ପାଣି ନାହିଁ। ଜିଲା ପ୍ରଶାସନ ଜନଶୁଣାଣି ଶିବିରରେ ଏ ପ୍ରକାର ଅଭିଯୋଗ ବଢ଼ି ଚାଲିଛି। କେତେକ ସ୍ଥାନରେ ପାନୀୟ ଜଳ ପାଇଁ ଆନ୍ଦୋଳନ ହେଉଛି। ଉପକୂଳବର୍ତ୍ତୀ ଏହି ଜିଲାରେ ୧୭,୨୩୮ଟି ନଳକୂପ, ୩୩୧ ପାନୀୟ ଜଳ ପ୍ରକଳ୍ପ, ୧୮୧ ଓଭରହେଡ ଟାଙ୍କି ଜିଲାବାସୀଙ୍କ ପାନୀୟ ଜଳ ଯୋଗାଣ ପାଇଁ ରହିଥିବା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ତଥ୍ୟରେ ଉଲ୍ଲେଖ ଅଛି। ହେଲେ ଜିଲାବାସୀଙ୍କ ଶୋଷ ମେଣ୍ଟୁନାହିଁ। କାରଣ ୧୦ ହଜାରରୁ ଅଧିକ ନଳକୂପରୁ ଲୁଣିପାଣି ବାହାରୁଛି। କେନ୍ଦ୍ରାପଡ଼ାକୁ ରାଜ୍ୟର ଏକମାତ୍ର ଜଳ ସଙ୍କଟ ଜିଲା ଭାବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚିହ୍ନଟ କରାଯାଇ ଜଳଶକ୍ତି ଅଭିଯାନ ମାଧ୍ୟମରେ ଭୂତଳ ଜଳ ରିଚାର୍ଜ ବ୍ୟବସ୍ଥା ହୋଇଥିଲେ ମଧ୍ୟ ଏହାର ସୁଫଳ ଜିଲାବାସୀ ଅନୁଭବ କରୁନାହାନ୍ତି। କେନ୍ଦ୍ର ସରକାରଙ୍କ ୨୦୨୪ ସୁଦ୍ଧା ଦେଶର ସମସ୍ତ ଘରକୁ ପାଣି ଯୋଜନା ଏହି ଜିଲାରେ ଏବେବି ସ୍ୱପ୍ନ ହୋଇ ରହିଥିବା ମତ ମିଳିଛି।**


କେନ୍ଦ୍ରାପଡ଼ା ଜିଲା କଳପଡ଼ାଠାରେ ଲୁଣାନଦୀ ଶୁଖିବାରେ ଲାଗିଛି।

କେନ୍ଦ୍ରାପଡ଼ା,୨୭।୪(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ୭ ନଦୀ ପ୍ରବାହିତ ହେଉଥିବା ସତ୍ତ୍ୱେ ଏଠାରେ ପାନୀୟ ଜଳ ସଙ୍କଟ ଏକ ମୁଖ୍ୟ ସମସ୍ୟା ହୋଇରହିଛି। କାରଣ ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମରେ ଥିବା ବ୍ୟାରେଜ, ଶିଳ୍ପ, କ୍ଷେତ ୭ ନଦୀରୁ ଜଳ ଶୋଷୁଛି। ଫଳରେ ଜଳଧାରା ହ୍ରାସ ହୋଇଛି। ଏଥିଯୋଗୁ ଭୂତଳ ଜଳ ରିଚାର୍ଜ ହେବା ସମ୍ଭାବନା କମିଛି। ଅନ୍ୟପକ୍ଷରେ ସମୁଦ୍ର ତଟବର୍ତ୍ତୀ କେନ୍ଦ୍ରାପଡ଼ା ଜିଲା ହୋଇଥିବାରୁ ଭୂତଳ ଜଳ ଲୁଣି ହୋଇଯାଇଛି। ଗୋଟିଏ ନଳକୂପ ଖୋଳିଲେ ଅନ୍ୟୂନ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ହେଲେ ସେଥିରୁ ଲୁଣି ପାଣି ବାହାରୁଛି। ଜିଲାର ଗରଦପୁର ବ୍ଲକ ଅଞ୍ଚଳର ଭୂତଳ ଜଳସ୍ତର ପାନୀୟ ଜଳ ପାଇଁ ଅନୁପଯୁକ୍ତ ବୋଲି ରାଜ୍ୟ ଓ କେନ୍ଦ୍ର ଜଳସମ୍ପଦ ବିଭାଗ ରିପୋର୍ଟରୁ ସୂଚନା ମିଳିଛି। ସେହିପରି ଆଳି, ରାଜନଗର, ରାଜକନିକା ଅଞ୍ଚଳରେ କେନାଲ ନାହିଁ। ଏଠାରେ ଭୂତଳ ଜଳ ରିଚାର୍ଜ ହୋଇପାରୁ ନ ଥିବାରୁ ପାନୀୟ ଜଳ ଅଭାବ ଦେଖାଦେଇଛି। ଭୂତଳ ଜଳସ୍ତର ରିଚାର୍ଜ ପାଇଁ ୨୦୧୯ରେ ରାଜ୍ୟର ଏକମାତ୍ର କେନ୍ଦ୍ରାପଡ଼ା ଜିଲାକୁ ଜଳଶକ୍ତି ଅଭିଯାନରେ ସାମିଲ କରାଯାଇଛି। ଏହି ଅଭିଯାନରେ ପ୍ରତି ନଳକୂପରେ ସର୍କି ପାଇପ ପିଟ୍ ଫିଟିଂ, ବନୀକରଣ, ବର୍ଷାଜଳ ସଂରକ୍ଷଣ, ଜଳ ଉତ୍ସର ପୁନରୁଦ୍ଧାର ଆଦିକୁ ଗୁରୁତ୍ୱ ଦିଆଯାଇଛି। ତେବେ ଏହି ଅଭିଯାନ ଜିଲାର ପ୍ରଶାସନିକ ଅବହେଳା ଯୋଗୁ ଫେଲ୍ ମାରିଛି ବୋଲି ସାମାଜିକ କର୍ମୀ ପ୍ରତାପ ପାଢ଼ୀ, ବିଭୂତି ଭୂଷଣ ରାଉତ, ପ୍ରତାପ ରଞ୍ଜନ ତ୍ରିପାଠୀ, ଦେବାଶିଷ ସାମଲ, ପ୍ରକାଶ ଚନ୍ଦ୍ର ଦାସ ପ୍ରମୁଖ କହିଛନ୍ତି।

ଅପରପକ୍ଷରେ ୨୦୨୫ ମାର୍ଚ୍ଚ ସୁଦ୍ଧା ଜିଲାର ୨,୯୧,୧୭୦ ପରିବାରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ନିମନ୍ତେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇ ପାରିଲାନାହିଁ। ତେବେ ମାତ୍ର ୩୩ ହଜାର ପରିବାର ଏଥିରୁ ଉପକୃତ ହୋଇଛନ୍ତି। ପାଇପ ଯୋଗେ ପାଣି ଯୋଗାଇବା ପାଇଁ ଜିଲାର ବିଭିନ୍ନ ସ୍ଥାନରେ ମେଗା ଉଠାଜଳ ପ୍ରକଳ୍ପ ଆରମ୍ଭ ହୋଇଛି। ଏହି ପ୍ରକଳ୍ପ ଆରମ୍ଭ ପୂର୍ବରୁ ଜମି ଓ ପରିବେଶ ସମ୍ପର୍କରେ ତଦନ୍ତ ହୋଇନାହିଁ। ଫଳରେ ମାର୍ଶାଘାଇ ବ୍ଲକ ମଣିକୁଣ୍ଡାଠାରେ ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ ଏନ୍‌ଜିଟି ମାମଲାରେ ଛନ୍ଦି ହୋଇଯାଇଛି। ନେତା ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ନ ଥିବାରୁ ଏପରି ସମସ୍ୟା ସୃଷ୍ଟି ହେଉଥିବା କୁହାଯାଉଛି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ନିକଟରେ ପାନୀୟ ଜଳ ଯୋଗାଣ ସମ୍ପର୍କରେ ବୈଠକ ହୋଇଥିଲା। ଗ୍ରାମାଞ୍ଚଳରେ ପାଇପ ପାଣି ସଂଯୋଗ ପାଇଁ ବିଭିନ୍ନ ପ୍ରକଳ୍ପ ପ୍ରକ୍ରିୟା ଜାରି ରହିଛି। ଖୁବ୍‌ଶୀଘ୍ର ସମସ୍ତଙ୍କ ଘରେ ପାନୀୟ ଜଳ ପାଇପ ମାଧ୍ୟମରେ ପହଞ୍ଚିବ ବୋଲି ସେ କହିଛନ୍ତି।

# ୧ ଯାଏ ବର୍ଷା, କମିବ ତାତି

ଭୁବନେଶ୍ୱର,୨୭।୪(ଅନୁରାଧା ମହାରଣା)

ରାଜ୍ୟରେ ଗରମ ଓ ଗୁଳୁଗୁଳି ଜାରି ରହିଥିବାବେଳେ କାଳବୈଶାଖୀ ବର୍ଷା ଆଶ୍ୱସ୍ତି ଦେଉଛି। ଝାରସୁଗୁଡାରେ ସର୍ବୋଚ୍ଚ ତାପମାତ୍ରା ୪୪.୮ ଡିଗ୍ରୀ ରେକର୍ଡ କରାଯାଇଥିଲେ ମଧ୍ୟ ବର୍ଷା ହେଉଥିବା ସ୍ଥାନରେ ତାପମାତ୍ରା ହ୍ରାସ ପାଇଛି। କଳାହାଣ୍ଡି ଜୟପାଟନାରେ ୮ ସେ.ମି., ନୂଆପଡ଼ାରେ ୭, ନବରଙ୍ଗପୁରର ରାଇଗଡ଼, ମୟୂରଭଞ୍ଜର ମୁରୁଡା, ବେତନଟ ଓ ନବରଙ୍ଗପୁର ଜିଲାର ପାପଡ଼ାହାଣ୍ଡିରେ ୫ ସେ.ମି. ଲେଖାଏ ବର୍ଷା ହୋଇଛି। ତେବେ ମେ' ୧ ଯାଏ ବିଭିନ୍ନ ଜିଲାରେ ଘଡ଼ଘଡ଼ି, ବିଜୁଳି ଓ କୁଆପଥର ସହ ବର୍ଷା ହେବାର ସମ୍ଭାବନା ଥିବାରୁ ତାପମାତ୍ରା କ୍ରମଶଃ ହ୍ରାସ ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି।

ମିଳିଥିବା ସୂଚନାନୁସାରେ, ରବିବାର ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସର୍ବାଧିକ ତାପମାତ୍ରା ପ୍ରାୟ ୨-୪ ଡିଗ୍ରୀ ହ୍ରାସ ପାଇଛି। ତେବେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୪ ଡିଗ୍ରୀ ଓ ଉପକୂଳ ଓଡ଼ିଶାର କିଛି ଜିଲାରେ ସ୍ୱାଭାବିକଠାରୁ ପ୍ରାୟ ୨-୩ ଡିଗ୍ରୀ ଅଧିକ ରହିଥିବାବେଳେ ଆଭ୍ୟନ୍ତରୀଣ ଓଡ଼ିଶା ସମେତ ଅନ୍ୟ କେତେକ ଜିଲାରେ ତାପମାତ୍ରା ସ୍ୱାଭାବିକ ରହିଥିଲା। ଅନ୍ୟପକ୍ଷରେ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର ବଲାଙ୍ଗୀର ଜିଲାର କିଛି ସ୍ଥାନରେ ଉଷ୍ମ ରାତି ଅନୁଭୂତ ହୋଇଥିଲା।

ସୋମବାର ଅପରାହ୍ନରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଗଜପତି, ଗଞ୍ଜାମ, ରାୟଗଡ଼ା ଓ କୋରାପୁଟ ଆଦି ଜିଲାରେ ଘଣ୍ଟା ପ୍ରତି ୫୦ରୁ ୬୦ କି.ମି. ବେଗରେ ପବନ ବହିବା ସହ ଘଡ଼ଘଡ଼ି, ବିଜୁଳି ଓ କୁଆପଥର ସହ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ଜିଲାଗୁଡ଼ିକୁ ପାଣିପାଗ କେନ୍ଦ୍ର ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର ଓ ମାଲକାନଗିରି ଆଦି ଜିଲାରେ ଅପରାହ୍ନରେ ଝଡ଼ବର୍ଷାର ସମ୍ଭାବନା ରହିଛି। ଏହିସବୁ ଜିଲାଗୁଡ଼ିକରେ ଘଣ୍ଟାପ୍ରତି ୪୦ରୁ ୫୦ କିମି ବେଗରେ ପବନ ବହିବା ସହ ବିଜୁଳି ଓ ଘଡ଼ଘଡ଼ିର ସମ୍ଭାବନା ଥିବାରୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ଜୋଲାପୁଟ ରିଜର୍ଭୟର ଚମ୍ପାପୁଟ ଘାଟରେ ଡଙ୍ଗା ବୁଡ଼ି ଯୁବକ ମୃତ

## ମୃତଦେହ ଜବତ କଲା ଅଗ୍ନିଶମ ବିଭାଗ


ବଳରାମ ଡୁରୁ

ନନ୍ଦପୁର,୨୭।୪ (ତୁଷାରକାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ପାଛଲୁଙ୍ଗ ପଞ୍ଚାୟତର ଜୋଲାପୁଟ ରିଜର୍ଭୟର ଚମ୍ପାପୁଟ ଘାଟରେ ଡଙ୍ଗା ବୁଡ଼ି ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅଗ୍ନିଶମ ବିଭାଗ ରବିବାର ସକାଳୁ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ଚମ୍ପାପୁଟ ଗ୍ରାମର ବଳରାମ ଡୁରୁ(୪୧)।

ସୂଚନା ଅନୁଯାୟୀ, ବଳରାମ ଶନିବାର ରାତିରେ ଜୋଲାପୁଟ ରିଜର୍ଭୟର ମଧ୍ୟକୁ ମାଛ ଧରିବାକୁ ଯାଇଥିଲେ। ଅସାବଧାନତାରୁ ଡଙ୍ଗା ବୁଡ଼ିଯିବାରୁ ସେ ନିଖୋଜ ରହିଥିଲେ। ରାତିରେ ଘରକୁ ନ ଆସିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଏହାପରେ ଡଙ୍ଗା ପାଣିରେ ଭାସୁଥିବା ଓ ବଳରାମ ନିଖୋଜ ଥିବା ନେଇ ତାଙ୍କ ସାନଭାଇ କୃଷ୍ଣଚନ୍ଦ୍ର ଡୁରୁ ପାଡୁଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ସୂଚନା ଅନୁସାରେ ନନ୍ଦପୁର ଅଗ୍ନିଶମ ବାହିନୀ ଓଆଇସି ଚିତ୍ତରଞ୍ଜନ ପାଙ୍ଗିଆ, ଗାଡ଼ି ଚାଳକ ଦିଲେଶ୍ୱର ସିଠିଆ, ଫାୟାରମ୍ୟାନ୍ ରଞ୍ଜନ ମଲ୍ଲିକ ଓ ବିଷ୍ଣୁପ୍ରସାଦ ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ୩ ଘଣ୍ଟାର ଉଦ୍ୟମ ପରେ ଜଳଭଣ୍ଡାରରୁ ବଳରାମଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ପାଡୁଆ ପୋଲିସ ୫/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ଅଶୋକ ବିଷୋୟୀ ସୂଚନା ଦେଇଛନ୍ତି। ସ୍ଥାନୀୟ ସରପଞ୍ଚ ପୂଜା ଖିଲ ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି।

# ଭୁବନେଶ୍ୱର ଛାଡ଼ିଲେ ପାକିସ୍ତାନୀ ମହିଳା

ଭୁବନେଶ୍ୱର,୨୭।୪(ସତ୍ୟଜିତ୍ ରାଉତ)


ଭୁବନେଶ୍ୱର ବିଜେବିନଗରରେ ରହୁଥିବା ପାକିସ୍ତାନୀ ମହିଳା ନଗମା ୟୁସୁଫ୍(୫୫) ରବିବାର ପାକିସ୍ତାନ ଅଭିମୁଖେ ଯାତ୍ରା କରିଛନ୍ତି। ପୋଲିସ ପକ୍ଷରୁ ତାଙ୍କୁ ନୋଟିସ ହୋଇଥିବାବେଳେ ସେ ରବିବାର ପୂର୍ବାହ୍ନରେ ଘର ଛାଡ଼ିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ମହମ୍ମଦ ନିଜାମୁଦ୍ଦିନଙ୍କୁ ନଗମା ୨୦୦୮ରେ ପ୍ରେମ ବିବାହ କରି ଭିଜା ନେଇ ଭୁବନେଶ୍ୱରରେ ପରିବାର ସହ ରହୁଥିଲେ। ୨୦୨୪ରେ ତାଙ୍କର ଭିଜା ଅବଧି ଶେଷ ହୋଇଥିଲା। ଏହାପରେ ସେ ଭିଜିଟର୍ସ ଭିଜାରେ ରହୁଥିଲେ ମଧ୍ୟ ଏହାର ଅବଧି ଗତ ଫେବୃଆରୀରେ ଶେଷ ହୋଇଯାଇଛି। ଭିଜା ନବୀକରଣ କରି ମିଆଦ ବୃଦ୍ଧି ପାଇଁ ମଧ୍ୟ ସେ ଆବେଦନ କରିଥିଲେ। ତେବେ ଗତ ୨୨ତାରିଖରେ କଶ୍ମୀର ପହଲ୍‌ଗାମ୍‌ଠାରେ ପର୍ଯ୍ୟଟକଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ପାକିସ୍ତାନ ନାଗରିକଙ୍କୁ ୪୮ ଘଣ୍ଟାରେ ଦେଶ ଛାଡିବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିଲେ। ଏହାପରେ ନଗମା ଏକ୍ଜିଟ ପରମିଟ୍ ପାଇଁ ଆବେଦନ କରିଥିଲେ। କମିଶନରେଟ୍ ପୋଲିସ ତାଙ୍କ ଆବେଦନ ଗ୍ରହଣ କରିବା ସହ ଦେଶ ଛାଡ଼ିବାକୁ ନୋଟିସ୍ କରିଥିଲା।

DADLS-

ଓଡ଼ିଶା ସରକାର

ଉତ୍କଳଗୌରବ
ମଧୁସୂଦନ ଦାସଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
ତାରିଖ -୨୮ ଅପ୍ରେଲ ୨୦୨୫



ସକାଳ- ଘ.୯.୪୫ ମିନିଟ୍ ସମୟରେ ରାଜଭବନ ଛକ, ଭୁବନେଶ୍ୱରସ୍ଥିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।
ସକାଳ ୧୦ ଘଟିକା- ଓଡ଼ିଶା ବିଧାନସଭା ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ବାଚସ୍ପତି, ମନ୍ତ୍ରୀ ତଥା ବିଧାୟକମାନଙ୍କ ଦ୍ୱାରା ମାଲ୍ୟାର୍ପଣ।


ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

-ମୁଖ୍ୟ ଅତିଥି-
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
-ସମ୍ମାନନୀୟ ଅତିଥି-
ଶ୍ରୀଯୁକ୍ତ ବାବୁ ସିଂ
ବିଧାୟକ, ଏକାମ୍ର-ଭୁବନେଶ୍ୱର
ଶ୍ରୀଯୁକ୍ତ ଗୋଲକ ପ୍ରସାଦ ମହାପାତ୍ର
ଉପଦେଷ୍ଟା, ଶ୍ୟାମାପ୍ରସାଦ ମୁଖାର୍ଜୀ ଫାଉଣ୍ଡେସନ୍
-ମୁଖ୍ୟବକ୍ତା-
ଶ୍ରୀଯୁକ୍ତ ଦାଶ ବେନହୁର
ବିଶିଷ୍ଟ ସାହିତ୍ୟିକ ଏବଂ ସ୍ତମ୍ଭକାର

ସଭା ପରେ ଲାବଣ୍ୟ ଥିଏଟର, ଭୁବନେଶ୍ୱରର କଳାକାରମାନଙ୍କ ଦ୍ୱାରା ନାଟକ 'ନିଶୀଥ ସୂର୍ଯ୍ୟ' ପରିବେଷଣ।

ପ୍ରଦତ୍ତ କାର୍ଯ୍ୟସୂଚୀ ଅନୁଯାୟୀ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭାଜପାର ଜନମାରଣ ନୀତି ବିରୋଧରେ ସିପିଆଇର ବିକ୍ଷୋଭ, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ରାଜ୍ୟ ସେଣ୍ଟ୍ରାଲ ବ୍ୟାଙ୍କ ସେବା ନିବୃତ୍ତ ସଂଘ ବୈଠକ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭୁବନେଶ୍ୱର ବାର୍ ଆସୋସିଏଶନ ପକ୍ଷରୁ ଓକିଲ ଦିବସ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ବିଜେଇଏମ୍ ପ୍ୟାରେଣ୍ଟ୍ସ ଆସୋସିଏଶନ ପକ୍ଷରୁ ଅଭିଯୋଗ ପତ୍ର ପ୍ରଦାନ, ସ୍ଥାନ: ଇଓଡବ୍ଲ୍ୟୁ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନ, ସଂସ୍କୃତି ଓ ସଂସ୍କୃତି ଏବଂ ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସୀତା ବିବାହ ଦିବସ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## କଟକ

- ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ପକ୍ଷରୁ ମଧୁ ଜୟନ୍ତୀ ଓ ଆଇନଜୀବୀ ଦିବସ ପାଳନ, ସ୍ଥାନ: ମଧୁସୂଦନ ପାର୍କ, ତୁଳସୀପୁର, ସମୟ: ସକାଳ ୬ଟା ୩୦।
- ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ମଧୁବାବୁଙ୍କ ସମାଧିପୀଠରେ ପୁଷ୍ପମାଲ୍ୟ ଅର୍ପଣ, ସ୍ଥାନ: ଗୋରାକବର, ସମୟ: ସକାଳ ୭ଟା।
- ହାଇକୋର୍ଟ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ଆଇନଜୀବୀ ଦିବସ ପାଳନ, ସ୍ଥାନ: ହାଇକୋର୍ଟ ପରିସର, ସମୟ: ସକାଳ ୯ଟା ୩୦।
- ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସିପିଆଇର କଟକ ଜିଲ୍ଲା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ୪ର୍ଥ ପ୍ରତିଷ୍ଠା ଦିବସ, ସ୍ଥାନ: ବିଶ୍ୱବିଦ୍ୟାଳୟର ପୁଷ୍ପଗିରି ପରିସର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରାଜନେତା ଶାକ୍ୟସିଂହ ମିଶ୍ରଙ୍କ ଉଦ୍ଦେଶ୍ୟରେ ସର୍ବଦଳୀୟ ଶୋକସଭା, ସ୍ଥାନ: ଗାନ୍ଧୀ ଭବନ, ବାଖରାବାଦ, ସମୟ: ସନ୍ଧ୍ୟା ୬ଟା।

- ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ମଧୁସୂଦନ ସାଂସ୍କୃତିକ ପରିଷଦ, ସତ୍ୟଭାମାପୁର ମିଳିତ ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ତମ ଜୟନ୍ତୀ ସମାରୋହ, ସ୍ଥାନ: ସତ୍ୟଭାମାପୁର, ସମୟ: ସନ୍ଧ୍ୟା ୬ଟା ୩୦।
- ନୀଳଚକ୍ର ମର୍କତନଗର ଶାଖାର ୧୯ତମ ବାର୍ଷିକ ଉତ୍ସବ ଓ ମଧୁ ଜୟନ୍ତୀ, ସ୍ଥାନ: ମଙ୍ଗଳା ମନ୍ଦିର ପ୍ରାଙ୍ଗଣ, ସିଡିଏ ସେକ୍ଟର-୭ ସରକାରୀ ବିଦ୍ୟାଳୟ ନିକଟ, ସମୟ: ସନ୍ଧ୍ୟା ୭ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।
- ଶନିଶ୍ଚର ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ : ବିଶାଳଖିଣ୍ଡା ଗ୍ରାମ, ସମୟ : ସକାଳ ୮ଟା।
- ପଶ୍ଚିମ ଓଡ଼ିଶା ବ୍ରାହ୍ମଣ ସମାଜର ବୈଠକ, ସ୍ଥାନ : ସାମ୍ୱାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ହନୁମାନ ଜୟନ୍ତୀ ସମନ୍ୱୟ ସମିତି ଆୟୋଜିତ ବିକ୍ଷୋଭ କାର୍ଯ୍ୟକ୍ରମ, ସ୍ଥାନ : ଜିଲ୍ଲାପାଳ ଅଫିସ ସମ୍ମୁଖ, ସମୟ : ପୂର୍ବାହ୍ନ ୧୦ଟା।
- ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କୁ ନାଗରିକ ସମ୍ବର୍ଦ୍ଧନା, ସ୍ଥାନ : ଗୋଶାଳ ଛକ, ସମୟ : ଅପରାହ୍ନ ୫ଟା ୧୫।
- ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ଘଣ୍ଟେଶ୍ୱରୀ ମନ୍ଦର ଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ : ଚିପିଲିମା ସ୍ଥିତ ଘଣ୍ଟେଶ୍ୱରୀ ମନ୍ଦିର, ସମୟ : ସନ୍ଧ୍ୟା ୬ଟା।
- ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ଜଗନ୍ନାଥ ପ୍ରତିଷ୍ଠା ଉତ୍ସବରେ ଯୋଗଦାନ, ସ୍ଥାନ : ଗୋଡଭଗା, ସମୟ : ରାତି ୭ଟା ୧୫।

## ବଲାଙ୍ଗୀର

- ଜିଲ୍ଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଗୁଡଭେଲା, ସମୟ: ସକାଳ ୭ଟା।

## ରାଉରକେଲା

- ଶ୍ରୀ ଶ୍ରୀ ଦକ୍ଷିଣକାଳୀ ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ସେକ୍ଟର-୧, ସମୟ: ସକାଳ ୬ଟା।
- ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠାର ଦ୍ୱିତୀୟ ଦିବସ, ସ୍ଥାନ: ଉଦିତ ନଗର, ସମୟ: ସକାଳ ୭ଟା ୩୦।
- ରାଉରକେଲା ଓକିଲ ସଂଘ ପକ୍ଷରୁ ଆଇନଜୀବୀ ଦିବସ ପାଳନ, ସ୍ଥାନ: ଉଦିତନଗର କଚେରି ରୋଡ୍, ସମୟ: ସକାଳ ୮ଟା ୩୦।
- ମଧୁସୂଦନ ପାଠାଗାର ଓ ଛେଣ୍ଡ ୱେଲଫେୟାର କମିଟି ପକ୍ଷରୁ ମଧୁସୂଦନ ଜୟନ୍ତୀ ପାଳନ, ସ୍ଥାନ: ଛେଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ଆଚାର୍ଯ୍ୟ ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୬, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ପାଳନ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୪୫।
- ମଧୁସୂଦନ ଦାସ ଓ ଗଜପତି କୃଷ୍ଣଚନ୍ଦ୍ର ନାରାୟଣ ଦେବଙ୍କ ଜୟନ୍ତୀ, ସ୍ଥାନ: ବାସନ୍ତୀ ପାଠାଗାର, ସମୟ: ସନ୍ଧ୍ୟା ୬ଟା ୩୦।
- ଗୋପବନ୍ଧୁ ଚର୍ଚ୍ଚା ଓ ପୁସ୍ତକ ଲୋକାର୍ପଣ, ସ୍ଥାନ: ପ୍ରଗତି ଉତ୍କଳ ସଂଘ, ସେକ୍ଟର-୭, ସମୟ: ସନ୍ଧ୍ୟା ୭ଟା ।

## ସୁନ୍ଦରଗଡ଼

- ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣି, ସ୍ଥାନ: ଲହୁଣୀପଡା ବ୍ଲକ କାର୍ଯ୍ୟାଳୟ ସଭାକକ୍ଷ, ସମୟ: ସକାଳ ୭ଟା।
- ଜିଲ୍ଲା ଓକିଲ ସଂଘ ପକ୍ଷରୁ ମଧୁବାବୁଙ୍କ ୧୩୯ତମ ଜୟନ୍ତୀ, ସ୍ଥାନ:ସଂସ୍କୃତି ଭବନ, ସୁନ୍ଦରଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାଭିମାନ ଦିବସ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ, କବିତା ଆସର, ସ୍ଥାନ: ସମଗ୍ର ଶିକ୍ଷା ଅଫିସ, ବିଏସ ହାଇସ୍କୁଲ ସାମ୍ନା, ସମୟ: ସନ୍ଧ୍ୟା ୭ଟା।
- ଜିଲ୍ଲା ସମବାୟ ବିଭାଗ ପକ୍ଷରୁ ମଧୁସୂଦନ ଦାସଙ୍କ ଜୟନ୍ତୀ ଓ ଆଲୋଚନାଚକ୍ର, ସ୍ଥାନ: ସୁନ୍ଦରଗଡ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

## ବରଗଡ଼

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସଭାକକ୍ଷ, ଗାଇସିଲେଟ୍, ସମୟ: ସକାଳ ୭ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଗୋଡ଼ଭଗା, ଅତାବିରା, ସମୟ: ସକାଳ ୭ଟା।
- ମନ୍ଦିର ପ୍ରତିଷ୍ଠା ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗୋଡ଼ଭଗା, ଅତାବିରା, ସମୟ: ଅପରାହ୍ନ ୨ଟା।
- ପର୍ଶୁରାମ ଜୟନ୍ତୀ ଅବସରରେ ଶ୍ଳୋକ ପ୍ରତିଯୋଗିତା, ସ୍ଥାନ: ସାଇକ୍ରିଷ୍ଣା ପେଲେସ୍, ବରଗଡ଼, ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି

- କଳାହାଣ୍ଡି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଥୁଆମୂଳ ରାମପୁର ପଞ୍ଚାୟତ ସମିତି ସଭାଗୃହ, ସମୟ: ସକାଳ ୭ଟା।
- ଜିଲ୍ଲାପାଳଙ୍କ ଅଫିସ ଆଗରେ ସିପିଆଇର ବିକ୍ଷୋଭ, ସ୍ଥାନ: ଭବାନୀପାଟଣା ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖ,ସମୟ:ପୂର୍ବାହ୍ନ ୧୦ଟା।
- ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର,ସ୍ଥାନ: ଥୁଆମୁଳ ରାମପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ,ସମୟ:ପୂର୍ବାହ୍ନ ୧୦ଟା।
- କଳାହାଣ୍ଡି ବିକାଶ ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ:ଭବାନୀପାଟଣା ହୋଟେଲ ମିଡଟାଉନ ସଭାଗୃହ, ସମୟ: ଅପରାହ୍ନ ୩ଟା।
- ମା' ମାଣିକେଶ୍ୱରୀ, ପ୍ରଭୁ ଜଗନ୍ନାଥ, ବାବା ରାମେଶ୍ୱରଙ୍କ ନିର୍ମାଣାଧୀନ ଭବ୍ୟ ମନ୍ଦିର ରତ୍ନମୁଦ ଅବସରରେ କଳସ ଯାତ୍ରା ଏବଂ ଅଧିବାସ, ସ୍ଥାନ: ଥୁଆମୂଳ ରାମପୁର, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ

- ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ସାମ୍ପୋଚ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ହରଭଙ୍ଗା ବ୍ଲକ, ସମୟ: ସକାଳ ୭ଟା
- ମା' ଭୈରବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବର ଚତୁର୍ଥ ଦିନ ସ୍ନାନାଧିବାସ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ ପୁରୁଣାକଟକ, ସମୟ: ସକାଳ ୯ଟା।

## ଦେବଗଡ଼

- ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବଣି ବ୍ଲକ, ଦୁଧିଆନାଳି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୮ଟା
- ଅନ୍ତର୍ଜାତୀୟ ସମବାୟ ବର୍ଷ ୨୦୨୫ ପାଳନ ଏବଂ ଉତ୍କଳ ଗୌରବ ମଧୁସୂଦନ ଦାଶଙ୍କ ଜନ୍ମବାର୍ଷିକୀ ପାଳନ, ସ୍ଥାନ: ଦେବଗଡ଼ କଲେଜ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତ, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉଲୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ସକାଳ ୭ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ସୁବଳୟା ପଞ୍ଚାୟତ କାର୍ଯ୍ୟାଳୟ, ବୀରମହାରାଜପୁର, ସମୟ: ସକାଳ ୭ଟା୩୦।
- ଅନ୍ତର୍ଜାତୀୟ ସମବାୟ ବର୍ଷ ଅବସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମ ବାର୍ଷିକ ପାଳନ, ସ୍ଥାନ: ସୁବର୍ଣ୍ଣପୁର ସମବାୟ ସମିତି ଉପନିବନ୍ଧକଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା ୩୦।
- ଉଲୁଣ୍ଡା ରୋଗୀ କଲ୍ୟାଣ ସମିତିର ବୈଠକ, ସ୍ଥାନ: ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୫ଟା।

## ନୂଆପଡ଼ା

- ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ , କୋମନା, ସମୟ : ପୂର୍ବାହ୍ନ ୧୦ ଟା।
- ଜିଲ୍ଲା ଓକିଲ ସଂଘ ପକ୍ଷରୁ ମଧୁବାବୁ ଜୟନ୍ତୀ, ସ୍ଥାନ: ଜିଲ୍ଲା ବାର ଆସୋସିଏଶନ ସଂଘ ସମ୍ମିଳନୀ କକ୍ଷ, ନୂଆପଡା, ସମୟ : ପୂର୍ବାହ୍ନ ୧୦ ଟା।
- ଜିଲ୍ଲା ସିଭିଲ ବାର ପକ୍ଷରୁ ୧୭୭ତମ ମଧୁବାବୁ ଜୟନ୍ତୀ, ସ୍ଥାନ: ଏବିପି ସମ୍ମିଳନୀ କକ୍ଷ, ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା ୧୦ ମିନିଟ।
- ବୀର ବିକ୍ରମ ବହୁଭାଷୀ କ୍ଷୁଦ୍ର ନାଟକ ପ୍ରତିଯୋଗିତା ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଅଗ୍ରସନ ଭବନ, ଖଡିଆଳ, ସମୟ: ରାତି ୯ ଟା।

## ଝାରସୁଗୁଡ଼ା

- ଜନଶୁଣାଣି ଅଭିଯୋଗ କାର୍ଯ୍ୟକ୍ରମ, ସ୍ଥାନ: ଲଖନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ଆଇନଜ୍ଞ ଦିବସ ପାଳନ, ସ୍ଥାନ: ବାର୍ ଆସୋସିଏଶନ କାର୍ଯ୍ୟାଳୟ, ବେହେରାମାଲ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାବୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ରବିଙ୍କ ରାଶ୍ୟାବସ୍ଥାନ ହେତୁ ଦୂରସ୍ଥ ସନ୍ତାନଙ୍କ ପାଇଁ ମନ ଉଦ୍‌ବେଗ ରହିପାରେ। ମାନସିକ ଅସ୍ଥିରତାଜନିତ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେବ। ମାଙ୍ଗଳିକ କାମର ତତ୍ପରତା ସାଙ୍ଗକୁ ପାରିବାରିକ କେତେକ ସମସ୍ୟାକୁ କେନ୍ଦ୍ର କରି ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହେବ। ରଚନାତ୍ମକ କାର୍ଯ୍ୟ,ସାହିତ୍ୟ ଚର୍ଚ୍ଚା ଓ ଚଳଚ୍ଚିତ୍ର ସମ୍ବନ୍ଧୀୟ ସମସ୍ୟା ସୁଧୁରିଯିବ।

**ବୃଷ** ବୃହସ୍ପତିଙ୍କ ପ୍ରଭାବରେ ନୂତନ ଯୋଜନା କରିବା ସକାଶେ ମନ ବଳାଇବେ। କିନ୍ତୁ ଅସ୍ତଗତ ଚନ୍ଦ୍ରଜନିତ କର୍ମ କ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ପରିବହନ, ପ୍ରଶାସନ ଓ ପ୍ରକାଶନ, ଆନୁଷ୍ଠାନିକ କାମ ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ସମ୍ପନ୍ନ ହେବ। ଆର୍ଥିକ ସଙ୍କଟ ଦୂରେଇବାରେ ବନ୍ଧୁଙ୍କ ସାହାଯ୍ୟ ଲାଭ କରିପାରନ୍ତି।

**ମିଥୁନ** କର୍ମଭାବରେ ରାଜଯୋଗ ହେତୁ ବହୁତ ଦିନରୁ ମନରେ ଚିନ୍ତା କରିଥିବା କାମଟିକୁ ଆଜି ସମ୍ପନ୍ନ କରିବେ। ଚନ୍ଦ୍ରଙ୍କ ପ୍ରଭାବରୁ ସାଧାରଣ ଯୁକ୍ତିତର୍କ ହେତୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ବାଣିଜ୍ୟ, ପ୍ରଶାସନ, ସାହିତ୍ୟ ଚର୍ଚ୍ଚା ତଥା ସଙ୍ଗୀତ ଆସରରେ ନିଜକୁ ହଜାଇ ଦେବେ। ଆର୍ଥିକ ଅନଟନ ଯୋଗୁ ପାରିବାରିକ ଜୀବନ କଷ୍ଟପ୍ରଦ ହେବ।

**କର୍କଟ** ମନଖୋଲା କଥା ମାଧ୍ୟମରେ ପରିବାର ଭିତରେ ସୌହାର୍ଦ୍ଦ୍ୟତା ଫେରିଆସିବାର ସମ୍ଭାବନା ରହିଛି। ଦେବଦର୍ଶନ ଓ ଭ୍ରମଣ ସାଙ୍ଗକୁ କୌଣସି ଜିନିଷ କିଣିବାକୁ ମନ ବଳାଇବେ। ଭାଇଙ୍କ ଅଭାବ ଅସୁବିଧାକୁ କେନ୍ଦ୍ରକରି ମନ ଅଶାନ୍ତ ରହିପାରେ। କର୍ମକ୍ଷେତ୍ରରେ ବନ୍ଧୁ ନିଜ କାମ ହାସଲ କରିବା ସକାଶେ ଆପଣଙ୍କୁ ଅସ୍ତ୍ର ରୂପେ ବ୍ୟବହାର କରିପାରନ୍ତି।

**ସିଂହ** ବଳହୀନ ଚତୁର୍ଥାଧିପ ଯୋଗୁ କେତେକ ଆକସ୍ମିକ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡିପାରେ। ଆଜି ସକାଳୁ ଭାଇ, ଭଉଣୀ କିମ୍ବା ପଡୋଶିନୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି। ଆମଦାନୀ କାରବାର, ପରିବହନ, ଷ୍ଟେସନେରୀ କିମ୍ବା ଫଳ ଦୋକାନୀ ବିଶେଷ ଭାବେ ଲାଭବାନ ହୋଇପାରନ୍ତି।

**କନ୍ୟା** ଏକାଧିକ ଗ୍ରହ ରାଶିକୁ ଦେଖୁଥିବାରୁ ସମସ୍ତ କାମ ସୁବିଧାରେ ସମ୍ପନ୍ନର ପରିବେଶ ସୃଷ୍ଟି ହେବ। ଦେବଗୁରୁ ସ୍ୱ ସ୍ଥାନରୁ ଷଷ୍ଠସ୍ଥ ଯୋଗୁ ପାରିବାରିକ କ୍ଷେତ୍ରରେ ଅନାଦର ପାଇପାରନ୍ତି। ମନର ଅକୁହା କଥା ସାଙ୍ଗକୁ କେତେକ ଅପୂରଣୀୟ ଆଶା ମନରେ ଦୁଃଖ ଦେବ। କର୍ମକ୍ଷେତ୍ରରେ ଅବେହଳା ଯୋଗୁ ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି।

**ତୁଳା** ଯାହା ଆଜି ପର୍ଯ୍ୟନ୍ତ ପାଉ ନ ଥିଲେ ତାହା ପାଇ ମନ ଏକବାର ଖୁସି ହୋଇଯିବ। ଗୁରୁଙ୍କ ବିପରୀତ ରାଜଯୋଗ ପ୍ରଭାବଜନିତ ଶତ୍ରୁତା କରୁଥିବା ଲୋକଠାରୁ କାମ ହାସଲ କରିନେବେ। ବନ୍ଧୁଗହଣରେ ଆଲୋଚନା କ୍ଷେତ୍ରରେ ଭୁଲ୍ ବୁଝାମଣା ବୃଦ୍ଧି ପାଇବା କାରଣରୁ ସମସ୍ୟା ବଢିପାରେ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି।

**ବିଛା** ବ୍ୟୟଭାବସ୍ଥ ଗ୍ରହଦୃଷ୍ଟିରୁ ଆଜିର ଯାତ୍ରା ମଙ୍ଗଳମୟ ହେବ ଓ ଲକ୍ଷ୍ୟ ହାସଲ କରିବାରେ କୌଣସି ଅସୁବିଧା ହେବ ନାହିଁ। ସହକର୍ମୀଙ୍କ ତରଫରୁ କୌଣସି ସମସ୍ୟା ମନଟାକୁ ଗୋଳମାଳିଆ କରିଦେବାର ଆଶଙ୍କାକୁ ଏଡିହେବ ନାହିଁ। ପରୋକ୍ଷ ଭାବେ ଆପଣଙ୍କ ଶତ୍ରୁମାନେ ସମସ୍ୟା ସୃଷ୍ଟି କରିବା ସକାଶେ ଯୋଜନା କରିପାରନ୍ତି।

**ଧନୁ** ଆଜି ନୂତନ ସ୍ଥାନ ପରିଦର୍ଶନ ସାଙ୍ଗକୁ କ୍ରୀଡା ଓ ମନୋରଞ୍ଜନ କାର୍ଯ୍ୟରେ ନିଜକୁ ମଜ୍ଜାଇ ରଖିପାରନ୍ତି। ଉପରିସ୍ଥ କର୍ମଚାରୀଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବଢ଼ିବ। ପିଲାଙ୍କ ସଫଳତାରେ ଆନନ୍ଦିତ ହେବେ। ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ସହ ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଆସିପାରେ।

**ମକର** ପାରିବାରିକ ସ୍ତରରେ ଭୁଲ ବୁଝାମଣା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ସ୍ଥଗିତ କାମରେ ଚେଷ୍ଟା ସଫଳ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ନିଜର କିଛି କାମ କରାଇନେବା ସକାଶେ ଜିଦ୍‌ଖୋର ପ୍ରକୃତିରୁ ଅନର୍ଥ ସୃଷ୍ଟି ହେବ। ଅନ୍ତରଙ୍ଗ ବନ୍ଧୁଙ୍କ ବ୍ୟବହାରରେ ପରିବର୍ତ୍ତନ ଅନୁଭବ କରି ଦୁଃଖପ୍ରକାଶ କରିପାରନ୍ତି।

**କୁମ୍ଭ** ଆଜି ଏକାଧାରରେ ଅର୍ଥ, ସମ୍ମାନ ଓ ପ୍ରଶଂସା ପାଇ ଉଲ୍ଲସିତ ହେବେ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବା କାରଣରୁ ମନ ଭଲ ରହିବ ନାହିଁ। କ୍ରୀଡା, ସଙ୍ଗୀତ, ସାହିତ୍ୟରେ ସମସ୍ୟା ସମାଧାନ ହେବ। ପରୋକ୍ଷ ଶତ୍ରୁତା କାରଣରୁ ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିଲେ ମଧ୍ୟ ଆପଣଙ୍କୁ କିଛି ଫରକ ପଡିବନାହିଁ।

**ମୀନ** ନିଜର କିଛି ଅସୁବିଧା ନ ଥିଲେ ମଧ୍ୟ ଅନ୍ୟମାନଙ୍କ ଅସୁବିଧା ସୁଧାରିବାକୁ ନେଇ ମନ ଉଦ୍‌ବେଗ ରହିବ। ବନ୍ଧୁଙ୍କ ପରାମର୍ଶରେ ବିଭିନ୍ନ ଯୋଜନା କରି ପରିସ୍ଥିତିକୁ ସୁଧାରି ନେବାର ପ୍ରଯତ୍ନ କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି ହେବନି। ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ଘଟିବ।

ଆଜି ଏପ୍ରିଲ ୨୮ ତାରିଖ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ, ଓକିଲ ଦିବସ, ବୈଶାଖ ଶୁକ୍ଳ ପ୍ରତିପଦା ସୋମବାର, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ପ୍ରତିପଦାର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୩ମି. ଗତେ, ଘ.୦୬।୫୮ମି. ମଧ୍ୟେ, ଘ.୧୦।୨୮ ମି. ଗତେ, ଘ.୦୧।୦୦ ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୬।୫୮ ମି. ଗତେ, ଘ. ୦୮।୩୩ ମି. ମଧ୍ୟେ ରାହୁକାଳ।

# କୋଲକାତାରେ କାଳବୈଶାଖୀ, ଭୁବନେଶ୍ୱରରେ ଅବତରଣ କଲା ୮ ବିମାନ

**ଭୁବନେଶ୍ୱର,୨୭।୪(ଅନୁରାଧା ମହାରଣା)**

**ଦୁଇ ବିମାନ ଅଟକି ରହିବାରୁ ଉତ୍ତେଜନା**

କୋଲକାତାରେ ଶନିବାର କାଳବୈଶାଖୀଜନିତ ବର୍ଷା ପବନ ହୋଇଥିଲା। ପାଗ ଖରାପ ଯୋଗୁ ଦିଲ୍ଲୀରୁ କୋଲକାତା ଯାଉଥିବା ୮ ବିମାନ ବିଳମ୍ବିତ ରାତିରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିଥିଲା। ପରେ ୬ଟି ବିମାନ କୋଲାକତା ଉଡାଣ ଭରିଥିବାବେଳେ ଅନ୍ୟ ୨ଟି ବିମାନ ଯାଇପାରି ନ ଥିଲା। ଫଳରେ ଏହି ୨ଟି ବିମାନରେ ଥିବା ପ୍ରାୟ ୨୯୮ଜଣ ଯାତ୍ରୀ ଭୁବନେଶ୍ୱରରେ ଅଟକି ରହିଥିଲେ। ଏପରିକି ପାଗ ସ୍ୱାଭାବିକ ହେବାର ୧୨ ଘଣ୍ଟା ପରେ ବି ବିମାନ ଦ୍ୱୟ ଉଡାଣ ନ ଭରିବାରୁ ଯାତ୍ରୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏନେଇ ବିମାନ ବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ କହିଛନ୍ତି, ସ୍ୱାଇସ୍ ଜେଟ୍ ସେବା ଭୁବନେଶ୍ୱର ବିମାନ ବନ୍ଦରରେ ନ ଥିବାରୁ ଅସୁବିଧା ହୋଇଥିଲା। ଦୁଇଟି ସ୍ୱାଇସ୍ ଜେଟ୍‌ର ଯାତ୍ରୀମାନେ ଅଟକି ରହିଥିଲେ। ଉକ୍ତ କମ୍ପାନୀର କର୍ମଚାରୀ ଏଠାରେ ନ ଥିବାରୁ ବିମାନ ବନ୍ଦର ତରଫରୁ ଯାତ୍ରୀଙ୍କୁ ସକାଳେ ଜଳଖିଆ ଖାଇବାକୁ ଦିଆଯିବା ସହ ଆବଶ୍ୟକ ସୁବିଧା କରାଯାଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବନ୍ଧ କଡ଼େ ଲୁଣି କିଆ
ତୋହର ମୋହର ପରତେ ନାହିଁ
କାହିଁକି ହୋଇଛୁ ଠିଆ?**

ବିଶ୍ୱାସକୁ ଆଧାରକରି ସମ୍ପର୍କର ମୂଳଦୁଆ ପଡ଼ିଥାଏ। ହେଲେ ସେହି ବିଶ୍ୱାସରେ ଥରେ ସନ୍ଦେହର ଦାନା ବାନ୍ଧିଲେ ସମ୍ପର୍କର ଭିତ୍ତି ଦୋହଲି ଯାଇଥାଏ। ଦୁହିଁଙ୍କ ମଧ୍ୟରେ ପରସ୍ପର ପ୍ରତି ଥିବା ବିଶ୍ୱାସ ହରାଇଲା ପରେ ଆଉ କେହି କାହାକୁ ଚାହିଁବାକୁ ଇଚ୍ଛା କରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଭୋକ ରଖି ଖା, ଭୋକ ରଖି ଆ,
ଚଉଷଠି ବ୍ୟାଧି ପାଖ ନ ଯା'।**

ଭୋକକୁ ଶେଷ କରିବା ପାଇଁ ପେଟପୂରା ଖାଦ୍ୟ ଖାଇବା ଉଚିତ ନୁହେଁ। ଭୋକ କିଛି ମାତ୍ରାରେ ରହିବା ଭଲ ହୋଇଥିବାବେଳେ ପେଟପୂରା ଖାଦ୍ୟ ନ ଖାଇବା ସ୍ୱାସ୍ଥ୍ୟପକ୍ଷେ ହିତକର ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପାଣିରେ ବୁଡ଼ି ଚାଲିଗଲା ୯ଜୀବନ

**ଦଶପଲ୍ଲାରେ ୩, କଟକ ୧, ଭଦ୍ରକ ୧,କେନ୍ଦୁଝରରେ ୨, ବାଲକାଟୀ ୨**

ରାଜ୍ୟର ବିଭିନ୍ନ ସ୍ଥାନରେ ରବିବାର ପାଣିରେ ବୁଡ଼ି ୯ଜଣଙ୍କ ଜୀବନ ଯାଇଛି। ସେମାନଙ୍କ ମଧ୍ୟରେ ଦଶପଲ୍ଲାର ଗୋଡ଼ିବିଡ଼ାରେ ୩ଜଣ ନାବାଳକ ପୋଖରୀରେ ବୁଡ଼ି ପ୍ରାଣ ହରାଇଥିବାବେଳେ, ଭଦ୍ରକ ଜିଲ୍ଲା ତିହିଡ଼ିରେ ହୀରାଘାଇ ନଦୀରେ ବୁଡ଼ି ଜଣେ ୭ବର୍ଷର ନାବାଳକଙ୍କ ମୃତ୍ୟୁ ଘଟିଛି। ସେହିପରି କଟକ ଖାନ୍‌ନଗରରେ ଜଣେ ନାବାଳକ ମହାନଦୀରେ ଗାଧୋଉଥିବାବେଳେ ବୁଡ଼ିଯାଇଛନ୍ତି। ଅନ୍ୟଏକ ଘଟଣାରେ କେନ୍ଦୁଝର ଜିଲ୍ଲା ହରିଚନ୍ଦପୁରଠାରେ ଏକ ଜଳପ୍ରପାତ ନିକଟରେ ଫଟୋ ଉଠାଉଥିବାବେଳେ ଗୋଡ଼ ଖସିଯିବାରୁ ୨ଜଣ ଯୁବକଙ୍କ ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ଆଉ ଏକ ଘଟଣା ଭୁବନେଶ୍ୱର ଉପକଣ୍ଠ ବାଲକାଟୀ ନିକଟରେ ଘଟିଛି। ଭାର୍ଗବୀ ନଦୀରେ ୨ ଯୁବକ ବୁଡ଼ି ପ୍ରାଣ ହରାଇଛନ୍ତି।

## ଖେଳୁଥିବା ବେଳେ ପୋଖରୀରେ ବୁଡ଼ିଗଲେ ୩ ନାବାଳକ

**ନୟାଗଡ଼/ ଦଶପଲ୍ଲା, ୨୭।୪ (ଲୋକନାଥ ମିଶ୍ର/ ପ୍ରକାଶ କୁମାର ପାଣି)**

ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ଗୋଡିବିଡ଼ା ଗାଁ ପୋଖରୀରେ ବୁଡ଼ି ୩ ନାବାଳକଙ୍କ ରବିବାର ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଗୋଡିବିଡ଼ା ଶିମିଳିସାହିର ଉମାକାନ୍ତ ନାୟକ(୧୦), ନୂଆଗାଁ ଥାନା ଖାଲମଡ଼ା ଗାଁର ରିତେଶ ପ୍ରଧାନ(୧୧), ଓଡ଼ଗାଁ ଥାନା ପୋଡ଼ାସାହି ଗାଁର ଶୁଭମ୍ ଖିଲାର(୧୨)। ରିତେଶ ଓ ଶୁଭମ୍ ଉମାକାନ୍ତଙ୍କ ଘରେ ହେଉଥିବା ବାହାଘର ଭୋଜି ଖାଇବାକୁ ଆସିଥିଲେ । ସେମାନେ ସାଙ୍ଗ ହୋଇ ପୋଖରୀ ନିକଟରେ ଖେଳୁଥିଲେ। ହେଲେ ଜଣକ ପରେ ଜଣେ ପୋଖରୀରେ ବୁଡ଼ି ଯାଇଥିଲେ। ଏଭଳି ଅଘଟଣ ଜଣାପଡ଼ିବା ପରେ ଗୋଡ଼ିବିଡ଼ା ଗାଁରେ ଶୋକର ଛାୟା ଖେଳିଯାଇଛି । ଦଶପଲ୍ଲା ଥାନା ପୋଲିସ ମୃତଦେହ ଜବତ କରି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (ନଂ.୮/୨୫)ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଗୋଡିବିଡ଼ା ଶିମିଳିସାହିର ବିଜୟ କୁମାର ନାୟକଙ୍କ ଭାଇଙ୍କ ଗତ ଶୁକ୍ରବାର ବାହାଘର ଥିଲା । ଶନିବାର ଭୋଜିର ଆୟୋଜନ କରାଯାଇଥିଲା। ଏଥିପାଇଁ ତାଙ୍କ ଘରେ ବନ୍ଧୁବାନ୍ଧବଙ୍କ ଭିଡ଼ ଜମିଥିଲା। ରବିବାର ସକାଳୁ ବିଜୟଙ୍କ ପୁଅ ଉମାକାନ୍ତଙ୍କ ସହ ବାହାଘରକୁ ଆସିଥିବା ଶୁଭମ୍ ଓ ରିତେଶ ସାଙ୍ଗ ହୋଇ ଗାଁ ପୋଖରୀ ନିକଟରେ ଖେଳୁଥିଲେ । ଏକ ପ୍ଲାଷ୍ଟିକ ପାଇପ୍ ଧରି ଜଣଙ୍କ ପରେ ଜଣେ ପୋଖରୀ ଭିତରକୁ ଦୌଡି ଯାଉଥିଲେ । ଏପରି ଖେଳ ଚାଲିଥିବା ବେଳେ ଆଗରେ ଥିବା ନାବାଳକ ଗଭୀର ପାଣିକୁ ଚାଲିଯାଇ ବୁଡ଼ିଯାଇଥିଲେ। ପରେ ଜଣକ ପରେ ଜଣେ ବୁଡ଼ି ଯାଇ ପ୍ରାଣ ହରାଇଥିଲେ। ଦୀର୍ଘ ସମୟ ଧରି ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ୩ଜଣ ପୋଖରୀରେ ଭାସୁଥିବା ଦେଖିବାକୁ ପାଇଥିଲେ।

## ଜଳପ୍ରପାତରେ ବୁଡ଼ି ୨ ମୃତ

**କେନ୍ଦୁଝର, ୨୭।୪(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ଗରଗଡ଼ବାହାଳ ନିକଟ ଚନ୍ଦନଗିରିର ପାଟହରା ଜଳପ୍ରପାତରେ ରବିବାର ପୂର୍ବାହ୍ନରେ ବୁଡ଼ି ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ଜଗତ୍‌ସିଂହପୁର ଜିଲ୍ଲାର ଅତୁଲ ରଞ୍ଜନ ସାହୁ (୨୦) ଓ ରୁଦ୍ର ନାରାୟଣ ମିଶ୍ର (୨୦)। ସେମାନେ କଳିଙ୍ଗନଗରସ୍ଥିତ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ରବିବାର ଛୁଟି ଥିବାରୁ ରଞ୍ଜନ ଓ ରୁଦ୍ର ଅନ୍ୟ ୨ ସାଙ୍ଗଙ୍କ ସହିତ ପାଟହରା ଗୁମ୍ଫା ଓ ଜଳପ୍ରପାତ ବୁଲିବାକୁ ଆସିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ଜଳପ୍ରପାତ ନିକଟରେ ଫଟୋ ଉଠାଇବାବେଳେ ଗୋଡ଼ ଖସିଯିବାରୁ ୨୦ଫୁଟ୍ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ହରିଚନ୍ଦନପୁର ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରି ଦୀର୍ଘ ସମୟ ପରେ ମୃତଦେହ ଠାବ କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇ ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପ୍ରଫୁଲ୍ଲ ବାର୍ଲା କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ପର୍ଯ୍ୟଟନ କେନ୍ଦ୍ର ସରକାରୀସ୍ତରରେ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ପାଇ ନ ଥିଲେ ହେଁ ବର୍ଷତମାମ ଲୋକଙ୍କ ଭିଡ଼ ଜମୁଛି। ଲୋକମାନେ ପାଟହରା ଗୁମ୍ଫା ଦେଖିବା, ଜଳପ୍ରପାତରେ ଗାଧୋଇବା ସହ ଭୋଜିଭାତ କରୁଛନ୍ତି। ଜଳପ୍ରପାତ ତଳକୁ ବିପଦପୂର୍ଣ୍ଣ ଗଣ୍ଡ ରହିଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ସତର୍କତା ବ୍ୟବସ୍ଥା ଗ୍ରହଣ କରାଯାଉ ନ ଥିବାରୁ ଦୁର୍ଘଟଣା ଘଟୁଛି। ପ୍ରଶାସନ ପକ୍ଷରୁ ସୁରକ୍ଷା ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ହୀରାଘାଇ ନଈରେ ବୁଡ଼ି ବାଳକ ମୃତ

**ତିହିଡି,୨୭।୪(ସଞ୍ଜିତ ବଳ)**

ଭଦ୍ରକ ଜିଲ୍ଲା ତିହିଡି ଥାନା କାଁପଡ଼ା ପଞ୍ଚାୟତ ଅଧୀନ ଦପା ଗ୍ରାମ ନିକଟସ୍ଥ ହୀରାଘାଇ ନଈରେ ବୁଡ଼ି ଜଣେ ବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଦେବେନ୍ଦ୍ର ଦାସଙ୍କ ପୁଅ ସ୍ୱରାଜ(୭)। ସୂଚନା ମୁତାବକ, ସ୍ୱରାଜ ଅପରାହ୍ନ ୨ଟାରେ ନଈରେ ସାଙ୍ଗମାନଙ୍କ ସହ ଗାଧୋଉଥିବା ବେଳେ ପାଣିରେ ବୁଡ଼ି ଯାଇଥିଲେ। ସାଙ୍ଗମାନେ ତାଙ୍କ ପରିବାର ଲୋକଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ପରିବାର ଲୋକେ ପାଣିରୁ ଉଦ୍ଧାର କରି ତିହିଡି ଡାକ୍ତରଖାନାକୁ ନେଇଥିବାବେଳେ ସେଠାରେ ଡାକ୍ତର ସ୍ୱରାଜଙ୍କୁ ମୃତ ଘୋଷଣା କରିଥିଲେ। ତିହିଡି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଭାର୍ଗବୀରେ ବୁଡ଼ି ୨ ଯୁବକ ମୃତ

**ବାଲକାଟୀ,୨୭।୪(ମନୋଜ କୁମାର ମଣ୍ଡଳ)**

ଭୁବନେଶ୍ୱର ଉପକଣ୍ଠ ବାଲକାଟୀ ଫାଣ୍ଡି ପଛପଟେ ପ୍ରବାହିତ ଭାର୍ଗବୀ ନଦୀରେ ବୁଡ଼ି ରବିବାର ଅପରାହ୍ନରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବଡ଼ଗଡ଼ ଅଞ୍ଚଳରେ ରହୁଥିବା ଢେଙ୍କାନାଳ ନିହଲ ପ୍ରସାଦ ଅଞ୍ଚଳର ପ୍ରାଣବନ୍ଧୁ ମହାଳିକ (୩୦) ଓ ପୁରୀ ସମୁଦ୍ର କୂଳ ଥାନା ଅଞ୍ଚଳର ଆଶିଷ ବେହେରା (୨୬)। ଏ ସମ୍ପର୍କରେ ବାଲକାଟୀ ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ୪/୫ ଜଣ ସାଙ୍ଗ ଭୋଜି ଖାଇ ସାରିବା ପରେ ବାଲକାଟୀସ୍ଥିତ ଭାର୍ଗବୀ ନଦୀକୁ ଅପରାହ୍ନ ୪ଟା ସମୟରେ ଗାଧେଇବାକୁ ଆସିଥିଲେ। ୨ ଜଣ ନଦୀରେ ଗାଧଉଥିବାବେଳେ ଅନ୍ୟମାନେ କୂଳରେ ଠିଆ ହୋଇଥିଲେ। ନଦୀରେ ୨ ସାଙ୍ଗ ବୁଡ଼ି ଯାଉଥିବା ଦେଖି ଅନ୍ୟମାନେ ସ୍ଥାନୀୟ ଲୋକଙ୍କୁ ଡାକିବା ସହ ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ପୋଲିସକୁ ସୂଚନା ଦେଇଥିଲେ। ଖବର ପାଇ ଭୁବନେଶ୍ୱର କଳ୍ପନା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ୨ ଯୁବକଙ୍କୁ ମୃତ ଅବସ୍ଥାରେ ପାଇଥିଲେ। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଯାଇଥିଲା। ୨ ଜଣଙ୍କ ମଧ୍ୟରୁ ଜଣେ ଅଟୋ ଚାଳକ ଓ ଅନ୍ୟ ଜଣେ ଏକ ଘରୋଇ କମ୍ପାନୀରେ କାମ କରୁଥିବା ଜଣାପଡ଼ିଛି। ଭାର୍ଗବୀ ନଦୀରେ ପ୍ରତିବର୍ଷ ମୁଣ୍ଡ ଗଡୁଥିବାବେଳେ ପ୍ରଶାସନ ପକ୍ଷରୁ ଏଠାରେ ଗାଧେଇବାକୁ କୌଣସି ବାରଣ ନ ଥିବାରୁ ଏପରି ଘଟଣା ଚିନ୍ତାର କାରଣ ପାଲଟିଛି।

## କାଠଯୋଡ଼ିରେ ବୁଡ଼ି ନାବାଳକ ମୃତ

**କଟକ,୨୭।୪(କାର୍ତ୍ତିକ ସାହୁ)**

କଟକ ଖାନନଗର ପୂଜା ମଣ୍ଡପ ସମ୍ମୁଖ କାଠଯୋଡ଼ି ନଦୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସାଙ୍ଗ ମେଳରେ ଗାଧୋଇବା ବେଳେ ଏଭଳି ଅଘଟଣ ଘଟିଥିଲା। ମୃତ ନାବାଳକ ଖାନନଗର ବେତବିନ୍ଧାଣୀ ସାହିରେ ଭଡ଼ାରେ ରହୁଥିବା ଗଦାଧର ମାଝିଙ୍କ ପୁଅ ସୂର୍ଯ୍ୟକାନ୍ତ ମାଝି(୧୪)। ବକ୍ସିବଜାର ଅଗ୍ନିଶମ ବାହିନୀ ରବିବାର ମଧ୍ୟାହ୍ନ ୧୨ଟା ୧୦ରେ ଖବର ପାଇ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ନଦୀରେ ଖୋଜାଖୋଜି କରିବା ପରେ ନାବାଳକଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତୁରନ୍ତ ଆମ୍ବୁଲାନ୍ସ ଯୋଗେ ଏସ୍‌ସିବି ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବଢ଼ୁଛି ପାରିବାରିକ ହତ୍ୟାକାଣ୍ଡ

ବଢ଼ିବାରେ ଲାଗିଛି ଅପରାଧ। ସାମାନ୍ୟ କଥାକୁ କେନ୍ଦ୍ରକରି ଘଟୁଛି ହତ୍ୟାକାଣ୍ଡ। ବିଶେଷକରି ରାଜ୍ୟର ବିଭିନ୍ନ ସ୍ଥାନରେ ପାରିବାରିକ ବିବାଦକୁ କେନ୍ଦ୍ରକରି ଏବେ ବହୁ ହତ୍ୟାକାଣ୍ଡ ଘଟୁଛି। ଗତ ୨୪ଘଣ୍ଟାରେ ଗଞ୍ଜାମ ଜିଲା ଭଞ୍ଜନଗରରେ ଜଣେ ସାନଭାଇଙ୍କୁ ବଡ଼ଭାଇ ହତ୍ୟା କରିଥିବାବେଳେ ଖୋର୍ଦ୍ଧା ଜିଲା ଜଟଣୀରେ ସ୍ତ୍ରୀଙ୍କୁ ହତ୍ୟା କରିବାକୁ ଆସିଥିବାବେଳେ ଜ୍ୱାଇଁଙ୍କୁ ଶ୍ୱଶୁର ଘର ଲୋକେ ହତ୍ୟା କରିଛନ୍ତି। ମିଳିଥିବା ତଥ୍ୟ ଅନୁସାରେ ଗତ ୧୫ଦିନରେ ପାରିବାରିକ ବିବାଦକୁ କେନ୍ଦ୍ରକରି ୬ରୁ ଉର୍ଦ୍ଧ୍ୱ ହତ୍ୟାକାଣ୍ଡ ଘଟିଲାଣି। ସେଥିମଧ୍ୟରେ ଅଧିକାଂଶ ବଚସାରୁ ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଛି।

## ସାନଭାଇଙ୍କୁ ଗାଁ ଦାଣ୍ଡରେ ବାନ୍ଧି ପିଟି ମାରିଦେଲେ ବଡ଼


ପୋଲିସ ଘଟଣାର ତଦନ୍ତ କରୁଛି।

**ଭଞ୍ଜନଗର,୨୭।୪(ବାବୁଲା ପ୍ରଧାନ)**

ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ବ୍ରାହ୍ମଣପଦର ଗ୍ରାମରେ ଶନିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ସାନଭାଇଙ୍କୁ ଗାଁ ଦାଣ୍ଡରେ ବାନ୍ଧି ପିଟି ମାରିଦେଇଛନ୍ତି ବଡ଼ଭାଇ। ମୃତକ ହେଲେ ବଳରାମ ଗୌଡ଼(୩୫)। ଖବର ପାଇ ତାରସିଂ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଖବରରୁ ଜଣାପଡ଼ିଛି, ରଙ୍ଗମିସ୍ତ୍ରି କାମ କରୁଥିବା ବଳରାମ ଭଞ୍ଜନଗରରେ ସ୍ତ୍ରୀ ଏବଂ ପିଲାଙ୍କୁ ନେଇ ରହୁଥିଲେ। ଶନିବାର ରାତିରେ ବଳରାମ କୌଣସି କାମରେ ବ୍ରାହ୍ମଣପଦର ଗ୍ରାମକୁ ଆସିଥିଲେ। ମା'ବାପା ରହୁଥିବା ଘରେ କିଛି ସମୟ ରହିବା ପରେ ସେ ପରିସ୍ରା କରିବାକୁ ଯାଉଛି କହି ଯାଇଥିଲେ। ପରେ ସେ ବଡ଼ଭାଇଙ୍କ ଘରଆଡ଼େ ଯାଇଥିଲେ। ଏହି ସମୟରେ ବଡ଼ଭାଇଙ୍କ ସହ ଘର ସମ୍ମୁଖରେ କୌଣସି କାରଣକୁ ନେଇ ବଳରାମଙ୍କ ବଚସା ହୋଇଥିଲା। ଏହାକୁ ନେଇ ବଡ଼ଭାଇ ଏବଂ ଅନ୍ୟମାନେ ବଳରାମଙ୍କୁ ଗାଁ ଦାଣ୍ଡର ଏକ ଗଛରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ଏହା ତାଙ୍କ ମା' ଜାଣିବା ପରେ ବଳରାମଙ୍କୁ ଉଦ୍ଧାର କରିବାକୁ ଯାଇଥିଲେ। ସେତେବେଳକୁ ବଳରାମଙ୍କ ମୃତ୍ୟୁ ହୋଇ ସାରିଥିଲା। ରବିବାର ସକାଳେ ବଳରାମଙ୍କ ସ୍ତ୍ରୀ ସୁମିତ୍ରା ଏହା ଜାଣିବା ପରେ ଗ୍ରାମରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଥିଲା। ବଡ଼ଭାଇଙ୍କୁ ଥାନାକୁ ନେଇ ପୋଲିସ ପଚରାଉଚରା କରିବା ସହ ଏକ ହତ୍ୟା ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

## ଶ୍ୱଶୁର ଘରେ ଜ୍ୱାଇଁଙ୍କୁ ହତ୍ୟା

**ଭୁବନେଶ୍ୱର/ ଯାଁଳା,୨୭।୪ (ସତ୍ୟଜିତ୍ ରାଉତ/ବୁଲା ବାରିକ)**

### ପତ୍ନୀ, ଶାଶୁଙ୍କୁ ହାଣିଲେ, ଶଳାଙ୍କ ଠେଙ୍ଗା ମାଡ଼ରେ ପ୍ରାଣ ଗଲା

ଦାମ୍ପତ୍ୟ ଜୀବନରେ ଲାଗି ରହିଥିବା କଳି ଶେଷରେ ଉଗ୍ରରୂପ ଧାରଣ କରିଛି। ଶ୍ୱଶୁର ଘରେ ଥିବା ସ୍ତ୍ରୀ ଏବଂ ଶାଶୁଙ୍କୁ ଖଣ୍ଡାରେ ଆକ୍ରମଣ କରି ଲହୁଲୁହାଣ କରିଥିବା ଜଣେ ଯୁବକ ଶଳାଙ୍କ ଠେଙ୍ଗା ମାଡ଼ରେ ପ୍ରାଣ ହରାଇଛନ୍ତି। ଭୁବନେଶ୍ୱର ଉପକଣ୍ଠ ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଗଙ୍ଗପଡା ପଞ୍ଚାୟତ ଗ୍ରାମଡିହ ଗାଁରେ ଶନିବାର ବିଳମ୍ବିତ ରାତିରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତ ଜ୍ୱାଇଁ ହେଲେ ପୁରୀ ଜିଲା ଡେଲାଙ୍ଗ ଥାନା ଅନ୍ତର୍ଗତ ମଣିଗାଁ ଜଟିସାହିର ଦିବାକର ବସ୍ତିଆ। ଦିବାକରଙ୍କ ଆକ୍ରମଣରେ ଗୁରୁତର ସ୍ତ୍ରୀ ଲକ୍ଷ୍ମୀପ୍ରିୟା ଜେନା ଓ ଶାଶୁ ବିଦ୍ୟୁଲତା ଜେନାଙ୍କୁ ଏମ୍‌ସରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୋଲିସ ଲକ୍ଷ୍ମୀପ୍ରିୟାଙ୍କ ଭାଇ ରାଜେଶଙ୍କୁ ଅଟକ ରଖି ତଦନ୍ତ କରୁଛି। ଦିବାକରଙ୍କ ସାନଭାଇ ସନ୍ତୋଷଙ୍କ ଏତଲାକୁ ଆଧାର କରି ପୋଲିସ ଏକ ହତ୍ୟା ମାମଲା (ନଂ.୧୨୧/୨୦୨୫) ରୁଜୁ କରିଛି। ଅନ୍ୟପକ୍ଷରେ ମୃତ ଦିବାକରଙ୍କ ଶ୍ୱଶୁର ପ୍ରମୋଦଙ୍କ ଏତଲା କ୍ରମେ ପୋଲିସ ଏକ ହତ୍ୟା ଉଦ୍ୟମ ଜନିତ ମାମଲା (ନଂ.୧୨୨/୨୦୨୫) ରୁଜୁ କରି ତଦନ୍ତ କରୁଛି। ତେବେ ଲକ୍ଷ୍ମୀପ୍ରିୟାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ସୂଚନା ମିଳିଛି। ପୋଲିସ ଟିମ୍ ଘଟଣାସ୍ଥଳରୁ ଖଣ୍ଡା, ଠେଙ୍ଗା ଓ ରକ୍ତଲଗା କପଡ଼ା ଜବତ କରିଛି। ରାଜେଶଙ୍କୁ ପଚରାଉଚରା ଚାଲିଛି। ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।


ଦିବାକର ବସ୍ତିଆ

ସୂଚନାନୁଯାୟୀ, ୨୦୨୨ରେ ଗ୍ରାମଡିହ ଗାଁର ଲକ୍ଷ୍ମୀପ୍ରିୟାଙ୍କୁ ଦିବାକର ବିବାହ କରିଥିଲେ। ପରେ ଦମ୍ପତିଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିଥିଲା। ଦିବାକର ମଦ୍ୟପାନ କରି ଅଧିକାଂଶ ସମୟରେ ସ୍ତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଫଳରେ କିଛି ମାସ ହେବ ଲକ୍ଷ୍ମୀପ୍ରିୟା ବାପଘରେ ରହୁଥିଲେ। ବାପଘରେ ରହିବା ପରେ ମଧ୍ୟ ଦିବାକର ଏଠାକୁ ଆସି ସ୍ତ୍ରୀଙ୍କୁ ମାରଧର କରୁଥିଲେ। ଶନିବାର ରାତିରେ ଦିବାକର ବାଇକ୍ ଯୋଗେ ଶ୍ୱଶୁର ଘର ନିକଟକୁ ଆସିଥିଲେ। କିଛିଦୂରରେ ବାଇକ୍ ରଖି ଲୁଚି ରହିଥିଲେ। ରାତି ପ୍ରାୟ ୨ଟା ବେଳେ ଘର ପଛପଟେ ଥିବା ଝରକା ଡେଇଁ ଛାତ ଉପରକୁ ଚଢ଼ିଥିଲେ। ପରେ ଶିଡିଘର ଦେଇ ଭିତରେ ପଶିଥିଲେ। ହଠାତ୍ ଲକ୍ଷ୍ମୀପ୍ରିୟାଙ୍କୁ ଦିବାକର ଖଣ୍ଡାରେ ଆକ୍ରମଣ କରିଥିଲେ। ଲକ୍ଷ୍ମୀପ୍ରିୟାଙ୍କ ଚିତ୍କାର ଶୁଣି ତାଙ୍କ ମା' ବିଦ୍ୟୁଲତା ନିଦରୁ ଉଠିବା ସହ ଦିବାକରଙ୍କୁ ଅଟକାଇଥିଲେ। ଶାଶୁଙ୍କୁ ମଧ୍ୟ ଜ୍ୱାଇଁ ଖଣ୍ଡାରେ ଦୁଇ ଚୋଟ ପକାଇଥିଲେ। ଫଳରେ ବିଦ୍ୟୁଲତାଙ୍କ ହାତ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଏହି ସମୟରେ ରାଜେଶ ନିଦରୁ ଉଠି ଏକ ଠେଙ୍ଗା ଧରି ରାଜେଶଙ୍କୁ ନିସ୍ତୁକ ପିଟିଥିଲେ। ଫଳରେ ଦିବାକର ଶିଡିରୁ ଖସି ତଳେ ପଡ଼ିଯାଇଥିଲେ। ପଡୋଶୀମାନେ ଏନେଇ ଖବର ଦେବା ପରେ ପୋଲିସ ପହଞ୍ଚି ଦିବାକରଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ୨ ଟଙ୍କା ପାଇଁ ଫୁଟିଲା ଗୁଳି

**ଚାନ୍ଦବାଲି,୨୭।୪(କିଷାନ ପାତ୍ର)**

ସାମାନ୍ୟ ୨ ଟଙ୍କା ପାଇଁ ଯୁକ୍ତିତର୍କ ଆଉ ତା ପରେ ସିଧା ଗୁଳି, ଅଳ୍ପକେ ବର୍ତ୍ତିଲେ ବାପ ପୁଅ। ଏଭଳି ଘଟଣା ଘଟିଛି ଭଦ୍ରକ-ଚାନ୍ଦବାଲି ମୁଖ୍ୟରାସ୍ତାର ନାଲଗୁଣ୍ଡା ଛକ ନିକଟରେ। ସୂଚନା ମୁତାବକ, ନାଲଗୁଣ୍ଡା ଛକଠାରୁ କିଛିଦୂରରେ ସାଧୁଚରଣ ବେହେରା ଏକ ପାନଦୋକାନ କରିଥିବା ବେଳେ କୋଲଡ୍ରିଙ୍କ୍ସ ମଧ୍ୟ ବିକ୍ରି କରୁଛନ୍ତି। ରବିବାର ଅପରାହ୍ନ ସମୟରେ ୨ଟି ବାଇକ୍‌ରେ ୬ ଜଣ ଯୁବକ ଆସି ତାଙ୍କୁ କୋଲଡ୍ରିଙ୍କ୍ସ ମାଗିଥିଲେ। କୋଲଡ୍ରିଙ୍କ୍ସ ପିଇସାରିବା ପରେ ଦୋକାନୀ ତାହାର ମୂଲ୍ୟ ୧୨ ଟଙ୍କା କହିଥିଲେ। ବୋତଲରେ ୧୦ଟଙ୍କା ଲେଖାଯାଇଥିବା ବେଳେ ତୁମେ କାହିଁକି ୧୨ ଟଙ୍କା ନେଉଛ ବୋଲି କହି ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ତାପରେ ୬ ଜଣ ଯୁବକ ମିଶି ଦୋକାନୀ ଏବଂ ତାଙ୍କ ପୁଅଙ୍କୁ ମାଡ଼ ମାରିବା ସହ ୨ଟି ବନ୍ଧୁକ ବାହାର କରି ଗୁଳି ଚଳାଇଥିଲେ। ଜୀବନ ବିକଳରେ ବାପପୁଅ ଦୋକାନ ଛାଡି ଦୌଡ଼ିଥିଲେ। ଏହି ସୁଯୋଗରେ ଦୋକାନରେ ଥିବା ୩୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇ ଯୁବକମାନେ ଚମ୍ପଟ ମାରିଥିଲେ। ଖବରପାଇ ମତୋ ଫାଣ୍ଡି ଅଧିକାରୀ ଛତିଶ କୁମାର ଗୋଛି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ରାସ୍ତାରେ ଯୁବ ବ୍ୟବସାୟୀଙ୍କୁ ହତ୍ୟା

**ବୌଦ୍ଧ,୨୭।୪(ଅଜିତ୍ କୁମାର ବାରିକ)**

### ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ

ବୌଦ୍ଧ ଜିଲା ଜଗଦୀଶପୁର ଛକ ନିକଟରେ ରବିବାର ଜଣେ ଯୁବ ବ୍ୟବସାୟୀଙ୍କୁ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରାଯାଇଛି। ସେ ହେଲେ ବୌଦ୍ଧର ମନୋଜ କୁମାର ପାତ୍ର ଓରଫ ମୁନା। ହତ୍ୟାକାଣ୍ଡ ପରେ ଘଟଣାସ୍ଥଳରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକମାନେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ବୌଦ୍ଧ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। କିଛି ସମୟ ପରେ ବଜରଙ୍ଗ ଦଳର କର୍ମୀମାନେ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରୋକ କରିବାରୁ ଉତ୍ତେଜନା ଲାଗିରହିଛି। ତୁରନ୍ତ ହତ୍ୟାକାରୀଙ୍କୁ ଗିରଫ କରିବା ପାଇଁ ବଜରଙ୍ଗ ଦଳର କର୍ମୀମାନେ ଦାବି କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବୌଦ୍ଧ-ବଘିଆପଡା ରାସ୍ତାର ଜଗଦୀଶପୁର ଛକ ନିକଟରେ ଅପରାହ୍ନ ପ୍ରାୟ ୫ଟାରେ ମନୋଜ ଯାଉଥିବାବେଳେ କେତେଜଣ ଯୁବକ ଧାରୁଆ ଅସ୍ତ୍ରରେ ତାଙ୍କ ଛାତିକୁ ହାଣିଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ଅଭିଯୁକ୍ତମାନେ ଏକ ସ୍କୁଟିରେ ବସି ବୁରୁପାଲି ରାସ୍ତାରେ ଫେରାର ହୋଇଯାଇଥିଲା। ଏହାକୁ ନେଇ ଉତ୍ତ୍ୟକ୍ତ ଲୋକମାନେ ରାସ୍ତାରୋକ କରିଥିଲେ। ଏନେଇ ବୌଦ୍ଧ ଥାନା ଅଧିକାରୀ ରଞ୍ଜିତ୍ କୁମାର ମୁନି କହିଛନ୍ତି, ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଥିବାବେଳେ ବ୍ୟବସାୟିକ ଶତ୍ରୁତାକୁ କେନ୍ଦ୍ରକରି ମନୋଜଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଘଟଣାର ତଦନ୍ତ କରାଯିବା ସହ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି। ରିପୋର୍ଟ ଲେଖାଯିବା ବେଳକୁ ରାସ୍ତାରୋକ ଜାରି ରହିଛି।


ମନୋଜ କୁମାର ପାତ୍ର

## ମାଓବାଦୀଙ୍କ ସୁଡ଼ଙ୍ଗ ଠାବ

### ଅପରେଶନ କାଗାର ଜାରି

**ମାଲକାନଗିରି,୨୭।୪(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ଓ ତେଲଙ୍ଗାନା ସୀମାରେ ଥିବା କେରେଗୁଟା ଜଙ୍ଗଲରେ ମାଓବାଦୀ ନେତା ହିଡମାଙ୍କ ସହ ହଜାରରୁ ଉର୍ଦ୍ଧ୍ୱ ମାଓବାଦୀ ଥିବା ଗୋଇନ୍ଦା ସୂଚନା ପାଇ ଛତିଶଗଡ଼ ଓ ତେଲଙ୍ଗାନା ପୋଲିସ, ସୁରକ୍ଷା କର୍ମୀମାନେ ଗତ ୫ ଦିନ ଧରି ଉକ୍ତ ଜଙ୍ଗଲକୁ ଘେରାବନ୍ଦୀ କରି ରଖିଛନ୍ତି। ଫଳରେ ମାଓବାଦୀମାନେ ସୁରକ୍ଷାକର୍ମୀଙ୍କ ଭୟରେ କେଉଁଠି ଲୁଚି ଯାଇଛନ୍ତି। ତେବେ ସୁରକ୍ଷାକର୍ମୀ ଉକ୍ତ ଅଞ୍ଚଳରେ ସର୍ଚ୍ଚ ସମୟରେ ଶନିବାର ଏକ ସୁଡ଼ଙ୍ଗ ଠାବ କରିଥିଲେ। ସୁଡ଼ଙ୍ଗ ଭିତରେ ସର୍ଚ୍ଚ ସମୟରେ ମାଓବାଦୀ ସାମଗ୍ରୀ, ରନ୍ଧା ଖାଦ୍ୟ ଇତ୍ୟାଦିଦେଖିବାକୁପାଇଥିଲେ। ସୁରକ୍ଷା କର୍ମୀ ଆସୁଥିବା ସୂଚନା ପାଇ ମାଓବାଦୀମାନେ କିଛି ସମୟ ପୂର୍ବରୁ ସେଠାରୁ ଛତ୍ରଭଙ୍ଗ ଦେଇଥିବା ଜାଣିବାକୁ ମିଳିଥିଲା। ସୁଡଙ୍ଗ ଭିତରୁ ବାହାରକୁ ଯିବାପାଇଁ ତିନୋଟି ରାସ୍ତା ରହିଛି। ଉକ୍ତ ରାସ୍ତାଦେଇ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିବା ଜଣାପଡିଛି।

ଉକ୍ତ ସୁଡ଼ଙ୍ଗରେ ୧୦୦ରୁଉର୍ଦ୍ଧ୍ୱମାଓବାଦୀ ଏବଂ ସେମାନଙ୍କ ମଧ୍ୟରେ ନେତା ହିଡ୍‌ମା ଥିବା ସନ୍ଦେହ କରାଯାଉଛି। ଉକ୍ତ ଅଞ୍ଚଳରେ ଅପରେଶନ କାଗାର ଜାରି ରହିଥିବା ବେଳେ କେବଳ ସ୍ଥଳପଥରେ ନୁହେଁ, ଆକାଶ ମାର୍ଗରେ ହେଲିକପ୍ଟର ଓ ଡ୍ରୋନ୍ କ୍ୟାମେରା ଯୋଗେ ମଧ୍ୟ ମାଓବାଦୀଙ୍କୁ ଗିରଫ କରିବା ପାଇଁ ଉଭୟ ରାଜ୍ୟର ସୁରକ୍ଷା କର୍ମୀମାନେ ସର୍ଚ୍ଚ ଅପରେଶନ ଜାରି ରଖିଛନ୍ତି।

ପ୍ରକାଶ ଯେ, ଗତ ଏକ ମାସ ପୂର୍ବେ ମାଓବାଦୀ ସଂଗଠନ ତରଫରୁ ଶାନ୍ତି ବାର୍ତ୍ତା ପାଇଁ ତେଲଙ୍ଗାନା ସରକାରଙ୍କୁ ଜଣାଇଥିଲେ। କିନ୍ତୁ ତାଙ୍କର ଏହି ଶାନ୍ତିବାର୍ତ୍ତାର କୌଣସି ଉତ୍ତର ମିଳିନାହିଁ। ଅପରେଶନ କାଗାରକୁ ସଫଳ କଲେ ଉଭୟ ରାଜ୍ୟ ମାଓବାଦୀ ମୁକ୍ତ ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ଉଭୟ ସରକାର ଅପରେଶନ ଜାରି ରଖିଛନ୍ତି।



କୌଣସି କୌଣସି ଯୁଗରେ ଆମର ଏହି ପୃଥିବୀର ଜୀବନ ଅଲୌକିକ ଭାବେ ଅନେକ ସୋପାନ ପାରି ହୋଇ ଅଳ୍ପସମୟରେ ବହୁ ଉର୍ଦ୍ଧ୍ୱକୁ ଉଠିଯାଏ । କିନ୍ତୁ ଅନ୍ୟ ସବୁ ସମୟରେ ସେତିକି ପଥ ଯିବାକୁ ତାକୁ ହଜାର ହଜାର ବର୍ଷ ଲାଗିଯାଏ । -ଶ୍ରୀମା



# ଭଡ଼ଭଡ଼

ଏପ୍ରିଲ ୨୨ରେ ଜମ୍ମୁ ଓ କଶ୍ମୀରର ପହଲଗାମ୍ ଅନ୍ତର୍ଗତ ବୈସରନ୍‌ରେ ଘଟିଥିବା ଆତଙ୍କବାଦୀ ଆକ୍ରମଣ ବିଷୟକୁ ନେଇ ଭାରତରେ ତର୍ଜମା ଚାଲିଛି । ଏଥର ଅତଙ୍କବାଦୀ ଆକ୍ରମଣରେ ସାମରିକ ନୁହେଁ, ବିଶେଷକରି ବେସାମରିକ ବ୍ୟକ୍ତି ବା ୨୬ ସାଧାରଣ ପର୍ଯ୍ୟଟକଙ୍କ ଜୀବନ ଯାଇଛି । ୨୦୧୯ ଅଗଷ୍ଟ ୫ରେ ଜମ୍ମୁ ଓ କଶ୍ମୀରରେ ଦୀର୍ଘବର୍ଷ ଧରି ଲାଗୁ ହୋଇ ଆସିଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ କେନ୍ଦ୍ର ସରକାର ଉଚ୍ଛେଦ କରିଦେଇଥିଲେ । ତା' ପରଠାରୁ ସରକାରୀ ସ୍ତରରେ ପ୍ରଚାର କରାଯାଇଥିଲା ଯେ ସେଠାରେ ଆତଙ୍କବାଦୀ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ଭାବେ ହ୍ରାସ ପାଇଛି । ଦେଶର ବିଭିନ୍ନ ପ୍ରାନ୍ତରୁ ଲୋକେ ଯାଇ ଜମ୍ମୁ ଓ କଶ୍ମୀରର ପ୍ରାକୃତିକ ସୌନ୍ଦର୍ଯ୍ୟ ଅବଲୋକନ କଲେ । ଜମ୍ମୁ ଓ କଶ୍ମୀର ସରକାରଙ୍କଠାରୁ ମିଳିଥିବା ତଥ୍ୟ ଆଧାରରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଗତବର୍ଷ ସଂସଦକୁ ଜଣାଇଥିଲେ ଯେ ଗତ ୩ ବର୍ଷ ମଧ୍ୟରେ ସେଠାକାର ପର୍ଯ୍ୟଟନ କ୍ଷେତ୍ରରେ ହାରାହାରି ୧୫.୧୩ ପ୍ରତିଶତ ବୃଦ୍ଧି ଘଟିଛି । ଏପରିକି ଗତ ୬ ମାସ ମଧ୍ୟରେ ୧ କୋଟି ୮ ଲକ୍ଷ ପର୍ଯ୍ୟଟକ ଜମ୍ମୁ ଓ କଶ୍ମୀର ଗସ୍ତ କରିଥିବା ରାଜ୍ୟ ସଭାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ତଥ୍ୟରୁ ଜଣାପଡ଼ିଛି । ଏହିଭଳି ସକାରାତ୍ମକ ରିପୋର୍ଟ ପ୍ରକାଶ ପାଇବା ପରେ ଜମ୍ମୁ ଓ କଶ୍ମୀର ବୁଲିଯିବା ପାଇଁ ସମ୍ଭବତଃ ଦେଶବାସୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା । ହେଲେ ସେହି କେନ୍ଦ୍ର ଶାସିତ ଅଞ୍ଚଳକୁ ନିରାପତ୍ତା ଦୃଷ୍ଟିରୁ ଯେଭଳି ଗୁରୁତ୍ୱ ଦେବା କଥା କେନ୍ଦ୍ର ସରକାର ସେଥିରେ ବିଫଳ ହେବାରୁ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟିଲା ବୋଲି କୁହାଯାଇପାରେ ।

ଦେଖିବାକୁ ଗଲେ ଦକ୍ଷିଣ କଶ୍ମୀରର ପହଲଗାମ୍ ସହରଠାରୁ ଆକ୍ରମଣସ୍ଥଳ ବୈସରନ୍ ପ୍ରାୟ ଘଣ୍ଟାକର ବାଟ । ସେହି ସ୍ଥାନକୁ ଟ୍ରେକ୍ କରିବା ଲାଗି ପାଦରେ କିମ୍ବା ଘୋଡ଼ା ପିଠିରେ ବସିଯାଇ ହେବ । ଏଥିରୁ ବୁଝିବାକୁ ହେବ ଯେ ସେଠାରେ କୌଣସି ଅଘଟଣ ଘଟିଲେ ପର୍ଯ୍ୟଟକଙ୍କୁ ତୁରନ୍ତ ମାନବୀୟ ସହାୟତା ମିଳିବା କଷ୍ଟକର । ପୁଣି କୁହାଯାଉଛି ଅମରନାଥ ଯାତ୍ରା ବେଳକୁ ପ୍ରାୟତଃ ବୈସରନ୍‌କୁ ଲୋକଙ୍କ ପାଇଁ ଖୋଲାଯାଇଥାଏ । ଉଲ୍ଲେଖଯୋଗ୍ୟ, ଅମରନାଥ ଯାତ୍ରା ଜୁଲାଇରୁ ଅଗଷ୍ଟ ଯାଏ ଅନୁଷ୍ଠିତ ହୋଇଥାଏ । ଅନ୍ୟବର୍ଷ ଅପେକ୍ଷା ବୈସରନ୍‌କୁ ଯିବା ଲାଗି ପୂର୍ବରୁ କାହିଁକି ପର୍ଯ୍ୟଟକଙ୍କୁ ସୁଯୋଗ ମିଳିଲା ତାହାକୁ ନେଇ ପ୍ରଶ୍ନ ଉଠିଲାଣି । ଜମ୍ମୁ ଓ କଶ୍ମୀରକୁ ପର୍ଯ୍ୟଟକଙ୍କ ଆଗମନ ବଢ଼ିବାକୁ ଲକ୍ଷ୍ୟରେ ରଖାଯାଇ ଯଦି ଏଭଳି ନିଷ୍ପତ୍ତି ନିଆଯାଇଥିବ, ତେବେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାର ଥିଲା । ଯାହା ଶୁଣିବାକୁ ମିଳୁଛି ଏପ୍ରିଲ ୨୨ରେ ସମ୍ପୃକ୍ତ ଅଞ୍ଚଳ ଯେମିତି ଆତଙ୍କବାଦୀଙ୍କ ପାଇଁ ଚରାଭୂଇଁ ଭଳି ଛାଡ଼ି ଦିଆଯାଇଥିଲା । ଏହା ଜଣାଶୁଣା ଯେ ଆକ୍ରମଣକାରୀ ସର୍ବଦା ସୁରକ୍ଷା କେଉଁଠାରେ ଢିଲା ରହିଛି, ତାହାକୁ ଦରାଣ୍ଡୁ ଥାଆନ୍ତି । କୁହାଯାଉଛି ଯେ, ଆତଙ୍କବାଦୀ ଆକ୍ରମଣ ସଂକ୍ରାନ୍ତରେ ସରକାରୀ ଗୋଇନ୍ଦା ସଂସ୍ଥା ପୂର୍ବରୁ କର୍ତ୍ତୃପକ୍ଷଙ୍କୁ ତଥ୍ୟ ଦେଇଥିଲା । ଖବର ପାଇବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ବିଷୟ ଏବେ ଆଶ୍ଚର୍ଯ୍ୟ କରୁଛି ।

> **କୁହାଯାଇପାରେ ଯେ, ଉରି, ପଠାନ୍‌କୋଟ, ପୁଲୱାମା ଆକ୍ରମଣ ବେଳେ ଯେମିତି ତତ୍ପରତା ଦେଖାଦେଇଥିଲା, ପହଲଗାମ୍ ପରେ ସେମିତି ତତ୍ପରତା ଦେଖିବାକୁ ମିଳିଛି । ଏମିତି ସମୟରେ ଅନେକ ବଡ଼ ବଡ଼ ଭାଷଣ ଶୁଣିବାକୁ ମିଳେ । ପୁଣି ଯେଉଁ କଥାକୁ ସେଇ କଥା । ସେଥିପାଇଁ ଭାରତର କର୍ତ୍ତୃପକ୍ଷ ଏବେ ଭଡ଼ଭଡ଼ ହେବା ପରିବର୍ତ୍ତେ ସମ୍ପୂର୍ଣ୍ଣ ନୀରବ ରହି ଭିନ୍ନ ପନ୍ଥା ଆପଣାଇବା ବୁଦ୍ଧିମାନର ଲକ୍ଷଣ ଦର୍ଶାନ୍ତା ।**

ସୀମାନ୍ତ ଅଞ୍ଚଳ ଓ ଦୀର୍ଘବର୍ଷ ଧରି ଭାରତ ଓ ପାକିସ୍ତାନ ମଧ୍ୟରେ ଏକ ବିବାଦୀୟ ଭୂଖଣ୍ଡ ରହିଆସିଥିବା ଜମ୍ମୁ ଓ କଶ୍ମୀର ଉପରେ କେନ୍ଦ୍ର ସରକାର ତୀକ୍ଷ୍ଣ ନଜର ରଖିବାର ଥିଲା । ଏହି ଆକ୍ରମଣରେ ଯେଉଁମାନଙ୍କୁ ପରିବାରବର୍ଗ ସବୁ ଦିନ ପାଇଁ ହରାଇ ବସିଲେ ତାହାର ପୂରଣ କିଛି ଅର୍ଥରେ କରାଯାଇ ନ ପାରେ । ସେହିଭଳି ପାକିସ୍ତାନକୁ ଧମକ ଦେଲେ ତାହାର କେବଳ ବଡ଼ ପ୍ରତିଧ୍ୱନି ସୃଷ୍ଟି ହେଉଥିବ । ଏଇ ଯେମିତି ସିନ୍ଧୁ ନଦୀ ଚୁକ୍ତିକୁ ଭାରତ ବାତିଲ କରିଦେବାରୁ ତାହାର ଜବାବ ଦେବାକୁ ଯାଇ ପାକିସ୍ତାନ ସିମ୍‌ଲା ଚୁକ୍ତିକୁ ମଧ୍ୟ ରଦ୍ଦ କରିଦେଇଛି । ଭାରତର ନେତୃତ୍ୱ ଗୋଟେ ଧମକ ଦେଲା ବେଳକୁ ପାକିସ୍ତାନ ପଟୁ ମଧ୍ୟ ଅନୁରୂପ ଅନେକ ଚେତାବନୀ ଆସୁଛି । ଘଟଣାଟା ଗରମ ଥିବାରୁ ସମ୍ଭବତଃ କିଛି ଦିନ ଆରୋପ ପ୍ରତ୍ୟାରୋପ ଲାଗି ରହିପାରେ । ଆତଙ୍କବାଦୀଙ୍କୁ ଉଚିତ ଜବାବ ଦେବା ଲାଗି ଭାରତ ବ୍ୟବସ୍ଥିତ ଢଙ୍ଗରେ କୌଶଳମାନ ବାହାର କରିବା ଦରକାର । ଉଦାହରଣ ସ୍ୱରୂପ, ହମାସ ୭ ଅକ୍ଟୋବର ୨୦୨୩ରେ ଇସ୍ରାଏଲ ଉପରେ ଆକ୍ରମଣ କରିଦେଲା । କିନ୍ତୁ ତା' ପରଠାରୁ ହମାସର ବଂଶ ନିପାତ ଲାଗି ଇସ୍ରାଏଲ ସ୍ୱତନ୍ତ୍ର ରଣକୌଶଳ କରି ତା'ର ଟାର୍ଗେଟ ପୂରଣ କରିବାରେ ଲାଗିଛି । ଦୀର୍ଘ ୧୮ ମାସରୁ ଉର୍ଦ୍ଧ୍ୱ ସମୟ ଧରି ଲାଗି ରହିଥିବା ଯୁଦ୍ଧରେ ଗାଜା ପ୍ରାୟତଃ ଧୂଳିସାତ ହୋଇଗଲାଣି । କିନ୍ତୁ ଏହି ଲମ୍ବା ସମୟ ଯୁଦ୍ଧ ପାଇଁ ଆମେରିକାର ହାତଖୋଲା ସାହାଯ୍ୟ ଇସ୍ରାଏଲକୁ ଟେକି ଧରିଛି । ଅନ୍ୟପକ୍ଷରେ ଏହା ଜଣାଶୁଣା ଯେ ଏବେ ଭାରତ ଯୁଦ୍ଧ କରିବା ସ୍ଥିତିରେ ନାହିଁ । ଯଦି ଯୁଦ୍ଧ ହୁଏ ତେବେ ଭାରତକୁ ସାହାଯ୍ୟ ଯୋଗାଇବା ପାଇଁ କୌଣସି ଦେଶ ଆଗେଇ ଆସିବେ ନାହିଁ । ସେପଟେ ପାକିସ୍ତାନ ଅତ୍ୟନ୍ତ ଦୁର୍ବଳ ହେବା ସତ୍ତ୍ୱେ ଚାଇନାର ଅର୍ଥନୈତିକ ସ୍ୱାର୍ଥ ଥିବାରୁ ସେହି ଦେଶ ଯଥେଷ୍ଟ ସାହାଯ୍ୟ ପାକିସ୍ତାନକୁ ଯୋଗାଇବାର ସମ୍ଭାବନା ରହିଛି । ଏଭଳି ପ୍ରଚ୍ଛଦପଟରେ କୁହାଯାଇପାରେ ଯେ, ଉରି, ପଠାନ୍‌କୋଟ, ପୁଲୱାମା ଆକ୍ରମଣ ବେଳେ ଯେମିତି ତତ୍ପରତା ଦେଖାଦେଇଥିଲା, ପହଲଗାମ୍ ପରେ ସେମିତି ତତ୍ପରତା ଦେଖିବାକୁ ମିଳିଛି । ଏମିତି ସମୟରେ ଅନେକ ବଡ଼ ବଡ଼ ଭାଷଣ ଶୁଣିବାକୁ ମିଳେ । ପୁଣି ଯେଉଁ କଥାକୁ ସେଇ କଥା । ଲୋକେ ଭୁଲିଯିବା ପାଇଁ ଗଣମାଧ୍ୟମକୁ ନୂଆ ଖୋରାକ ଯୋଗାଇ ଦିଆଯାଏ । ଦେଶ ପୁନର୍ବାର ଅନ୍ୟ ଏକ ଅଘଟଣ ପାଇଁ ଅପେକ୍ଷା କରି ବସିଥାଏ । ସେଥିପାଇଁ ଭାରତର କର୍ତ୍ତୃପକ୍ଷ ଏବେ ଭଡ଼ଭଡ଼ ହେବା ପରିବର୍ତ୍ତେ ସମ୍ପୂର୍ଣ୍ଣ ନୀରବ ରହି ଭିନ୍ନ ପନ୍ଥା ଆପଣାଇବା ବୁଦ୍ଧିମାନର ଲକ୍ଷଣ ଦର୍ଶାନ୍ତା ।

# ପୋକା ପନିପରିବା ଓ କୀଟନାଶକ



ଡ. ପ୍ରମୋଦ କୁମାର ପଣ୍ଡା

ପାଠକ ବନ୍ଧୁ ! ବର୍ତ୍ତମାନ ପନିପରିବାରେ ମାତ୍ରାଧିକ କୀଟନାଶକ ପ୍ରୟୋଗ ଆମ ସମସ୍ତଙ୍କ ସାସ୍ଥ୍ୟକୁ ନଷ୍ଟ କରିବାରେ ଲାଗିଛି । କୀଟନାଶକ ପ୍ରୟୋଗ ହୋଇ ନ ଥିବା ଅବା କୀଟନାଶକଶୂନ୍ୟ ପନିପରିବା ବଜାରରୁ ଚିହ୍ନି କିଣିବା ଖାଉଟିଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରୁଛି । ପନିପରିବା ଭିତରେ ବାଇଗଣରେ ସର୍ବାଧିକ କୀଟନାଶକ ପ୍ରୟୋଗ ହେଉଥିବାରୁ, ଏହି ସମସ୍ୟାକୁ ବାଇଗଣ ମାଧ୍ୟମରେ ବୁଝିବାକୁ ଚେଷ୍ଟା କରିବା ଆସନ୍ତୁ । ଓଡ଼ିଶାର ପ୍ରାୟ ସବୁ ଜିଲାରେ ବାଇଗଣ ଚାଷ ହୁଏ । ମାତ୍ର ଏହି ଫସଲରେ ଏକ ମୁଖ୍ୟ ସମସ୍ୟା ହେଲା ବାଇଗଣ ଫଳ ଓ କାଣ୍ଡବିନ୍ଧା ପୋକ । ଗଛରେ ଏହି ପୋକ ଲାଗିଲେ ବାଇଗଣକୁ ପୋକା କରିଦିଅନ୍ତି । ଏହାର ବଜାର ଦର କମିଯାଏ ଏବଂ ଚାଷୀଙ୍କର ବିପୁଳ କ୍ଷତି ହୁଏ । ସେହିପରି କାଣ୍ଡବିନ୍ଧା ପୋକ ଗଛର ଅଗ୍ରଭାଗକୁ ଭିତରୁ ଖାଇଦେବା ଦ୍ୱାରା ଡାଳଟି ସମ୍ପୂର୍ଣ୍ଣ ଶୁଖି ଯାଏ । ଫଳରେ ଗଛରେ ନୂଆ ଫୁଲ ଧରେନି । ସେଥିପାଇଁ ଚାଷୀଭାଇମାନେ କୀଟନାଶକ ପ୍ରୟୋଗ କରନ୍ତି । ଏହି କୀଟନାଶକ ମୁଖ୍ୟତଃ ଦୁଇ ପ୍ରକାର । ପ୍ରଥମଟି ସର୍ବାଙ୍ଗଭେଦୀ କୀଟନାଶକ ଓ ଦ୍ୱିତୀୟଟି ସ୍ପର୍ଶଭେଦୀ କୀଟନାଶକ । ସର୍ବାଙ୍ଗଭେଦୀ କୀଟନାଶକ ଗଛରେ କେଉଁ ଏକ ଅଙ୍ଗରେ (ପତ୍ର, ଡାଳ, ଫୁଲ ଓ ଫଳ ଇତ୍ୟାଦି) ପଡିଲେ ବି ସମଗ୍ର ଗଛକୁ ପ୍ରବେଶ କରେ ଓ ଫଳ ମଧ୍ୟରେ ଘୂରିବୁଲେ । ପୋକ ଗଛର ଯେଉଁ ଅଂଶ ଖାଇଲେ ବି ମରିଯାଏ । ଏହା ସବୁଠୁ ମାରାତ୍ମକ । ଅନ୍ୟ ପକ୍ଷରେ ସ୍ପର୍ଶଭେଦୀ କୀଟନାଶକ ଗଛର ଯେଉଁ ଅଂଶରେ ପଡେ ସେଠି ରହେ ଓ ତାକୁ ବିଷାକ୍ତ କରାଏ । ଗଛର ଅନ୍ୟ ଅଂଶ ବିଷମୁକ୍ତ ଥାଏ । ଏହା ପ୍ରଥମ ତୁଳନାରେ ଅନେକ ଭଲ । ପ୍ରଥମଟିରେ ପୋକ ସମ୍ପୂର୍ଣ୍ଣ ମରିଯାଏ କିନ୍ତୁ ସେଥିରୁ ମିଳୁଥିବା ପନିପରିବାରେ କୀଟନାଶକର ମାତ୍ରା ରହୁ ଥିବାରୁ ସେସବୁ ଖାଇବା ଦ୍ୱାରା ଶରୀରରେ ନାନାବିଧ ରୋଗ ଯଥା କ୍ୟାନ୍‌ସର ପ୍ରଭୃତି ହେବା ସମ୍ଭାବନା ଅଧିକ ଥାଏ ।

ପରିସଂଖ୍ୟାନରୁ ଜଣାଯାଏ ଓଡ଼ିଶାରେ ବର୍ଷକୁ ପ୍ରାୟ ୧୨୪୦୦ କୁଇଣ୍ଟାଲ ଆକ୍ଟିଭ ଇନଗ୍ରେଡିଏଣ୍ଟ କୀଟନାଶକ ବ୍ୟବହାର ହୁଏ । ବଜାରରେ ଉପଲବ୍ଧ ବ୍ୟବସାୟିକ ଉତ୍ପାଦ ହିସାବକୁ ନେଲେ ଏହି ପରିମାଣ ୨/୩ ଗୁଣରୁ ଅଧିକ ହେବ । ଆମ ଦେଶରେ ବାଇଗଣ ଫସଲରେ ଉତ୍ପାଦନ ଋତୁରେ ହେକ୍ଟର ପିଛା ୪.୬ କିଲୋ କୀଟନାଶକ ଦ୍ରବ୍ୟଗୁଣ (ଆକ୍ଟିଭ ଇନଗ୍ରେଡିଏଣ୍ଟ ଅର୍ଥାତ ୯.୨ରୁ ୧୩.୮ କିଲୋ ବଜାର ଉପଲବ୍ଧ କୀଟନାଶକ ବ୍ୟବହାର କରାଯାଉଛି । ଏହା ସ୍ୱାସ୍ଥ୍ୟ



ଓ ପରିବେଶ ପ୍ରତି ହାନିକାରକ । ଏହି ରାସାୟନିକ କୀଟନାଶକ ପରିବେଶରେ ଥିବା ଲାଭଦାୟକ କୀଟ ଯଥା ମହୁମାଛି, ଭଅଁର, ପ୍ରଜାପତି ଆଦିକୁ ମାରିଦିଅନ୍ତି । ସେମାନଙ୍କ ସଂଖ୍ୟା କମିଗଲେ ଯେଉଁ ଫସଲ ବା ଫଳ ଗଛରେ ପୃଥକ ପୃଥକ ମାଈ ଓ ଅଣ୍ଡିରା ଫୁଲ ଫୁଟେ (ଯଥା ବୋଇତାଳୁ, ଜହ୍ନି, କାକୁଡି, କଲରା ପ୍ରଭୃତି) ସେଠାରେ ପରାଗ ସଂଗମ ଠିକ୍ ଭାବେ ହୋଇ ନ ପାରିବାରୁ ଅମଳ କମିଯାଏ । କାରଣ ଏହି ଉପକାରୀ କୀଟ ମୁଖ୍ୟତଃ ପରାଗ ସଙ୍ଗମ କରିଥାନ୍ତି ।

ପୋକା ବାଇଗଣର ଅର୍ଥ ହେଉଛି ସେଥିରେ ରାସାୟନିକ କୀଟନାଶକ ପ୍ରୟୋଗ ହୋଇ ନାହିଁ । ବାଇଗଣ ପୋକ ହୋଇଛି ଅର୍ଥ ସେଥିରେ କୀଟନାଶକ ସିଞ୍ଚନ କରାଯାଇନାହିଁ । ପୋକା ବାଇଗଣରେ ପୋକ କୌଣସି ପ୍ରକାର କ୍ଷତିକାରକ ରାସାୟନିକ ପଦାର୍ଥ ଛାଡ଼ି ନଥାଏ । ପୋକା ବାଇଗଣ କିଣି ଘରେ କାଟି ପୋକା ଅଂଶ ଓ ପୋକ ବାହାର କରି ଫିଙ୍ଗିଦିଅନ୍ତୁ । ଭଲ ଅଂଶକୁ ତରକାରି କରି ଖାଆନ୍ତୁ । ଏହା ଜୈବିକ ଉତ୍ପାଦ ଭଳି ସ୍ୱାସ୍ଥ୍ୟପ୍ରଦ । ଅଜାଣତରେ ଯଦି ପୋକର ଅଂଶ କିମ୍ବା ପୋକ ତରକାରିରେ ରହିଯାଏ, ତା ହେଲେ ଏହା ଶରୀର ପାଇଁ କ୍ଷତିକାରକ ନୁହେଁ । ଆମେ ସାଧାରଣତଃ ପୋକା ବାଇଗଣ କିଣନ୍ତିନି । ମାତ୍ର ଥରେ ଭାବିକି ଦେଖନ୍ତୁ ତ ଦେଶୀ କୁକୁଡ଼ା ପୋକ, ଯୋକ, ଖରାପ ଜିନିଷ କେତେ କ'ଣ ନ ଖାଉଛି ? ମାତ୍ର ତା' ମାଂସକୁ ତ ଆମେ ଆଗ୍ରହରେ ଖାଉଛନ୍ତି । ସେହିପରି ଘୁଷୁରି କେତେ ପଚା, ଶଢ଼ା ଖରାପ ଖାଦ୍ୟ ସବୁ ଖାଉଛି । ମାତ୍ର ଆମେ ତା'ର ମାଂସକୁ ତ ଆରାମରେ ଖାଉଛନ୍ତି, କିନ୍ତୁ ଯେଉଁ ପୋକ ଫୁଲ, ଫଳ, ପନିପରିବା, ମକରନ୍ଦ ଇତ୍ୟାଦି ଖାଉଛି, ତାକୁ ବହୁତ ଘୃଣା କରୁଛନ୍ତି । ଏହା ଆମ ମାନସିକତାର ସମସ୍ୟା । ପୋକା ବାଇଗଣ କିଣି ଖାଇବାରେ ଅସୁବିଧା ନାହିଁ । ଆପଣମାନେ ରୋଗରେ ପଡ଼ିବେ ନାହିଁ । ପୋକା ବାଇଗଣକୁ ବଜାରରୁ ଉଚିତ ମୂଲ୍ୟ ଦେଇ କିଣନ୍ତୁ । ବଜାରରେ ପୋକା ବାଇଗଣ ଅଧିକ ଦରରେ ବିକ୍ରି ହେଲେ ଚାଷୀ ଭାଇ ଆଉ ବାଇଗଣ କିଆରିରେ ଅଧିକ କୀଟନାଶକ ପ୍ରୟୋଗ କରିବେ ନାହିଁ । ଜମିରେ କୀଟନାଶକ ପ୍ରୟୋଗ ନ ହେଲେ ଉପକାରୀ ଜୀବଙ୍କ ସଂଖ୍ୟା ବଢିବ ଓ ଭଲ ପରାଗ ସଂଗମ ହେବା ଦ୍ୱାରା ଫସଲ ଉତ୍ପାଦନ ଅଧିକ ହେବ । ଆମ ପରିବେଶ ସୁସ୍ଥ ରହିବ । ଆମ ମାଟି ପାଣି ପବନ ଇତ୍ୟାଦି ପ୍ରଦୂଷଣ ମୁକ୍ତ ରହିବ । ମାଟିରେ କୀଟନାଶକ ମାତ୍ରା କମିଲେ ଜିଆ ଓ ଜୈବ ପଦାର୍ଥ ବିବନ୍ଧକ କୀଟଙ୍କ ସଂଖ୍ୟା ବୃଦ୍ଧି ହେବ, ଯାହାକି ପରିବେଶ ସୁରକ୍ଷାରେ ବିଶେଷ ଭାବେ ସହାୟକ ହେବ । ଆମକୁ ଏ ବିଷୟରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି ।

କିଛି ଦିନ ପୂର୍ବେ ଓଡ଼ିଶାର ଏକ ପ୍ରମୁଖ ବାଇଗଣ ଚାଷ ହେଉଥିବା ଅଞ୍ଚଳରେ ମୁଁ ଚାଷୀଙ୍କ ସହିତ ଭାବ ବିନିମୟ ସମୟରେ ଜାଣିବାକୁ ପାଇଲି ଯେ ଏବେକାର ଚାଷୀମାନେ ବାଇଗଣରେ ପୋକ ଲାଗିବା ଆଗରୁ ସତର୍କତାମୂଳକ କୀଟନାଶକ ସିଞ୍ଚନ କରୁଛନ୍ତି । ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ମନୁଷ୍ୟ କ୍ଷେତ୍ରରେ ମଧ୍ୟ ସତର୍କତାମୂଳକ ଔଷଧ ଖାଇବାର ବ୍ୟବସ୍ଥା ନାହିଁ କେବଳ ଟିକା ନେବାର ବ୍ୟବସ୍ଥା ଅଛି । ବାଇଗଣ କ୍ଷେତ୍ରରେ ଏହା ସମ୍ପୂର୍ଣ୍ଣ ଭୁଲ୍ । ଦ୍ୱିତୀୟରେ ବାଇଗଣ କିଆରିରେ ବାଇଗଣରେ ପୋକ ଲାଗିଲେ କୀଟନାଶକ ସିଞ୍ଚନ କରିବା କଥା ନୁହେଁ । ଯେତେବେଳେ ଏହା ଅର୍ଥନୈତିକ କ୍ଷତି ସୀମା ଟପିବ ତା' ପରେ ଯାଇ କୀଟନାଶକ ସିଞ୍ଚନ କରିବା ଦରକାର । ବାଇଗଣ ପାଇଁ ଅର୍ଥନୈତିକ କ୍ଷତି ସୀମା ହେଉଛି ସମଗ୍ର କିଆରିରେ ଶତକଡା ୫ ଭାଗ ପୋକା ବାଇଗଣ ଦୃଶ୍ୟମାନ ହେବା କିମ୍ବା ଶତକଡା ୦.୫ରୁ ୧ ଭାଗ ଗଛ ଅଗ ନଷ୍ଟ ହେବା । ତେଣୁ ଚାଷୀଭାଇ ସେହି ଅନୁସାରେ କୀଟନାଶକ ପ୍ରୟୋଗ କରିବା ଦରକାର । ଏ ତ ଗଲା ବାଇଗଣ କଥା । ଭେଣ୍ଡି, ଫୁଲକୋବି, ବନ୍ଧାକୋବି ଭଳି ସବୁ ପନିପରିବାର କାହାଣୀ ବାଇଗଣ ପରି । ଆମେ ଅଣରାସାୟନିକ ପଦ୍ଧତିରେ କୀଟ ଦମନ କରିପାରିଲେ ସର୍ବୋତ୍ତମ । ମାତ୍ର ପୋକା ଫଳ ଓ ପନିପରିବାକୁ ନିକୃଷ୍ଟ ଭାବିବା ଠିକ୍ ନୁହେଁ । ପୋକା ଫଳ ଓ ପନିପରିବାକୁ ଘୃଣା କରିବା ମାନବ ସମାଜର ଏକ ବଡ଼ ଅଜ୍ଞତା । ତାକୁ ଆମର ମିଳିତ ପ୍ରୟାସରେ ଦୂର କରିବାକୁ ହେବ । ଗଣମାଧ୍ୟମ, ପ୍ରଶାସକ ଏବଂ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏ ଦିଗରେ ସଚେତନତା ସୃଷ୍ଟି କରିପାରିଲେ ଟନ୍ ଟନ୍ ରାସାୟନିକ ବିଷ ଖାଦ୍ୟରେ ପ୍ରୟୋଗ କରିବାକୁ ପଡିବନି ଏବଂ ଚାଷୀର ଚାଷ ଖର୍ଚ୍ଚ ମଧ୍ୟ ବଢ଼ିବ ନାହିଁ ।

**ପ୍ରଧାନ ବୈଜ୍ଞାନିକ, ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ , ଭୁବନେଶ୍ୱର**
**ମୋ: ୮୯୧୭୪୨୬୪୪୦**

# ସହସ୍ର ରୂପରେ, ସହସ୍ର କ୍ଷେତ୍ରରେ ମଧୁସୂଦନ




ସୀତାଂଶୁ ମୋହନ ଦ୍ୱିବେଦୀ

ଉତ୍କଳଗୌରବ ମଧୁସୂଦନ ଏବଂ ଉତ୍କଳମଣି ଗୋପବନ୍ଧୁ ଉଭୟ ଥିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଉତ୍ସର୍ଗୀକୃତ ପ୍ରାଣ । ଓଡ଼ିଆ ଭାଷା ଅଞ୍ଚଳକୁ ନେଇ ଏକ ନୂତନ ଓଡ଼ିଶା ପ୍ରଦେଶ ଗଠନ ହୋଇପାରିଲେ ଓଡ଼ିଆ ଜାତି ଓ ଓଡ଼ିଆ ଭାଷାର ସର୍ବାଙ୍ଗୀନ ଉନ୍ନତି ହୋଇପାରିବ । ଏହି ଲକ୍ଷ୍ୟରେ ମଧୁସୂଦନ ଓ ଗୋପବନ୍ଧୁ ଉତ୍କଳ ସମ୍ମିଳନୀ ଜରିଆରେ ମଧ୍ୟପ୍ରଦେଶ, ବଙ୍ଗ ଏବଂ ମାନ୍ଦ୍ରାଜ ସହିତ ଯୋଡ଼ି ହୋଇ ରହିଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଲଢ଼େଇ କରିଥିଲେ ।

ପ୍ରଖ୍ୟାତ ଜାତୀୟବାଦୀ ନେତା ତଥା ଜଣେ ବିଶିଷ୍ଟ ଆଇନଜ୍ଞ ଓ ଦେଶବତ୍ସଳ ନାୟକ ରୂପେ ମଧୁସୂଦନ ଦାସଙ୍କର ଓଡ଼ିଶା ପାଇଁ ସର୍ବଶ୍ରେଷ୍ଠ ଅବଦାନ ରହିଥିଲା । ଜାଗ୍ରତ ପ୍ରହରୀ ମଧୁସୂଦନଙ୍କର ଓଡ଼ିଶା ପ୍ରତି ଅତୁଳନୀୟ ଅବଦାନ ଥିଲେ ମଧ୍ୟ ରାଷ୍ଟ୍ରମର୍ଯ୍ୟାଦା ପାଇବାରୁ ସେ ବଞ୍ଚିତ ହୋଇଛନ୍ତି । ସେଥିପାଇଁ ସମସ୍ତେ ମଧୁବାବୁଙ୍କ ଜନ୍ମଦିବସକୁ ଓକିଲ ଦିବସରେ ସୀମିତ ନ ରଖି ତାକୁ ରାଷ୍ଟ୍ର ଦିବସ ରୂପେ ପାଳନ କଲେ ତାଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ । ମଧୁବାବୁ ଥିଲେ ଏକାଧାରରେ ଜଣେ ସମାଜ ସଂସ୍କାରକ, ସାହିତ୍ୟ ସାଧକ, ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା, ଶିଳ୍ପୋଦ୍ୟୋଗୀ, କଳାପ୍ରେମୀ, ଶିକ୍ଷାବିତ୍, ଦାର୍ଶନିକ, ବ୍ୟବସ୍ଥାପକ, ଜନନାୟକ ଏବଂ ରାଷ୍ଟ୍ରନାୟକ । ମଧୁବାବୁ ପ୍ରଥମ ଓଡ଼ିଆ ଗ୍ରାଜୁଏଟ୍, ପ୍ରଥମ ଓଡ଼ିଆ ଏମ୍.ଏ. । ସେ ଥିଲେ ପ୍ରଥମ ବିଲାତ ଯାତ୍ରୀ, ପ୍ରଥମ ଓଡ଼ିଆ ଓକିଲ । ସେ ଥିଲେ ପ୍ରଥମ ଓଡ଼ିଆ ମନ୍ତ୍ରୀ ଏବଂ ମନ୍ତ୍ରୀପଦ ଅବୈତନିକ ଦାବି କରି ଇସ୍ତଫା ଦେବାରେ ଭାରତର ପ୍ରଥମ ମନ୍ତ୍ରୀ । ଛୋଟଲାଟ୍ ସଭା ଏବଂ ବଡ଼ଲାଟ୍ ସଭାରେ ସେ ଥିଲେ ପ୍ରଥମ ଓଡ଼ିଆ ସଦସ୍ୟ । ସେ ଥିଲେ ପ୍ରଥମ ଭାରତୀୟ ଖ୍ରୀଷ୍ଟିଆନ୍ ମଣ୍ଡଳର ସଭାପତି ।

ମଧୁସୂଦନ ଯେଉଁସବୁ ଅନୁଷ୍ଠାନଗୁଡ଼ିକର ପ୍ରତିଷ୍ଠାତା ଥିଲେ, ତାଙ୍କର ସୁଦୀର୍ଘ ତାଲିକାରେ ପ୍ରଥମ ହେଉଛି ଉତ୍କଳ ସମ୍ମିଳନୀ (୧୯୦୩) । ଅନ୍ୟଗୁଡ଼ିକ ହେଲା ଓଡ଼ିଆ ସାହିତ୍ୟ ମଞ୍ଚ, ଉତ୍କଳ ସାହିତ୍ୟ ସମାଜ (୧୯୦୩), କୃଷକମାନଙ୍କ ସୁରକ୍ଷାର ପ୍ରଥମ ଅନୁଷ୍ଠାନ ପ୍ରଜା ପରିଷଦ (୧୯୦୯), ଉତ୍କଳ ଟ୍ୟାନେରୀ (୧୯୦୫), ତାଳଗୁଡ଼ ସଂସ୍ଥା (୧୯୦୪), ନାରୀ ଜାଗରଣ ପାଇଁ ବାଳିକା ଉଚ୍ଚ ବିଦ୍ୟାଳୟ (୧୯୦୮), ତନ୍ତଶିଳ୍ପ ପ୍ରଶିକ୍ଷଣ କେନ୍ଦ୍ର (୧୯୦୫), ତାରକସି ଶିଳ୍ପର ଉନ୍ନୟନ ପାଇଁ ଓଡ଼ିଶା ଆର୍ଟସ୍‌ର ପ୍ରତିଷ୍ଠାନ (୧୮୯୭), ପ୍ରାଦେଶିକ ସ୍ତରରେ କ୍ରୀଡ଼ାର ଉନ୍ନୟନ ଓ ସଂଗଠନ ପାଇଁ ଓଡ଼ିଶା ସ୍ଥାୟୀ ରଙ୍ଗମଞ୍ଚ (୧୮୮୭), ବିହାରୀବାଗରେ ପ୍ରଥମ ଶାସ୍ତ୍ରୀୟ ଓଡ଼ିଆ ସଙ୍ଗୀତ ଆସର (୧୮୮୨) ଇତ୍ୟାଦି । ଓଡ଼ିଶାବାସୀଙ୍କ ପାଇଁ ଆଇନଜୀବୀ ଭାବରେ ମଧୁସୂଦନ ଦାସଙ୍କ ଗୌରବୋଜ୍ଜ୍ୱଳ ଅବଦାନ ହେଲା ବ୍ରିଟିଶ୍ ସରକାରଙ୍କ ଲୁଟ୍ ଏବଂ ଚକ୍ରାନ୍ତମୂଳକ ଆକ୍ରମଣରୁ ଶ୍ରୀଜଗନ୍ନାଥ ମନ୍ଦିରକୁ ସୁରକ୍ଷା ପ୍ରଦାନ ସହିତ ଗଜପତି ପରମ୍ପରାକୁ ସ୍ୱୀକୃତି ପ୍ରଦାନ ମହନୀୟ ବ୍ୟବସ୍ଥା ଗ୍ରହଣ । ଏହାଛଡ଼ା ମାନସିଂହ ପାଟଣା ଡକାୟତି ମୋକଦ୍ଦମା, ଖଣ୍ଡପଡ଼ା ଓ କେନ୍ଦୁଝରର ରାଜାଙ୍କ ମୋକଦ୍ଦମା, ସୂର୍ଯ୍ୟମଣି ପାଟଦେଇ, ପଟିଆ ରାଜା, ପୁରୀ ରାଜା ରାମଚନ୍ଦ୍ର ଦେବ ପ୍ରମୁଖଙ୍କ ପୋଷ୍ୟପୁତ୍ର ଗ୍ରହଣ ମୋକଦ୍ଦମାରେ ମଧୁବାବୁ ବିଜ୍ଞତା ଏବଂ କାର୍ଯ୍ୟ ଦକ୍ଷତାର ପରିଚୟ ଦେଇଛନ୍ତି । ମଧୁସୂଦନଙ୍କଠାରୁ ଆରମ୍ଭ ହୋଇଛି ଓଡ଼ିଆମାନଙ୍କ ରାଜନୈତିକ ପରମ୍ପରା ଓ ପ୍ରଥମେ ଓଡ଼ିଆମାନଙ୍କୁ ମିଳିଥିଲା ରାଜନୈତିକ କ୍ଷେତ୍ରରେ ପ୍ରବେଶ କରିବାର ମୁକ୍ତ ଅଧିକାର । ଓଡ଼ିଶାର



ପ୍ରାଣ ପ୍ରତିଷ୍ଠାତା, କୁଳବୃଦ୍ଧ ମଧୁସୂଦନଙ୍କର ସମଗ୍ର ଭାରତବର୍ଷରେ ଅନେକ ଭାବଗ୍ରାହୀ ପ୍ରଶଂସକ ଥିଲେ । ସେମାନଙ୍କ ମଧ୍ୟରେ ଜାତିର ଜନକ ମହାତ୍ମା ଗାନ୍ଧୀ, ପଣ୍ଡିତ ମୋତିଲାଲ ନେହରୁ, ଦେଶବନ୍ଧୁ ଚିତ୍ତ ରଞ୍ଜନ ଦାସ, ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁ, ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ଅଗ୍ରଗଣ୍ୟ । ଦେଶମାତୃକାର ସେବାରେ ନିୟୋଜିତ କରିବାରେ ତାଙ୍କ ଅବଦାନ ଅତୁଳନୀୟ ।

୧୯୦୩ରେ ମଧୁବାବୁ କଂଗ୍ରେସରୁ ଅଲଗା ହୋଇ ଉତ୍କଳ ସମ୍ମିଳନୀ ଗଠନ କରିଥିଲେ । ଓଡ଼ିଆ ଭାଷା ଅଞ୍ଚଳକୁ ଏକତ୍ର କରି ନୂତନ ଓଡ଼ିଶା ରାଜ୍ୟ ଗଠନ ନିମନ୍ତେ ଆପ୍ରାଣ ଚେଷ୍ଟା କରିଥିଲେ । ସେତେବେଳେ ଓଡ଼ିଶାର କିଛି ଅଂଶ ପଶ୍ଚିମବଙ୍ଗ ସହିତ ଏବଂ ଆଉ କିଛି ଅଂଶ ବିହାର ଓ ମଧ୍ୟପ୍ରଦେଶ ସହିତ ମିଶି ରହିଥିଲା । ମଧୁସୂଦନଙ୍କ ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇ ଇଂରେଜ ସରକାର ୧୯୦୪ରେ ତାଙ୍କୁ 'ଭାରତ ସାମ୍ରାଜ୍ୟର ସଖା' ଉପାଧିରେ ଭୂଷିତ କରିଥିଲେ । ବଙ୍ଗ, ବିହାର, ମଧ୍ୟପ୍ରଦେଶ ଓ ମାନ୍ଦ୍ରାଜ ସହିତ ମିଶି ରହିଥିବା ଉତ୍କଳର ବିଭିନ୍ନ ଅଞ୍ଚଳକୁ ମିଶାଇବା ଲାଗି ଯେଉଁ ଆନ୍ଦୋଳନ ହୋଇଆସୁଥିଲା, ତାହା ଓଡ଼ିଆ ଆନ୍ଦୋଳନ ନାମରେ ପରିଚିତ । ୧୮୯୫ରେ ସାର୍ ଜନ୍ ଉଡ୍ କର୍ଣ୍ଣ ସମ୍ବଲପୁରରୁ ଓଡ଼ିଶା ଭାଷା ଉଠାଇ ହିନ୍ଦୀଭାଷା ପ୍ରଚଳନ ପାଇଁ ଆଦେଶ ଦେଇଥିଲେ । ମଧୁବାବୁଙ୍କ ଅଦମ୍ୟ ପ୍ରଚେଷ୍ଟା ଫଳରେ ୧୯୦୬ରେ ସମ୍ବଲପୁର ଉତ୍କଳ ସହିତ ମିଶ୍ରଣ ହୋଇଥିଲା । ଉତ୍କଳ ସମ୍ମିଳନୀ ଓ ଓଡ଼ିଆ ପତ୍ରିକା ମାଧ୍ୟମରେ ଅବହେଳିତ ଉତ୍କଳର ସ୍ୱାଭିମାନ ଫେରାଇ ଆଣିବା ପାଇଁ ସେ ଆନ୍ଦୋଳନ ଚଳାଇ ଆସିଥିଲେ । ମଧୁବାବୁ ମଧ୍ୟ ସାଇମନ୍ କମିଶନ, ଓଡନେଲ କମିଟି ଓ ହବାକ୍ କମିଟି ଆଗରେ ସାକ୍ଷ୍ୟ ଦେଇଥିଲେ । ୧୯୨୭ରେ ସାଇମନ୍ କମିଶନ ଆଗରେ ମଧୁବାବୁ ତାଙ୍କର ଅନ୍ୟ ସହଯୋଗୀ ବନ୍ଧୁମାନଙ୍କ ସହିତ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଯଥାର୍ଥତା ଜଣାଇଥିଲେ । ୧୯୩୧ରେ ସରକାର 'ଓଡନେଲ କମିଟି' ମାଧ୍ୟମରେ ଓଡ଼ିଶାର ନ୍ୟାଯ୍ୟ ଦାବି ସମ୍ପର୍କରେ ଅନୁସନ୍ଧାନ କଲେ । ଏହି କମିଟି ସୁପାରିସ ଅନୁଯାୟୀ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ହୋଇପାରିଲା । ୧୯୩୬ ଏପ୍ରିଲ ପହିଲାରେ ମଧୁବାବୁଙ୍କର ସ୍ୱପ୍ନର ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟର ସମ୍ମାନ ହାସଲ କଲା । କିନ୍ତୁ ତା' ପୂର୍ବରୁ ମଧୁବାବୁ ମୃତ୍ୟୁବରଣ କରିଥିଲେ ।

ମଧୁସୂଦନ ଥିଲେ ସ୍ୱଦେଶୀ ଶିଳ୍ପୀ ଆନ୍ଦୋଳନର ପ୍ରଥମ ପ୍ରବର୍ତ୍ତକ । ତେଣୁ ସେ ତାରକସି ଶିଳ୍ପର ବିକାଶ ପ୍ରତି ଯଥେଷ୍ଟ ଦୃଷ୍ଟି ଦେଇଥିଲେ । ମଧୁବାବୁ ଓଡ଼ିଶାର ଚମଡ଼ା କାରିଗରମାନଙ୍କର ମାନରେ ଉନ୍ନତି ଆଣିବା ପାଇଁ କଟକରେ ୧୯୦୫ରେ 'ଉତ୍କଳ ଟ୍ୟାନେରୀ' ନାମରେ ଚମଡ଼ା ଶିଳ୍ପ କାରଖାନା ଗଢ଼ିଥିଲେ । ସେ ନିଜେ ସେହି ଚମଡ଼ା କାରଖାନାରେ ଅନ୍ୟାନ୍ୟ କାରିଗରଙ୍କ ସହ ଶାରୀରିକ ପରିଶ୍ରମ କରୁଥିଲେ । ମଧୁବାବୁ ମନେକରିଥିଲେ ଯେ, ଯଦି ଓଡ଼ିଶା ନିର୍ମିତ ଜୋତା ଉଚ୍ଚମାନ ରକ୍ଷା ନ କରେ, ତା'ହେଲେ ତାହା ଓଡ଼ିଆ ଜାତି ପ୍ରତି ଲଜ୍ଜାକର ହେବ । ମଧୁବାବୁ ହେଉଛନ୍ତି ଓଡ଼ିଶାର ଚିରକାଳର ବର୍ତ୍ତମାନ, ଯାହାଙ୍କର ନିରବଚ୍ଛିନ୍ନ ଅବଦାନ ଓଡ଼ିଶାକୁ ମହିମାମଣ୍ଡିତ କରିଛି । ଯେତେ ଦିନ ପର୍ଯ୍ୟନ୍ତ ଓଡ଼ିଶା ତିଷ୍ଠି ରହିଥିବ, ମୁକୁଟବିହୀନ ସମ୍ରାଟ ଉତ୍କଳ ଗୌରବ ମଧୁବାବୁ ମୃତ୍ୟୁଞ୍ଜୟ ହୋଇ ରହିଥିବେ । ମଧୁବାବୁଙ୍କ ପ୍ରଚେଷ୍ଟା ଯୋଗୁ ଭାରତୀୟ ନାରୀମାନେ ପାଇଥିଲେ ଆଇନଜୀବୀ ବୃତ୍ତି ଗ୍ରହଣର ଯୁଗାନ୍ତକାରୀ ଅଧିକାର ୧୯୨୩ ସାଲରେ ।

ଓଡ଼ିଶାର ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନାରେ ଇଂରେଜ ସରକାରଙ୍କର ଅଧିକାରକୁ ପ୍ରତିହତ କରିଥିଲେ ମଧୁସୂଦନ ଆଇନଗତ ସଂଗ୍ରାମରେ, ଯେଉଁଥିପାଇଁ ସମଗ୍ର ଓଡ଼ିଆ ଜାତି ତାଙ୍କ ନିକଟରେ କୃତଜ୍ଞ ରହିବ । ଏହାଛଡ଼ା ମଧୁସୂଦନ ଥିଲେ ଗଡ଼ଜାତ ଶାସନ ବ୍ୟବସ୍ଥାର ଦୃଢ଼ ସମାଲୋଚକ । ଭାରତର ପ୍ରଖ୍ୟାତ ଜାତୀୟବାଦୀ ନେତା ମଧୁବାବୁଙ୍କର ଜଣେ ଦେଶବତ୍ସଳ ନାୟକ ରୂପେ ସର୍ବଶ୍ରେଷ୍ଠ ଅବଦାନ ଥିଲା । ଜଣେ ଆଇନଜୀବୀ ଭାବେ ତାଙ୍କ ଭୂମିକା ଅତ୍ୟନ୍ତ ପ୍ରେରଣାଦାୟକ ତଥା ଗରିମାମୟ, ଯାହା ଦେଶବାସୀଙ୍କୁ କାଳକାଳକୁ ମାର୍ଗଦର୍ଶନ କରୁଥିବ ।

**ମୋ: ୯୯୩୭୦୮୦୦୦୧**

## ଏଇ ଭାରତରେ

ଖରାଦିନେ ପୋଷାକ ଖଣ୍ଡେ ପିନ୍ଧି ନିତିଦିନିଆ କାମ କରୁଥିବେ, କିଛି ସମୟ ପରେ ଦେହରେ ଆପେଆପେ ଏସିର ଥଣ୍ଡା ପବନ ବାଜିବା ଭଳି ଅନୁଭବ ହେବ । ଏମିତି ଏକ କଥାକୁ କଳ୍ପନା ବୋଲି ଭାବୁଛନ୍ତି କି! ଆଦୌ ନୁହେଁ । ବିହାରର ଭାଗଲପୁରରେ ଏପରି ଏକ ସ୍ୱତନ୍ତ୍ର ଧରଣର କପଡା ପ୍ରସ୍ତୁତ କରାଯାଇଛି, ଯାହା ଥଣ୍ଡା ଅନୁଭବ ଆଣିଦେଇପାରିବ । ଏଠାକାର ବୁଣାକାରମାନେ ଖରାଦିନ ପାଇଁ ସ୍ୱତନ୍ତ୍ରଭାବେ ଏଭଳି ବିଭିନ୍ନ ପ୍ରକାର କପଡା ତିଆରି କରିଛନ୍ତି । ଜଣେ ବୁଣାକାର ହେମନ୍ତ କୁମାର କହିଛନ୍ତି ଯେ ସାରା ଦେଶରେ ଭାଗଲପୁର କପଡାର ସ୍ୱତନ୍ତ୍ର ଚାହିଦା ରହିଛି । ତେଣୁ କିଛି ନୂଆ ଢଙ୍ଗରେ କପଡା ତିଆରି କରିବା ପାଇଁ ବୁଣାକାରମାନେ ସବୁବେଳେ ଚେଷ୍ଟା କରନ୍ତି । ଏବେ ଖରାଦିନ ପାଇଁ ଏଭଳି କପଡା ତିଆରି ହୋଇଛି, ଯେଉଁଥିରେ ପୋଷାକ ତିଆରି କରି ପିନ୍ଧିଲେ ଆଦୌ ଗରମ ଅନୁଭବ ହେବ ନାହିଁ । ବିଶେଷକରି ଏହା କଟନ ଓ ସ୍ୱତନ୍ତ୍ର ପ୍ରକାରର ସିଲ୍କ କପଡାରେ ତିଆରି କରାଯାଇଛି । ଏହି କପଡା ଶରୀରରୁ ବାହାରୁଥିବା ଝାଳକୁ ତୁରନ୍ତ ଗ୍ରହଣ କରିନେବ । ତେଣୁ କପଡାର ବିଶେଷତ୍ୱ ଅନୁସାରେ ଅଳ୍ପ ପବନ ବାଜିଲେ ତାହା ଶରୀରକୁ ଏକପ୍ରକାର ଥଣ୍ଡା ଅନୁଭବ ଦେବ । ତା'ଛଡା ଏହାକୁ ପିନ୍ଧିଲେ ଆରାମ ଅନୁଭବ ସହିତ ତ୍ୱଚାର କୌଣସି ସମସ୍ୟା ମଧ୍ୟ ଦେଖାଦେବ ନାହିଁ । ତେଣୁ ଅନ୍ୟ ଅର୍ଥରେ କହିଲେ ଏହି କପଡାରୁ ତିଆରି ପୋଷାକକୁ ଏକ ଚଳନ୍ତା ଏସି କହିଲେ ବି ଭୁଲ ହେବ ନାହିଁ । ତେବେ ଅନ୍ୟ କପଡା ଭଳି ଏଥିରେ ନିଜ ଇଚ୍ଛା ଅନୁସାରେ ବିଭିନ୍ନ ଡିଜାଇନ୍ ପୋଷାକ ବି ତିଆରି କରିହେବ ।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ଏପ୍ରିଲ ୧୯୭୬

- ଦେଶରେ ଖୋଟ ଶିଳ୍ପ ପାଇଁ କେନ୍ଦ୍ର ସରକାରଙ୍କ ୨୦ ଜଣିଆ ଏକ ଦ୍ୱିପାକ୍ଷିକ ଶିଳ୍ପ କମିଟି ଗଠନ ।
- ସୋଭିଏତ୍ ରୁଷିଆର ପ୍ରତିରକ୍ଷା ମନ୍ତ୍ରୀ ମାର୍ଶାଲ ଆଣ୍ଡ୍ରି ଆଣ୍ଟନୋଭିକ ଗ୍ରେଚକୋଙ୍କ ୭୨ ବର୍ଷ ବୟସରେ ପରଲୋକ ।
- ଭିଏନ୍‌ତିଏନ୍ ପ୍ରଦେଶର ସାମଖେ ଜେଲ ଭିତରେ ୫ ଶହରୁ ଅଧିକ ରାଜନୈତିକ ବନ୍ଦୀଙ୍କ ସଶସ୍ତ୍ର ସଂଘର୍ଷ ଘଟାଇ ଜେଲରୁ ପଳାୟନ ।

## ଚିରନ୍ତନୀ

ସେ କାଳ ଏକାଳ ପୀରତିରେ ସିନା
ବଦଳି ଗଲାଣି ବାହାର ରୂପ
ସବୁରି ତଳରେ ସତ ଯାହା ଅଛି
କହିବାର ନୁହେଁ, ରହିବା ଚୁପ ।
-(ପ୍ରେମର ଅର୍ଥ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | 3 | | | 1 | |
| | | | | | 8 | | | |
| 1 | | | | 7 | 9 | | | 6 |
| | 1 | | | | | | | 5 |
| | | 3 | | | | | | 2 |
| 9 | | | 2 | | 7 | 4 | | |
| | | 4 | | 2 | | | | |
| | | | 4 | | | 5 | | 7 |
| | 5 | | | 8 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 1 | 5 | 8 | 9 | 2 | 7 | 3 |
| 9 | 3 | 8 | 4 | 2 | 7 | 1 | 6 | 5 |
| 5 | 2 | 7 | 6 | 1 | 3 | 8 | 4 | 9 |
| 1 | 5 | 3 | 8 | 9 | 4 | 6 | 2 | 7 |
| 2 | 7 | 4 | 3 | 6 | 1 | 5 | 9 | 8 |
| 6 | 8 | 9 | 2 | 7 | 5 | 4 | 3 | 1 |
| 8 | 9 | 6 | 1 | 3 | 2 | 7 | 5 | 4 |
| 3 | 1 | 5 | 7 | 4 | 6 | 9 | 8 | 2 |
| 7 | 4 | 2 | 9 | 5 | 8 | 3 | 1 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିଚାର ଆଜି ଅବିଚାର ପଛାରେ ଧାବମାନ

ମହାଶୟ,

ଭାରତ ଭୂଇଁରେ ବିଚାରକ, ନ୍ୟାୟ ଓ ସମ୍ବିଧାନର ମୂଲ୍ୟବୋଧ ଆଜି କଳଙ୍କିତ । ନିନ୍ଦନୀୟ ବିଷୟ ଏହି ଯେ କିଛିଦିନ ତଳେ ଜଣେ ଭାରତୀୟ ବରିଷ୍ଠ ବିଚାରପତିଙ୍କ ଘରୁ ରହସ୍ୟପୂର୍ଣ୍ଣ ଭାବେ ଅଧା ପୋଡ଼ିଯାଇଥିବା ଲକ୍ଷ ଲକ୍ଷ ଟଙ୍କାବିଡ଼ାକୁ ଜବତ କରାଯାଇଛି । ଏହା ଯେତିକି ଦୁଃଖଦ ସେତିକି ଆଶ୍ଚର୍ଯ୍ୟଜନକ ଘଟଣା । ଏହାକୁ ଭାରତର ଜନତା ଦେଖିପାରିଲେ ଏବଂ ଆଲୋଚନା, ସମାଲୋଚନା କଲେ । ଆଜି ଭାରତ ଜଳିକଦିରେ ତୀବ୍ର ଅସନ୍ତୋଷ ସହିତ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି । ଗୋଟିଏ ବିଶେଷ କଥା ଭାରତୀୟ ସମ୍ବିଧାନର କ'ଣ ମୂଲ୍ୟ କିଛି ନାହିଁ ?

-ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ନୀତି ରାଜନୀତି

# ଆତଙ୍କବାଦ ନିରୋଧୀ ଲଢ଼େଇରେ ଦେଶବାସୀ ଏକଜୁଟ୍: ଭାଜପା



ଭଦ୍ରକର ଧାମରାଠାରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟମାନେ 'ମନ୍ କୀ ବାତ୍' ଶୁଣୁଛନ୍ତି।

ଭୁବନେଶ୍ୱର, ୨୭।୪(ରବିନାରାୟଣ ଜେନା)

ମନ୍ କୀ ବାତ୍ କାର୍ଯ୍ୟକ୍ରମର ୧୨୧ତମ ସଂସ୍କରଣରେ ଜମ୍ମୁ ଓ କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ବର୍ବରୋଚିତ ଆକ୍ରମଣ ଘଟଣାକୁ ମନେ ପକାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଃଖବ୍ୟକ୍ତ କରିଛନ୍ତି। ପୀଡ଼ିତ ଏବଂ ସେମାନଙ୍କ ପରିବାର ପ୍ରତି ପ୍ରଧାନମନ୍ତ୍ରୀ ସମବେଦନା ଜଣାଇଛନ୍ତି। ତେବେ ଆତଙ୍କବାଦ ନିରୋଧୀ ଲଢ଼େଇରେ ପୂରା ଦେଶବାସୀ ପ୍ରଧାନମନ୍ତ୍ରୀଙ୍କ ସହ ଅଛନ୍ତି ବୋଲି ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ କହିଛନ୍ତି।

ସେ କହିଛନ୍ତି ଯେ, ଭାଜପା ସରକାର ଜମ୍ମୁ-କଶ୍ମୀରରୁ ୩୭୦ ଉଚ୍ଛେଦ କରି ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଭାବେ ଘୋଷଣା କରିବା ପରେ ସେଠାରେ ଶାନ୍ତି ଫେରୁଥିଲା। ପର୍ଯ୍ୟଟକଙ୍କ ସଂଖ୍ୟାରେ ଅଭୁତପୂର୍ବ ବୃଦ୍ଧି ସହ ସ୍ଥାନୀୟ ଲୋକଙ୍କ ରୋଜଗାର ବଢ଼ୁଥିଲା। ହେଲେ ଆତଙ୍କବାଦୀମାନେ ଏହାକୁ ସହି ନ ପାରି ଧର୍ମ ଆଧାରରେ କଶ୍ମୀରରେ ଯେଉଁ ଅମାନବୀୟ କାଣ୍ଡ କଲେ ତାହାକୁ ନିନ୍ଦା କରୁଛି। ନିରୀହ ପର୍ଯ୍ୟଟକଙ୍କୁ ଆକ୍ରମଣ କରି ଆତଙ୍କବାଦୀମାନେ ନିଜର କାପୁରୁଷତାର ପରିଚୟ ଦେଇଛନ୍ତି। ସେମାନଙ୍କୁ ଜବାବ ଦେବାପାଇଁ ଏବଂ ଆଗକୁ ଦେଶର ହିତ ଲାଗି ପ୍ରଧାନମନ୍ତ୍ରୀ ଯାହା ସବୁ ପଦକ୍ଷେପ ନେବେ ସେଥିରେ ସମସ୍ତଙ୍କ ପୂର୍ଣ୍ଣ ସହଯୋଗ ରହିବ ବୋଲି ଭଦ୍ରକ ଧାମରାଠାରେ ମନ୍ କୀ ବାତ୍ କାର୍ଯ୍ୟକ୍ରମ ଶୁଣିବା ଅବସରରେ ମନମୋହନ ଏହା କହିଛନ୍ତି।

# କଂଗ୍ରେସର ଆଜି ସମ୍ବିଧାନ ବଞ୍ଚାଅ ଆନ୍ଦୋଳନ

ଭୁବନେଶ୍ୱର, ୨୭।୪(ରବିନାରାୟଣ ଜେନା)

ସମ୍ବିଧାନର ଡୋରରେ ଦେଶବାସୀ ବନ୍ଧା। ହେଲେ କେନ୍ଦ୍ର ଏବଂ ରାଜ୍ୟରେ ଭାଜପା ସରକାର ତିଳେ ହେଲେ ସମ୍ବିଧାନକୁ ଖାତିର କରୁନାହାନ୍ତି। ଏଥିପାଇଁ ସୋମବାର ରାଜ୍ୟ କଂଗ୍ରେସ ତରଫରୁ ସମ୍ବିଧାନ ବଞ୍ଚାଅ ଅଭିଯାନ କାର୍ଯ୍ୟକ୍ରମ ଜୋରଦାର କରାଯିବ ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି। ରବିବାର ସରକାରୀ ବାସଭବନରେ ଖବରଦାତା ସମ୍ମିଳନୀରେ କାଡାମ କହିଥିଲେ, ରାଜ୍ୟରେ ନାରୀ ନିର୍ଯାତନା ଦିନକୁ ଦିନ ବଢ଼ି ଚାଲିଛି। ଶିଶୁ ଚୋରି ଏବେ ନିତିଦିନିଆ ଘଟଣା ହୋଇଗଲାଣି। ହେଲେ ରାଜ୍ୟ ସରକାର ଏଦିଗରେ ଯେଭଳି ଠୋସ୍ ପଦକ୍ଷେପ ଉଠାଇବା କଥା ତାହା କରୁ ନାହାନ୍ତି। ନାରୀଙ୍କୁ ନ୍ୟାୟ ଦେବା ବଦଳରେ ଚୁପ୍ ବସୁଛନ୍ତି। ତେଣୁ ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଡକର, ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସମ୍ମାନାର୍ଥେ ସୋମବାର ଗାନ୍ଧୀମାର୍ଗରେ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ସମ୍ବିଧାନ ବଞ୍ଚାଅ ଆନ୍ଦୋଳନକୁ ଜୋରଦାର କରାଯିବ।

ସେ କହିଛନ୍ତି ଯେ, ପର୍ଯ୍ୟାୟକ୍ରମେ ଜିଲାସ୍ତରରୁ ଆରମ୍ଭ କରି ପଞ୍ଚାୟତ କ୍ଷେତ୍ରରେ ମଧ୍ୟ ଏହି ଆନ୍ଦୋଳନକୁ ବ୍ୟାପକ କରାଯିବ। ପରେ କଂଗ୍ରେସ ନେତା ଏବଂ କର୍ମୀମାନେ ଘରକୁ ଘର ଯାଇ ସମ୍ବିଧାନ ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବେ। କାଡାମ କହିଥିଲେ, ରାଜ୍ୟରେ ଆଦିବାସୀ ଓ ପଛୁଆବର୍ଗଙ୍କୁ ସରକାର ଉପେକ୍ଷା କରି ଚାଲିଛନ୍ତି। ଆଗାମୀ ଦିନରେ ସେନେଇ ଆନ୍ଦୋଳନ କରାଯିବ। ରାଜ୍ୟରେ 'ପେସା' ଆଇନ ଯେଭଳି ଠିକଣା ଭାବେ କାର୍ଯ୍ୟକାରୀ ହେବ ଏବଂ ସମସ୍ତଙ୍କୁ ଉଚିତ ନ୍ୟାୟ ମିଳିବ ସେଥିପାଇଁ କଂଗ୍ରେସ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ।

# ମହିଳାଙ୍କ ସୁରକ୍ଷା ପାଇଁ ସଂଘର୍ଷ ଜାରି ରଖିବୁ: କଂଗ୍ରେସ

## ୧୦ମାସରେ ୨ହଜାର ନାରୀ ନିର୍ଯାତନା

ଭୁବନେଶ୍ୱର, ୨୭।୪(ରବିନାରାୟଣ ଜେନା)




କଂଗ୍ରେସ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ତଥ୍ୟ ଅନୁଧ୍ୟାନକାରୀ ଦଳ କମିଟି ଅଧ୍ୟକ୍ଷ ନଗେନ୍ଦ୍ର କୁମାର ପ୍ରଧାନ ଓ ଅନ୍ୟ ନେତାମାନେ।

ରାଜ୍ୟରେ ମୋହନ ସରକାର ଅମଳରେ ୨ହଜାର ନାରୀ ନିର୍ଯାତନାର ଶିକାର ହେଲେଣି ବୋଲି କଂଗ୍ରେସ ଅଭିଯୋଗ କରିଛି। ରବିବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କଂଗ୍ରେସର ତଥ୍ୟ ଅନୁଧ୍ୟାନକାରୀ ଦଳ କମିଟି ଅଧ୍ୟକ୍ଷ ନଗେନ୍ଦ୍ର କୁମାର ପ୍ରଧାନ କହିଛନ୍ତି, ରାଜ୍ୟରେ ହୁ ହୁ ହୋଇ ନାରୀ ନିର୍ଯାତନା ବଢ଼ି ଚାଲିଛି। ଏମିତି କି ଫେବୃଆରୀ ୨୧ ତାରିଖରୁ ଅଦ୍ୟାବଧି ଶତାଧିକ ନାବାଳିକା ମାତୃତ୍ୱ ଲାଭ କରିବା ଏବଂ ନିରୀହ ଶିଶୁମାନେ ବଳାତ୍କାର ଓ ହତ୍ୟାର ଶିକାର ହୋଇସାରିଲେଣି। ଗତ ୨୫ ତାରିଖରେ ଗଞ୍ଜାମର ପାଟପୁର ଥାନା ଅନ୍ତର୍ଗତ ୪ ବର୍ଷର ଶିଶୁକନ୍ୟାକୁ ବଳାତ୍କାର ପରେ ହତ୍ୟା ଘଟଣା ହେଉ ଅବା ଗତ ମାର୍ଚ୍ଚ ମାସ ଅନୁଗୋଳର ଦିସା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ ଅଞ୍ଚଳର ୬ ବର୍ଷର ଶିଶୁ କନ୍ୟାକୁ ବଳାତ୍କାର ପରେ ହତ୍ୟା ଘଟଣା କିମ୍ବା ଢେଙ୍କାନାଳର ହିନ୍ଦୋଳ ଥାନା ଅଞ୍ଚଳରେ ୭ ବର୍ଷର ଶିଶୁ କନ୍ୟାକୁ ଗଣବଳାତ୍କାର ଘଟଣା ହେଉ ଏହା ଭାଜପା ସରକାରଙ୍କ ଅପାରଗ ପଣିଆକୁ ଦର୍ଶାଉଛି।

ସେ କହିଛନ୍ତି, ଚଳିତବର୍ଷ ମାଟ୍ରିକ ପରୀକ୍ଷା ଚାଲୁଥିବା ବେଳେ ୨୧ ଫେବୃଆରୀରେ ମାଲକାନଗିରିର ଚିତ୍ରକୋଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟର ଜଣୈକ ନାବାଳିକା ଛାତ୍ରୀ ବିଦ୍ୟାଳୟର ଛାତ ଉପରେ ସନ୍ତାନ ପ୍ରସବ କରିବା ଘଟଣାଠାରୁ ଆରମ୍ଭ କରି ଯାଜପୁର ବରି ଥାନା ଅଞ୍ଚଳରେ ମାଟ୍ରିକ ପରୀକ୍ଷାର ଦ୍ୱିତୀୟଦିନ ୨୩ ଫେବୃଆରୀରେ ଜଣୈକ ଛାତ୍ରୀ ସନ୍ତାନ ପ୍ରସବ କରିବା ଘଟଣା ରାଜ୍ୟର ଆଇନଶୃଙ୍ଖଳା ବିଫଳତାକୁ ସ୍ପଷ୍ଟ ପ୍ରମାଣିତ କରୁଛି। ଏତେସବୁ ଘଟଣା ପରେ ବି ଭାଜପା ସରକାର ଚୁପ୍ ବସିଛି। ଏ ସରକାରଠାରୁ ଅଧିକା କିଛି ଆଶା ନ କରି ଓଡ଼ିଶାର ମା' ଭଉଣୀମାନେ ନିଜର ଆତ୍ମରକ୍ଷା ନିଜେ କରିବା ଉଚିତ ହେବ ବୋଲି ନଗେନ୍ଦ୍ର କହିଛନ୍ତ। ସେ କହିଛନ୍ତି, ଯେପର୍ଯ୍ୟନ୍ତ ରାଜ୍ୟର ପ୍ରତ୍ୟେକଟି ମହିଳାଙ୍କୁ ସୁରକ୍ଷା ନ ମିଳିଛି ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ଲଢ଼େଇ ଜାରି ରଖିବ। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ମୁଖପାତ୍ର ମନୋରଞ୍ଜନ ଦାଶ, ସଦସ୍ୟ ଆଇନଜୀବୀ ମାନସ ମଲ୍ଲିକ,କଂଗ୍ରେସର ବରିଷ୍ଠ ନେତା ଦେବାଶିଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଷ୍ଟାଲିନ୍‌ଙ୍କ କ୍ୟାବିନେଟ୍‌ରୁ ୨ ମନ୍ତ୍ରୀ ବିଦା

ଚେନ୍ନାଇ, ୨୭।୪

ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ କ୍ୟାବିନେଟ୍‌ରୁ ୨ ବରିଷ୍ଠ ମନ୍ତ୍ରୀଙ୍କୁ ବିଦା କରାଯାଇଛି। ସେନ୍ଥିଲ ବାଲାଜୀ ଏବଂ କେ. ପୋନ୍‌ମୁଡ଼ି ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ରାଜଭବନ ସୂତ୍ରରୁ ଜଣାପଡ଼ିଛି। ରାଜ୍ୟପାଳ ଆର୍.ଏନ୍. ରବି ସେମାନଙ୍କ ଇସ୍ତଫାପତ୍ରକୁ ଗ୍ରହଣ କରିଛନ୍ତି। ଫଳରେ ଏସ୍.ଏସ୍. ଶିବଶଙ୍କରଙ୍କୁ ଅତିରିକ୍ତ ଭାବେ ବିଦ୍ୟୁତ୍ ବିଭାଗ ଦିଆଯାଇଥିବାବେଳେ ଏସ୍. ମୁଥୁସାମି ଅବକାରୀ ବିଭାଗ ଦାୟିତ୍ୱରେ ରହିବେ। ଆର୍.ଏସ୍. ରାଜକନ୍ନପାନଙ୍କୁ ଜଙ୍ଗଲ ଓ ଖଦି ବିଭାଗ ମନ୍ତ୍ରୀ ଭାବେ ନିଯୁକ୍ତ କରାଯାଇଛି। ଏହା ବ୍ୟତୀତ ବିଧାୟକ ଟି. ମାନୋ ଥଙ୍ଗରାଜଙ୍କୁ କ୍ୟାବିନେଟ୍‌ରେ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ ସୁପାରିସ କରିଛନ୍ତି। ସୋମବାର ରାଜଭବନରେ ନୂଆ ମନ୍ତ୍ରୀ ଶପଥ ନେବେ।



ସେନ୍ଥିଲ ବାଲାଜୀ



କେ. ପୋନ୍‌ମୁଡ଼ି

ସୂଚନାଯୋଗ୍ୟ, ସେନ୍ଥିଲ ବାଲାଜୀ ଏବଂ କେ. ପୋନ୍‌ମୁଡ଼ି ଆଇନଗତ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ। ନିଯୁକ୍ତି ପାଇଁ ଟଙ୍କା କାରବାର ଦୁର୍ନୀତିରେ ସେନ୍ଥିଲ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଥିବାବେଳେ ସୁପ୍ରିମକୋର୍ଟ ଏହାର ଶୁଣାଣି କରିବାକୁ ଗୁରୁବାର ରାଜି ହୋଇଥିଲେ। ସେହିପରି ଶୈବ ଓ ବୈଷ୍ଣବ ଧର୍ମ ଏବଂ ମହିଳାଙ୍କ ବିରୋଧରେ କେ. ପୋନ୍‌ମୁଡ଼ି ଦେଇଥିବା ଘୃଣିତ ମନ୍ତବ୍ୟକୁ ମାଡ୍ରାସ ହାଇକୋର୍ଟ ନିଜଆଡୁ ବିଚାର ପାଇଁ ଗ୍ରହଣ କରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

# ୱେଭ୍ସ ୨୦୨୫ : ବିଶ୍ୱ ସୃଜନଶୀଳ ନେତୃତ୍ୱ ଦିଗରେ ଭାରତର ଉପଲବ୍ଧି



ଡକ୍ଟର ଏଲ୍ ମୁରୁଗନ
କେନ୍ଦ୍ର ସୂଚନା,ପ୍ରସାରଣ ଓ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ

ଭାରତ ସବୁବେଳେ କାହାଣୀ କହିବାର କଳାରେ ଉତ୍କର୍ଷ ହାସଲ କରିଛି। ରାମାୟଣ ଏବଂ ମହାଭାରତ ଭଳି କାଳାତୀତ ମହାକାବ୍ୟ ଅନେକ ପିଢ଼ିକୁ ନିଜ ଆଡ଼କୁ ଆକର୍ଷିତ କରିଛି। ଆମ ଆଖ୍ୟାନ ସବୁ ଏହି ଗାଥାଗୁଡ଼ିକ ଜରିଆରେ ଆଗକୁ ବଢ଼ିଛି। ଏସବୁ କାହାଣୀ ଦୁନିଆକୁ ଦେଖିବା ଲାଗି ଆମକୁ ଏକ ଭିନ୍ନ ଦୃଷ୍ଟିକୋଣ ଦେବା ସହିତ ସୃଜନଶୀଳତାର ପରିପ୍ରକାଶ କରି କଳାକାର ଏବଂ ଦୂରଦ୍ରଷ୍ଟାମାନଙ୍କର ଅନେକ ପିଢ଼ିକୁ ଅନୁପ୍ରାଣିତ କରିଛି। କାହାଣୀ କହିବାର ଏହି ଅନ୍ତର୍ନିହିତ ଉତ୍ସାହ ଏକ ସଶକ୍ତ ସୃଜନଶୀଳ ଆକାଂକ୍ଷା ରୂପରେ ବିକଶିତ ହୋଇଛି। ଏହା ଏବେ ଭାରତକୁ ବିଶ୍ୱ ଗଣମାଧ୍ୟମର ମହାଶକ୍ତି ରୂପରେ ବିକଶିତ ହେବାରେ ସହାୟତା କରୁଛି।

୧ରୁ ୪ ମେ' ୨୦୨୫ରେ ଆୟୋଜିତ ହେବାକୁ ଥିବା ପ୍ରଥମ ବିଶ୍ୱ ଦୃଶ୍ୟ-ଶ୍ରାବ୍ୟ ଓ ମନୋରଞ୍ଜନ ଶିଖର ସମ୍ମିଳନୀ(ୱେଭ୍ସ) ଭାରତକୁ ବିଶ୍ୱ ସୃଜନଶୀଳତାର ମଧ୍ୟଭାଗରେ ସ୍ଥାପନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପରିକଳ୍ପିତ ୱେଭ୍ସ ଏକ ପରିବର୍ତ୍ତନକାରୀ ଆନ୍ଦୋଳନ ଅଟେ ଏବଂ ଏହା ମିଡିଆ ଓ ମନୋରଞ୍ଜନ (ଏମ୍‌ଆଣ୍ଡଇ) ପରିଦୃଶ୍ୟକୁ ପୁନଃପରିଭାଷିତ କରିବ। ଭାରତର ମିଡିଆ ଓ ମନୋରଞ୍ଜନ ଉଦ୍ୟୋଗର ଆକାର ପ୍ରାୟ ୨.୭ ଟ୍ରିଲିୟନ ଟଙ୍କାରେ ପହଞ୍ଚିଛି। ଏଭଳି ସ୍ଥିତିରେ ୱେଭ୍ସ ୨୦୨୫ ସୃଜନଶୀଳତା, ନବୋନ୍ମେଷ ଏବଂ ଉଦ୍ୟମିତାରେ ଅଗ୍ରଣୀ ହେବା ଲାଗି ଆମ ସଂକଳ୍ପର ସଙ୍କେତ ଦେଇଥାଏ।

ଭାରତର କଣ୍ଟେଣ୍ଟ ବା ବିଷୟବସ୍ତୁ ନିର୍ମାଣ ପରିଦୃଶ୍ୟ ଏବେ ପାରମ୍ପରିକ ମିଡିଆରୁ ଏକ ସମ୍ପନ୍ନ ଡିଜିଟାଲ ପ୍ରଥମ ଇକୋସିଷ୍ଟମ୍‌ରେ ପରିବର୍ତ୍ତିତ ହୋଇସାରିଛି। ଏଥିସହିତ ଏବେ ଏହା ଷ୍ଟ୍ରିମିଂ ସେବା, ସୋସିଆଲ ମିଡିଆ ଏବଂ ଉଦୀୟମାନ ପ୍ରଯୁକ୍ତି ମାଧ୍ୟମରେ ବିଶ୍ୱ ସମ୍ପର୍କର ମଧ୍ୟ ବିସ୍ତାର କରୁଛି। ଭାରତରେ ବିଦେଶୀ ଚଳଚ୍ଚିତ୍ର ନିର୍ମାଣ ପାଇଁ ପ୍ରୋତ୍ସାହନ, ସହ-ନିର୍ମାଣ ରାଜିନାମା ଏବଂ ଚଳଚ୍ଚିତ୍ର ସୁବିଧା କାର୍ଯ୍ୟାଳୟ (ଏଫ୍‌ଏଫ୍‌ଓ) ଭଳି ସରକାରୀ ପଦକ୍ଷେପ ବିଶ୍ୱ ସୃଜନଶୀଳ ନିର୍ମାତାଙ୍କ ପାଇଁ ପସନ୍ଦଯୋଗ୍ୟ ଗନ୍ତବ୍ୟ ରୂପରେ ଭାରତର ସ୍ଥିତିକୁ ମଜଭୁତ କରିଥାଏ।

## ମିଡିଆ ଓ ମନୋରଞ୍ଜନର ପରିଦୃଶ୍ୟ ବଦଳୁଛି

ୱେଭ୍ସ ୨୦୨୫ ଭାରତର ଗଣମାଧ୍ୟମ ଏବଂ ମନୋରଞ୍ଜନ ଶିଳ୍ପ ପାଇଁ ଏକ ନୂତନ ଯୁଗର ଆରମ୍ଭକୁ ପ୍ରତିନିଧିତ୍ୱ କରେ। ସାରା ବିଶ୍ୱରୁ ଅଭିନବ ନିର୍ମାତା, ନୀତି ନିର୍ଦ୍ଧାରକ, କଳାକାର ଏବଂ ଶିଳ୍ପ ନେତୃବର୍ଗଙ୍କୁ ଏକାଠି କରି ଏହି ଶିଖର ସମ୍ମିଳନୀ ସହଯୋଗର ବାତାବରଣ ସୃଷ୍ଟି କରିଥାଏ। ଏଥିସହିତ ଏହା ମନୋରଞ୍ଜନର ସୃଷ୍ଟି, ବିତରଣ ଏବଂ ଅଭିଜ୍ଞତାକୁ ଏକ ନୂତନ ରୂପ ଦେବ।

ଏହି ପରିବର୍ତ୍ତନର ମୂଳରେ ୱେଭ୍ସ ୨୦୨୫ ଏବଂ ୱେଭ୍ସ ବଜାର ଏଭଳି ପଦକ୍ଷେପମାନ ରହିଛି। ୱେଭ୍ସ ୨୦୨୫ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଯେପରି କି ଗେମିଂ, ଆନିମେଶନ, ଏକ୍ସଟେଣ୍ଡେଡ ରିୟଲିଟି(ଏକ୍ସଆର), ଜେନେରେଟିଭ ଏଆଇ ଏବଂ ପରବର୍ତ୍ତୀ-ଜେନେରେଶନ କଣ୍ଟେଣ୍ଟ ପ୍ଲାଟଫର୍ମରେ କାର୍ଯ୍ୟ କରୁଥିବା ଷ୍ଟାର୍ଟଅପ୍‌ଗୁଡ଼ିକୁ ସଶକ୍ତ କରିଥାଏ। ଏହି ପଦକ୍ଷେପ ଷ୍ଟାର୍ଟଅପ୍ ପାଇଁ ସେମାନଙ୍କର ବିଚାର ପ୍ରଦର୍ଶନ କରିବା, ପ୍ରଶିକ୍ଷଣ ଲାଭ କରିବା ଏବଂ ଭେଞ୍ଚର ପୁଞ୍ଜିପତି ଏବଂ ସେଲିବ୍ରିଟି ଆଞ୍ଜେଲ ନିବେଶକଙ୍କ ସହ ବାର୍ତ୍ତାଳାପ ମାଧ୍ୟମରେ ପାଣ୍ଠି ସୁରକ୍ଷିତ କରିବା ପାଇଁ ଏକ ଆଧାର ସୃଷ୍ଟି କରେ। ଅନ୍ୟପକ୍ଷରେ, ୱେଭ୍ସ ବଜାର ଏକ ଗତିଶୀଳ ଇ-ମାର୍କେଟପ୍ଲେସ୍ ଭାବରେ କାର୍ଯ୍ୟ କରେ, ଯାହା ସୃଜନଶୀଳ ସ୍ରଷ୍ଟା, କ୍ରେତା ଏବଂ ବିକ୍ରେତାମାନଙ୍କୁ ଯୋଡ଼ିବା ପାଇଁ ପରିକଳ୍ପିତ। ଚଳଚ୍ଚିତ୍ର, ଟେଲିଭିଜନ, ଗେମିଂ, ବିଜ୍ଞାପନ ବ୍ୟତୀତ ୫,୫୦୦ରୁ ଅଧିକ କ୍ରେତା, ୨,୦୦୦ ବିକ୍ରେତା ଏବଂ ୧, ୦୦୦ ପଞ୍ଜୀକୃତ ପ୍ରକଳ୍ପ ସହିତ ଏହି ବଜାର ସ୍ୱତଃପ୍ରବୃତ୍ତ ସହଯୋଗ ଏବଂ ସୁଯୋଗ ଆବିଷ୍କାର କରିବାର ଏକ ସ୍ଥାନ। ପ୍ରକଳ୍ପ ଏବଂ ପେସାଦାରମାନେ ସୃଜନଶୀଳ ଅର୍ଥ ବ୍ୟବସ୍ଥାରେ ଠିକ୍ ସଂଯୋଗ, ନବସୃଜନ ଏବଂ ଅଭିବୃଦ୍ଧି ଯେପରି ପାଇପାରିବେ ତାହା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଦ୍ୱାରା ପରିଚାଳିତ ମ୍ୟାଚ ମେକିଂ ଏହା ସୁନିଶ୍ଚିତ କରିଥାଏ। ଏହି ମଞ୍ଚଗୁଡ଼ିକ ଏକ କାର୍ଯ୍ୟକ୍ରମ ପରିଚାଳନାଠାରୁ ଊର୍ଦ୍ଧ୍ୱରେ ପରିବର୍ତ୍ତନଶୀଳ ଇକୋସିଷ୍ଟମ୍ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ, ଯାହା ତରଙ୍ଗ ସମାପ୍ତ ହେବା ପରେ ମଧ୍ୟ ଗଣମାଧ୍ୟମ ଏବଂ ମନୋରଞ୍ଜନ କ୍ଷେତ୍ରକୁ ପ୍ରଭାବିତ କରିବ। ଏହା ଭାରତର ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମିରେ ଆଉ ଏକ ମାଇଲଖୁଣ୍ଟ ହେବ।

## ଯୁବବର୍ଗଙ୍କ ଲାଗି ଏକ ସ୍ୱର୍ଣ୍ଣିମ ମଞ୍ଚ

ଭାରତର ବୃହତ୍ ଯୁବବର୍ଗ ୱେଭ୍ସ ପଦକ୍ଷେପ ଦ୍ୱାରା ବ୍ୟାପକ ଭାବେ ଉପକୃତ ହେବେ। ହାରାହାରି ୨୯ ବର୍ଷ ବୟସ ସହିତ ଭାରତ କେବଳ ବିଶ୍ୱର ସର୍ବକନିଷ୍ଠ ଦେଶ ନୁହେଁ ବରଂ ସୃଜନଶୀଳତା ଏବଂ ନବସୃଜନ ଦୃଷ୍ଟିରୁ ସବୁଠାରୁ ଜୀବନ୍ତ ରାଷ୍ଟ୍ର ମଧ୍ୟ। 'ୱେଭ୍ସ ୨୦୨୫' ଯୁବପିଢ଼ିଙ୍କୁ ଏହାର ଦୂରଦୃଷ୍ଟିର ଅଗ୍ରଭାଗରେ ରଖିବା ସହିତ ଦକ୍ଷତା ବିକାଶ, ଉଦ୍ୟୋଗିତା ଏବଂ ବିଶ୍ୱସ୍ତରୀୟ ସହଯୋଗର ମାର୍ଗ ପ୍ରଶସ୍ତ କରିଥାଏ।

'କ୍ରିଏଟ ଇନ୍ ଇଣ୍ଡିଆ ଚ୍ୟାଲେଞ୍ଜ' ଏହି ପ୍ରତିବଦ୍ଧତାର ଏକ ଉଦାହରଣ। ୧୧୦୦ରୁ ଅଧିକ ଅନ୍ତର୍ଜାତୀୟ ଅଂଶଗ୍ରହଣକାରୀଙ୍କ ସହିତ ପ୍ରାୟ ୧,୦୦,୦୦୦ ପଞ୍ଜୀକରଣ ସହ ଏହି ପ୍ରତିଯୋଗିତା ନିଜର ସୃଜନଶୀଳତା ପ୍ରଦର୍ଶନ କରିବାକୁ ଆଗ୍ରହୀ ପ୍ରତିଭାଙ୍କର ଏକ ବିବିଧ ଗୋଷ୍ଠୀକୁ ଆକର୍ଷିତ କରିଛି। କ୍ରିଏଟୋସ୍ଫିୟର ଅଂଶବିଶେଷ ସ୍ୱରୂପ ପ୍ରତିଯୋଗୀମାନେ ଅଗ୍ରଣୀ ଶିଳ୍ପପତିଙ୍କ ସହ ଯୋଡ଼ିହେବା, ମାଷ୍ଟରକ୍ଲାସ୍‌ରେ ଭାଗନେବା ଏବଂ ବିଶ୍ୱସ୍ତରୀୟ ପରିଚୟ ହାସଲ କରିବାର ବ୍ୟାପକ ସୁଯୋଗ ପାଇବେ।

ଏହାବ୍ୟତୀତ ମୁମ୍ବାଇରେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ରିଏଟିଭ ଟେକ୍ନୋଲୋଜି (ଆଇଆଇସିଟି)ର ପ୍ରତିଷ୍ଠା ଭାରତର ଯୁବକମାନଙ୍କ ଭବିଷ୍ୟତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିବେଶର ପ୍ରତୀକ। ଦକ୍ଷତା ବିକାଶ ଏବଂ ନବସୃଜନ ପାଇଁ ଏକ ବୈଶ୍ୱିକ ଉତ୍କର୍ଷ କେନ୍ଦ୍ର ଭାବେ ଆଇଆଇସିଟି ସୃଜନଶୀଳତା ଏବଂ ପ୍ରଯୁକ୍ତିବିଦ୍ୟା ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବ, ଯାହାଦ୍ୱାରା ଯୁବ ଭାରତୀୟଙ୍କ ପାଖରେ ଗଣମାଧ୍ୟମ ଏବଂ ମନୋରଞ୍ଜନ ଉଦ୍ୟୋଗର ବର୍ଦ୍ଧିତ ଚାହିଦାକୁ ପୂରଣ କରିବାରେ ଦକ୍ଷତା ସୁନିଶ୍ଚିତ ହୋଇପାରିବ।

## ଦୀର୍ଘସ୍ଥାୟୀ ବିକାଶ ପାଇଁ ବିଶ୍ୱସ୍ତରୀୟ ସହଯୋଗ

ଶିଖର ସମ୍ମିଳନୀରେ 'ବିଶ୍ୱ ଗଣମାଧ୍ୟମ ବିତର୍କ' ମଧ୍ୟ ସାମିଲ ହେବ। ଏହା ବିଶ୍ୱସ୍ତରୀୟ ନେତୃତ୍ୱ, ନୀତି ନିର୍ଦ୍ଧାରକ, କଳାକାର ଏବଂ ଶିଳ୍ପ ପେସାଦାରମାନଙ୍କୁ ଏକାଠି କରିବ । ଏହି ବିତର୍କ କେବଳ ଆଲୋଚନା ସନ୍ଦର୍ଭରେ ନୁହେଁ ବରଂ ଅନ୍ତର୍ଜାତୀୟ ସହଯୋଗ, ନୈତିକ ଅଭ୍ୟାସ ଏବଂ ନବସୃଜନ ପାଇଁ ରଣନୀତି ବିକାଶ ସହିତ ମଧ୍ୟ ଜଡ଼ିତ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସିଇଓ ଏବଂ ଶିଳ୍ପ ଅଂଶୀଦାରମାନଙ୍କ ସହିତ ନିର୍ଦ୍ଧାରିତ ବାର୍ତ୍ତାଳାପ ପ୍ରଭାବଶାଳୀ ଭାଗୀଦାରି ଆରମ୍ଭ କରିବ ବୋଲି ଆଶା କରାଯାଉଛି, ଯାହା ଆଗାମୀ ବର୍ଷଗୁଡ଼ିକରେ ଭାରତକୁ ଉପକୃତ କରିବ।

## ବିକଶିତ ଭାରତ ପାଇଁ ଦୃଷ୍ଟିକୋଣ

ୱେଭ୍ସ ୨୦୨୫ କେବଳ ଏକ ଆୟୋଜନ ନୁହେଁ, ଏହା ଏକ ବିକଶିତ ଭାରତର ଲକ୍ଷ୍ୟକୁ ସାକାର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ଭାରତ ଏକ ବିକଶିତ ରାଷ୍ଟ୍ର ଭାବରେ ସୃଜନଶୀଳତା ଏବଂ ନବସୃଜନରେ ବିଶ୍ୱର ନେତୃତ୍ୱ ନେଉଛି। ବିବିଧତାକୁ ପ୍ରୋତ୍ସାହିତ କରିବା, ପ୍ରଯୁକ୍ତିବିଦ୍ୟାକୁ ଆଗକୁ ବଢ଼ାଇବା ଏବଂ ଯୁବକମାନଙ୍କୁ ସଶକ୍ତ କରିବା ମାଧ୍ୟମରେ ୱେଭ୍ସ ୨୦୨୫ ଭାରତକୁ ଏକ ପ୍ରତିଭା କେନ୍ଦ୍ର ଭାବରେ ପ୍ରତିଷ୍ଠିତ କରିଛି, ଯାହା ଏହାର ସୃଜନଶୀଳ ଅର୍ଥ ବ୍ୟବସ୍ଥାକୁ ନିରନ୍ତର ଭାବରେ ବୃଦ୍ଧି କରିବାରେ ସକ୍ଷମ।

ୱେଭ୍ସ ୨୦୨୫ ସୃଜନଶୀଳ ଉଦ୍ୟୋଗର ଅସୀମ ସମ୍ଭାବନାକୁ ସୁଦୃଢ଼ କରିବ। ଆମର ଉତ୍କୃଷ୍ଟ ପ୍ରତିଭା, ବୈଷୟିକ ଦକ୍ଷତା ଏବଂ ସାଂସ୍କୃତିକ ସମୃଦ୍ଧି ପ୍ରଦର୍ଶନ କରିବା ଲାଗି ଏହା ଏକ ଉତ୍ତମ ସୁଯୋଗ। ପରମ୍ପରା ଏବଂ ପ୍ରଯୁକ୍ତିବିଦ୍ୟାର ସଙ୍ଗମ ମାଧ୍ୟମରେ ବିଶ୍ୱର ସୃଜନଶୀଳ ଇକୋସିଷ୍ଟମ୍‌କୁ ପୁନଃ ପରିଭାଷିତ କରିବାରେ ଭାରତର ଦୃଷ୍ଟିକୋଣର ଏହା ମଧ୍ୟ ଏକ ପ୍ରମାଣ।

ଫୁର୍‌ସତ୍

# ବାପାଙ୍କ ମୃତଦେହକୁ କାଠ ଆଲମିରାରେ ଲୁଚାଇ ରଖିଥିଲେ ୨ ବର୍ଷ

## ଅନ୍ତିମ ସଂସ୍କାର ଖର୍ଚ୍ଚରୁ ବର୍ତ୍ତିବାକୁ ଚାହୁଁଥିବା ଜାପାନୀ ବ୍ୟକ୍ତି ଗିରଫ

ଟୋକିଓ

ଜାପାନର ଜଣେ ରେଷ୍ଟୁରାଣ୍ଟ ମାଲିକ ନୋବୁହିକୋ ସୁଜୁକି (୫୬) ନିଜ ବାପାଙ୍କ ମୃତ୍ୟୁ ପରେ ଅନ୍ତିମ ସଂସ୍କାର ଖର୍ଚ୍ଚରୁ ବର୍ତ୍ତିବା ପାଇଁ ୨ ବର୍ଷ ଧରି ଘରର କାଠ ଆଲମିରାରେ ତାଙ୍କ ମୃତଦେହକୁ ଲୁଚାଇ ରଖିଥିଲେ। ସାଉଥ୍ ଚାଇନା ମର୍ନିଂ ପୋଷ୍ଟରେ ଏନେଇ ଏକ ରିପୋର୍ଟ ପ୍ରକାଶ ପାଇଛି, ଯାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

ରିପୋର୍ଟ ଅନୁଯାୟୀ, ନିକଟରେ ଟୋକିଓରେ ଥିବା ସୁଜୁକିଙ୍କ ଚାଇନିଜ୍ ରେଷ୍ଟୁରାଣ୍ଟ ସପ୍ତାହେ ଯାଏ ବନ୍ଦ ରହିବା ପରେ ପଡ଼ୋଶୀମାନେ ଚିନ୍ତିତ ହୋଇ ପୋଲିସକୁ ଖବର ଦେଇଥିଲେ।



ନୋବୁହିକୋ ସୁଜୁକି

ତଦନ୍ତ ପାଇଁ ପୋଲିସ ସୁଜୁକିଙ୍କ ଘରେ ପହଞ୍ଚିଥିଲା। ଘରର କାଠ ଆଲମିରାରୁ ପୋଲିସକୁ ଏକ କଙ୍କାଳ ମିଳିଥିଲା। ଘଟଣାକୁ ନେଇ ପୋଲିସ ପଚରାଉଚରା କରିବାରୁ ସୁଜୁକି ପୂରା ଘଟଣାକୁ ଉନ୍ମୋଚନ କରିଥିଲେ, ଯାହା ପୋଲିସର ହୋସ୍ ଉଡ଼ାଇ ଦେଇଥିଲା। ସୁଜୁକି ପୋଲିସକୁ କହିଥିଲେ, ୨୦୨୩ ଜାନୁଆରୀରେ ତାଙ୍କ ବାପାଙ୍କ ୮୬ ବର୍ଷ ବୟସରେ ମୃତ୍ୟୁ ଘଟିଥିଲା। ଜାପାନରେ ଅନ୍ତିମ ସଂସ୍କାର ଖର୍ଚ୍ଚ ଖୁବ୍ ମହଙ୍ଗା ଥିବାରୁ ସେ ଶବ ସଂସ୍କାର ନ କରି ତାଙ୍କ ମୃତଦେହକୁ ଘରର କାଠ ଆଲମିରା ମଧ୍ୟରେ ଲୁଚାଇ ରଖିଥିଲେ। ତେବେ ସୁଜୁକିଙ୍କ ବାପାଙ୍କ ମୃତ୍ୟୁ କିପରି ଘଟିଥିଲା ସେନେଇ ଏବେ ମଧ୍ୟ ସ୍ଥିତି ଅସ୍ପଷ୍ଟ ଥିବା ପୋଲିସ କହିଛି। ସୁଜୁକିଙ୍କ ଅନୁଯାୟୀ, ୨୦୨୩ ଜାନୁଆରୀରେ ଏକଦା ସେ କାମ ସାରି ଘରକୁ ଫେରିବା ସମୟରେ ତାଙ୍କ ବାପାଙ୍କର ମୃତ୍ୟୁ ହୋଇଯାଇଥିବା ଦେଖିବାକୁ ପାଇଥିଲେ। ସେତେବେଳେ ମୃତଦେହ ତଳେ ପଡ଼ିରହିଥିଲା। ପୋଲିସ ଶନିବାର ସୁଜୁକିଙ୍କୁ ଗିରଫ କରିଛି। ବାପାଙ୍କ ପେନ୍‌ସନ୍ ଅର୍ଥ ଆତ୍ମସାତ୍ କରିବା ଅଭିଯୋଗରେ ତାଙ୍କୁ ପଚରାଉଚରା କରାଯାଉଥିବା ପୋଲିସ କହିଛି। ସମ୍ପୂର୍ଣ୍ଣ ଘଟଣାର ତଦନ୍ତ ଜାରି ରହିଛି। ଏବେ ଏହି ଘଟଣା ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି। ଅତିରିକ୍ତ ପେନ୍‌ସନ୍ ପାଇବା ପାଇଁ ସୁଜୁକି ନିଜ ବାପାଙ୍କୁ ହତ୍ୟା କରିଥାଇପାରନ୍ତି ବୋଲି ସୋସିଆଲ ମିଡିଆରେ କେତେଜଣ ୟୁଜର୍ସ ସନ୍ଦେହ ପ୍ରକଟ କରିଛନ୍ତି।

# ଆଜି 'ୱାର୍ଲ୍ଡ ଡେ ଫର୍ ସେଫ୍ଟି ଆଣ୍ଡ୍ ହେଲ୍‌ଥ ଆଟ୍ ୱାର୍କ୍'




ପରିବାର ପ୍ରତିପୋଷଣ ହେଉ ଅବା ନିଜେ ସ୍ୱାବଲମ୍ବୀ ହେବାର ଆକାଂକ୍ଷା ପୂରଣ ପାଇଁ ବର୍ତ୍ତମାନ ସମୟରେ ପ୍ରାୟ ସମସ୍ତେ ଘରୁ ବାହାରି କାମ କରିବାକୁ ପସନ୍ଦ କରୁଛନ୍ତି। ସରକାରୀ ଚାକିରି ହେଉ କିମ୍ବା କୌଣସି ଘରୋଇ ସଂସ୍ଥା ବା କମ୍ପାନୀରେ ସୁସ୍ଥ ଏବଂ ସୁରକ୍ଷିତ ବାତାବରଣରେ କାମ କରିବାକୁ ସମସ୍ତଙ୍କର ଇଚ୍ଛା ଥାଏ। ମାତ୍ର ଅନେକ ସମୟରେ କର୍ମକ୍ଷେତ୍ରରେ ମହିଳା ହେଉ କି ପୁରୁଷ ନିର୍ଯାତନାର ଶିକାର ହେଉଛନ୍ତି। ଅସୁରକ୍ଷିତ ପରିବେଶରେ କାମ କରିବାକୁ ବାଧ୍ୟ କରାଯାଉଛି। ଏପରିକି କାମ ଚାପ ଯୋଗୁ କର୍ମଚାରୀମାନେ ନିଜ ଦକ୍ଷତା ପ୍ରଦର୍ଶନ କରି ନ ପାରି ଜୀବନ ହାରିବା ଭଳି ଘଟଣାର ନଜିର ରହିଛି। ତେଣୁ ଏ ଦିଗରେ କର୍ମଚାରୀଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ ପ୍ରତିବର୍ଷ ଏପ୍ରିଲ ୨୮କୁ 'ୱାର୍ଲ୍ଡ ଡେ ଫର୍ ସେଫ୍ଟି ଆଣ୍ଡ୍ ହେଲ୍‌ଥ ଆଟ୍ ୱାର୍କ୍' ବା କାର୍ଯ୍ୟସ୍ଥଳରେ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ପାଇଁ ବିଶ୍ୱ ଦିବସ ପାଳନ କରାଯାଉଛି। ୨୦୦୩ ଏପ୍ରିଲ୍ ୨୮ରେ ପ୍ରଥମଥର ଇଣ୍ଟରନାଶନାଲ୍ ଲେବର ଅର୍ଗାନାଇଜେଶନ୍ (ଆଇଏଲ୍‌ଓ) ଏହି ଦିନଟିକୁ ବିଧିବଦ୍ଧ ଭାବେ ପାଳନ କରିଥିଲା। ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି 'ସ୍ୱାସ୍ଥ୍ୟ ଏବଂ ସୁରକ୍ଷାରେ କ୍ରାନ୍ତି: କାର୍ଯ୍ୟସ୍ଥଳରେ ଏଆଇ ଏବଂ ଡିଜିଟାଲାଇଜେଶନ୍‌ର ଭୂମିକା'। କର୍ମଚାରୀଙ୍କ ଜୀବନ ଏବଂ ସ୍ୱାସ୍ଥ୍ୟର ସୁରକ୍ଷା କରିବା, କମ୍ପାନୀଗୁଡିକୁ କର୍ମଚାରୀଙ୍କ ପାଇଁ ଉତ୍ତମ ସେଫ୍‌ଟି ପ୍ରାକ୍ଟିସେସ୍ ଗ୍ରହଣ କରିବାକୁ ସଚେତନ କରିବା, ଦୃଢ ସୁରକ୍ଷିତ ଆଇନ ପ୍ରଣୟନ ପାଇଁ ସରକାରଙ୍କୁ ଅବଗତ କରାଇବା, କାର୍ଯ୍ୟସ୍ଥଳକୁ ସୁସ୍ଥ ଏବଂ ଚିନ୍ତାମୁକ୍ତ ଜୋନ୍ ଭାବେ ପରିଣତ କରିବା ଆଦି ବିଭିନ୍ନ ପ୍ରସଙ୍ଗ ହେଉଛି ଏହି ଦିବସ ପାଳନର ମୁଖ୍ୟ ଆଭିମୁଖ୍ୟ।

–ବନ୍ଦନା ସେଠୀ, ଭୁବନେଶ୍ୱର

### ଏମାନଙ୍କ ମତରେ...

**କାମ ଚାପ ଉଭୟ କର୍ମଚାରୀ, କମ୍ପାନୀ ପାଇଁ କ୍ଷତି ପହଞ୍ଚାଏ**

କର୍ମସ୍ଥଳ ଯେତେ ସୁରକ୍ଷିତ ଏବଂ ଚାପମୁକ୍ତ ହେବ, କାମ କରିବାକୁ ସେତେ ଆଗ୍ରହ ସୃଷ୍ଟି ହେବ। ମାତ୍ର ଆଜିକାଲିର ପ୍ରତିଯୋଗିତାମୂଳକ ମାର୍କେଟରେ ସବୁ ଜାଗାରେ କେବଳ କାମର ଚାପ। ତେଣୁ ଅଧିକାଂଶ ସମୟରେ କର୍ମଚାରୀମାନେ ଚାପର ବଶବର୍ତ୍ତୀ ହୋଇ ଗୁଣଯୁକ୍ତ କାମ କରିପାରନ୍ତି ନାହିଁ। ଚାପଗ୍ରସ୍ତ ହେବା ଫଳରେ ସମ୍ପୃକ୍ତ ବ୍ୟକ୍ତିର କର୍ମମୟ ଏବଂ ବ୍ୟକ୍ତିଗତ ଜୀବନ ବିଗିଡିବା ସହିତ କମ୍ପାନୀର ମଧ୍ୟ କ୍ଷତି ହୋଇଥାଏ।

–ନଟବର ବେହେରା, କର୍ମଜୀବୀ, ଭୁବନେଶ୍ୱର

**କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉ**

ଅଧିକାଂଶ କର୍ମଚାରୀ ଏଭଳି ଏକ ଦିନ ବିଷୟରେ ଅବଗତ ନାହାନ୍ତି। କେତେକ ସ୍ଥାନରେ କାର୍ଯ୍ୟସ୍ଥଳରେ କର୍ମଚାରୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉନାହିଁ। ବିଶେଷକରି ଫ୍ୟାକ୍ଟ୍ରିଗୁଡିକରେ ଏଭଳି ସ୍ଥିତି ଲାଗି ରହୁଛି। ମାତ୍ର ସଚେତନତା ଅଭାବରୁ ସେମାନେ ଏନେଇ ମ୍ୟାନେଜ୍‌ମେଣ୍ଟ ପାଖରେ ଅଭିଯୋଗ କରିବାକୁ ପଛାଉଛନ୍ତି। ସରକାରୀ, ବେସରକାରୀ, କମ୍ପାନୀଗୁଡିକରେ କର୍ମଚାରୀଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଆଗଲେ ହିଁ ଏହି ଦିବସ ପାଳନର ଉପଯୁକ୍ତ ମୂଲ୍ୟ ମିଳିପାରିବ।

–ରୋଜାଲିନ୍ ସାହୁ, କର୍ମଜୀବୀ, ଭୁବନେଶ୍ୱର

## ସଂକ୍ଷେପରେ

### ଆସନ୍ତା ୧୦ରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଭବାନୀପାଟଣା,୨୭।୪ (ଉତ୍ତମ କୁମାର ଦାଶ)

ମେ ୧୦ ତାରିଖରେ କଳାହାଣ୍ଡି ଜିଲାର ସମସ୍ତ ବିଚାର ବିଭାଗୀୟ ଅଦାଲତରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଜିଲାର ଭବାନୀପାଟଣା, ଧର୍ମଗଡ, ମ.ରାମପୁର, କେସିଙ୍ଗା, କୋକସରା, ଜୟପାଟଣା, ଜୁନାଗଡ଼, ଥୁଆମୁଳ ରାମପୁର ଓ ଲାଞ୍ଜିଗଡଠାରେ ଏହା ଅନୁଷ୍ଠିତ ହେବ। ଏଥିରେ ସମସ୍ତ ପ୍ରକାର ବିଚାରାଧୀନ ମକଦ୍ଦମା ଫୌଜଦାରୀ (ସାଲିସଯୋଗ୍ୟ), ଚେକ ବାଉନ୍ସ, ବ୍ୟାଙ୍କରଣ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ ଦେୟ ଜନିତ ବିବାଦ, ବୈବାହିକ ଜନିତ ବିବାଦ, ଜମି ଅଧଗ୍ରହଣ, ଦେୱାନୀ ମକଦ୍ଦମା ଆଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ। ଏଥିସହ ପ୍ରାକ ମକଦ୍ଦମାସ୍ତରୀୟ ମାମଲାର ସମାଧାନ ମଧ ଏହି ଅଦାଲତରେ ହେବ। ଏନେଇ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ମହିଳା ସଙ୍ଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି

ନୂଆପଡ଼ା,୨୭।୪(ମକାରୁ ବେମାଲ)

ଜମ୍ମୁ କଶ୍ମୀରର ପହଲଗାମ୍‌ଠାରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ନୂଆପଡା ମହିଳା ସଂଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ମହିଳାମାନେ ଶନିବାର ସନ୍ଧ୍ୟାରେ ଏକତା ଛକଠାରେ ଘାସିରାମ ମାଝିଙ୍କ ପ୍ରତିମୂର୍ତ୍ତି ତଳେ ସମବେତ ହୋଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ । ଏହି ସମୟରେ ଜିଲା ପରିଷଦ ଉପାଧକ୍ଷା ଦୀପିକା ଦୀପ, ସଦର ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, ଜିଲା ପରିଷଦ ସଭ୍ୟା ଉମା ଠାକୁର, କାଉନସିଲର ସଙ୍ଗୀତା ପାରଖ,ପ୍ରତିଭା ହୋତା,ସସ୍ମିତା ପାଢୀ, ସୀମାଳିନୀ ପଣ୍ଡା, ତରଣୀ ବିହାରୀ, ପ୍ରତିଭା ସହିସ, ଟିକି ପୁଞ୍ଜି,ଚିନ୍ମୟୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରତିବାଦ ଶୋଭାଯାତ୍ରା

ନୂଆପଡା,୨୭।୪(ମକାରୁ ବେମାଲ)

ଜାମ୍ମୁ କଶ୍ମୀରର ପହଲଗାମ୍‌ଠାରେ ହିନ୍ଦୁ ପର୍ଯ୍ୟଟକଙ୍କ ଉପରେ ଆକ୍ରମଣକୁ ଧରମବନ୍ଧା ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ଦୃଢ ନିନ୍ଦା କରାଯାଇଛି । ଏହି କ୍ରମରେ ଧରମବନ୍ଧା ନେହେରୁ ଛକ ଠାରୁ ଏକ ପ୍ରତିବାଦ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଥାନା ପର୍ଯ୍ୟନ୍ତ ଯାଇଥିଲା । ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଧରମବନ୍ଧା ଥାନା ଅଧିକାରୀ ଜଙ୍ଗିରି ଭୋଇଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇ ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଥିଲା । ଏହାପରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ସ୍ୱୟଂ ସେବକ ସଂଘ ଜିଲା ସଞ୍ଚାଳକ ଉଦୟ ସିଂ ମାଝି, ବିଶ୍ୱହିନ୍ଦୁ ପରିଷଦ ଜିଲା ସମ୍ପାଦକ ଭାନୁ ପ୍ରତାପ ଦଣ୍ଡସେନା, ସ୍ଥାନୀୟ ସରପଞ୍ଚ ଭୁନେଶ୍ୱରୀ ଦଣ୍ଡସେନା, ସାମାଜିକ କର୍ମୀ ଓମ ପ୍ରକାଶ କଲାର, ଗାୟତ୍ରୀ ପ୍ରଜ୍ଞା ପୀଠ ଗ୍ରାମ ପ୍ରମୁଖ ହୋମଲାଲ ପଟେଲ ପ୍ରମୁଖ ଯୋଗଦେଇ ହିନ୍ଦୁତ୍ୱ ଜାଗରଣ ଓ ସନାତନ ଧର୍ମର ସୁରକ୍ଷା ଉପରେ ଆଲୋକପାତ କରିଥିଲେ।

# ଟଙ୍କା ନୁହେଁ, ଚାଉଳ ଦେଲେ ମିଳିବ ଡାଲି

### ପୁରୁଷଙ୍କୁ ଠିକ୍ ରାସ୍ତାକୁ ଆଣିବାକୁ ଆଦିବାସୀ ମହିଳାଙ୍କ ନିଆରା ପ୍ରୟାସ

ଭବାନୀପାଟଣା,୨୭।୪ (ଉତ୍ତମ କୁମାର ଦାଶ)

ପୁରାତନ କାଳରେ ଯେତେବେଳେ ଟଙ୍କାର ପ୍ରଚଳନ ନ ଥିଲା ସେତେବେଳେ ମଣିଷ ନିଜର ଦୈନନ୍ଦିନ ଜୀବନର ଚାହିଦା ମେଣ୍ଟାଇବା ପାଇଁ ଦ୍ରବ୍ୟର ଆଦାନ ପ୍ରଦାନ ମାଧ୍ୟମରେ ବିପଣନ କରୁଥିଲା। ଏହି କ୍ରମରେ ନିଜ ପାଖରେ ଥିବା ଦ୍ରବ୍ୟକୁ ଦେଇ ପ୍ରତିବଦଳରେ ଆବଶ୍ୟକ ଜିନିଷ ଅନ୍ୟଠୁ କ୍ରୟ କରୁଥିଲା। ସମୟର ପରିବର୍ତ୍ତନ ସହିତ ଟଙ୍କାର ପ୍ରଚଳନ ହେଲା ଓ ମଣିଷ ସହଜରେ ନିଜ ଦରକାରୀ ଜିନିଷ କ୍ରୟ କରିପାରିଲା। ତେବେ କଳାହାଣ୍ଡି ଜିଲାର ଆଦିବାସୀ ଅଧୁଷିତ ଅଞ୍ଚଳ ଥୁଆମୂଳ ରାମପୁର ବ୍ଲକରେ ଆଜି ବି ଏମିତି ଅନେକ ଗାଁ ଅଛି ଯେଉଁଠି ଆଦିବାସୀ ମହିଳାମାନେ ନଗଦ ଟଙ୍କାର ପ୍ରଚଳନକୁ ନିରୁତ୍ସାହିତ କରନ୍ତି। ଯାହାକି ବେଶ ଚର୍ଚ୍ଚାର ବିଷୟ ପାଲଟିଛି।

କଳାହାଣ୍ଡି ଜିଲାର ଥୁଆମୂଳ ରାମପୁର ବ୍ଲକ ଘଞ୍ଚ ଜଙ୍ଗଲ ମଧରେ ରହିଥିବା ବେଳେ ପ୍ରାୟତଃ ଏଠାରେ ଆଦିବାସୀ ସଂପ୍ରଦାୟର ଲୋକମାନେ ବସବାସ କରନ୍ତି। ଆଉ ସେମାନେ ଜଙ୍ଗଲ ପାହାଡିଆ ଅଞ୍ଚଳରେ କାନ୍ଦୁଲ, ହରଡ, ମୁଗ, ବିରି, କୋଳଥ, ମାଣ୍ଡିଆ ଭଳି ଡାଲି ଜାତୀୟ ଶସ୍ୟ ଚାଷ କରିଥାନ୍ତି। ଆଉ ଏହି ସବୁ ଚାଷରେ ମହିଳାମାନେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବାବେଳେ ତାକୁ ବିକ୍ରି କରି ସେମାନେ ନିଜ ଗୁଜୁରାଣ ମେଣ୍ଟାଇଥାନ୍ତି। ଆଉ ଏହାକୁ ବିକ୍ରି କରୁଥିବାବେଳେ ଦେଖିବାକୁ ମିଳିଥାଏ ରୋଚକ ଦୃଶ୍ୟ। ଯଦି କୌଣସି ବ୍ୟକ୍ତି କାନ୍ଦୁଲ ଡାଲି କିମ୍ବା ହରଡ କିଣିବାକୁ ଆସିଥାଏ ତାହେଲେ ତାକୁ ଟଙ୍କା ପ୍ରତିବଦଳରେ ଚାଉଳ ଦେବାକୁ ପଡିଥାଏ। ଗୋଟିଏ ମାଣ କାନ୍ଦୁଲ ନେବାକୁ ହେଲେ ଗ୍ରାହକ ଜଣଙ୍କୁ ତିନି ମାଣ ଚାଉଳ ଦେବାକୁ ପଡିଥାଏ। ଆଉ ଜଣେ ଯଦି ଗୋଟିଏ ବସ୍ତା କାନ୍ଦୁଲ ଡାଲି ନେବାକୁ ଇଚ୍ଛା ପ୍ରକାଶ କରେ ତାହେଲେ ତାକୁ ତିନି ବସ୍ତା ଚାଉଳ ଦେବାକୁ ପଡିଥାଏ। ଆଉ ଗ୍ରାହକ ଯଦି ଟଙ୍କା ନେଇ ଆସେ ତାହେଲେ ତାକୁ ଖାଲି ହାତରେ ଫେରିଯିବାକୁ ପଡିଥାଏ। ଆଉ ତାର ମୁଖ୍ୟ କାରଣ ହେଲା ଆଦିବାସୀ ମହିଳାମାନେ ଘରେ ନଗଦ ଟଙ୍କା ରଖିବାକୁ ନିରାପଦ ମଣି ନ ଥାନ୍ତି । ସେମାନଙ୍କ ଯୁକ୍ତି ହେଲା ଯେ ଯଦି ଘରେ ନଗଦ ଟଙ୍କା ଗଚ୍ଛିତ ରହେ,ତେବେ ଘରର ପୁରୁଷ ମାନେ ଉକ୍ତ ଟଙ୍କାର ଅପବ୍ୟବହାର କରି ବଦଖର୍ଚ୍ଚ କରିବେ। ଅନେକ ଦିନରୁ ଆଦିବାସୀ ମହିଳାମାନଙ୍କ ଏହି ଆଶଙ୍କା ଯୋଗୁ ଗାଁ ଲୋକେ ଘରେ ପଇସା ରଖନ୍ତି ନାହିଁ। ଚାଉଳ ଏବଂ ଅନ୍ୟାନ୍ୟ ଜିନିଷ ପ୍ରତିବଦଳରେ ଘରର ଆବଶ୍ୟକତା ମେଣ୍ଟାଇ ଥାନ୍ତି। ଏଠାକାର ଆଦିବାସୀ ମହିଳାମାନେ କାହିଁ କେଉଁ କାଳରୁ ଏହି ପ୍ରଥା ଚଳାଇ ଆସୁଥିବା ବେଳେ ଏହା ଦ୍ୱାରା ଯେ କେବଳ ତାଙ୍କ ଅର୍ଥର ଅପବ୍ୟବହାର କମିଥାଏ ତାହା ନୁହେଁ, ବରଂ ଘରର ପୁରୁଷ ମାନେ ମଧ ଅପବ୍ୟବହାର ବଦ ଖର୍ଚ୍ଚରୁ ବଞ୍ଚିତ ହୁଅନ୍ତି ବୋଲି ମତ ରଖନ୍ତି ସ୍ଥାନୀୟ ବାସିନ୍ଦା। ଦୀର୍ଘ ବର୍ଷରୁ ଏହି ଭଳି ପ୍ରଥା ଚାଲି ଆସୁଥିବା ବେଳେ ବିଶେଷ କରି ମହିଳାଙ୍କ ଏହିଭଳି ଉଦ୍ୟମ ପରିବାରର ପୁରୁଷ ମାନଙ୍କୁ ଠିକ ରାସ୍ତାକୁ ଆଣିବା ପାଇଁ ଏହା ଏକ ପ୍ରୟାସ ବୋଲି ମତ ରଖନ୍ତି ସ୍ଥାନୀୟ ମହିଳା ଅଗ୍ନି ମାଝୀ, ହେରାବତୀ ମାଝୀ। ଅନ୍ୟପକ୍ଷରେ, ଘରେ ଆଦିବାସୀ ମହିଳା ଟଙ୍କା ରଖୁ ନ ଥିବା ବେଳେ ସେମାନେ ମଧ ବଜାରରୁ ସାମଗ୍ରୀ କିଣିବାକୁ ଗଲେ ଘରେ ରଖିଥିବା ଚାଉଳ ବିନିମୟରେ ସାମଗ୍ରୀ କିଣୁ ଥିବାର ମଧ ନଜରକୁ ଆସିଥାଏ।



କାନ୍ଦୁଲ ବିକ୍ରି କରାଯାଉଛି।

# କେରଳରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

### ୨ ମାସରେ ୨ ଦାଦନ ଶ୍ରମିକଙ୍କ ମୃତ୍ୟୁ

ଲାଞ୍ଜିଗଡ଼,୨୭।୪(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକରେ ଦିନକୁ ଦିନ ଦାଦନ ସମସ୍ୟା ଥମିବାର ନା ଧରୁନାହିଁ । ଗତ ୨ ମାସ ତଳେ ଏହି ବ୍ଲକର ମାଲିଯୁବାଙ୍ଗ ପଞ୍ଚାୟତ କେନ୍ଦୁପେଟ ଗାଁର ଜଣେ ନାବାଳକ ଦାଦନ ଶ୍ରମିକ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଜିଲା ଅନକାପାଲିକୁ କାମ କରିବାକୁ ଯାଇ ସେଠାରେ ଅଜଣା ରୋଗରେ ମୃତ୍ୟୁ ବରଣ କରିଥିଲେ। ଏହାର ୨ ମାସ ନ ପୂରୁଣୁ ପୁଣିଥରେ ଏହି ବ୍ଲକର ବେନଗାଁ ପଞ୍ଚାୟତ ଅନ୍ତର୍ଗତ ବରାପାଲି ଗାଁର ଯୁବକ କାଳିବାବୁ ହରିଜନ (୪୫)ଙ୍କ ବୁଧବାର କେରଳର ଆଙ୍ଗାମାଲିରେ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁସାରେ,କାଳିବାବୁ ହରିହନ ଏକ ବର୍ଷ ହେଲା କେରଳର ଆଙ୍ଗାମାଳି ଜିଲାକୁ ଯାଇ ଏକ ଘରୋଇ ଇଟା କାର ଖାନାରେ ଶ୍ରମିକ ଭାବେ କାମ କରୁଥିଲେ। ଗତ ବୁଧବାର ଦିନ ରାସ୍ତାରେ ଚାଲିକି ଯାଉଥିବା ସମୟରେ କୌଣସି ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ପରିବାର ଲୋକେ ମୃତ ଶରୀର ଆଣିବା ପାଇଁ ଓ ଆର୍ଥିକ ସହାୟତା ପାଇଁ ସ୍ଥାନୀୟ ପ୍ରଶାସନ ସହ ଜିଲାପାଳଙ୍କୁ ଗୁହାରି କରିଥିଲେ। ପରିବାର କହିଲେ ତାଙ୍କର ସ୍ତ୍ରୀ ସମେତ ୨ ଝିଅ ପୁଅ ରହିଛନ୍ତି। ଏକମାତ୍ର ରୋଜଗାର କ୍ଷମ କାଳିବାବୁଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଏବେ ଅସହାୟ ହୋଇପଡିଛନ୍ତି। ଅନ୍ୟପଟେ କାରଖାନା ମାଲିକ ଆମ୍ବୁଲାନ୍ସ ଦ୍ୱାରା ମୃତ ଦେହକୁ ଗାଁକୁ ପଠାଇ ଦେଇଥିଲେ। ଶନିବାର ଜନ୍ମମାଟି ବରାପାଲିରେ ମୃତଦେହ ପହଞ୍ଚିବା ପରେ କାନ୍ଦ ବୋବାଳୀରେ ଗାଁ ଫାଟି ପଡିଥିଲା। ପରେ ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଥିଲା। ଏ ନେଇ ଅତିରିକ୍ତ ଜିଲା ଶ୍ରମ ଅଧିକାରୀ ଜୀତମ ମାଝୀଙ୍କୁ ପଚାରିବାରୁ, ଜିଲା ପ୍ରଶାସନ ପକ୍ଷରୁ ଶୁଦ୍ଧିକ୍ରିୟା ପାଇଁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ମୃତକଙ୍କ ପରିବାର ପକ୍ଷରୁ କାଗଜପତ୍ର ଦାଖଲ କଲେ ସରକାରଙ୍କ ପକ୍ଷରୁ ଯାହାକିଛି ବ୍ୟବସ୍ଥା ଅଛି ତାହା ଯୋଗାଇ ଦିଆଯିବ ବୋଲି ଶ୍ରମ ଅଧିକାରୀ ମାଝୀ କହିଛନ୍ତି।



କାଳିବାବୁ ହରିଜନ

# ପ୍ରାଣୀ ସମ୍ପଦର ଉନ୍ନତିରେ ଚାଷୀର ପ୍ରଗତି ସମ୍ଭବ

ନୂଆପଡା,୨୭।୪(ମକାରୁ ବେମାଲ)

ନୂଆପଡା ଜିଲା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଆନୁକୂଲ୍ୟରେ ବିଶ୍ୱପ୍ରାଣୀ ଚିକିତ୍ସା ଦିବସ ଶନିବାର ଜିଲା ପଞ୍ଚାୟତ ସାଧନ କେନ୍ଦ୍ର ସମ୍ମିଳନୀ କକ୍ଷରେ ପାଳିତ ହୋଇ ଯାଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ. ଆଲୋକ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲାପାଳ ମଧୁସୂଦନ ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲାପାଳ ଯୋଗେନ୍ଦ୍ର ମାଝୀ, ଜଳ ବିଭାଜିକା ପ୍ରକଳ୍ପ ଉପ ନିର୍ଦ୍ଦେଶକ ରଶ୍ମି ରଞ୍ଜନ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଡ. ନାୟକ ପଶୁପାଳକ ମାନଙ୍କ ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବହୁମୁଖି ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ଅତିଥିମାନେ ପଶୁ ମାନବ ସମାଜର ଏକ ଅପରିହାର୍ଯ୍ୟ ଅଙ୍ଗ ଏବଂ ଏହି ମୂକ ପ୍ରାଣୀମାନଙ୍କ ଯତ୍ନ ନେବା ଆମ ନୈତିକ କର୍ତ୍ତବ୍ୟ ବୋଲି କହିଥିଲେ । ସମନ୍ୱିତ ଚାଷ ପ୍ରଣାଳୀ ଅନୁସରଣ କଲେ ଜଣେ ଚାଷୀ ନିଶ୍ଚିତ ଭାବରେ ଲାଭବାନ ହେବ ବୋଲି ସେମାନେ କହିଥିଲେ।

ନୂଆପଡା ଜିଲାରେ ପ୍ରାଣୀ ସମ୍ପଦ ବିକାଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଜିଲା ପ୍ରଶାସନ ତଥା ବ୍ୟାଙ୍କଗୁଡିକ ଚାଷୀମାନଙ୍କୁ ସମସ୍ତ ସହାୟତା ଯୋଗାଇ ଦେବା ପାଇଁ ସବୁବେଳେ ପ୍ରସ୍ତୁତ ରହିଛନ୍ତି। ସମସ୍ତେ ଏହାର ସୁଯୋଗ ନେଇ ଘରେ ବସି ଲକ୍ଷପତି ହୁଅନ୍ତୁ। ପ୍ରାଣୀ ସମ୍ପଦର ଉନ୍ନତିରେ ଚାଷୀର ପ୍ରଗତି ସମ୍ଭବ। ଜିଲାରୁ ପ୍ରବାସୀ ଶ୍ରମିକ ପ୍ରଥା ରୋକିବା ଦିଗରେ ଏହା ନିଶ୍ଚିତ ଭାବରେ ସହାୟକ ହେବ। ଜିଲାର ସମସ୍ତ ଗୋଚର ଜମିକୁ ଅତିଶୀଘ୍ର ଜବର ଦଖଲ ମୁକ୍ତ କରାଯିବ । ଆମ ଚାଷୀ ସ୍ୱାବଲମ୍ବୀ ହେବା ସହ ସ୍ୱାଭିମାନ ସହିତ ବଞ୍ଚନ୍ତୁ ବୋଲି ଜିଲାପାଳ କହିଥିଲେ। ଜିଲାର ସମସ୍ତ ବ୍ଲକରୁ ଶତାଧିକ ପଶୁପାଳକ ଚାଷୀ , ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ। ସେମାନଙ୍କୁ ପାୱାର ପଏଣ୍ଟ ମାଧ୍ୟମରେ ସରକାରଙ୍କ ବିଭିନ୍ନ ସହାୟତା ସମ୍ବନ୍ଧରେ ସୂଚନା ପ୍ରଦାନ କରାଯାଇଥିଲା। ସେମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ବିଶେଷଜ୍ଞମାନେ ଦେଇଥିଲେ। ସଭାକୁ ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡ. ବାଳକୃଷ୍ଣ ଦ୍ୱିବେଦୀ ସଂଯୋଜନା କରିଥିଲେ । ମଣ୍ଡଳ ପ୍ରାଣୀ ଚିକିତ୍ସାଧିକାରୀ ସିନାପାଲି ଡ. କୃଷ୍ଣଚନ୍ଦ୍ର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ।

### ଆଜିଠାରୁ ବୀର ବିକ୍ରମ ବହୁଭାଷୀ କ୍ଷୁଦ୍ର ନାଟକ ପ୍ରତିଯୋଗିତା

ଖଡ଼ିଆଳ,୨୭।୪(ସୁଜିତ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ସହରସ୍ଥିତ ସାଂସ୍କୃତିକ ଅନୁଷ୍ଠାନ ପରିସରରେ ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ ଆନୁକୂଲ୍ୟରେ ହେବାକୁ ଥିବା ବୀର ବିକ୍ରମ ବହୁଭାଷୀ କ୍ଷୁଦ୍ର ନାଟକ ପ୍ରତିଯୋଗିତା ପାଇଁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନୁଷ୍ଠାନର ସଭାପତି ଜିତେନ୍ଦ୍ରନାଥ ପଟ୍ଟନାୟକ ଅଧକ୍ଷତା କରିଥିଲେ । ସମ୍ମିଳନୀରେ ଚଳିତମାସ ୨୮,୨୯ ଓ ୩୦ ତାରିଖ ତିନିଦିନ ବ୍ୟାପୀ ପ୍ରତିଯୋଗିତା ଅନୁଷ୍ଠିତ ହେବ । ସୋମବାର ପ୍ରଥମ ଦିନ କୋଶଳୀ ନାଟକ କଳିଯୁଗ, ଦ୍ୱିତୀୟ ହିନ୍ଦୀ ନାଟକ ସୋସିଆଲ ମିଡିଆ କୁପ୍ରଭାବ, ତୃତୀୟ କୋଶଳୀ ନାଟକ ଆମର ଲାଗି କିଏ ଅଛେ, ମଙ୍ଗଳବାର କୋଶଳୀ ନାଟକ ଶାନ୍ତି , ଦ୍ୱିତୀୟ ନାଟକ ବାସିଫୁଲ, ତୃତୀୟ ନାଟକ ଗରାବନ୍ଧା , ଶେଷ ଦିନରେ କୋଶଳୀ ସମ୍ବଲପୁରୀ ନାଟକ 'ଏକବିଂଶ ଶତାବ୍ଦୀ' ମଞ୍ଚସ୍ଥ କରାଯିବ ବୋଲି ସମ୍ମିଳନୀରେ ଅଧକ୍ଷ ପଟ୍ଟନାୟକ ସୂଚନା ଦେଇଛନ୍ତି। ଉକ୍ତ ସମ୍ମିଳନୀରେ ସାଂସ୍କୃତିକ ଅନୁଷ୍ଠାନର ଉପ ସଭାପତି ସୁକେଶ ପଟ୍ଟନାୟକ,ସମ୍ପାଦକ ସୋମନାଥ ଜଗତ, ବରିଷ୍ଠ ସଦସ୍ୟ ସତୀଶ କୁମାର ପଟ୍ଟନାୟକ, ବରିଷ୍ଠ କଳାକାର ପବିତ୍ର କୁମାର ପ୍ରଧାନ, କୋଷାଧକ୍ଷ ସୁନୀଲ କୁମାର ସାହୁ, ମୋତିଲାଲ ବାଗ ,ସାଂସ୍କୃତିକ ସଂପାଦକ ଅମୂଲ୍ୟ ବାରିକ, ସଦସ୍ୟ ଦେବ ପ୍ରଧାନ, ରୋଶନ ପଣ୍ଡା, ଶାନ୍ତନୁ ପଣ୍ଡା, ପୁଣ୍ୟତୋଷ ମୁଣ୍ଡ, ପିଙ୍କୁ ଦୁରିଆ , ଅଶ୍ୱିନୀ ପଟ୍ଟନାୟକ,ଆଶିଷ ତ୍ରିବେଦୀଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।

# ଝାରମୁଣ୍ଡାରେ ବଜ୍ରକାପ୍ତା ଉଦ୍ଧାର

କର୍ଲାମୁଣ୍ଡା,୨୭।୪ (ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଝାରମୁଣ୍ଡାଠାରେ ରବିବାର ବଜ୍ରକାପ୍ତା ଉଦ୍ଧାର ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଏହି ବ୍ଲକର ଝାରମୁଣ୍ଡାଠାରେ ଗ୍ରାମର ରୁଦ୍ରମଣୀ ସାହୁ ନିଜ ଜମିକୁ ଯାଇଥିଲେ। ସେଠାରେ ବଜ୍ରକାପ୍ତାକୁ ଦେଖି ସ୍ଥାନୀୟ ଜଙ୍ଗଲ ବିଭାଗ କର୍ମଚାରୀଙ୍କୁ ସୂଚନା ଦେଇଥିଲେ। ସୂଚନାପାଇ ବନପାଳ ସମ୍ପଦ କୁମାର ପହଞ୍ଚି ବଜ୍ରକାପ୍ତା ଉଦ୍ଧାର କରିଥିଲେ। ବଜ୍ରକାପ୍ତାର ଓଜନ ୫କେ.ଜି.ରୁ ଅଧିକ ଥିବା ଜଣାପଡ଼ିଛି।



ଉଦ୍ଧାର ହୋଇଥିବା ବଜ୍ରକାପ୍ତା।

# ଢାବାରେ ଚଢ଼ାଉ: ଜଣେ ଗିରଫ

ଧର୍ମଗଡ,୨୭।୪(ଘାସିରାମ ଜଗତ)

ବେଆଇନ ମଦ କାରବାର ଉପରେ ଅଙ୍କୁଶ ଲଗାଇବା ପାଇଁ ଧର୍ମଗଡ ଥାନାର ନୂତନ ଥାନା ଅଧିକାରୀ ପ୍ରଶାନ୍ତ କୁମାର କୋଲାରସ ଅଣ୍ଟା ଭିଡିଛନ୍ତି। ଥାନା ଅଧିକାରୀ କୋଲାରସଙ୍କ ନେତୃତ୍ୱରେ ଧର୍ମଗଡ ନିକଟସ୍ଥ ଚିଲଚିଲା ଗ୍ରାମର ଏକ ଢ଼ାବାରେ ଚଢାଉ କରାଯାଇ ୧୧୯ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏଥିରେ ସଂପୃକ୍ତ ଅଭିଯୁକ୍ତ ନାଗେଶର ନାଏକ (୫୭)ଙ୍କୁ ଗିରଫ କରାଯାଇଛି। ଏନେଇ ଧର୍ମଗଡ ଥାନାରେ କେଶ ନମ୍ବର ୧୨୧/୨୫ରେ ଏକ ମାମଲା ରୁଜୁ ହୋଇଛି। ଏହି ଢାବାରେ ଦୀର୍ଘ ଦିନ ହେଲା ବେଆଇନ ଭାବେ ବିଦେଶୀ ମଦ ବିକ୍ରି ହେଉଥିବା ଅଭିଯୋଗ ହୋଇ ଆସୁଥିଲା। ଶନିବାର ରାତିରେ ଥାନା ଅଧିକାରୀ ସଦଳବଳେ ଉକ୍ତ ଢାବା ଉପରେ ଚଢ଼ାଉ କରି ବିଭିନ୍ନ ବ୍ରାଣ୍ଡର ୧୧୯ ଲିଟର ବେଆଇନ ବିଦେଶୀ ମଦ ଜବତ କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ୨୪ ତାରିଖ ଦିନ ଧର୍ମଗଡ ଥାନା ପୋଲିସ ଏଏସଆଇ ବିରେନ୍ଦ୍ର କୁମାର ପଣ୍ଡାଙ୍କ ନେତୃତ୍ୱରେ ଧର୍ମଗଡ ନିକଟସ୍ଥ ଗୋଡଭଞ୍ଜା ଗ୍ରାମର ରଘୁ ଚନ୍ଦ୍ର ମେହେରଙ୍କ ଘରେ ଚଢ଼ାଉ କରାଯାଇ ୨୯.୧୧୫ ଲିଟର ବେଆଇନ ବିଦେଶୀ ମଦ ଜବତ କରାଯାଇଥିଲା। ଏନେଇ ଏକ ମାମଲା ନଂ (୧୧୭/୨୫) ରୁଜୁକରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଧର୍ମଗଡ ସହର ତଥା ଆଖପାଖ ଅଞ୍ଚଳରେ ଖୁଲମ ଖୁଲା ବେଆଇନ ଦେଶୀ ଓ ବିଦେଶୀ ମଦ ବିକ୍ରି ବଢି ଚାଲିଥିବା ବେଳେ ଏହା ଉପରେ ପୋଲିସ ଓ ଅବକାରୀ ବିଭାଗ ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସର୍ବ ସାଧାରଣରେ ଦାବି ହେଉଛି।

# ଆଇନଜୀବୀଙ୍କ ନୀତି, କର୍ତ୍ତବ୍ୟ ନେଇ କର୍ମଶାଳା

ଖଡ଼ିଆଳ,୨୭।୪ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳସ୍ଥିତ କୋର୍ଟ ପରିସର ବାର ହଲଠାରେ ଖଡିଆଳ ଜୁଡ଼ିସିଆଲ ଓକିଲ ସଂଘ ପକ୍ଷରୁ ଆଇନଜୀବୀଙ୍କ ନୀତି ଓ କର୍ତ୍ତବ୍ୟ ନେଇ ଏକ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଜୁଡ଼ିସିଆଲ ଓକିଲ ସଂଘ ସଭାପତି ପ୍ରତାପ କିଶୋର ଜଗତ ଅଧକ୍ଷତା କରିଥିଲେ । ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ସାରଦା ପ୍ରସାଦ ପଣ୍ଡା, ଅନ୍ୟତମ ବକ୍ତା ଭାବେ ଆଇନଜୀବୀ ଚିତ୍ତରଞ୍ଜନ ସିଂ ଦେଓ,ଯୁଧିଷ୍ଠିର ମେହେର ଯୋଗ ଦେଇଥିଲେ। ଆଇନଜୀବୀ ବାଞ୍ଛାନିଧି ବେହେରା ସ୍ୱାଗତ କରିଥିବା ବେଳେ ଭବେଶ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଆଇନଜୀବୀ ବିରଜା ସିଂ ଦଳପତି, ସୁଶାନ୍ତ କୁମାର ତାଣ୍ଡି, ମନୋରଞ୍ଜନ ରାଉତ, ଜୟ ପ୍ରକାଶ ପଣ୍ଡା,ପୂର୍ଣଚନ୍ଦ୍ର ମେହେର, ଗିରିଧାରୀ ବିଭାର, ମହେନ୍ଦ୍ର କୁମାର ଯୋଶୀ,ଟିକେଶର ବେହେରା, ରବୀନ୍ଦ୍ର କୁମ୍ଭାର, ଟଙ୍କଧର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।



କର୍ମଶାଳାରେ ଉପସ୍ଥିତ ଆଇନଜୀବୀମାନେ।

# କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି

ନୂଆପଡ଼ା,୨୭।୪ (ମକାରୁ ବେମାଲ)

ଶନିବାର ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ବୁଢ଼ିକୋମନା ଗ୍ରାମ ପଞ୍ଚାୟତର ପଣ୍ଡରାପଥର ଓ ଅନ୍ୟାନ୍ୟ ଗାଁରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ରାତିରେ କାଳବୈଶାଖୀ ଯୋଗୁ ପ୍ରବଳ ବେଗରେ ପବନ ବହିବା ସହ ବର୍ଷା ଓ କୁଆପଥର ମାଡ଼ ହୋଇଥିଲା। ଏଥିରେ ପଣ୍ଡରାପଥର ଗାଁ ସହ ଦୋହେଲପଡ଼ା,କୁରେଶ୍ୱର,ଖାଇରଭାଡ଼ି, ଜଦାମୁଣ୍ଡା, ମାନିଗୁଡ଼ା, ଗଣିଆରି, ନାଇକପଡ଼ା, ସିହିନାମୁଣ୍ଡା ଆଦି ଅନେକ ଗାଁର ଚାଷୀଙ୍କ ଧାନଚାଷ ନଷ୍ଟ ହୋଇଛି। ଚାଷୀମାନେ ଧାରଉଧାର କରି ରବି ଧାନଚାଷ କରିଥିଲେ। ଜଡ଼ାମୁଣ୍ଡା ସୁନ୍ଦର ଜଳସେଚନ ପ୍ରକଳ୍ପ ପାଣିରେ ଚାଷ କରି ଥିଲେ। ଏବେ ଧାନ ଅମଳ ହେବାକୁ ଥିବା ବେଳେ ବର୍ଷା ପବନ ଓ କୁଆପଥର ମାଡ଼ରେ ପାଚିଲା ଧାନ ସବୁ ଝଡ଼ି ପଡିଛି। ଫଳରେ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। କେତେକ ସ୍ଥାନରେ ୧୧ କେଭି ବିଦ୍ୟୁତ ତାର ଉପରେ ଗଛପଡ଼ି ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି। ଜଟଗଡ- ସୋରିପଡା ଯିବା ରାସ୍ତାରେ ଏକ ବଡ ପୁରୁଣା ବରଗଛ ଟଳି ପଡ଼ି ରାସ୍ତା ଅବରୋଧ ହୋଇଛି। ସେହିପରି ମାନିଗୁଡ଼ା, ଗନିଆରୀ, ଜଡ଼ାମୁଣ୍ଡା, କୁମୁଟିମୁଣ୍ଡା ଓ ଜଟଗଡ ଅଞ୍ଚଳରେ କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି ହୋଇଛି। କ୍ଷୟକ୍ଷତିର ତଦନ୍ତ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ ପାଇଁ ଜିଲା ପ୍ରଶାସନ ନିକଟରେ ପଣ୍ଡରାପଥର ଗାଁର ଚାଷୀ ଦମୟନ୍ତୀ ଧରୁଆ, ଧର୍ମୁ ଗୌଡ଼, ଆଶାରାମ ମାଝୀ, ଗଜମନ ରାଉତ, ସଦୁଲ ମାଝୀ, ପ୍ରଫୁଲ ଦୁରିଆ, ପଡୁତୋଳା ମାଝୀ, କୁରସିଂ ରାଉତ, ହଳଧର ମାଝୀ, କଙ୍କି ମାଝୀ, ଟଙ୍କଧର ମାଝୀ, ମହେନ୍ଦ୍ର ମାଝୀ, ହରପ୍ରସାଦ ରାଉତ, ନକୁଳ ମାଝୀ, ହିରଣ୍ୟ ରାଉତ, ନିରଞ୍ଜନ ରାଉତ, ନିଲମ୍ବନ ରାଉତ, କ୍ଷୀରସିନ୍ଧୁ ରାଉତ, ଭାଝି ମାଝୀ,ଦୟା ମାଝୀ, ଜୟଲାଲ ମାଝୀ, ପ୍ରହ୍ଲାଦ ମାଝୀ, ତୁଳସି ମାଝୀ, ସୀତା ରାଉତ, ଭୀମସେନ ପ୍ରଧାନୀ, ମନୁଧର ମାଝୀ, ହେମ ବାଗ ଓ ଅଞ୍ଚଳବାସୀ ଦାବି କରିଛନ୍ତି।





କାଳବୈଶାଖୀରେ ନଷ୍ଟ ହୋଇଥିବା ଧାନ ଫସଲ। ଗଛ ପଡ଼ି ରାସ୍ତା ଅବରୋଧ ହୋଇଛି ।

### ଧାନ ଫସଲ ନଷ୍ଟ ସହ ଅନେକ ଗାଁରେ ବିଦ୍ୟୁତ୍ ଯୋଗାଣ ବ୍ୟାହତ

**ମଦ ଜବତ, ୨ ଗିରଫ**

ବରଗଡ଼,(ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲା ଭେଡ଼େନ ଥାନା ପୋଲିସ ବିଭିନ୍ନ ସ୍ଥାନରେ ଶନିବାର ଚଢ଼ାଉ କରି ବିପୁଳ ମଦ ଜବତ କରିଛି। ଧାତ୍ତୁକପାଲିରେ ଚଢ଼ାଉ କରି ପୋଲିସ ଉକ୍ତ ଗ୍ରାମର କୋଦଣ୍ଡ ଓରଫ ଉମାକାନ୍ତ ରାଉତ(୪୮)ଙ୍କୁ ଗିରଫ କରିଛି। ତାଙ୍କ ପାଖରୁ ୯୦ଲିଟର ଦେଶୀମଦ ଏବଂ ୧୬ବୋତଲ ବିଦେଶୀ ମଦ ଜବତ ହୋଇଛି। ଏ ନେଇ ଏକ ମାମଲା (ନଂ.୯୪/୨୫) ରୁଜୁ ହୋଇଛି। ସେହିପରି ମହୁଲପାଲି ଗ୍ରାମର କାର୍ତ୍ତିକ ସାହୁ(୪୧)ଙ୍କୁ ଚୋରାମଦ କାରବାରରେ ଗିରଫ କରାଯାଇଛି। ତାଙ୍କ ପାଖରୁ ୪୬ ବୋତଲ ବିୟର ଜବତ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୯୫/୨୫) ରୁଜୁ କରିଛି ।

# ଫସଲ ଉଜାଡ଼ିଲା କାଳବୈଶାଖୀ

ବରଗଡ଼,୨୭।୪(ପ୍ରେମାନନ୍ଦ ଖମାରୀ)





ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ହଳଦୀପାଲି ଗ୍ରାମରେ କ୍ଷତିଗ୍ରସ୍ତ ଚାଷୀଙ୍କ ସହ ପ୍ରଭାବିତ ଧାନ ଫସଲ ବୁଲି ଦେଖୁଛନ୍ତି। କରାମାଡ଼ ଯୋଗୁ ହଳଦୀପାଲି ଗ୍ରାମରେ କ୍ଷେତରେ ଧାନ ଝଡ଼ି ପଡ଼ିଛି।

- କରାମାଡ଼ରେ ଧାନ, ପରିବା ଫସଲ ନଷ୍ଟ
- କ୍ଷତିପୂରଣ ଦାବିକଲା ସଂଯୁକ୍ତ କୃଷକ ସଙ୍ଗଠନ

ବରଗଡ଼ ଜିଲାରେ ଅଳ୍ପଦିନ ପରେ ରବିଧାନ ଅମଳ ଆରମ୍ଭ ହେବ। କିନ୍ତୁ ଏବେ କାଳବୈଶାଖୀ ଜିଲାର ଚାଷୀଙ୍କ ପାଇଁ କାଳ ସାଜିଛି। ଏହାର ପ୍ରଭାବରେ ଶନିବାର ବିଳମ୍ବିତ ରାତିରେ ଭଟଲି ବ୍ଲକ ହଳଦୀପାଲି ଗ୍ରାମ ସମେତ ବିଭିନ୍ନ ଅଞ୍ଚଳରେ କୁଆପଥର ମାଡ଼ ହୋଇଛି। ଏଥିଯୋଗୁ ଧାନ ଫସଲ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଅମଳକ୍ଷମ ଅବସ୍ଥାକୁ ଆସିଥିବା ଧାନ ଝଡ଼ି ପଡ଼ିଛି। ସମ୍ପୃକ୍ତ ଅଞ୍ଚଳରେ ପରିବା ଫସଲ ମଧ୍ୟ ପ୍ରଭାବିତ ହୋଇଛି। ଏହାକୁ ନେଇ ଚାଷୀ ଚିନ୍ତିତ ହୋଇପଡ଼ିଛି। ଅନ୍ୟପଟେ ଚିରାଚରିତ ଢଙ୍ଗରେ ରାଜସ୍ୱ ନିରୀକ୍ଷକମାନେ କ୍ଷୟକ୍ଷତି ଆକଳନ କରୁଛନ୍ତି। ତେବେ ଇନପୁଟ୍ ସବ୍‌ସିଡ଼ି (କ୍ଷତିପୂରଣ ସହାୟତା) ଦାବି କଲେ ଧାନ ବିକିପାରିବେ ନାହିଁ ବୋଲି କିଛି କର୍ମଚାରୀ କହୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ଏଥର ଅନୁକୂଳ ପାଗ ଯୋଗୁ ଜିଲାର ଉଭୟ ଜଳସେଚିତ ଏବଂ ଅଣଜଳସେଚିତ ଅଞ୍ଚଳରେ ଧାନ ଫସଲ ଭଲ ହୋଇଛି। ଆଉ ପ୍ରାୟ ଗୋଟିଏ ସପ୍ତାହ ପରେ ଅମଳ ପ୍ରକ୍ରିୟା ଜୋର୍ ଧରିବ। ଧାନ ଅମଳ ଯେତିକି ପାଖେଇ ଆସୁଛି ସମସ୍ୟା ସେତିକି ବଢ଼ି ଚାଲିଛି। ଧାନ ଅମଳକ୍ଷମ ଅବସ୍ଥାକୁ ଆସିଥିବାବେଳେ କିଛିଦିନ ତଳେ ଜିଲାର ବରଗଡ଼ ବ୍ଲକ ଅନ୍ତର୍ଗତ ଗାଇସୀମା, ଧାଙ୍ଗେର, କୁରୁଆଁ ଆଦି ଅଞ୍ଚଳର ଧାନ ଫସଲେ ଧାନକେଣ୍ଡାରୁ ଅଗାଡ଼ି ବାହାରୁଥିବା ଦେଖିବାକୁ ମିଳିଥିଲା। ସେହିପରି କଳାପାଣି, ଗାଇସୀମା ଅଞ୍ଚଳରେ ଫସଲରେ ଚକଡ଼ା(ମାଟିଆ ଗୁଣ୍ଡି) ରୋଗପୋକ ଉପଦ୍ରବ ଆରମ୍ଭ ହୋଇଥିଲା। ତାହା ନିୟନ୍ତ୍ରଣ ନ ହେଉଣୁ ଏବେ କାଳବୈଶାଖୀ ଚାଷୀଙ୍କ ଦୁଃଖ ବଢ଼ାଇ ଦେଇଛି। ଶନିବାର ରାତିରେ କାଳବୈଶାଖି ପ୍ରଭାବରେ କରାମାଡ଼ ହେବା ଯୋଗୁ ଭଟଲି ବ୍ଲକ ଚଢ଼େଇଗାଁ ପଞ୍ଚାୟତ ଅନ୍ତର୍ଗତ ହଳଦୀପାଲି ସମେତ ବିଭିନ୍ନ ଗ୍ରାମର ଧାନ ଓ ପରିବା ଫସଲ ଉଜୁଡ଼ି ଯାଇଛି। ହଳଦୀପାଲି ଗ୍ରାମ ଅଣଜଳସେଚିତ ହୋଇଥିବା ଯୋଗୁ ଚାଷୀମାନେ ଉଠାଜଳସେଚନ ପ୍ରକଳ୍ପ ତଥା ଗଭୀର ନଳକୂପ ମାଧ୍ୟମରେ ଚାଷକାର୍ଯ୍ୟ କରିଥିଲେ। ଫସଲ ମଧ୍ୟ ଭଲ ହୋଇଥିଲା। କିନ୍ତୁ କରାମାଡ଼ ଯୋଗୁ ଅମଳକ୍ଷମ ଅବସ୍ଥାକୁ ଆସିଥିବା ଧାନକେଣ୍ଡାରୁ ଧାନସବୁ ଝଡ଼ି ଯାଇଛି। ଏହାକୁ ନେଇ ଅଞ୍ଚଳର ଚାଷୀମାନେ ଭାଙ୍ଗି ପଡ଼ିଛନ୍ତି। ଗ୍ରାମର ସୁରଜିତ ପ୍ରଧାନ କହିଛନ୍ତି, ଏଥର ଧାନ ଫସଲ ଭଲ ହୋଇଥିଲା। କିନ୍ତୁ କରାମାଡ଼ ଯୋଗୁ ତାଙ୍କର ୧୦ଏକର ଧାନ ଫସଲ ଉଜୁଡ଼ି ଯାଇଛି। ଜିଲା ପ୍ରଶାସନ ଠିକ୍ ଭାବେ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

ସେହିପରି ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି, ଭଟଲି ବ୍ଲକର ଚାଷୀମାନେ କିଛିଦିନ ତଳେ ଭୂତଳ ଜଳସ୍ତର କମିଯାଉଥିବା ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ। ଲୋ ଭୋଲଟେଜ୍, ବାରମ୍ବାର ବିଦ୍ୟୁତ୍ କାଟ୍ ଯୋଗୁ ଗଭୀର ନଳକୂପ ମାଧ୍ୟମରେ ଚାଷକାର୍ଯ୍ୟ କରିବା ବାଧାପ୍ରାପ୍ତ ହେଉଛି ବୋଲି ସେମାନେ ଅଭିଯୋଗ କରିଥିଲେ। ଏଭଳି ସ୍ଥିତିରେ ଶନିବାର ରାତିରେ ହୋଇଥିବା କରାମାଡ଼ ହଳଦୀପାଲି ସମେତ ବିଭିନ୍ନ ଗ୍ରାମର ଚାଷୀଙ୍କ ମନୋବଳ ଭାଙ୍ଗି ଦେଇଛି। ଧାନ ଓ ପରିବା ଫସଲ ନଷ୍ଟ ହୋଇଛି। ଆମ୍ବ ଝଡ଼ି ପଡ଼ିଛି। କ୍ଷତିଗ୍ରସ୍ତ ଧାନ ଫସଲ ପାଇଁ ଇନ୍‌ପୁଟ୍ ସବ୍‌ସିଡ଼ି ଏବଂ ବୀମା କ୍ଷତିପୂରଣ ବ୍ୟବସ୍ଥା ରହିଛି। ମାତ୍ର ସରକାର ଏପର୍ଯ୍ୟନ୍ତ ପରିବା କ୍ଷୟକ୍ଷତି ଉପରେ ସେଭଳି କ୍ଷତିପୂରଣ ସହାୟତା ବ୍ୟବସ୍ଥା କରିନାହାନ୍ତି। ୩୩ ପ୍ରତିଶତରୁ ଅଧିକ ଫସଲକ୍ଷତି ହେଲେ ଅଣଜଳସେଚିତ ଅଞ୍ଚଳରେ ହେକ୍ଟର ପ୍ରତି ୮୫୦୦ ଟଙ୍କା ଏବଂ ଜଳସେଚିତ ଅଞ୍ଚଳରେ ହେକ୍ଟର ପ୍ରତି ୧୭ହଜାର ଟଙ୍କା କ୍ଷତିପୂରଣ ବ୍ୟବସ୍ଥା ରହିଛି। ମାତ୍ର ଚାଷୀମାନଙ୍କୁ ତାହା ମଧ୍ୟ ମିଳୁନାହିଁ। ସେହିପରି ଫସଲ ନଷ୍ଟ ହେବାର ୭୨ଘଣ୍ଟା ମଧ୍ୟରେ କ୍ଷତିଗ୍ରସ୍ତ ଚାଷୀ ବୀମା କମ୍ପାନୀଙ୍କୁ ଲିଖିତ ଆବେଦନ କରିବା ବିଧି ବ୍ୟବସ୍ଥା ରହିଛି। ମାତ୍ର ବିଭାଗୀୟ ଅଧିକାରୀଙ୍କ ଅସହଯୋଗ ମନୋବୃତ୍ତି ଯୋଗୁ ଚାଷୀମାନେ ବୀମା କ୍ଷତିପୂରଣ ପାଇବାରୁ ବଞ୍ଚିତ ହେଉଛନ୍ତି। ଶନିବାର ରାତିରେ କରାମାଡ଼ରେ ପ୍ରଭାବିତ ଫସଲର ଠିକ୍ ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ଉଭୟ ଇନ୍‌ପୁଟ୍ ସବ୍‌ସିଡ଼ି ଏବଂ ବୀମା କ୍ଷତିପୂରଣ ପ୍ରଦାନ ଦିଗରେ ଜିଲା ପ୍ରଶାସନ ପଦକ୍ଷେପ ନେବା ପାଇଁ ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ମହାପାତ୍ର ଦାବି କରିଛନ୍ତି।

# ଅନ୍ତ୍ୟୋଦୟ ଯୋଜନାରେ ସାମିଲ ଦାବି

ପାଇକମାଲ,୨୭।୪
(ବଡ଼ ଶତପଥୀ)



ଭଙ୍ଗା ଘର ସମ୍ମୁଖରେ ଯମୁନା।

ବରଗଡ଼ ଜିଲା ପାଇକମାଲ ବ୍ଲକ ଜାମସେଠ ଗାଁର ବିଧବା ଯମୁନା ରଣା(୫୫) ଜଣେ ଗରିବ ମହିଳା। ଘରେ ଅଛନ୍ତି ତାଙ୍କ ଝିଅ ଯମୁନା। ଝିଅ କୁଲି ମଜୁରୀ କରି ଯାହା ଦୁଇ ପଇସା ପାଉଛନ୍ତି ପରିବାର ଚଲାଇବା କଷ୍ଟକର ହୋଇପଡୁଛି। ପଞ୍ଚାୟତ ତରଫରୁ ମିଳୁଛି ମାସକୁ ମାତ୍ର ୫ କେଜି ଚାଉଳ। ବେଳେ ବେଳେ ସେହି ଚାଉଳକୁ ବିକି ପନିପରିବା, ତେଲ ଲୁଣରେ ସରିଯାଉଛି। ଅସହାୟ ପରିବାର ପାଇଁ ଝିଅ ବୋଝ ସାଜିଛି। ରହିବା ପାଇଁ ଘରଟିଏ ବି ନାହିଁ। ପ୍ରଶାସନ ଯମୁନାଙ୍କୁ ୫ କେଜି ବଦଳରେ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ସାମିଲ କରି ୩୫ କେଜି ଓ ଘରଟିଏ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଚିକିତ୍ସାଧୀନ ଅବସ୍ଥାରେ ପଥଚାରୀଙ୍କ ମୃତ୍ୟୁ

ବାଉଁଶୁଣୀ, ୨୭।୪(ଦେବାଶିଷ ନେପାକ)

ବାଇକ୍ ଧକ୍କାରେ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣେ ପଥଚାରୀଙ୍କର ରବିବାର ସକାଳେ ମୃତ୍ୟୁ ଘଟିଛି। ସେ ହେଲେ ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅଧୀନ ଦନ୍ତାପାଲି ଗ୍ରାମର ପବିତ୍ର କର୍ମୀ। ମିଳିଥିବା ସୂଚନା ଅନୁଯାୟୀ, ୫୭ ନମ୍ବର ଜାତୀୟ ରାଜପଥର ଦନ୍ତାପାଲି ଛକ ନିକଟରେ ଶନିବାର ରାତି ୮ଟାରେ ପବିତ୍ର ଚାଲି ଚାଲି ଯାଉଥିବାବେଳେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ବାଉଁଶୁଣୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ପବିତ୍ରଙ୍କୁ ଉଦ୍ଧାର କରି ବାଉଁଶୁଣୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଅବସ୍ଥା ଗୁରୁତର ହେବାରୁ ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ପ୍ରଥମେ ସୋନପୁର ଡାକ୍ତରଖାନା ପରେ ବୁର୍ଲା ବିକାଶ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ସକାଳ ପ୍ରାୟ ୮ଟା ୩୦ରେ ତାଙ୍କର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଅପରାହ୍ନ ୨ଟାରେ ମୃତଦେହ ତାଙ୍କ ବାସଭବନକୁ ନିଆଯାଇଥିଲା। ସେ ଭଦ୍ର ଲୋକ ଭାବେ ବୌଦ୍ଧ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ଶୋକ ପ୍ରକାଶ କରିଛନ୍ତି। ଏନେଇ ବାଉଁଶୁଣୀ ଥାନାରେ ଏକ ମାମଲା ରୁଜୁ ହୋଇଛି। ରେଡ୍‌କ୍ରସ ପାଣ୍ଠିରୁ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

# ରାଜ୍ୟପାଳ ପୁରସ୍କାରପ୍ରାପ୍ତଙ୍କ ବିୟୋଗରେ ଶୋକ

ବୌଦ୍ଧ,୨୭।୪ (ଅଜିତ କୁମାର ବାରିକ)

ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ହରପ୍ରସାଦ ମିଶ୍ରଙ୍କ ଶନିବାର ୮୦ ବର୍ଷ ବୟସରେ ମୃତ୍ୟୁ ହୋଇଛି। ସେ ବୌଦ୍ଧରେ ୧୯୪୫ ମସିହାରେ ଜନ୍ମଗ୍ରହଣ କରିଥିଲେ। ପାଠପଢ଼ା ପରେ ଶିକ୍ଷକତା କରି ସେ ଅବସର ନେଇଥିଲେ। ସେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଥିବାବେଳେ ଜିଲା ବ୍ରାହ୍ମଣ ସମାଜର ସମ୍ପାଦକ, ନାଗରିକ କମିଟି ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ। ସେ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ଓ ଜାତୀୟ ରାଜପଥ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଗତ ଶନିବାର ରାତିରେ ଭବାନୀପାଟଣାରେ ରହୁଥିବା ବଡଝିଅଙ୍କ ବାସଭବନରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଉପଲକ୍ଷେ ରବିବାର ସନ୍ଧ୍ୟାରେ ମହାନଦୀର ଆଳତି ଘାଟଠାରେ ଶୋକସଭା ଅନୁଷ୍ଠିତ ହୋଇଥିଲା। ବ୍ରାହ୍ମଣ ସମାଜ ସଭାପତି ଗୁରୁ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଏହି ଶୋକସଭା ଅନୁଷ୍ଠିତ ହୋଇଥିବା ବେଳେ ସଭାରେ ଭାଜପା ଜିଲା ସଭାପତି ପ୍ରେମାନନ୍ଦ ମିଶ୍ର, ବରିଷ୍ଠ ନାଗରିକ ଶ୍ୟାମସୁନ୍ଦର ପୁରୋହିତ, ଶୁଭେନ୍ଦୁ ପଟନାୟକ, ପ୍ରମିଳା ଦଲାଲ, ଚିତ୍ତରଞ୍ଜନ ଦାଶ, ଅରୁଣ ପଟ୍ଟନାୟକ, ଦେବାଶିଷ ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ।



ଶିକ୍ଷକ ହରପ୍ରସାଦ ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ବ୍ୟକ୍ତିବିଶେଷ।

# ମହମବତି ଶୋଭାଯାତ୍ରାରେ ଶ୍ରଦ୍ଧାଞ୍ଜଳି



ଖବରକାଗଜ ବିତରକ ସଂଘ ମହମବତି ଜାଳି ଶ୍ରଦ୍ଧାଞ୍ଜଳି ଜଣାଉଛି।

ବରଗଡ଼,୨୭।୪ (ପ୍ରେମାନନ୍ଦ ଖମାରୀ)

ଜମ୍ମୁ କଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କ ଉଦ୍ଦେଶ୍ୟରେ ରବିବାର ଆମ୍ବେଡ଼କର ଯୁବସଂଘ ଏବଂ ଭୀମ୍ ଆର୍ମି ପକ୍ଷରୁ ମହମବତି ଶୋଭାଯାତ୍ରା ହୋଇଥିଲା। ଉଭୟ ଅନୁଷ୍ଠାନର ସଦସ୍ୟମାନେ ସ୍ଥାନୀୟ ଗାନ୍ଧୀଛକରୁ ମହମବତି ଶୋଭାଯାତ୍ରାରେ ବାହାରି କଚେରି ସମ୍ମୁଖକୁ ଯାଇଥିଲେ। ଆମ୍ବେଡ଼କର ଯୁବସଂଘ ବରଗଡ଼ର ସଭାପତି ବାଳମୁକୁନ୍ଦ ଜଗଦଲା, ଭୀମ୍ ଆର୍ମି ବରଗଡ଼ ଶାଖା ସଭାପତି ବୈକୁଣ୍ଠ ଜାଲ, ଆଶିଷ କୁମାର ସୁନା, ଯୁଧିଷ୍ଠିର ବିଭାର, ଅଚ୍ୟୁତ ସର, ଅନ୍ତର୍ଯାମୀ ଗଡ଼ତିଆ, ଦିଲ୍ଲୀପ ନାଗ, ଯୁଗଳ ପୋଢ଼, ନିରଞ୍ଜନ ବେହେରା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

ସେହିପରି ବରଗଡ଼ ଜିଲା ଖବର କାଗଜ ବିତରକ ସଂଘ ପକ୍ଷରୁ ମଧ୍ୟ ରବିବାର ସନ୍ଧ୍ୟାରେ ସ୍ଥାନୀୟ ଗାନ୍ଧୀଛକରେ ମହମବତି ଜାଳି ମୃତ ପର୍ଯ୍ୟଟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହାସହିତ ନିରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ସଂଘ ସଭାପତି ଯୋଗେନ୍ଦ୍ର ସାହୁ, ସମ୍ପାଦକ ସମ୍ପଦ କୁମାର କଲେତ୍, ସହ ସମ୍ପାଦକ ଅଚ୍ୟୁତ ସର, କୋଷାଧ୍ୟକ୍ଷ ଜୟପ୍ରକାଶ କୁମ୍ଭାର, ରାଜୀବ ବଗର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀଜଗନ୍ନାଥଙ୍କ ରଥ ନିର୍ମାଣ ପାଇଁ ବୌଦ୍ଧରୁ ଗଲା କାଠ

ବୌଦ୍ଧ,୨୭।୪(ଅଜିତ କୁମାର ବାରିକ)

ଶ୍ରୀଜଗନ୍ନାଥଙ୍କ ରଥ ନିର୍ମାଣ ପାଇଁ ରବିବାର ଚଳିତବର୍ଷ ପ୍ରଥମ ରଥକାଠ ବୌଦ୍ଧ ବନଖଣ୍ଡରୁ ପୁରୀ ପଠାଯାଇଛି। ବନଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ପୂଜାର୍ଚ୍ଚନା କରାଯିବା ସହ ହରିବୋଲ, ହୁଳହୁଳିରେ ପରିବେଶ ପ୍ରକମ୍ପିତ ହୋଇଥିଲା। ଏଥିରେ ଅତିଥି ଭାବେ ଯୋଗଦେଇଥିବା ଜିଲାପାଳ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଉପଜିଲାପାଳ ପ୍ରବୀଣ କୁମାର ବାଣୁଆ, ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂହ, ପୂର୍ବତନ ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତି ପ୍ରମୁଖ ସବୁଜ ପତାକା ଦେଖାଇ ରଥକାଠକୁ ବିଦାୟ ଦେଇଥିଲେ। ରଥ ନିର୍ମାଣ ପାଇଁ କଣ୍ଟାମାଳ ରେଞ୍ଜରୁ ୧୨ ଖଣ୍ଡ ଧଉରା ଓ ୮ ଖଣ୍ଡ ଅସନ କାଠ ପଠାଯାଇଥିବା ଜଣାପଡିଛି।



ପୁରୀ ଯିବାକୁ ଥିବା ରଥକାଠକୁ ପୂଜାର୍ଚ୍ଚନା କରାଯାଉଛି।

# ପାଣି ଯୋଗାଣରେ ରୋଟେଶନ ବନ୍ଦ କର

ବରଗଡ଼,୨୭।୪(ପ୍ରେମାନନ୍ଦ ଖମାରୀ)

## ଭେଡେନ କୃଷକ ସଙ୍ଗଠନ ବୈଠକ

ବରଗଡ଼ ଜିଲା ଭେଡେନ ବ୍ଲକ କୃଷକ ସଙ୍ଗଠନ ପକ୍ଷରୁ ଶନିବାର ବାବା ସିଦ୍ଧେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ଉତ୍ପନ୍ନ କୁମାର ଭୋଇ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ସର୍ବସମ୍ମତିକ୍ରମେ ଜମ୍ମୁ କଶ୍ମୀର ପହଲଗାମଠାରେ ଆତଙ୍କବାଦୀ ଆକ୍ରମଣରେ ମୃତ ନାଗରିକଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ସଂଯୁକ୍ତ କୃଷକ ସଙ୍ଗଠନର ପ୍ରମୁଖ ଉପଦେଷ୍ଟା ରମେଶ ମହାପାତ୍ରଙ୍କୁ ମେଲଛାମୁଣ୍ଡା ପୋଲିସ ଜାଣିଶୁଣି ମିଛ କେଶ ଦେଇ ବିଦ୍ୟୁତ୍ ସମସ୍ୟାର ସମାଧାନ ପାଇଁ ଚାଲୁଥିବା ଗଣତାନ୍ତ୍ରିକ ଆନ୍ଦୋଳନକୁ ଚାପି ଦେବାର ହୀନ ଚକ୍ରାନ୍ତ କରୁଛି ବୋଲି ଅଭିଯୋଗ କରି ଘୋର ନିନ୍ଦା କରାଯାଇଥିଲା। ପୋଲିସର ଏଭଳି ଉଦ୍ଦେଶ୍ୟମୂଳକ କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ରେଶମ କେନାଲରେ ପାଣି ଯୋଗାଣରେ ହେଉଥିବା ରୋଟେଶନକୁ ବନ୍ଦ କରା ନ ଗଲେ ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଥିଲା। ସେହିପରି ଗତ ମିଗଜୋମ ସମୟରେ ଫସଲ ନଷ୍ଟର କ୍ଷତିପୂରଣ ବର୍ତ୍ତମାନ ସୁଦ୍ଧା ମିଳି ନ ଥିବାରୁ ଆସନ୍ତା ୨୮ତାରିଖରେ ସଙ୍ଗଠନର ଏକ ପ୍ରତିନିଧି ଦଳ ଉପ ଜିଲାପାଳଙ୍କ ସହିତ ଆଲୋଚନା କରିବେ ଏବଂ ସନ୍ତୋଷଜନକ ଉତ୍ତର ନ ମିଳିଲେ ବୀମା କମ୍ପାନୀ ଏବଂ ଜିଲା କୃଷି ଅଫିସକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ମେ ୧୧ତାରିଖରେ ଭେଡେନ ବ୍ଲକସ୍ତରୀୟ କୃଷକ ସମାବେଶ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ସଂଯୁକ୍ତ କୃଷକ ସଙ୍ଗଠନର ରମେଶ ମହାପାତ୍ର, ବଭ୍ରୁବାହନ ସାହୁ, ସୁଦାମ ପାତ୍ର, ନରେନ୍ଦ୍ର ଭୋଇ, ମୋତିଲାଲ ମହାକୁଡ଼, ବିଜୟୀ ଲହରିୟା, ନନ୍ଦିଘୋଷ ମିଶ୍ର, ସରୋଜ ବାରିକ, କୁନା ପଧାନ, ଚୂଡ଼ାମଣି ଛନ୍ଦ, ନରୋତ୍ତମ କର୍ମୀ, ବିକାଶ ଭୋଇ, ଅଚ୍ୟୁତ ଖମାରୀ, ନବୀନ ଭୋଇ ଉପସ୍ଥିତ ଥିଲେ।



ପହଲଗାମ ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଉଛି।

# ଖରମୁଣ୍ଡା ହତ୍ୟା ମାମଲା, ୨ ଗିରଫ

ଅତାବିରା,୨୭।୪ (ଯୁଧିଷ୍ଠିର ମହାପାତ୍ର )

ବରଗଡ଼ ଜିଲା ଅତାବିରା ଥାନା ଅନ୍ତର୍ଗତ ଖରମୁଣ୍ଡା ଗ୍ରାମର ଶ୍ୟାମ କୁମାର ଧରେଇଙ୍କ ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ହତ୍ୟା ଘଟଣାରେ ପୋଲିସ ରବିବାର ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ପ୍ରେମରାଜ ଗୁରୁ ଓ ରାଜକୁମର ବରିହା। ସେମାନଙ୍କ ବିରୋଧରେ ଅତାବିରା ଥାନାରେ ଏକ ମାମଲା (ନଂ.୧୫୮/୨୦୨୫) ହୋଇଛି। ଗତ ୨୪ତାରିଖ ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଉକ୍ତ ହତ୍ୟାକାଣ୍ଡ ଘଟିଥିଲା।

# ଡୁମାଲ ସମାଜର ବିକାଶକୁ ଗୁରୁତ୍ୱ

ବରଗଡ଼,୨୭।୪(ପ୍ରେମାନନ୍ଦ ଖମାରୀ)



କାର୍ଯ୍ୟକ୍ରମରେ ନୀରବ ପ୍ରାର୍ଥନା କରାଯାଉଛି।

ବରଗଡ଼ ସହର ଡୁମାଲ ପରିବାରର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ସ୍ଥାନୀୟ ନଦୀଖଣ୍ଡିସ୍ଥିତ ସାଇ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସହରରେ ଥିବା ସମସ୍ତ ଡୁମାଲ ପରିବାର ସଦସ୍ୟାସଦସ୍ୟ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ମାଁ ମାହେଶ୍ୱରୀ ଦେବୀ ପୀଠ ଲାଉନସରାର ସମସ୍ତ ପୂଜକମାନଙ୍କ ଦ୍ୱାରା ପୂଜାର୍ଚ୍ଚନା ହୋଇଥିଲା। ପୂଜାର୍ଚ୍ଚନା ସମୟରେ କାଳିସୀ(ବରୁଆ) ନାଚିଥିଲେ। ପୂଜା ପରେ କୁନି ଝିଅମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ମାଁ ମାହେଶ୍ୱରୀ ବନ୍ଦନା ସହିତ ନୃତ୍ୟ ପରିବେଷଣ କରିଥିଲେ। ଡୋଲାମଣି ସିଂ ମଞ୍ଚ ପରିଚାଳନା ସହ ମାହେଶ୍ୱରୀ ଜଣାଣ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଡୁମାଲ ସମାଜର କଲ୍ୟାଣ ତଥା ଉନ୍ନତି ପାଇଁ ଆଲୋଚନା ହୋଇଥିଲା। ଏହି ଅବସରରେ ଡୁମାଲ ପରିବାର ସଦସ୍ୟ ସ୍ୱର୍ଗତ ଯୁଗଳ କର୍ମୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ ତାଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ମଧୁ ମହାକୁର, ତୁଷାର କର୍ମୀ, ନିରାକାର ଡାଙ୍ଗ, ସ୍ୱରୂପାନନ୍ଦ ଖେତୀ, ଭୁବନେଶ୍ୱର ଡାଙ୍ଗ, ଫକୀର କର୍ଣ୍ଣ, ସୁଦାମ ଦେହେରୀ, ସନ୍ତୋଷ ପ୍ରଧାନ, ନ୍ୟାୟବନ୍ତ ଅମାତ, ପାଣ୍ଡବ କର୍ଣ୍ଣ, ଶ୍ରୀକାନ୍ତ ପ୍ରଧାନ, ଚନ୍ଦ୍ରଶେଖର କମ୍ପ, ମନୋଜ ଛନ୍ଦ, ନିରଞ୍ଜନ ମହାକୁର, ଆନନ୍ଦ ମହାକୁର, ପିଣ୍ଟୁ ଡାଙ୍ଗଙ୍କ ସମେତ ଡୁମାଲ ପରିବାରର ଅନ୍ୟ ସଦସ୍ୟା ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମନ୍ତ୍ରରାମ ଛନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।



ସମବେତ ଜନତାଙ୍କ ସମ୍ମୁଖରେ କାଳିସୀ (ବରୁଆ) ନାଚୁଛନ୍ତି।

## ସଂକ୍ଷେପରେ

### ସ୍କ୍ରାପ୍ ଜବତ, ଜଣେ ଗିରଫ

ରାଉଲକେଲା,୨୭।୪(ସଙ୍ଗୀତା ଜେନା)

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଟିସିଆଇ ଛକରେ ରବିବାର ମଧ୍ୟାହ୍ନ ସାଢେ ୧୨ଟାରେ ପରିମାଣର ସ୍କ୍ରାପ୍ ବୋଝେଇ ଏକ ୪୦୭ ଟ୍ରକ୍‌କୁ ଜବତ କରାଯାଇଛି। ଏହି ଘଟଣାରେ ସ୍କ୍ରାପ ପରିବହନକାରୀ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଉମେଶ ଗୁପ୍ତା(୩୬)। ସ୍କ୍ରାପ୍‌ଗୁଡ଼ିକର ଆନୁସଙ୍ଗିକ କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ତାଙ୍କୁ ଗିରଫ କରିଥିଲା। ଏ ନେଇ ଏକ ମାମଲା (ନଂ.୨୧୧/୨୫) ରୁଜୁ ହୋଇଛି। ତେବେ ଜବତ ସ୍କ୍ରାପ୍‌ର ଓଜନ ୨୪୫୦ କେଜି ଥିବାବେଳେ ତାହା ଲକ୍ଷାଧିକ ଟଙ୍କା ହେବ ବୋଲି ପୋଲିସ ଅନୁମାନ କରିଛି।

### ଧୂଳିଶ୍ୱର ବସ୍ତିଆଙ୍କ ଶ୍ରାଦ୍ଧ ଦିବସରେ ଆର୍‌ଏମ୍‌ଏସ୍‌ର ଶ୍ରଦ୍ଧାଞ୍ଜଳି

ରାଉରକେଲା,୨୭।୪(ସଙ୍ଗୀତା ଜେନା)

ରାଉରକେଲା ମଜଦୂର ସଭାର ପୂର୍ବତନ ସାଧାରଣ ସମ୍ପାଦକ ତଥା ବିଶିଷ୍ଟ ଶ୍ରମିକ ନେତା ସ୍ୱର୍ଗତ ଧୂଳିଶ୍ୱର ବସ୍ତିଆଙ୍କ ୫୯ତମ ଶ୍ରାଦ୍ଧ ଦିବସ ପାଳିତ କରାଯାଇଛି। ଏହି ଅବସରରେ ରାଉରକେଲା ମଜଦୂର ସଭା ଓ ହିନ୍ଦ୍ ମଜଦୂର ସଭା ସହବନ୍ଧିତ ଶ୍ରମିକ ସଙ୍ଗଠନର ଶତାଧିକ କର୍ମକର୍ତ୍ତା ଓ କର୍ମୀ ସ୍ଥାନୀୟ ଆମ୍ବଗାନ ଛକରେ ରବିବାର ସକାଳ ୭ଟାରେ ଏକ ଶୋଭାଯାତ୍ରାରେ ଦିବଂଗତ ନେତାଙ୍କର ହମିରପୁର ଘାଟସ୍ଥିତ ସମାଧି ପୀଠକୁ ଯାଇଥିଲେ। ସେଠାରେ ପୂଜାର୍ଚ୍ଚନା କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। କାର୍ଯ୍ୟକର୍ମରେ ରାଉରକେଲା ମଜଦୂର ସଭା ସଭାପତି ଶଶଧର ନାୟକ, ସାଧାରଣ ସମ୍ପାଦକ ଅକ୍ଷୟ କୁମାର ନାୟକ, ପ୍ରାକ୍ତନ ସଭାପତି ପ୍ରଭାକର ଚମ୍ପତିରାୟ, ନେତା ହରେକୃଷ୍ଣ ପାଢ଼ୀ, ଆଲୋକ ବୋଷ, ଅସଙ୍ଗଠିତ କ୍ଷେତ୍ର ନେତା ଦିଗମ୍ବର ମହାନ୍ତି, କଳାକାର ସାହୁ, ଖଗେନ୍ଦ୍ର ବେହେରା, ଦିଲ୍ଲୀପ କୁମାର ଜେନା, ପ୍ରଫୁଲ୍ଲ ବେହେରା, ସୋମନାଥ ସ୍ୱାଇଁ, ନିରୂପାନନ୍ଦ ନାୟକ, ଅବନୀ ବଳ, ନିରଞ୍ଜନ ବେହେରା,ସୀତାକାନ୍ତ ପାତ୍ର, ମହେଶ୍ୱର ମହାପାତ୍ର, ନିର୍ମଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା ସମୀକ୍ଷା ବୈଠକ

ରାଉରକେଲା,୨୭।୪(ଦିନେଶ ମିଶ୍ର)

ରାଉରକେଲା ଗାୟତ୍ରୀ ଶକ୍ତିପୀଠ ପରିସରରେ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା (ବିଏସ୍‌ଜିପି)ର କାର୍ଯ୍ୟ ସମୂହ ସମୀକ୍ଷା ଓ ଭବିଷ୍ୟତ ନିର୍ଦ୍ଦେଶନା ବିଷୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଶାନ୍ତିକୁଞ୍ଜ ବିଏସ୍‌ଜିପିର ଜାତୀୟ ପ୍ରଭାରୀ ରାମଯଶ ତିୱାରୀ ବୈଠକରେ ଅଧ୍ୟକ୍ଷତା କରିଥିଲେ। ତାଙ୍କ ସହ ଓଡିଶା ରାଜ୍ୟ ପ୍ରଭାରୀ ପି. ସି ଦାସ, ସୁନ୍ଦରଗଡ ଜିଲା ପ୍ରଭାରୀ ବିଚିତ୍ର ସ୍ୱାଇଁଙ୍କ ସମେତ ଓଡିଶାର ବିଭିନ୍ନ ଜିଲାର ଅନେକ ପ୍ରମୁଖ କାର୍ଯ୍ୟକର୍ତ୍ତା ଓ ପଦାଧିକାରୀ ଉପସ୍ଥିତ ଥିଲେ। କରୋନା କାଳରେ ବିଳମ୍ବିତ ହୋଇଥିବା ବିଏସ୍‌ଜିପି କାର୍ଯ୍ୟକୁ ପୁନଃ ସକ୍ରିୟ କରିବା, ସଙ୍ଗଠନର ସ୍ଥିତି ବିଷୟରେ ମୂଲ୍ୟାଙ୍କନ ଓ ଭବିଷ୍ୟତ ଯୋଜନା ବିଷୟରେ ଚର୍ଚ୍ଚା କରାଯାଇଥିଲା। ବୈଠକରେ ରାଉରକେଲା ଗାୟତ୍ରୀ ଶକ୍ତିପୀଠର ପ୍ରଧାନ ଟ୍ରଷ୍ଟି ନିତ୍ୟାନନ୍ଦ ଦାସ, ସହଯୋଗୀ ଟ୍ରଷ୍ଟି କୁଞ୍ଜ ବିହାରୀ ସାହୁ, ବୃନ୍ଦାବନ ମହାନ୍ତି, ଅରବିନ୍ଦ ପ୍ରସାଦ, ସୁରେନ୍ଦ୍ର ସାହୁ, ସମସ୍ତ କର୍ମକର୍ତ୍ତାଙ୍କ ସହ ସମାଜସେବୀ ଉପସ୍ଥିତ ଥିଲେ।

# କାମରେ ଆସୁନି ସର୍ବସାଧାରଣ ଶୌଚାଳୟ



ଉପନିବନ୍ଧକଙ୍କ ଅଫିସ ସମ୍ମୁଖରେ ଥିବା ଶୌଚାଳୟ।

ରାଉରକେଲା,୨୭।୪ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ପାନପୋଷସ୍ଥିତ ମ୍ୟାରେଜ ସବ୍‌ରେଜିଷ୍ଟ୍ରାର ଅଫିସ ତଥା ଉପନିବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନବନିର୍ମିତ ଶୌଚାଳୟରେ ବିଦ୍ୟୁତ୍ ସଂଯୋଗ ସହ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟ ସମ୍ପନ୍ନ ହୋଇ ନ ଥିବାରୁ ବ୍ୟବହାର ଅନୁପଯୋଗୀ ହୋଇପଡିଛି।ଫଳରେ ଉପନିବନ୍ଧକଙ୍କ କାର୍ଯ୍ୟାଳୟକୁ ଆସୁଥିବା ସାଧାରଣ ଜନତା ଅସୁବିଧା ଭୋଗୁଛନ୍ତି।

ପ୍ରକାଶ ଥାଉକି, ୨୦୨୩-୨୪ ଆର୍ଥିକ ବର୍ଷରେ ଆର୍‌ଏମ୍‌ସି ପକ୍ଷରୁ ସବ୍‌ରେଜିଷ୍ଟ୍ରାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିର୍ମାଣ କରାଯାଇଥିଲା। ଫଳରେ ମ୍ୟାରେଜ ସବ୍‌ରେଜିଷ୍ଟ୍ରାର, ବୈଧମାପ ବିଜ୍ଞାନ ରାଉରକେଲା-୧, ଖାଦ୍ୟ ଯୋଗାଣ ବିଭାଗ କାର୍ଯ୍ୟାଳୟକୁ ଦୈନିକ ଆସୁଥିବା ହଜାର ହଜାର ଲୋକ ଏହି ଶୌଚାଳୟ ବ୍ୟବହାର କରିପାରିବେ ବୋଲି ଆଶା କରାଯାଉଥିଲା। ମାତ୍ର ପରିତାପର ବିଷୟ ନିର୍ମାଣର ଦୀର୍ଘମାସ ବିତିସାରିଥିଲେ ମଧ୍ୟ ଶୌଚାଳୟରେ ବିଦ୍ୟୁତ୍ କି ପାଇପ୍ ସଂଯୋଗ ହୋଇପାରିନାହିଁ। ଫଳରେ ଶୌଚାଳୟ ଲୋକମାନଙ୍କ ସେବାରେ ନ ଆସି ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ଶୌଚାଳୟ ପରିତ୍ୟକ୍ତ ଅବସ୍ଥାରେ ଥିବାରୁ ଲୋକେ ଅଳିଆ ଆବର୍ଜନା ପକାଉଛନ୍ତି। ଅଳିଆ ଗନ୍ଧରେ ସ୍ଥାନୀୟ ଅଞ୍ଚଳ ପୂତିଗନ୍ଧମୟ ହେଉଛି। ଏ ଦିଗରେ ବିଭାଗୀୟ ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଆର୍‌ଏମ୍‌ସି ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଥିଲେ, ଏହି ସମସ୍ୟା ନେଇ ଏଯାଏ ମୋ ପାଖରେ କୌଣସି ଅଭିଯୋଗ ହୋଇନାହିଁ। ତଦନ୍ତ କରି ଜରୁରୀକାଳୀନ ପଦକ୍ଷେପ ନିଆଯିବ ଏବଂ ଅସ୍ୱଚ୍ଛ ବାତାବରଣକୁ ସ୍ୱାଭାବିକ କରାଯିବ ବୋଲି ସେ କହିଥିଲେ।

ରାଉରକେଲା,୨୭।୪(ଦିନେଶ ମିଶ୍ର)

ନିର୍ମାଣ ଦିନରୁ ଶୌଚାଳୟରେ ପଡିଛି ତାଲା। ଫଳରେ ସ୍ଥାନୀୟ ଲୋକେ ଏହି ଶୌଚାଳୟ ବ୍ୟବହାର କରିପାରୁନାହାନ୍ତି। ଏଭଳି ଦୃଶ୍ୟ ରାଉରକେଲାର ଦ୍ୱିତୀୟ ପ୍ରବେଶ ପଥ ରେଲୱେ ଷ୍ଟେଶନ ଦେଇ ଯାଇଥିବା ବିଏସ୍‌ଏନ୍‌ଏଲ ଛକ ନିକଟରେ ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ ଯୋଜନାରେ ୨୦୨୩-୨୪ ଆର୍ଥିକ ବର୍ଷରେ ଆର୍‌ଏମ୍‌ସି ଅନ୍ତର୍ଗତ ୱାର୍ଡ ନମ୍ବର-୨୪ରେ ଉକ୍ତ ଶୌଚାଳୟ ନିର୍ମାଣ କରାଯାଇଥିଲା। ଏଥିପାଇଁ ୨ଲକ୍ଷ ୫୬ ହଜାର ୭୬୬ ଟଙ୍କା ବ୍ୟୟ କରାଯାଇଥିଲା। କିନ୍ତୁ ଶୌଚାଳୟ ନିର୍ମାଣ ଦିନରୁ ଆଜିଯାଏ ପାଣି ବ୍ୟବସ୍ଥା କରାଯାଇ ନ ଥିବାରୁ ଏଥିରେ ୨ ବର୍ଷ ହେଲା ଚାବି ପଡିରହିଛି। ଫଳରେ ନୂଆ ବସ୍ତି ଓ ବିଏସ୍‌ଏନ୍‌ଏଲ ଛକ ବ୍ୟବସାୟୀ ଏହି ଶୌଚାଳୟ ବ୍ୟବହାରରୁ ବଞ୍ଚିତ ହେଉଛନ୍ତି। ଅନ୍ୟପକ୍ଷେ ଏହି ଶୌଚାଳୟକୁ ଯାତାୟାତ ପାଇଁ ରାସ୍ତା କରାଯାଇନାହିଁ। ଶୌଚାଳୟ ଛାତ ଉପରେ ଏକ ପ୍ଲାଷ୍ଟିକ ପାଣି ଡ୍ରମ୍ ରହିଥିବାବେଳେ ପାଣି ନିଷ୍କାସନ ପାଇଁ ଟ୍ୟାପ୍ ବ୍ୟବସ୍ଥା ନାହିଁ। ଏ ନେଇ ଆର୍‌ଏମ୍‌ସି ଯନ୍ତ୍ରୀ ଦିଲେଶ୍ୱର ତାମ୍ବୁଲିଆଙ୍କୁ ପଚାରିବାରୁ ସେ କହିଥିଲେ, ବର୍ତ୍ତମାନ ଏହି ଶୌଚାଳୟ କେଉଁ ପରିସ୍ଥିତିରେ ଅଛି ମୁଁ ଜାଣିନାହିଁ ବୋଲି କହି ଆର୍‌ଏମ୍‌ସି ଯୁଗ୍ମ ଉପଆୟୁକ୍ତଙ୍କୁ ପଚାରିବାକୁ କହିଥିଲେ। ଆରଏମ୍‌ସି ଉପଆୟୁକ୍ତ ଅଜିତ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଥିଲେ, ଏହି ଶୌଚାଳୟ ନିର୍ମାଣ ହେବା ପରେ ଏହା ଆମକୁ ହସ୍ତାନ୍ତର କରାଯାଇନାହିଁ। ତଥାପି ଆମେ ଦୁଇଦିନ ଭିତରେ ଆମର ସାନିଟାଇଜର ଟିମ୍‌କୁ ଉକ୍ତ ସ୍ଥାନକୁ ପଠାଇ ଶୌଚାଳୟ ସ୍ଥିତି ଅନୁଧ୍ୟାନ କରିବୁ। ଶୌଚାଳୟରେ ପାଣି ସଂଯୋଗୀକରଣ କରାଯାଇ ନ ଥିଲେ ଖୁବ୍‌ଶୀଘ୍ର ୱାଟକୋ ବିଭାଗକୁ ଅବଗତ କରି ଏହାକୁ ଜନସାଧାରଣଙ୍କ ବ୍ୟବହାରରେ ଲଗାଇବୁ ବୋଲି ପଟ୍ଟନାୟକ କହିଥିଲେ।



ୱାର୍ଡ ନଂ. ୨୪ରେ ଥିବା ଶୌଚାଳୟରେ ତାଲା ପଡିଛି।

# ହିତାଧିକାରୀଙ୍କୁ ଆୟୁଷ୍ମାନ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ



ସ୍ୱାସ୍ଥ୍ୟ ମନ୍ତ୍ରୀ ହିତାଧିକାରୀଙ୍କୁ ଆୟୁଷ୍ମାନ କାର୍ଡ ବଣ୍ଟନ କରୁଛନ୍ତି।

ରାଉରକେଲା ୨୭।୪ (ବିପ୍ଳବ ରଞ୍ଜନ ଦାଶ)

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ଶନିବାର ଦିନିକିଆ ରାଉରକେଲା ଗସ୍ତରେ ଆସିଥିଲେ। ସେ ସକାଳେ ରାଉରକେଲା ରେଳ ଷ୍ଟେଶନରେ ପହଞ୍ଚିବା ପରେ ଭାଜପାର କର୍ମୀ ଓ ନେତା ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ମନ୍ତ୍ରୀ ମହାଲିଙ୍ଗ ଜାତୀୟ ସ୍ୱାସ୍ଥ୍ୟ ମିଶନ ପରିଚାଳିତ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର ସେକ୍ଟର-୬ସ୍ଥିତ ଆୟୁଷ୍ମାନ ଜନ ଆରୋଗ୍ୟ ମନ୍ଦିର ପରିଦର୍ଶନରେ ଯାଇଥିଲେ। ସେଠାରେ ଆୟୋଜିତ ଏକ ବୈଠକରେ ଯୋଗଦେଇ ମନ୍ତ୍ରୀ ମହାଲିଙ୍ଗ ଜନ ଆରୋଗ୍ୟ ମନ୍ଦିରର ପରିଚାଳନା ଏବଂ ଅନ୍ୟାନ୍ୟ ବ୍ୟବସ୍ଥା ସମ୍ବନ୍ଧରେ ପଚାରି ବୁଝିଥିଲେ। ବୈଠକରେ ଉପସ୍ଥିତ ଡାକ୍ତରଖାନା ଅଧିକାରୀ ଓ କର୍ମଚାରୀମାନେ ନିଜ ନିଜର ମତ ରଖିଥିଲେ। ଏହି ଅବସରରେ ଡାକ୍ତରଖାନାରେ ଆୟୋଜିତ ଏକ ଉତ୍ସବରେ ମନ୍ତ୍ରୀ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀମାନଙ୍କୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାର ନୂତନ ଏକକ କାର୍ଡ ବଣ୍ଟନ କରିଥିଲେ।

# ଅଗ୍ନିସେବା ସପ୍ତାହରେ ଚିତ୍ରାଙ୍କନ ପ୍ରତିଯୋଗିତା

ରାଉରକେଲା,୨୭।୪(ବିପ୍ଳବ ରଞ୍ଜନ ଦାଶ)

ଅଗ୍ନିଶମ ସେବା ସପ୍ତାହ ପାଳନର ଅଂଶସ୍ୱରୂପ ସେଲ୍ ଆର୍‌ଏସ୍‌ପିର ଅଗ୍ନିଶମ ସେବା ବିଭାଗ ପକ୍ଷରୁ ରାଉରକେଲା ସେକ୍ଟର-୨୦ସ୍ଥିତ ଇସ୍ପାତ ଇଂଲିଶ ମାଧ୍ୟମ ବିଦ୍ୟାଳୟରେ ଗତ ୨୩ ଓ ୨୪ ତାରିଖରେ ସ୍ୱଟ୍ ପେଣ୍ଟିଂ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଦ୍ୱିତୀୟରୁ ଦଶମ ଶ୍ରେଣୀର ପ୍ରାୟ ୨ଶହ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରତିଯୋଗିତା ତିନୋଟି ବର୍ଗରେ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାର ଶୀର୍ଷକ ଥିଲା 'ଅଗ୍ନିସେବା କର୍ମୀ: ଜୀବନ ଓ ସମ୍ପତ୍ତି ରକ୍ଷା ନିମନ୍ତେ ସଭିଙ୍କ ସାଥୀ'। ଗ୍ରୁପ୍ 'ଏ'ରେ ୫ମରୁ ୧୦ମ ଶ୍ରେଣୀର ପ୍ରାୟ ୫୦ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେହିଭଳି ୫ମ, ୬ଷ୍ଠ ଓ ୭ମ ଶ୍ରେଣୀକୁ ନେଇ ଗଠିତ 'ବି' ଗ୍ରୁପ୍ ଏବଂ ଦ୍ୱିତୀୟ, ତୃତୀୟ ଏବଂ ଚତୁର୍ଥ ଶ୍ରେଣୀକୁ ନେଇ 'ସି' ଗ୍ରୁପ୍‌ର ମୋଟ ୧୪୦ଜଣ ଛାତ୍ରୀଛାତ୍ର କଳା ପ୍ରତିଭା ପ୍ରଦର୍ଶନ କରିଥିଲେ।



ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର।

# ଅନ୍ତର୍ଜାତୀୟ ସେବିକା ଦିବସରେ ବିବିଧ ପ୍ରତିଯୋଗିତା



କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ର ଓ ବିଚାରକଗଣ।

ରାଉରକେଲା,୨୭।୪ (ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ଇସ୍ପାତ ଜେନେରାଲ ହସ୍ପିଟାଲର ନର୍ସିଂ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ଅନ୍ତର୍ଜାତୀୟ ସେବିକା ଦିବସ ଉପଲକ୍ଷେ ଗତ ୨୧ତାରିଖରେ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। ଏଥିରେ ୯୧ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏନ୍‌ଟିଆଇର ବାହ୍ୟ ଅଧ୍ୟାପକ କେ. ଏମ୍ ପାତ୍ର ବିଚାରକ ଥିଲେ। ପେନ୍ସିଲ ସ୍କେଚ ପ୍ରତିଯୋଗିତାରେ ପ୍ରାୟ ୪୪ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ସିଏମଓ ଡକ୍ଟର ସୋନିଆ ଜୋଷୀ, ବରିଷ୍ଠ ପରାମର୍ଶଦାତା ଡକ୍ଟର ବ୍ୟାସଦେବ ମିଶ୍ର ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର ତଥା ଭାଇସ ପ୍ରିନ୍ସିପାଲ ସୁଶ୍ରୀ ନବନୀତା ଜେନା ମୂଲ୍ୟାଙ୍କନ କରିଥିଲେ। ମନୋ ଆକ୍ଟିଂ ପ୍ରତିଯୋଗିତାରେ ୧୫ଜଣ ଛାତ୍ରୀଛାତ୍ର ପ୍ରତିଭା ପ୍ରଦର୍ଶନ କରିଥିଲେ। ମୁଖ୍ୟ ପରାମର୍ଶଦାତା ଡ. ସରୋଜ କୁମାର ରାଉତ, ଆସିଷ୍ଟାଣ୍ଟ ମ୍ୟାନେଜର ସୁଶ୍ରୀ ମୀରା ପତି ଏବଂ ବରିଷ୍ଠ ନର୍ସିଂ ଟ୍ୟୁଟର ସୁଶ୍ରୀ ଅନୀତା ରାୟ ଏହାର ବିଚାରକ ଥିଲେ। ସେହିପରି ୨୨ତାରିଖରେ ଫ୍ଲୋର ଡିଜାଇନ, ବକ୍ତୃତା, ଏକକ ଗୀତ କାର୍ଯ୍ୟକ୍ରମର ବିଚାରକ ମଣ୍ଡଳୀରେ ସିନିୟର ନର୍ସିଂ ସିଷ୍ଟର ସୁଶ୍ରୀ ଜୟଶ୍ରୀ ରାଉତ, ଡେପୁଟି ସିଏମ୍‌ଓ ଡକ୍ଟର ବି. ଏସ୍. ରାୟ ଚୌଧୁରୀ ଏବଂ ଟିଫ୍ କନ୍‌ସଲଟାଣ୍ଟ ଡକ୍ଟର ଅନିମା ଟିଗା ସାମିଲ ହୋଇଥିଲେ। ପ୍ରାୟ ୨୦ଜଣ ଛାତ୍ରୀଛାତ୍ର ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ନିର୍ଣ୍ଣାୟକ ମଣ୍ଡଳୀରେ ଡେପୁଟି ସିଏମ୍‌ଓ ଡକ୍ଟର ଅରୁଣା ମୁକ୍ତି ମିଞ୍ଜ, ସୁଶ୍ରୀ ମଧୁସ୍ମିତା ଜେନା ଏବଂ ସୁଶ୍ରୀ ସାଇନି ଜର୍ଜ ସାମିଲ ଥିଲେ। ୧୫ଜଣ ଛାତ୍ରୀଛାତ୍ର ଏକକ ଗୀତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଡେପୁଟି ସିଏମ୍‌ଓ ଡକ୍ଟର କେ. ସି ତାଣ୍ଡି, ସିନିୟର ନର୍ସିଂ ସିଷ୍ଟର ସୁଶ୍ରୀ ଜ୍ୟୋତ୍ସ୍ନାରାଣୀ ରାୟ ଏବଂ ନର୍ସିଂ ସିଷ୍ଟର ସୁଶ୍ରୀ ସସ୍ମିତା ସାହୁ ବିଚାରକ ଥିଲେ।

# ଏନ୍‌ଆଇଟିରେ ପହଲଗାମ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି

ରାଉରକେଲା,୨୭।୪(ସଙ୍ଗୀତା ଜେନା)

ଜମ୍ମୁ କଶ୍ମୀର ପହଲଗାମରେ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ରାଉରକେଲା ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି ଅବସରରେ ରବିବାର ସନ୍ଧ୍ୟା ୬ଟାରେ ଏକ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଛାତ୍ର, ଅଧ୍ୟାପକ ଓ କର୍ମଚାରୀ ଷ୍ଟୁଡେଣ୍ଟ ଆକ୍ଟିଭିଟି ସେଣ୍ଟର (ସାକ୍) ଠାରେ ଏକତ୍ରିତ ହୋଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପ୍ରଥମେ ୨ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ତାଙ୍କ ଅଭିଭାଷଣରେ କହିଥିଲେ, ମାନବିକତାଙ୍କୁ ଦୋହଲାଇ ଦେଇଥିବା ଉକ୍ତ ଘଟଣାକୁ ନେଇ ଆମେମାନେ ଗଭୀର ଭାବେ ମର୍ମାହତ। ଏହିପରି ହିଂସା ମାନବିକତା ମୂଳଦୁଆକୁ ହଲାଇ ଦେଇଛି। ଏହି ଅକଳ୍ପନୀୟ କ୍ଷତି ପାଇଁ ସମବେଦନା ଜଣାଉଛି। ଈଶ୍ୱର ଦିବଂଗତ ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ ବୋଲି ନିର୍ଦ୍ଦେଶକ ରାଓ କହିଥିଲେ। ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମାନ୍, (ଛାତ୍ର ବ୍ୟପାର) ଡିନ୍ ପ୍ରଫେସର ନିରଞ୍ଜନ ପଣ୍ଡା ଏହି ସଭାରେ ଯୋଗଦେଇ ସମବେଦନା ଜଣାଇଥିଲେ। ଏହି ଶୋଭାଯାତ୍ରା କ୍ୟାମ୍ପସ ପରିକ୍ରମା କରିଥିଲା। ସାକ୍ ସଭାପତି ପ୍ରଫେସର ରାଜୀବ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

ରାଉରକେଲା,୨୭।୪(ଦିନେଶ ମିଶ୍ର)

ଉଦିତନଗରସ୍ଥିତ ପଞ୍ଚଦେବ ମନ୍ଦିର ପରିସରରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଶ୍ରୀପଞ୍ଚଦେବ କଲଚରାଲ ଟ୍ରଷ୍ଟ ପକ୍ଷରୁ ଆୟୋଜନ କରାଯାଇଛି। ଏହି ୪ ଦିନିଆ ଉତ୍ସବର ପ୍ରଥମ ଦିନରେ ମନ୍ଦିରର ମୁଖ୍ୟ ପୂଜକ ଦୀନବନ୍ଧୁ ଦାଶଙ୍କ ଅଧ୍ୟକ୍ଷତାରେ ପ୍ରାତଃ ସମୟରେ ଅଙ୍କୁରାରୋପଣ, ଧାନ୍ୟାଧିବାସ, ମଣ୍ଡଳ ସ୍ଥାପନ, ଶାଳା ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ସମୟରେ ଓଡିଶୀ ନୃତ୍ୟ ସହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରେ ଶ୍ରୀଜଗନ୍ନାଥ ଗବେଷକ ହରେକୃଷ୍ଣ ଶତପଥୀ ଶ୍ରୀଜଗନ୍ନାଥ କଥାମୃତ ପ୍ରବଚନ ଦେଇଥିଲେ। ଏଥିରେ ସ୍ଥାନୀୟ ଜଗନ୍ନାଥପ୍ରେମୀ ଉପସ୍ଥିତ ଥିଲେ। ପ୍ରବଚନ ପରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ମ୍ୟାନେଜିଂ ଟ୍ରଷ୍ଟି ବିଜୟ କୁମାର ପ୍ରଧାନ, ଅଧ୍ୟକ୍ଷ ଦିଲୀପ କୁମାର କର, ବିଜୟ କୁମାର ପ୍ରଧାନଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଯୋଗ ଦ୍ୱାରା ବିକାର ଦୂର ହୋଇପାରିବ

ରାଉରକେଲା,୨୭।୪(ଦିନେଶ ମିଶ୍ର)

ବାସନ୍ତୀ କଲୋନିସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପରିସରରେ ରାଜଯୋଗିନୀ ବ୍ରହ୍ମାକୁମାରୀ ବିମଳା ଦିଦିଙ୍କ ଅଧ୍ୟକ୍ଷତାରେ ଶନିବାର ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବାସନ୍ତୀ କଲୋନି ତଥା ଆଖପାଖ ଅଞ୍ଚଳର ବହୁ ବ୍ରହ୍ମକୁମାର ଓ କୁମାରୀ ଉପସ୍ଥିତ ରହି ଯୋଗ ଶିବିରର ମହତ୍ୱ ଓ ଆତ୍ମା ପରମାତ୍ମାର ସମ୍ବନ୍ଧ ବିଷୟରେ ଅବଗତ ହୋଇଥିଲେ। ନିଜର ଆତ୍ମିକ ସ୍ଥିତିକୁ ଏକାଗ୍ରତାର ସହ କୌଣସି କାର୍ଯ୍ୟରେ ସଂଯୋଗ କରିବା ହିଁ ଯୋଗ। ପ୍ରତିଦିନ ଯୋଗ ଅଭ୍ୟାସ ଦ୍ୱାରା ୫ ବିକାରକୁ ନିୟନ୍ତ୍ରଣ କରିବା ସହ ଦୂରୀକରଣ କରାଯାଇପାରିବ ବୋଲି ରାଜଯୋଗିନୀ ବିମଳା ଦିଦି କହିଥିଲେ। ଏହି ଶିବିରରେ ୭୦ରୁ ଊର୍ଦ୍ଧ୍ୱ ଶିବିରାର୍ଥୀ ଉପସ୍ଥିତ ଥିଲେ। ଶିବିର ଆରମ୍ଭ ପୂର୍ବରୁ ପ୍ରାତଃ ସମୟରେ ଶିବବାବାଙ୍କ ମୁରଲି ଶ୍ରେଣୀ ପାଠ୍ୟକ୍ରମ ପଠନ କରାଯାଇଥିଲା। ବାସନ୍ତୀ କଲୋନି ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସମସ୍ତ ଉଭଣୀଭାଇ ସହଯୋଗ କରିଥିଲେ।

# ମେ ୨୦ରେ ମିଳିତ କନ୍‌ଭେନଶନ

ରାଉରକେଲା,୨୭।୪(ସଙ୍ଗୀତା ଜେନା)

ଶ୍ରମ ସଙ୍ଗଠନଗୁଡିକ ପକ୍ଷରୁ ଆସନ୍ତା ମେ ୨୦ତାରିଖରେ ଦେଶବ୍ୟାପୀ ହେବାକୁ ଥିବା ଧର୍ମଘଟ ପରିପ୍ରେକ୍ଷୀରେ ଶନିବାର ସନ୍ଧ୍ୟା ୬ଟାରେ ବିଶ୍ରା ଛକରେ କନ୍‌ଭେନଶନ ଆୟୋଜିତ ହୋଇଯାଇଛି। ଏହି ମିଳିତ ମଞ୍ଚ କନ୍‌ଭେନଶନରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନବିରୋଧୀ, ଶ୍ରମିକ ବିରୋଧୀ ନୀତିକୁ ବିରୋଧ କରି ଧର୍ମଘଟ ହେବ ବୋଲି ନେତୃବୃନ୍ଦ ବକ୍ତବ୍ୟ ରଖିଥିଲେ। ନେତୃମଣ୍ଡଳୀଙ୍କ ମଧ୍ୟରେ ଆଇଏନ୍‌ଟିୟୁସି ଜିଲା ସଭାପତି ତଥା ରାଉରକେଲା ଶ୍ରମିକ ସଂଘ ଉପସଭାପତି ନିହାର ରଞ୍ଜନ ଦାସ, ବୀରକିଶୋର ଶେଖର ଦେଓ, ରଘୁନାଥ ପ୍ରଧାନ, ବିକାଶ ବେହୁରିଆ, ସିଟୁର ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ହିନ୍ଦ୍ ମଜଦୁର ସଭାର ଖଗେନ୍ଦ୍ର ବେହେରା, ସତ୍ୟାନନ୍ଦ ବେହେରା, ଆଇଏନ୍‌ଟିୟୁସିର ରାଜ୍ୟ କାର୍ଯ୍ୟକାରୀ ସଭାପତି ମହେଶ୍ୱର ରାଉତ, ଆର୍‌ଡବ୍ଲ୍ୟୁୟୁର ଅଜିତ ନାୟକ, ସତ୍ୟପ୍ରିୟ ମହାନ୍ତି, ଆଇଏଲ୍‌ୟୁର ରାଜା ମହାନ୍ତି, ଭାଗୀରଥି ଟୁଡୁ, ସଦାନନ୍ଦ ସାହୁ, ବିଷ୍ଣୁ ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଉକ୍ତ ଧର୍ମଘଟକୁ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା।





କାର୍ଯ୍ୟକ୍ରମରେ ଉପସ୍ଥିତ ବିଭିନ୍ନ ଟ୍ରେଡ୍ ୟୁନିୟନର ସଦସ୍ୟ।

# ନାଟକ 'ପୁଣି ପଳେଇଛି' ମଞ୍ଚସ୍ଥ

ରାଉରକେଲା,୨୭।୪ (ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ଆନୁକୂଲ୍ୟରେ ରାଉରକେଲାର ଉତ୍କଳୀ ସାଂସ୍କୃତିକ ଶିଳ୍ପୀ ଅନୁଷ୍ଠାନ ପକ୍ଷରୁ ସିଭିକ୍ ସେଣ୍ଟରରେ ଚାଲିଥିବା ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ନଟରଙ୍ଗ-୨୦୨୫ର ଦ୍ୱିତୀୟ ସନ୍ଧ୍ୟାରେ ନାଟକ 'ପୁଣି ପଳେଇଛି' ରବିବାର ମଞ୍ଚସ୍ଥ ହୋଇଯାଇଛି। ଏହି ନାଟକ ମନୋଜ ମିତ୍ରଙ୍କ ଦ୍ୱାରା ରଚିତ ହୋଇଥିବା ବେଳେ କଥାବସ୍ତୁରେ ନାୟକ କୃଷ୍ଣଚନ୍ଦ୍ରଙ୍କ ଜୀବନର କିଶୋର ଅବସ୍ଥାରେ ତାଙ୍କ ବାପାଙ୍କ ମୃତ୍ୟୁ ଘଟେ। ପରେ ବିଧବା ମାଁ ଓ ନିଜର ସାନ ଭଉଣୀ ସହ ସେ ଚୌଧୁରୀ ବଂଶର ଏକ ବଗିଚା ମଧ୍ୟରେ ଥିବା କୋଠାରେ ରହିବା ଆରମ୍ଭ କରେ। ଏଥିସହ କୃଷ୍ଣଚନ୍ଦ୍ରଙ୍କ ଏକ ଦୂର ସମ୍ପର୍କୀୟ ମାମୁଁ ମଧ୍ୟ ତାଙ୍କ ସହିତ ରୁହନ୍ତି। ମାତ୍ର କିଛିଦିନ ପରେ ଦୂର ସମ୍ପର୍କୀୟ ମାମୁଁ ସହିତ ନିଜ ଭଉଣୀ ମଧ୍ୟରେ ଥିବା ଅନୈତିକ ସମ୍ପର୍କ ବିଷୟରେ ଜାଣି କୃଷ୍ଣଚନ୍ଦ୍ର ଖୁବ୍ ମର୍ମାହତ ହୁଅନ୍ତି। ଏମିତିକି ସେ ତାଙ୍କ ସମ୍ପର୍କୀୟ ମାମୁଁଙ୍କୁ ପ୍ରବଳ ମାଡ ମାରନ୍ତି ଏବଂ ବଗିଚାର ଏକ କୋଣରେ ରହି ନିଜ ଭଉଣୀର ଏଭଳି କୁକର୍ମକୁ ନେଇ କାନ୍ଦନ୍ତି ଏବଂ ମନେ ମନେ ମାଁକୁ ଖୋଜନ୍ତି। ମାତ୍ର ମାଁ ଆସନ୍ତି ନାହିଁ। ପରେ କୃଷ୍ଣଚନ୍ଦ୍ର କୋଠାକୁ ଯାଇ ଦେଖିବା ବେଳେ କୋଠାରେ ଆଉ କେହି ନ ଥାନ୍ତି। ଏମିତିରେ କୃଷ୍ଣଚନ୍ଦ୍ର ମଧ୍ୟ ନିଜକୁ ଅସହାୟ ମନେ କରି କୋଠା ଛାଡି ଚାଲିଯାଆନ୍ତି। ଶେଷରେ ସେ ଏକ ଅପେରା ପାର୍ଟିରେ ସାମିଲ ହୁଅନ୍ତି। ଦେଖୁ ଦେଖୁ ତାଙ୍କ ନାଟ୍ୟକଳା ଯାଦୁରେ ସେ ବେଶ୍ ନାଁ କମାନ୍ତି। ଏମିତିରେ ଦିନେ କିଛି ଅପରାଧୀ ଜଣେ ଅସହାୟ ମହିଳାଙ୍କ ଉପରେ ଅତ୍ୟାଚାର କରୁଥିବା ବେଳେ ସେ ଏହାର ବିରୋଧ କରନ୍ତି। ଶେଷରେ ପୁଣିଥରେ ସେ ଜଣେ ଅସହାୟ ମହିଳାଙ୍କ ପାଇଁ ଚୌଧୁରୀ ବଂଶର ପୂର୍ବ କୋଠାରେ ବନ୍ଦୀ ହୋଇଯାନ୍ତି। ମାତ୍ର ତାଙ୍କର ନିଷ୍ପାପର ନୃତ୍ୟକଳା ପ୍ରତିଭା ଯୋଗୁ ଅପେରା ପାର୍ଟି ମାଲିକଙ୍କ ସହଯୋଗ ଏବଂ ପୋଲିସ ମାଧ୍ୟମରେ କୃଷ୍ଣଚନ୍ଦ୍ର ଅପରାଧୀମାନଙ୍କ ଖଳ ଯୋଜନାକୁ ପଣ୍ଡ କରିବା ସହ ସେମାନଙ୍କୁ ପୋଲିସ ହାତରେ ଧରାଇବାରେ ସଫଳ ହୁଅନ୍ତି। ଏହାପରେ ଅସହାୟ ମହିଳାଙ୍କୁ ଥଇଥାନ କରି ପୁଣି ନିଜ କର୍ମକ୍ଷେତ୍ରକୁ ଫେରିଯାଆନ୍ତି। ଜୀବନରେ ଯେତେ ଝଡଝଞ୍ଜା ଆସୁ ଯଦି ଧୈର୍ଯ୍ୟର ସହ ପରିସ୍ଥିତିର ମୁକାବିଲା କରାଯାଏ ତେବେ ଆଗକୁ ସଫଳତା ନିଶ୍ଚିତ ବୋଲି ଏହି ନାଟକ ପ୍ରମାଣ କରିଛି। ନାଟକରେ ବିଭିନ୍ନ ଭୂମିକାରେ ସହସ୍ରାକ୍ଷ, ସୀମାଞ୍ଚଳ, ସୌଭାଗ୍ୟ, ଜସ୍ମିନ, ଅମିୟ ଓ ଅପୂର୍ବ ଅଭିନୟ କରିଥିଲେ।



ପୁଣି ପଳେଇଛି ନାଟକର ଏକ ଦୃଶ୍ୟ।

## ସଂକ୍ଷେପରେ

### ପର୍ଶୁରାମ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

କୁଚିଣ୍ଡା,୨୭।୪(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡାରେ ବ୍ରାହ୍ମଣ ସମାଜ ପକ୍ଷରୁ ଭଗବାନ ପର୍ଶୁରାମ ଜୟନ୍ତୀ ପାଳନ ପାଇଁ ରବିବାର ସନ୍ଧ୍ୟା ୭ଟାରେ କୁଚିଣ୍ଡା ମୁକୁନ୍ଦ ଷ୍ଟାଡିୟମରେ ଶେଷ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୟନ୍ତୀ କମିଟି ସଭାପତି ତପନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଆସନ୍ତା ବୁଧବାର ଅପରାହ୍ନରେ ପର୍ଶୁରାମଙ୍କ ପୂଜାର୍ଚ୍ଚନା ପରେ ଜଗନ୍ନାଥ ମନ୍ଦିରଠାରୁ ଏକ ଭବ୍ୟ ଶୋଭାଯାତ୍ରା ବାହାରି କୁଣ୍ଡେଶ୍ୱର ମନ୍ଦିରେ ପହଞ୍ଚିବ। ପରେ ବ୍ରାହ୍ମଣ ସମାଜର ସଂସ୍କୃତିଭିତ୍ତିକ ଏକ ସାଧାରଣ ସଭା ହେବାର ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଶୃଙ୍ଖଳାତାର ସହ ସମାପନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଉପସଭାପତି ନବୀନ ହୋତା ଓ ପ୍ରତାପ ଶର୍ମା, ସାଧାରଣ ସମ୍ପାଦକ ପିଙ୍କୁ ପାଣି, କୋଷାଧ୍ୟକ୍ଷ ଦିନେଶ ନନ୍ଦ, ପ୍ରଶାନ୍ତ ଶର୍ମା,ଅମିତ ମିଶ୍ର, ପ୍ରାଣବନ୍ଧୁ ନାଥ, ଗଗନ ଶର୍ମା, ଜିତୁ ମିଶ୍ର, ରାଜେଶ ଶର୍ମା, ମନିଷ ତିୱାରୀ, ସୁବାଷ ଦେବତା, ପ୍ରମୋଦ ମିଶ୍ର, ତନୟ ମହାପାତ୍ର, ଶ୍ରୀକାନ୍ତ ଦ୍ୱିବେଦୀ, ଇନ୍ଦ୍ରଜିତ ଚୌବେ ପ୍ରମୁଖଙ୍କ ସମେତ ବହୁସଂଖ୍ୟକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଶନି ଜୟନ୍ତୀ ପାଳିତ

ପଡିଆବାହାଲ,୨୭।୪(ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ସଦର ଥାନା ଅନ୍ତର୍ଗତ ଖଳିଆପାଲି ଶନି ମନ୍ଦିରରେ ଶନି ମହାପ୍ରଭୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପଣ୍ଡିତ ଅଭୟ କୁମାର ନାୟକଙ୍କ ପୌରୋହିତ୍ୟରେ ବିଶ୍ୱରଞ୍ଜନ ବଡ଼ପଣ୍ଡା ଓ ଧର୍ମପତ୍ନୀ କଲ୍ୟାଣୀ ବଡ଼ପଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଶନି ମନ୍ଦିର କମିଟି ସଦସ୍ୟ ମାନେ ପଣା ପାଣି ସହିତ ଅନ୍ନଭୋଗରେ ଶ୍ରଦ୍ଧାଳୁଙ୍କୁ ଆପ୍ୟାୟିତ କରିଥିଲେ। ଏହି ଅବସରରେ ପୂଜା, ହୋମ ସହିତ ଭଜନ କିର୍ତ୍ତନ ଆୟୋଜିତ ହୋଇଥିଲା।

### ଅବସରପ୍ରାପ୍ତ କର୍ମଚାରୀ କୃଷ୍ଣଚନ୍ଦ୍ର ନାୟକଙ୍କ ପରଲୋକ

ସମ୍ବଲପୁର,୨୭।୪(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ପୂର୍ବତନ କର୍ମଚାରୀ କୃଷ୍ଣଚନ୍ଦ୍ର ନାୟକଙ୍କର ରବିବାର ୮୫ ବର୍ଷ ବୟସରେ ତାଙ୍କ ଗୋପାଳମାଳ



କୃଷ୍ଣଚନ୍ଦ୍ର ନାୟକ।

ବାସଭବନରେ ପରଲୋକ ହୋଇଯାଇଛି। କିଛିଦିନ ପୂର୍ବରୁ ଅସୁସ୍ଥତା କାରଣରୁ ତାଙ୍କୁ ସମ୍ବଲପୁରର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସୁସ୍ଥତା ଅନୁଭବ କରିବା ପରେ ଶନିବାର ତାଙ୍କୁ ଘରକୁ ଅଣାଯାଇଥିଲା। ହେଲେ ରବିବାର ପୂର୍ବାହ୍ନ ୧୦ଟାରେ ତାଙ୍କର ପରଲୋକ ହୋଇଯାଇଥିଲା। ପରଲୋକ ସମୟରେ ତାଙ୍କର ଧର୍ମପତ୍ନୀ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁଧାମୟୀ ପାଣିଗ୍ରାହୀ, ପୁଅ ବିଶ୍ୱଜିତ ନାୟକ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ବାହାରେ ରହୁଥିବା ଦୁଇଝିଅ ଏଠାକୁ ଫେରିବା ପରେ ସୋମବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ପରିବାର ପକ୍ଷରୁ କୁହାଯାଇଛି ।

# ସମ୍ବଲପୁରୀ ଏକ ସ୍ୱୟଂ ସମ୍ପୂର୍ଣ୍ଣ ସମୃଦ୍ଧ ଭାଷା

ସମ୍ବଲପୁର,୨୭।୪(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଚିପିଲିମାସ୍ଥିତ ଘଣ୍ଟି ସାହିତ୍ୟ ଘରର ଦ୍ୱିତୀୟ ବାର୍ଷିକ ସାହିତ୍ୟ ଉତ୍ସବ ଓଏଚପିସି କ୍ଲବଠାରେ ରବିବାର ଅନୁଷ୍ଠିତ ହୋଇଥିଲା। ସୁଧାଂଶୁ ଭୂଷଣ ଷଣ୍ଢ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସରିତା ଦାଶ ଓ ସାବିତ୍ରୀ ପୁରୋହିତ ପ୍ରଥମ ଅଧିବେଶନକୁ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ ପ୍ରାଧ୍ୟାପକ ଡକ୍ଟର ପ୍ରମୋଦ ପାଢ଼ୀ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସମ୍ବଲପୁରୀ ଭାଷାକୁ ପୂର୍ବରୁ ସାହିତ୍ୟର ଭାଷାଭାବେ ଗ୍ରହଣ କରିବାକୁ ଅନେକ କୁଣ୍ଠାବୋଧ କରୁଥିଲେ। ହେଲେ ସାହିତ୍ୟକମାନଙ୍କ ପ୍ରଚେଷ୍ଟାରେ ଆଜି ସମ୍ବଲପୁରୀ ଭାଷା ସବୁ କ୍ଷେତ୍ରରେ ସମୃଦ୍ଧ ହେବା ସହ ସ୍ୱୟଂ ସମ୍ପୂର୍ଣ୍ଣ ଭାଷାରେ ପରିଣତ ହୋଇଛି। ଏହାର ସାହିତ୍ୟ ଅନ୍ୟ କୌଣସି ଭାଷାର ସାହିତ୍ୟ ସହ ସମକକ୍ଷ ହୋଇପାରିଛି। ଏହି ଅବସରରେ ମୁଖ୍ୟ ଉପଦେଷ୍ଟା ଡକ୍ଟର ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ସଭାପତି ପ୍ରୀତିନନ୍ଦା ପାଣିଗ୍ରାହୀ, ସମ୍ପାଦକ ତରଣୀସେନ ମେହେର ଏବଂ ଉପଦେଷ୍ଟା ମଣ୍ଡଳୀଙ୍କ ଉପସ୍ଥିତିରେ ଡକ୍ଟର ଅଚ୍ୟୁତ କୁମାର ରଥଙ୍କର ବହି ଘଏଁସାନର୍ ମାଁ ଓ ଘଣ୍ଟି' ସାହିତ୍ୟ ପତ୍ରିକା



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ଘଣ୍ଟି ସାହିତ୍ୟ ସମ୍ମାନରେ ସାହିତ୍ୟିକ ଅନୀଲ ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଘଣ୍ଟି ଏକପଦି ସମ୍ମାନରେ କବି ବୃନ୍ଦାବନ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଏହାପରେ ସୁଧାଂଶୁ ଭୂଷଣ ଷଣ୍ଢ ଓ ମୁଖ୍ୟ ଅତିଥି ପ୍ରମୋଦ ପାଢ଼ୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ବିଶେଷ ସହଯୋଗ କରିଥିବାରୁ ସୁଦର୍ଶନ ତ୍ରିପାଠୀ ଓ ତରଣିସେନ ଗୁରୁଙ୍କୁ ସମ୍ମାନିତ କରାଯାଇଥିଲା। ମୋହିନୀ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନକୁ ସୂର୍ଯ୍ୟନାରାୟଣ ପାଢ଼ୀ

**ଘଣ୍ଟେଶ୍ୱରୀ ପୀଠରେ ଘଣ୍ଟି ସାହିତ୍ୟ ଉତ୍ସବ**

ସ୍ୱାଗତ କରିଥିବା ବେଳେ ଶିବାନୀ ପାଢ଼ୀ ଓ ଫିରୋଜ ପଟେଲ ସଂଯୋଜନା କରିଥିଲେ। ଏହି ଅଧିବେଶନରେ ଘଣ୍ଟି ସାହିତ୍ୟର ଉପଦେଷ୍ଟା କ୍ଷେତ୍ରମଣି ବିଭାର, ତଫିଜୁଲ ହୋସେନ, ଅଜିତ କୁମାର ନାଥ, ଗୁଣରଞ୍ଜନ ସାଲିମା, ସାବିତ୍ରୀ ପୁରୋହିତ ମଞ୍ଚାସୀନ ଥିଲେ। ସମ୍ବଲପୁରୀ ଗୁଛାର କବି ମାନସ ରଞ୍ଜନ ଦାଶ ସମ୍ବଲପୁରୀ ବହି ପସରା ବସାଇଥିଲେ। କବି ସୁକୁମାର ବାଗ, କେଶବ ଦାଶ, ରାଜୁ ବେହେରା, ଜୟକୃଷ୍ଣ ଭୋଇ, ବୃନ୍ଦାବନ ପ୍ରଧାନ, ସଦାନନ୍ଦ ବାଗ, ରାଜଶିନୀ ଦାଶ, ବିକାଶ ସାହୁ ଓ ଅନ୍ୟମାନେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ କବୟିତ୍ରୀ କବି ଯୋଗ ଦେଇ ସ୍ୱରଚିତ କବିତାମାନ ପାଠ କରିଥିଲେ। ସମ୍ବଲପୁରୀ ଭାଷା ସାହିତ୍ୟର ପ୍ରଚାର ପ୍ରସାର ଦିଗରେ ଘଣ୍ଟି ସାହିତ୍ୟ ଘର ନିୟମିତ ସାରସ୍ୱତ ସମାରୋହ ମାନ ଆୟୋଜିତ କରି ଆସୁଛି। କାର୍ଯ୍ୟକ୍ରମରେ ଘଣ୍ଟେଶ୍ୱରୀ ପୀଠ କବିତାରେ ଝଙ୍କୃତ ହୋଇଥିଲା। ଶେଷରେ ଘଣ୍ଟି ସାହିତ୍ୟ ଘରର ମୁଖ୍ୟ ସମ୍ପାଦକ ତରଣୀସେନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ଟ୍ରାଫିକ ପୋଲିସଙ୍କ ସ୍ୱାସ୍ଥ୍ୟକୁ ନେଇ ଗବେଷଣା

ସମ୍ବଲପୁର,୨୭।୪(ଭବାନୀ ଶଙ୍କର ଭୋଇ)

**ସମ୍ବଲପୁର, ଝାରସୁଗୁଡା ଓ ରାଉରକେଲାରେ ପାଇଲଟ ପ୍ରକଳ୍ପ**

ସଡକରେ ଯାତାୟତକୁ ନିୟନ୍ତ୍ରଣ କରିବା ପାଇଁ ଟ୍ରାଫିକ ପୋଲିସ ଖରା, ବର୍ଷା, ଶୀତ, ପ୍ରଦୂଷଣ ପରି ସଂଘର୍ଷପୂର୍ଣ୍ଣ ପରିବେଶରେ ରାସ୍ତା ଉପରେ ନିଜ ଦାୟିତ୍ୱ ସମ୍ପାଦନ କରିଥାନ୍ତି। ତେବେ ସେମାନେ କିପରି କଷ୍ଟସାଧ ପରିସ୍ଥିତିରେ କର୍ତ୍ତବ୍ୟ ସମ୍ପାଦନ କରନ୍ତି ଏବଂ ସେମାଙ୍କର ସ୍ୱାସ୍ଥ୍ୟ ଉପରେ କାମର କ'ଣ ପ୍ରଭାବ ପଡିଥାଏ ସେ ବିଷୟରେ ହୁଏତ ଅନେକ ଚିନ୍ତା କରନ୍ତି ନାହିଁ। ତେବେ ପୋଲିସ ବିଭାଗ ପକ୍ଷରୁ ଟ୍ରାଫିକ ପୋଲିସଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ୩ ସହରରେ ପାଇଲଟ ପ୍ରକଳ୍ପ ଆରମ୍ଭ ହୋଇଛି। ସମ୍ବଲପୁର ଏସ୍‌ପି ମୁକେଶ ଭାମୁଙ୍କ ସୂଚନା ଅନୁସାରେ ସଡ଼କ ସାଥୀ ନାମରେ ଆରମ୍ଭ ହୋଇଥିବା ଏହି ଗବେଷଣା ପ୍ରକଳ୍ପରେ ଡା. ଅର୍ଚ୍ଚନା ଓଡ଼ିଶା ପୋଲିସ ମୁଖ୍ୟାଳୟ ଅଧୀନରେ ରିସର୍ଚ୍ଚ ଇଣ୍ଟର୍ନଶିପ କରୁଛନ୍ତି। ଏହା ଆଧାରରେ ସେ ସମ୍ବଲପୁର, ଝାରସୁଗୁଡ଼ା ଓ ରାଉରକେଲାରେ କ୍ଷେତ୍ର ପରିଦର୍ଶନ କରି ଟ୍ରାଫିକ ପୋଲିସମାନଙ୍କ ଉପରେ ରିସର୍ଚ୍ଚ କରୁଛନ୍ତି। ଶନିବାର ସମ୍ବଲପୁର ପୋଲିସ ଓ ବିକାଶ ହସ୍ପିଟାଲ ସହଯୋଗରେ ଟ୍ରାଫିକ ପୋଲିସଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଇଛି। ଏହା ପରେ ଟ୍ରାଫିକ ପୋଲିସଙ୍କ ସବୁ ସମସ୍ୟାକୁ ନେଇ ଏକ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ। ଏହି ଗବେଷଣା ପ୍ରକଳ୍ପ ଦାୟିତ୍ୱ ନେଇଥିବା ଡା. ଅର୍ଚ୍ଚନା କହିଛନ୍ତି, ପଶ୍ଚିମ ଓଡ଼ିଶାରେ ଟ୍ରାଫିକ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ନେଇ ମୁଁ ରିସର୍ଚ୍ଚ କରୁଛି। ସମ୍ବଲପୁର, ଝାରସୁଗୁଡ଼ା ଏବଂ ରାଉରକେଲା ସହରରେ ଗ୍ରାଉଣ୍ଡକୁ ଯାଇ ଟ୍ରାଫିକ ପୋଲିସ ଖରା, ବର୍ଷା ପରି ବିପରୀତ ପରିସ୍ଥିତିରେ କିପରି କାମ କରୁଛନ୍ତି ଦେଖିଛି। ସେମାନଙ୍କ ପାଇଁ କାର୍ଯ୍ୟ କ୍ଷେତ୍ରରେ କୌଣସି ମୌଳିକ ସୁବିଧା ନ ଥାଏ। ତାଙ୍କର କୌଣସି ହେଲଥ ରେକର୍ଡ, ହେଲଥ ସ୍କିମ ନାହିଁ। ଏପରିକି ସେମାନେ ନିଜର ସ୍ୱାସ୍ଥ୍ୟକୁ ନେଇ ସଚେତନ ମଧ୍ୟ ନୁହନ୍ତି। ସେଥିପାଇଁ ସମ୍ବଲପୁର ଏସପିଙ୍କ ନେତୃତ୍ୱରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା କିପରି ରହୁଛି ତା' ବିଷୟରେ ଜାଣିବା ପାଇଁ ବିକାଶ ହସ୍ପିଟାଲରେ ଟ୍ରାଫିକ କର୍ମଚାରୀଙ୍କ ପାଇଁ ଏହି ହେଲଥ ସ୍କ୍ରିନିଂର ବ୍ୟବସ୍ଥା କରାଯାଇଛି। ଏହି ରିପୋର୍ଟ ଆଧାରରେ ସରକାର ଟ୍ରାଫିକ ପୋଲିସଙ୍କ ସ୍ୱାସ୍ଥ୍ୟ ଓ ସୁବିଧା ପାଇଁ ଆବଶ୍ୟକ ପଦକ୍ଷେପ ନେଇପାରିବେ ବୋଲି ଡା. ଅର୍ଚ୍ଚନା କହିଛନ୍ତି। ଏସପି ଭାମୁ ବିକାଶ ସୁପରସ୍ପେସିଆଲିଟି ହସ୍ପିଟାଲ ନିର୍ଦ୍ଦେଶକ ଜି. ଭାସ୍କର ରାଓ ଉପସ୍ଥିତ ଥିଲେ।



ଟ୍ରାଫିକ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ଅବସରରେ ଆୟୋଜିତ ସଭାରେ ଅତିଥିମାନେ।

# ଜୀବନରେ ନମ୍ରତା ଶ୍ରେଷ୍ଠ ଗୁଣ



ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷକ ଓ ପ୍ରଶିକ୍ଷାର୍ଥୀ।

ସମ୍ବଲପୁର,୨୭।୪(ବି.ଶଙ୍କର)

**ପବ୍ଲିକ ଲାଇବ୍ରେରିରେ ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ**

ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର-୨୫ ରବିବାର ପୂର୍ବାହ୍ନରେ ସମ୍ବଲପୁର ପବ୍ଲିକ ଲାଇବ୍ରେରୀର ନିଜସ୍ୱ ପ୍ରେକ୍ଷାଳୟରେ ଆରମ୍ଭ ହୋଇଛି। ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ପ୍ରାର୍ଥନା ପରେ ଯୋଗଗୁରୁ ଡାକ୍ତର ଜୟଦେବ ମେହେର ଓ ସହଯୋଗୀ ମଧୁରାଜ ନାୟକ ପିଲାଙ୍କୁ ଯୋଗ ଶିକ୍ଷା ଦେଇଥିଲେ। ପ୍ରଥମ ଅଧିବେଶନ ନୈତିକ ଶିକ୍ଷା ଆଧାରରେ ନମ୍ରତା ଉପରେ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରାକ୍ତନ ଶିକ୍ଷା ମଣ୍ଡଳାଧିଶ ଡ. ଗିରିଧାରୀ ହୋତା ବିଭିନ୍ନ ଉଦାହରଣ ସହ ଛାତ୍ରୀଛାତ୍ରମାନଙ୍କୁ ସର୍ବଦା ନମ୍ରତା ଆଚରଣ କରିବାକୁ କହିଥିଲେ। ଛାତ୍ର ଜୀବନରେ ନମ୍ରତା ହେଉଛି ଶ୍ରେଷ୍ଠ ଗୁଣ । ନମ୍ରତା ଯୋଗୁ ଛାତ୍ରୀଛାତ୍ରମାନେ ସଫଳତାର ଶିଖରକୁ ଛୁଇଁ ପାରନ୍ତି । ପ୍ରକୃତପକ୍ଷେ ନମ୍ରତା ଗୁଣ ଦ୍ୱାରା ସମସ୍ୟା ଘେରରୁ ମଧ୍ୟ ମୁକ୍ତି ମିଳିତ ଥାଏ । ତେଣୁ ନମ୍ରତା ଛାତ୍ରୀଛାତ୍ରମାନଙ୍କର ଆଳଙ୍କାର ହେବା ଉଚିତ ବୋଲି ଡ.ହୋତା ମତବ୍ୟକ୍ତ କରିଥିଲେ ।

ଦ୍ୱିତୀୟ ଅଧିବେଶନ ସ୍ୱାସ୍ଥ୍ୟ ବିଜ୍ଞାନ ବିଷୟକୁ ନେଇ ପାଟି ଓ ଦାନ୍ତର ଯତ୍ନ ଉପରେ ଆଲୋଚନା ହୋଇଥିଲା। ବିଶିଷ୍ଟ ଦନ୍ତ ବିଶେଷଜ୍ଞ ଡାକ୍ତର ଦୁର୍ଗା ଶଙ୍କର ଶତପଥୀ ପ୍ରଶିକ୍ଷକଭାବେ ଯୋଗ ଦେଇଥିଲେ। ଡାକ୍ତର ଶତପଥୀ ଦାନ୍ତର ବିଭିନ୍ନ ରୋଗ ଉପରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିବା ସହ ପ୍ରତିଷେଧକ ସ୍ୱରୂପ ବର୍ତ୍ତମାନଠାରୁ ଦାନ୍ତର ଯତ୍ନ କିପରି ନିଆଯିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଶିକ୍ଷଣ ଶିବିର ସଂଯୋଜକ ରାଜେନ୍ଦ୍ର ପଣ୍ଡା ସମସ୍ତ କାର୍ଯ୍ୟକ୍ରମ ସଞ୍ଚାଳନ କରିବା ସହ ପିଲାଙ୍କୁ ସମୟାନୁବର୍ତ୍ତିତା ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। କାର୍ଯ୍ୟକ୍ରମ ଆୟୋଜକ ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ଅଧ୍ୟକ୍ଷ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ପ୍ରଫେସର ସେବକ ତ୍ରିପାଠୀ, ପ୍ରଫେସର ଶଙ୍କର ପ୍ରସାଦ ପତି, ରଘୁନାଥ ମିଶ୍ର, ଅର୍ଜ୍ଜୁନ ପଣ୍ଡା, ସୁଶାନ୍ତ ଗୁରୁ, ଉଦିତ ପାଟଯୋଶୀ ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ସଭ୍ୟ ପୃଥ୍ୱୀରାଜ ମିଶ୍ର, ଶିବ ଶଙ୍କର ଷଡଙ୍ଗୀ, ଗୋଲକ ବିହାରି ମିଶ୍ର ଓ ବିଜୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିବିରରେ ସମ୍ବଲପୁର ଜିଲାର ୧୯ ଟି ଉଚ୍ଚବିଦ୍ୟାଳୟରୁ ୭୬ ଜଣ ପ୍ରଶିକ୍ଷାର୍ଥୀ ଓ ଅନେକ ଅଭିଭାବକ ଯୋଗ ଦେଇଥିଲେ।

# ଜରୁରୀ କାର୍ଯ୍ୟାନୁଷ୍ଠାନ ଦାବିକଲା ନାଗରିକ ସଭା

**ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା**

ସମ୍ବଲପୁର,୨୭।୪(ପ୍ରମୋଦ ବହିଦାର)

ଜମ୍ମୁ-କଶ୍ମୀରର ପହଲଗାମ ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ ଜୀବନ ଯାଇଛି। ସ୍ଥାନୀୟ ସାମ୍ବାଦିକ ଭବନରେ ବର୍ଷିୟାନ ସମାଜବାଦୀ କର୍ମୀ ରାଧାକାନ୍ତ ବହିଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ମୃତକମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିସହିତ ତୁରନ୍ତ ଏହା ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛି ନାଗରିକ ସଭା। ଏହି ଆତଙ୍କବାଦୀ ଆକ୍ରମଣ ଭାରତ ଓ ଭାରତୀୟତା ଉପରେ ଆକ୍ରମଣ। ସମଗ୍ର ଦେଶବାସୀ ଆତଙ୍କବାଦ ବିରୋଧରେ ଏକଜୁଟ ହେବାକୁ ନାଗରିକ ସଭା ଆହ୍ୱାନ ଦେଇଛି। ସୀମା ସୁରକ୍ଷାକୁ ମଜଭୁତ କରିବା, ପଡୋଶୀ ଦେଶଙ୍କୁ ନିଜ ସପକ୍ଷରେ ନେବା, ଧର୍ମ ଭିତ୍ତିରେ ଘୃଣାର ରାଜନୀତି ପରିହାର କରିବା, ପର୍ଯ୍ୟଟନ ସ୍ଥଳୀରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଉପରେ ସରକାର ଗୁରୁତ୍ୱ ଦିଅନ୍ତୁ ବୋଲି ବକ୍ତାମାନେ ମତ ଦେଇଥିଲେ। ସଭାରେ ଭବାନୀ ହୋତା, ଗଦାଧର କୁଆଁର, ଅଶୋକ ପ୍ରଧାନ, ବିଜୟ ମହାନ୍ତି, ଗୋକୁଳ ମେହେର, ସିଦ୍ଧାର୍ଥ ଦାସ, ରବୀନ୍ଦ୍ର ମହାନ୍ତି, ଶିବ ଶଙ୍କର ନନ୍ଦ, ପ୍ରିୟ ରଞ୍ଜନ ସାହୁ, ସରୋଜ, ରଞ୍ଜନ ପଣ୍ଡା, ରୁପେଶ ବାଗ, ହରିଶ୍ ଦୀପ, ଅନୀଲ ନାୟକ, ମହେଶ ସାଏତା, ଚୁମନ ପ୍ରଧାନଙ୍କ ସହିତ ବହୁ ବୁଦ୍ଧିଜୀବୀ ଓ ବିଭିନ୍ନ ଜନସଙ୍ଗଠନ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ପର୍ଶୁରାମ ଜନ୍ମୋତ୍ସବ ଉପଲକ୍ଷେ ରକ୍ତଦାନ ଶିବିର

ସମ୍ବଲପୁର,୨୭।୪(ବି.ଶଙ୍କର)

ଆଗାମୀ ୩୦ତାରିଖ ସମ୍ବଲପୁର ସହରରେ ପର୍ଶୁରାମ ଜନ୍ମୋତ୍ସବ ପାଳିତ ହେବ। ଏହାକୁ ଦୃଷ୍ଟିରେ ରଖି ରବିବାର ଶ୍ରୀପର୍ଶୁରାମ ଜନ୍ମୋତ୍ସବ ସମାରୋହ ସମିତି ପକ୍ଷରୁ ବାଇକ ଶୋଭାଯାତ୍ରା ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। କ୍ଷେତରାଜପୁର ବୈଷ୍ଣୋ ଦେବୀ ମନ୍ଦିରରୁ ବାଇକ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରା ସମଲେଶ୍ୱରୀ ମନ୍ଦିର, କୁଞ୍ଜେଲପଡ଼ା, ଝାଡୁଆ ପଡ଼ା, ନନ୍ଦ ପଡ଼ା, ମାରୱାଡ଼ି ପଡ଼ା ପରିକ୍ରମା କରିବା ପରେ ପର୍ଶୁରାମ ଭବନରେ ଶେଷ ହୋଇଥିଲା। ଏଥିରେ ଶତାଧିକ ଭକ୍ତ ସାମିଲ ହୋଇଥିଲେ। ଶୋଭାଯାତ୍ରାକୁ ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଇଥିଲା। ଏହାପରେ ମାରୱାଡ଼ି ପଡ଼ା ସ୍ଥିତ ପର୍ଶୁରାମ ଭବନଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୪୭ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସମସ୍ତ ରକ୍ତଦାତାଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଗ୍ରୀଷ୍ମ ଋତୁରେ ରକ୍ତ ଭଣ୍ଡାରରେ ରକ୍ତର ଘୋର ଅଭାବ ପରିଲକ୍ଷିତ ହେଉଛି। ଆଜିର ରକ୍ତଦାନ ଶିବିର କିଛି ମାତ୍ରାରେ ଅଭାବ ପୂରଣ ଦିଗରେ ସହାୟକ ହୋଇ ପାରିଛି ବୋଲି ଶ୍ରୀପର୍ଶୁରାମ ଜନ୍ମୋତ୍ସବ ସମାରୋହ ସମିତିର ସଭାପତି ବିବେକ ଶର୍ମା ସୂଚିତ କରିଛନ୍ତି। ସମିତି ସମ୍ପାଦକ ଗୌତମ ଶର୍ମା, ଉପଦେଷ୍ଟା କୁଞ୍ଜବିହାରୀ ଶର୍ମା, ତରୁଣ ଗାନ୍ଧୀ, ମନିଶ ଗାନ୍ଧୀ, ଗିରିଜା ଶଙ୍କର ଯୋଶୀ, ଦିନେଶ ଶର୍ମା, ବିକାଶ ଶର୍ମା, ବିନୟ ଶର୍ମା, କୃଷ୍ଣକାନ୍ତ ଶର୍ମା, ଅଜୟ ଶର୍ମା ଓ ଗୌତମ ଯୋଶୀ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଉପସ୍ଥିତିରେ ସ୍ୱେଚ୍ଛାସେବୀମାନେ ରକ୍ତଦାନ କରୁଛନ୍ତି।

# ନୀରବ ପ୍ରାର୍ଥନା, ମୃତକଙ୍କୁ ଦୀପଦାନ

ସମ୍ବଲପୁର,୨୭।୪(ଭବାନୀ ଶଙ୍କର ଭୋଇ)

ଜମ୍ମୁ-କଶ୍ମୀର ପହଲଗାମଠାରେ ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ଜଣ ଭାରତୀୟଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ଆତ୍ମାର ସଦ୍‌ଗତି କାମନା କରି ରବିବାର ସନ୍ଧ୍ୟାରେ କୁଲତା ସମାଜ ପକ୍ଷରୁ ଶ୍ରୀଶ୍ରୀ ରଣେଶ୍ୱର ରାମଚଣ୍ଡୀ ପୀଠରେ ପ୍ରାର୍ଥନା ଏବଂ ଦୀପଦାନ ଅନୁଷ୍ଠିତ ହୋଇଯାଇଛି। କୁଲତା ସମାଜ ସମ୍ବଲପୁର ସଭାପତି କୃପାସିନ୍ଧୁ ଖମାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସଭାପତି ଦେବୋତ୍ତମ ପ୍ରଧାନ, ଦେବଦତ୍ତ ସାହୁ, ଅଭିରାମ ଖମାରୀ, ଭକ୍ତବନ୍ଧୁ ପ୍ରଧାନ, ମୁରଲୀ ପ୍ରଧାନ ଏବଂ ସାଧାରଣ ସମ୍ପାଦକ ରଞ୍ଜନ ପାତ୍ରଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। ସେହିପରି କମଲିବଜାର ସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କ ପାଇଁ ସାମୂହିକ ପ୍ରାର୍ଥନା କରାଯାଇଥିଲା। ଗାୟତ୍ରୀ ଶକ୍ତିପୀଠ ପ୍ରବକ୍ତା ସତ୍ୟନାରାୟଣ ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିବ ନାରାୟଣ ପାଣିଗ୍ରାହୀ, ଦୀନଦୟାଲ ଅଗ୍ରୱାଲ, ବାନାମ୍ବର ସର ପ୍ରମୁଖ ସାମିଲ ହୋଇଥିଲେ। ଅନୁରୂପଭାବେ



କୁଲତା ସମାଜ ପକ୍ଷରୁ ଦୀପଦାନ କରାଯାଉଛି।

**ପହଲଗାମ ଆତଙ୍କବାଦୀ ଆକ୍ରମଣ ଘଟଣା**

ସମ୍ବଲପୁର କାଳିବାଡି ମନ୍ଦିରରେ ସନ୍ଧ୍ୟା ଆଳତୀ ପରେ ଆତଙ୍କବାଦୀଙ୍କ ଦ୍ୱାରା ନିହତ ୨୬ ମୃତକଙ୍କ ଆତ୍ମାର ସଦ୍‌ଗତି କାମନା କରାଯାଇଛି । ଉପସ୍ଥିତ ଶ୍ରଦ୍ଧାଳୁ ଏବଂ ବଙ୍ଗୀୟ ସମାଜ ସଦସ୍ୟମାନେ ପ୍ରଦୀପ ପ୍ରଜ୍ୱଳନ କରିବା ନୀରବ ପ୍ରାର୍ଥନା କରିଥିଲେ। ଟ୍ରଷ୍ଟ ସଭାପତି ଅନିଲ ମିତ୍ର, ଦିଲୀପ ସାହା, ଉତ୍ପଳ ମଜୁମଦାର, ଇନ୍ଦ୍ରଜିତ ଚାନ୍ଦ, ଶାନ୍ତନୁ ଦାଶ, କାଳିପ୍ରସାଦ ସିହ୍ନା, ସୁବିର ସେନଗୁପ୍ତ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ସେବା ସଙ୍ଗଠନ ଓ ରେଡ଼କ୍ରସ ସମ୍ବଲପୁର ତରଫରୁ ମିଳିତଭାବେ ମୃତ ପର୍ଯ୍ୟଟକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବାକୁ ବରଦାମାଧବ ହଲ ଦୁର୍ଗାପାଲିଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସେବା ସଭାପତି ଦୀପକ ପାଣ୍ଡେ, ମୁଖ୍ୟ ଉପଦେଷ୍ଟା ନିହାଲ ସିଂଙ୍କ ସମେତ ସଭ୍ୟମାନେ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ସମ୍ବଲପୁର, ୨୭।୪(ବି.ଶଙ୍କର)

ସମ୍ବଲପୁର ଜିଲା କ୍ରୀଡା ସଂଘ ଆୟୋଜନରେ ୬୦ତମ ଜିଲାସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗୀତା-୨୫ ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ରବିବାର ଉଦ୍‌ଯାପିତ ହୋଇଯାଇଛି। ୩ଟି ବିଭାଗରେ ସମ୍ବଲପୁର ଆଥଲେଟିକ କ୍ଲବ ଏବଂ ୫ଟି ବିଭାଗରେ ଦୟାନନ୍ଦ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ଦଳଗତ ଚାମ୍ପିୟନ ହୋଇଛନ୍ତି। ମହିଳା, ପୁରୁଷ ଏବଂ ୨୩ ବର୍ଷରୁ କମ୍ ବାଳକ ବର୍ଗରେ ସମ୍ବଲପୁର ଆଥଲେଟିକ କ୍ଲବ ଚାମ୍ପିୟନ ଟ୍ରଫି ହାସଲ କରିଛି। ସେହିପରି ୧୪ ଓ ୧୮ ବର୍ଷ ବାଳିକା ଏବଂ ୧୪, ୧୬ ଓ ୧୮ ବର୍ଷରୁ କମ୍ ବାଳକ ବର୍ଗରେ ଦୟାନନ୍ଦ ପବ୍ଲିକ ସ୍କୁଲ, ୧୬ ବର୍ଷରୁ କମ୍ ବାଳିକା ବର୍ଗରେ ଅର୍ଡାବାହାଲ ସରକାରୀ ବାଳିକା ବିଦ୍ୟାଳୟ, ୨୦ ଓ ୨୩ ବର୍ଷ ବାଳିକା ବର୍ଗରେ ହୀରାକୁଦ ଆଥେଲେଟିକ ଆସୋସିଏଶନ, ୨୦ବର୍ଷ ବାଳକ ବର୍ଗରେ ରେଖା ଦେ ଆଥେଲେଟିକ ଏକାଡେମୀର କ୍ରୀଡାବିତମାନେ ଚାମ୍ପିୟନ ହୋଇଛି।

ମୁଖ୍ୟ ଅତିଥିଭାବେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଯୋଗଦେଇ



ଅତିଥିଙ୍କ ସହ ବାର୍ଷିକ କ୍ରୀଡା ପ୍ରତିଯୋଗିତାର କୃତୀ ଖେଳାଳିମାନେ।

**■ ୫ଟି ବିଭାଗରେ ଦୟାନନ୍ଦ ପବ୍ଲିକ ସ୍କୁଲର ବାଜିମାତ**

**■ ୩ଟି ବିଭାଗରେ ସମ୍ବଲପୁର ଆଥ୍‌ଲେଟିକ କ୍ଲବ ଚାମ୍ପିୟନ**

କୃତୀ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ ଅତିଥି ସ୍ୱାଗତ କରିଥିବା ବେଳେ ଆଥେଲେଟିକ ସମ୍ପାଦକ ବିକାଶ ମିଶ୍ର ସୂଚନା ପ୍ରଦାନ କରିଥିଲେ । ଏହି ପ୍ରତିଯୋଗିତାରେ ସମ୍ବଲପୁର ଜିଲାର ବିଭିନ୍ନ ଅଞ୍ଚଳରୁ ୪୨୦ଜଣ ବାଳକ ଏବଂ ୩୫୦ଜଣ ବାଳିକା କ୍ରୀଡାବିତ୍ ସାମିଲ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଆୟୋଜିତ ମାର୍ଚ୍ଚପାଷ୍ଟରେ କ୍ରୀଡାବିତ, ବ୍ୟାଣ୍ଡ, ଖେଳ ପରିଚାଳକମାନେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମକୁ ଜଗବନ୍ଧୁ ବେହେରା ଓ ବଦ୍ରିନାରାୟଣ ପୁରୋହିତ, ହର୍ଷବର୍ଦ୍ଧନ ସାହୁ, ସତ୍ୟରଞ୍ଜନ ପଣ୍ଡା, ସାନ୍ତା ରନବିଡା, ରମଣୀରଞ୍ଜନ ସାହୁ ପରିଚାଳନା କରିଥିଲେ। ସମ୍ବଲପୁର ଜିଲା କ୍ରୀଡା ସଂଘ ଉପସଭାପତି ଦୁଲାଲଚନ୍ଦ୍ର ପ୍ରଧାନ ଓ ସାବିଲ ଅହମ୍ମଦ, ଫୁଟବଲ ସମ୍ପାଦକ ଅବଦୁଲ ଗଫାର, ହକି ସମ୍ପାଦକ ବିନାଦ ଟପନୋ, ଖେଳ ସମ୍ପାଦକ ରାଜେଶ ସେଠ, କାଉନସିଲ ସଭ୍ୟ ସୁବୋଧ ସାହୁ, ମନୋଜ ଭୋଇ, ଲକ୍ଷ୍ମୀଚନ୍ଦ୍ର ମହାକୁର, ଗୋପାଳ ନନ୍ଦ, ରତିକାନ୍ତ ମହାନ୍ତି, ମହମ୍ମଦ ଇସାକ, କୁନ୍ଦନ ପ୍ରଧାନ କାର୍ଯ୍ୟକ୍ରମରେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# 'ଶିକ୍ଷା, ସଙ୍ଗଠନ ଜରିଆରେ ସାମାଜିକ ଉନ୍ନତି ସମ୍ଭବ'

ବଲାଙ୍ଗୀର,୨୭।୪(ବୀରେନ୍ଦ୍ର କୁମାର ଝାଙ୍କର)

ରାଜ୍ୟସ୍ତରୀୟ ଶବର ସମାଜର ଚିନ୍ତନ ସମ୍ମିଳନୀ ସ୍ଥାନୀୟ ଏଆର ପ୍ୟାଲେସ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଥିଲା । ଆବାହକ ସତ୍ୟ ନାରାୟଣ ଭୋଇଙ୍କ ଆହ୍ୱାନକ୍ରମେ ରାଜ୍ୟର ବିଭିନ୍ନ ଜିଲାରୁ ବହୁ ପ୍ରତିନିଧି ଏହି ସମ୍ମିଳନୀରେ ଯୋଗ ଦେଇଥିଲେ । ସମ୍ମିଳନୀରେ ସଭାପତି ଚିତ୍ତ ରଞ୍ଜନ ବନଗୁଲା, ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଶରତ ଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବେ ବିଦ୍ୟାଧର ଦେହୁରୀ ଯୋଗଦାନ କରିଥିଲେ । ଏହି ଅବସରରେ ଶବର ସମାଜର ଶିକ୍ଷା ସଂସ୍କୃତି, ନୟାଗଡ ଜିଲା କଣ୍ଟିଲୋ ନିକଟସ୍ଥ କାଳିଆପାଲ୍ଲୀ (ଶବରପଲ୍ଲୀ) ବିଶ୍ୱାବସୁ ପୀଠର ଉନ୍ନତୀକରଣ ଏବଂ ପୂଜାପଦ୍ଧତି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା



ସମ୍ମିଳନୀରେ ଯୋଗଦେଇଥିବା ଅତିଥି ।

ହୋଇଥିଲା । ମୁଖ୍ୟଅତିଥି ନାଏକ ଶବର ସମାଜ କିଭଳି ସଙ୍ଗଠିତ ହେବ ସେ ନେଇ କହିଥିଲେ । ଶିକ୍ଷା ହେଉଛି ସାମାଜିକ ଉନ୍ନତିର ଆଧାର । ତେଣୁ ଶିକ୍ଷିତ ହୋଇ ନିଜ ଅଧିକାର ସାବ୍ୟସ୍ତ କରିବା, ସଂଘର୍ଷ କରିବାକୁ ପ୍ରସ୍ତୁତ ହେବା ଏବଂ ରାଜନୀତିରେ ଅଂଶୀଦାର ହେବା ଉପରେ ଗୁରୁତ୍ୱ ଦେଇଥିଲେ । ସମ୍ମାନିତ ଅତିଥି ଦେହୁରୀ ତାଙ୍କ ବକ୍ତବ୍ୟରେ ଶବରମାନେ ମୂଳ ନିବାସୀ ବୋଲି କହି ସୃଷ୍ଟି ଆରମ୍ଭରୁ ଶବର ସଭ୍ୟତା ରହିଛି ବୋଲି କହିଥିଲେ । ଜିଲା ସଭାପତି ଯଥା ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବରଗଡ ଜିଲାର ଶବର ସମାଜ ସଭାପତି ଚତୁର୍ଭୁଜ ଭୋଇ, ନୂଆପଡା ଜିଲା ସଭାପତି ସୋମନାଥ ଖମାରୀ, କଳାହାଣ୍ଡି ଜିଲା ସଭାପତି ଧନୁର୍ଜୟ ଭୋଇ, ସୋନପୁର ଜିଲା ସଭାପତି ବୈଦ୍ୟନାଥ ଭୋଇ, କନ୍ଧମାଳର ପଞ୍ଚାନନ ଭୋଇ, ବୌଦ୍ଧର ଦେବାର୍ଚ୍ଚନ ଭୋଇ, ଯାଜପୁରର

**ରାଜ୍ୟସ୍ତରୀୟ ଶବର ସମାଜ ଚିନ୍ତନ ସମ୍ମିଳନୀ**

ଗୋବର୍ଦ୍ଧନ ଖଟୁଆ, ପୁରୀର ପ୍ରକାଶ ପାତ୍ର, ସମ୍ବଲପୁରର ତାପସ ଭୋଇ ,ଖୋର୍ଦ୍ଧାରୁ ବିଦ୍ୟାଧର ଭୋଇ, କଟକରୁ ଶରତ ନାଏକ, ଢେଙ୍କାନାଳର ପାହାଳି ଦେହୁରୀ ଯୋଗ ଦେଇଥିଲେ । ଏହାଛଡା ସମ୍ପାଦକ ବିଶ୍ୱମ୍ଭର ଭୋଇ, ରାହାସ ବିହାରୀ ଭୋଇ, ନବୀନ ଭୋଇ, ରଞ୍ଜିତ ବେହେରା, ଅଶୋକ କୁମାର ବୁଡେକ, ଜ୍ଞାନ ପ୍ରକାଶ ବିଶ୍ୱାଳ, ତରଣୀସେନ ଭୋଇ, କ୍ଷୀରୋଦ ନାଗ, ରାତୁ କାଲସାଏ, କୈଳାସ ଭୋଇଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଯୋଗ ଦେଇଥିଲେ । ସର୍ବସମ୍ମତି କ୍ରମେ ସତ୍ୟନାରାୟଣ ଭୋଇ ଏବଂ ତାପସ ଭୋଇଙ୍କୁ ରାଜ୍ୟ ସଂଯୋଜକ ଭାବେ ମନୋନୀତ କରାଯାଇଥିବା ଜଣାପଡିଛି ।

# ଦୁର୍ଘଟଣାରେ ଚାଲିଗଲା ୪ ବର୍ଷ ଶିଶୁର ଜୀବନ

■ହାଇଓ୍ୱା ପଛରେ ପିଟିହୋଇ ବାଇକ୍ ଦୁର୍ଘଟଣାଗ୍ରସ୍ତ
■ମା', ବାପା ସମେତ ୩ ଗୁରୁତର

ପାଟଣାଗଡ଼,୨୭।୪(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଲରମ୍ଭା ଥାନା ଅଧୀନ ଘସିଏନ ଲରମ୍ଭା ରାସ୍ତାରେ ରବିବାର ଏକ ହାଇଓ୍ୱାକୁ ପଛପଟୁ ଏକ ବାଇକ୍ ଧକ୍କା ଦେବା ଫଳରେ ଜଣେ ୪ ବର୍ଷ ଶିଶୁର ମୃତ୍ୟୁ ଘଟିଛି । ମୃତ ଶିଶୁ ଜଣକ ହେଲେ ଚିରଞ୍ଜୀବୀ ବରିହା । ଏହି ଦୁର୍ଘଟଣାରେ ଚିରଞ୍ଜୀବୀଙ୍କ ବାପା ଭୀମ ବରିହା, ମା' ଚନ୍ଦ୍ରିକା ଓ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି । ପ୍ରକାଶ ଯେ, ଲରମ୍ଭା ଥାନା ବାଗମୁଣ୍ଡ ଗ୍ରାମର ଭୀମ ପରିବାର ସହ ସକ୍ରିପାଣି ଗାଁକୁ ଏକ ବାହାଘରରେ ଯୋଗ ଦେବାକୁ ଯାଉଥିଲେ । ପୁଅ ଚିରଞ୍ଜୀବୀ ବାଇକ୍ ଆଗରେ ବସିଥିଲା । ଜଣେ ସମ୍ପର୍କୀୟ ବାଇକ୍ ଚଳାଉଥିଲେ । କୌଣସି କାରଣରୁ ବାଇକ୍ ଭାରସାମ୍ୟ ହରାଇ ଆଗରେ ଯାଉଥିବା ହାଇଓ୍ୱା ପଛପଟେ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ଚିରଞ୍ଜୀବୀଙ୍କ ମୃତ୍ୟୁ ଘଟିଥିଲା । ସ୍ଥାନୀୟ ଲୋକେ ଆହତ ୩ ଜଣଙ୍କୁ ଉଦ୍ଧାର କରି ପ୍ରଥମେ ସ୍ଥାନୀୟ ଘସିଏନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ପାଟଣାଗଡ ଉପଖଣ୍ଡ ଡାକ୍ତରଖାନା ନିଆଯାଇଥିଲା । ସେଠାରୁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଦୁର୍ଘଟଣା ପରେ ହାଇଓ୍ୱା ଚାଳକ ଫେରାର ହୋଇଯାଇଛି । ଖବର ପାଇ ଲରମ୍ଭା ପୋଲିସ ପହଞ୍ଚି ଏକ ମାମଲା (ନଂ ୮୯/୨୦୨୫) ରୁଜୁ କରି ତଦନ୍ତ ଚଳାଇଛି ।

## ସଂକ୍ଷେପରେ

### ଖପ୍ରାଖୋଲରେ କ୍ୟାଣ୍ଡେଲ ଶୋଭାଯାତ୍ରା

ଖପ୍ରାଖୋଲ,୨୭।୪(ଅଭୟ ତ୍ରିପାଠୀ)

କଶ୍ମୀରର ପହଲଗାମ୍‌ଠାରେ ଘଟିଥିବା ଆତଙ୍କବାଦୀଙ୍କ ଆକ୍ରମଣ ଘଟଣାର ପ୍ରତିବାଦରେ ବ୍ଲକ ପ୍ରଶାସନ ଓ ବିଭିନ୍ନ ସଂଗଠନ ତରଫରୁ ଖପ୍ରାଖୋଲ ବ୍ଲକ ସଦର ମହକୁମାଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଓ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ପ୍ରଥମେ ବ୍ଲକ କାର୍ଯ୍ୟାଳୟ ପରିସରରେ ସମସ୍ତେ ଏକତ୍ରିତ ହୋଇ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ଥାନା ଛକସ୍ଥିତ ବୁଦ୍ଧଙ୍କ ପ୍ରତିମୂର୍ତ୍ତି ପାଖରେ ପହଞ୍ଚି ଥିଲେ । ସେଠାରେ ଏକ ଶୋକସଭା ଅନୁଷ୍ଠିତ ହେବା ସହ ମୃତକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଥାନା ଅଧିକାରୀ ନରେନ୍ଦ୍ର ଛତର, ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ବ୍ଲକ ସହ ଶିକ୍ଷା ଅଧିକାରୀ, ଅଗ୍ନିଶମ ଅଧିକାରୀ ଜୟ ଗୋପାଳ ପଣ୍ଡା, ଯୋଗାଣ ଅଧିକାରୀ ବିକାଶ ବାର୍ଲା, ରାଜକିଶୋର ନାଏକ, ଭାଜପା ବ୍ଲକ ସଭାପତି ଉମାକାନ୍ତ ପ୍ରଧାନ, ସତ୍ୟାନନ୍ଦ ସେଠିଆ, ଆକାଶ ମଣ୍ଡଳ, ଜିତେନ୍ଦ୍ର ପଣ୍ଡା, ବୁଲୁ ପଣ୍ଡା, ଅଭୟ ତ୍ରିପାଠୀ, ତାପସ ବେହେରାଙ୍କ ସମେତ ବ୍ଲକ ପ୍ରଶାସନ, ପ୍ରେସ କ୍ଲବ ଓ ବିଭିନ୍ନ ସଂଗଠନର ସଦସ୍ୟ ଉପସ୍ଥିତ ଥିଲେ ।

### ୧୯୮୩ ମାଟ୍ରିକ ବ୍ୟାଚ୍ ବନ୍ଧୁମିଳନ

**ମୁରିବାହାଲ ପଞ୍ଚାୟତି ହାଇସ୍କୁଲ**

ମୁରିବାହାଲ,୨୭।୪(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ପଞ୍ଚାୟତି ହାଇସ୍କୁଲର ୧୯୮୩ ମସିହା ମାଟ୍ରିକ ବ୍ୟାଚ୍ ବନ୍ଧୁମିଳନ ଶନିବାର ଦିନ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଉକ୍ତ ବ୍ୟାଚ୍ ତରଫରୁ ବିଦ୍ୟାଳୟ ପାଇଁ ବିଭିନ୍ନ ସାମଗ୍ରୀ ପ୍ରଦାନ କରାଯାଇଛି । ପ୍ରାରମ୍ଭରେ ପୁରାତନ ଛାତ୍ରମାନଙ୍କୁ ନେଇ ଡା. ଭଗବାନ ମହାନ୍ତି ଓ ରାମରତନ ମେହେରଙ୍କ ନେତୃତ୍ୱରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଉକ୍ତ ବ୍ୟାଚ୍‌ର ପଞ୍ଚାୟତିରାଜ ବିଭାଗର ଯୁଗ୍ମ ସଚିବ ସୂର୍ଯ୍ୟ ନାରାୟଣ ଦାସ, କାନାରା ବ୍ୟାଙ୍କର ଅଧିକାରୀ ଭାଗବତ ପଧାନ, କଣ୍ଟାବାଞ୍ଜି କେଭି କଲେଜର ଖେଳ ଶିକ୍ଷକ ଧନଞ୍ଜୟ ପଧାନ, କିଶୋର କୁମାର ନାୟକ, ପ୍ରବୀର କୁମାର କର୍ମ, ବୃନ୍ଦାବନ ଶତପଥୀ, ଆଦିକନ୍ଦ ଖମାରି, ବିଭୁତି ନନ୍ଦ ଦାଶ ପ୍ରମୁଖ ଉପସ୍ଥିତ ରହି ସ୍କୁଲ ଜୀବନର ସ୍ମୃତିଚାରଣ କରିଥିଲେ । ଆଗାମୀ ଦିନରେ ସ୍କୁଲର କିପରି ବିକାଶ କରାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା ଏହି ଅବସରରେ ପୁରାତନ ଛାତ୍ରମାନେ ହାଇସ୍କୁଲ ପ୍ରଧାନ ଶିକ୍ଷକ ସୁନୀଲ କୁମାର ପାତ୍ର ଏବଂ ଷ୍ଟାଫ୍‌ଙ୍କ ଉପସ୍ଥିତରେ ଗୋଟିଏ କମ୍ପ୍ୟୁଟର, ସାଉଣ୍ଡ ସିଷ୍ଟମ, ୪ଟି ଚେୟାର, ୭ଟି ଗଡ଼ରେଜ ଆଦି ପ୍ରଦାନ କରିଥିଲେ । ବସନ୍ତ ବାଗ, ଶ୍ରୀପତି ଷାଣ୍ଢ,ବଂଶୀ ବାଗ, ସବ୍ୟସାଚୀ ମିଶ୍ର, ସୁଦର୍ଶନ ଲୁହା, ବୃନ୍ଦାବନ ଶତପଥୀଙ୍କ ସହ ଶିକ୍ଷକ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଖଦ୍ୟୋତ ଅନୁଷ୍ଠାନ ପକ୍ଷରୁ ପୁରସ୍କାର ବିତରଣ ଉତ୍ସବ

ବଲାଙ୍ଗୀର,୨୭।୪(ବୀରେନ୍ଦ୍ର କୁମାର ଝାଙ୍କର)

ସ୍ଥାନୀୟ ତେଲିଗୋଠପଡାସ୍ଥିତ ଐତିହାସିକ ପୂର୍ଣ୍ଣଚନ୍ଦ୍ର ରଥ ପାଠାଗାର ସମ୍ମିଳନୀ କକ୍ଷରେ ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନାଗରିକ କମିଟି ଉପସଭାପତି ନିତ୍ୟାନନ୍ଦ ମିଶ୍ର ମୁଖ୍ୟଅତିଥି, ରେଡକ୍ରସ ସାଧନ କର୍ମୀ ଡ. ରବିଚନ୍ଦ୍ର ପଶାୟତ, ବନ୍ଧପଡା ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ଆନନ୍ଦ ଚନ୍ଦ୍ର ପଣ୍ଡା ଏବଂ ସାମାଜିକ କର୍ମୀ ଆକୁଳ ବେହେରା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏହି ଉପଲକ୍ଷେ ଆୟୋଜିତ ରଙ୍ଗୋଲି, କୌତୁକ ପୋଷାକ, ସଙ୍ଗୀତ ଓ ଡ୍ୟାନ୍ସ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ସାର୍ଟିଫିକେଟ ଓ ମେଡାଲ ଦେଇ ପୁରସ୍କୃତ କରିଥିଲେ । ସଙ୍ଗୀତରେ ସଞ୍ଜନା ମିଶ୍ର, ହର୍ଷିତା ସିଂ, ସମର୍ପିତା ବାରିକ, ନୈତିକ ନୟନ ଦାଶ, ଚିତ୍ରାଙ୍କନରେ ସୌମ୍ୟ ରଞ୍ଜନ ସାହୁ, ଡ୍ୟାନ୍ସରେ ଅଭିପ୍ସା ସାହୁ, ହର୍ଷିତା ସିଂ, ପ୍ରିୟାଂଶୀ ମହାନ୍ତି, ଯଶରାଜ ବିନ୍, ଆଦ୍ୟାଶା ଅନାଲିକା ଯୋଷୀ ଏବଂ ରଙ୍ଗୋଲିରେ ମଧୁସ୍ମିତା କର୍ଣ୍ଣ, ସବିତା ବାରିକ, ବାସନ୍ତୀ ପୁରୋହିତ, ଅନିମା ସିଂଙ୍କୁ ପୁରସ୍କୃତ କରାଯାଇଥିଲା । ସଭାରେ ମୋତିଲାଲ ସାହୁ, ଅନନ୍ତ ବିଶୋଇ, ପ୍ରମୋଦ କୁମାର ସାହୁ, ଦୀପକ ମହାନ୍ତି, ଅନ୍ତର୍ଯ୍ୟାମୀ ଯୋଷୀ, ନମ୍ରତା ପାଣିଗ୍ରାହୀ, ରାଜେଶ ପାଣିଗ୍ରାହୀ, ସତ୍ୟ ନାରାୟଣ ପାଣିଗ୍ରାହୀ ଉପସ୍ଥିତ ଥିଲେ । ଶେଷରେ ଦିବାକର ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।


ପୁରସ୍କୃତ ପ୍ରତିଯୋଗୀଙ୍କ ସହ ଅତିଥି ଓ ଆୟୋଜକ ।

# ତୁଷୁରା ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଉତ୍କଟ

**ପ୍ରଶ୍ନ ପଚାରିଲେ ମିଳୁଛି ଧମକ**

ଗୁଡଭେଲା,୨୭।୪(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ତୁଷୁରା ସହର ନିକଟ ଦେଇ ସୋନଗଡ ନଦୀ ଓ ତେଲନଦୀ ବହି ଯାଇଛି । ଏହାସତ୍ତ୍ୱେ ତୁଷୁରା ଏନଏସି ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି । ଦିନକୁ ଦିନ ଗ୍ରୀଷ୍ମର ତାତି ବଢୁଥିବା ବେଳେ ପାନୀୟ ଜଳ ସମସ୍ୟା ପରିସ୍ଥିତିକୁ ସଙ୍ଗୀନ କରିଛି । ଗ୍ରାମାଞ୍ଚଳ ଲୋକେ ପୋଖରୀ ପାଣିକୁ ବ୍ୟବହାର କରୁଥିବା ବେଳେ ତୁଷୁରା ସହରାଞ୍ଚଳର ପ୍ରତି ଘରକୁ ସରକାର ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି । ଘର ବାଟରେ ମିଟର ବି ବସିଛି, ହେଲେ ପାଣି ବାହାରୁ ନାହିଁ । ଏନେଇ ନିକଟରେ ସ୍ଥାନୀୟ ଜନସାଧାରଣ ଓ କେତେଜଣ ଗଣମାଧ୍ୟମ ପ୍ରତିନିଧି ତୁଷୁରା ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟକୁ ଯାଇ ପାଣି ସମସ୍ୟା ନେଇ ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ବିଜୟ ବେହେରାଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବିଭିନ୍ନ ପ୍ରଶ୍ନ ପଚାରି ଥିଲେ । ହେଲେ ସମ୍ପୃକ୍ତ ଯନ୍ତ୍ରୀ ଜଣକ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ପୋଲିସ ଡାକିବାକୁ ଧମକ ଦେଇଥିବା ଭିଡିଓ ଭାଇରାଲ ହେଉଛି । ଏହାକୁ ନେଇ ତୁଷୁରା ସହରରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଏନେଇ ଯନ୍ତ୍ରୀ ବେହେରାଙ୍କୁ ପଚରାଯିବାରେ ପାଣି ସମସ୍ୟା ଜଣାଇବାକୁ ଆସିଥିଲେ, କାହାରିକୁ ଦୁର୍ବ୍ୟବହାର କରାଯାଇନାହିଁ ବୋଲି କହିଥିଲେ । ଏ ସଂକ୍ରାନ୍ତରେ ତୁଷୁରା ଏନଏସି ଅଧ୍ୟକ୍ଷ ଅଜୟ କୁମାର ଜୟଶ୍ୱାଲଙ୍କୁ ପଚାରିବାରେ ଯନ୍ତ୍ରୀଙ୍କୁ ଡାକି ପାଣି ସମସ୍ୟା ନେଇ ତଦାରଖ କରାଯିବା ସହ ଘଟଣା ସଂପର୍କରେ ପଚାରି ବୁଝିବି ବୋଲି କହିଛନ୍ତି । ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ପାନୀୟ ଜଳ ବ୍ୟବସ୍ଥା କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର କର୍ମକର୍ତ୍ତା ନିର୍ବାଚନ


ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବଲାଙ୍ଗୀର ଶାଖାର ସଦସ୍ୟ ଓ କର୍ମକର୍ତ୍ତା ।

ବଲାଙ୍ଗୀର,୨୭।୪(ବୀରେନ୍ଦ୍ର କୁମାର ଝାଙ୍କର)

ସ୍ଥାନୀୟ ନୃସିଂହ ମନ୍ଦିରଠାରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବଲାଙ୍ଗୀର ଶାଖା ସଭାପତି ଗୋବିନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ସଂଘର କାର୍ଯ୍ୟ କାଳ ସମ୍ପୂର୍ଣ୍ଣ ହୋଇଥିବାରୁ ନୂତନ କର୍ମକର୍ତ୍ତା ନିର୍ବାଚନ ପାଇଁ ବରିଷ୍ଠ ସଦସ୍ୟ ସତ୍ୟବନ୍ତ ବେଦବାକଙ୍କୁ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଥିଲା । ଏହାପରେ ଅନୁଷ୍ଠିତ ନିର୍ବାଚନରେ ସଭାପତି ଭାବେ ଗୋବିନ୍ଦ ମିଶ୍ର, ଉପସଭାପତି ଭାବେ ପର୍ଶୁରାମ ନାୟକ, ସାଧାରଣ ସମ୍ପାଦକ ଭାବେ କୃଷ୍ଣଚନ୍ଦ୍ର ନାଥ, ଯୁଗ୍ମ ସମ୍ପାଦକ ଚୈତନ୍ୟ ପଟେଲ ଓ ଅଡିଟର ଭାବେ ନରେନ୍ଦ୍ର କବାଟ ନିର୍ବାଚିତ ହୋଇଥିଲେ । ଏହାଛଡା କାର୍ଯ୍ୟକାରିଣୀ ସଭ୍ୟ ଭାବେ ପ୍ରଭାକର ମିଶ୍ର, ଶ୍ୟାମସୁନ୍ଦର ମିଶ୍ର, ଜୟଦେବ ବେହେରା, ପ୍ରାଣବଲ୍ଲଭ ତ୍ରିପାଠୀ, ବିଜୟ କୁମାର ବାଗ, ପୁରୁଷୋତ୍ତମ ପଣ୍ଡା ଓ ବୈକୁଣ୍ଠ ସ୍ୱାଇଁଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିବା ଜଣାପଡିଛି । ଶେଷରେ ହରେକୃଷ୍ଣ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

# ଡୁମାଲ ସମାଜର ବିଭିନ୍ନ ସମସ୍ୟା ନେଇ ଆଲୋଚନା


ବୈଠକରେ ସମାଜର ସଦସ୍ୟମାନେ ।

ପାଟଣାଗଡ,୨୭।୪(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣଗଡ ବ୍ଲକ ଭଇଁଷା ଗ୍ରାମର ମାହେଶ୍ୱରୀ ପୀଠଠାରେ ରବିବାର ଷାଠିଏଘର ଡୁମାଲ ସମାଜ ଜିରେଟମାଳ କେନ୍ଦ୍ରର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ଜିରାଟମାଲ କେନ୍ଦ୍ର ସଭାପତି ଲଛମନ ମହାକୁରଙ୍କ ସଭାପତିତ୍ୱରେ ହୋଇଥିବା ବେଳେ ସମାଜର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । କିଭଳି ଭାବରେ ସଙ୍ଗଠନ ଆଗକୁ ଆହୁରି ମଜଭୁତ ହେବ, ୨୦୨୪-୨୫ ବର୍ଷର ସାମାଜିକ ଆୟ ବ୍ୟୟ , ବିବାହ ପଞ୍ଜୀକରଣ, ସାମାଜିକ ଜନଗଣନା, ସାମାଜିକ ରୀତିନୀତି ବିଷୟରେ ଆଲୋଚନା କରାଯାଇଥିଲା । ଆଗାମୀ ଦିନରେ ଡୁମାଲ ସମାଜ ଭବନ ଭଇଁଷାଠାରେ ନିର୍ମାଣ କରିବା ପାଇଁ ସରକାର ଓ ରାଜନେତାମାନଙ୍କୁ ଅନୁରୋଧ କରାଯିବ ବୋଲି ଏହି ବୈଠକରେ ଆଲୋଚନା କରାଯାଇଥିଲା । ବୈଠକରେ ଜିଲା ସମ୍ପାଦକ ବୃଷଭ ଦନ୍ତା , କେନ୍ଦ୍ର ସମ୍ପାଦକ ମନ ମୋହନ ପଧାନ, ଗୌର କର୍ମୀ, ରଘୁ କରନ, ଜିତୁ ମହାକୁର, ନୀଳାମ୍ବର ମହାକୁର, ଦୁର୍ଗା ପଧାନ, ଡାକ୍ତର ପଧାନ, ଘନ ମହାକୁର ଉପସ୍ଥିତ ଥିଲେ । ଶିବ ପଧାନ, ପୁରୁଷୋତ୍ତମ କର୍ମୀ , ରସାନନ୍ଦ ପଧାନ ସହଯୋଗ କରିଥିଲେ ।

# ବନ୍ଧପଡ଼ାରେ କ୍ୟାଣ୍ଡେଲ ଶୋଭାଯାତ୍ରା


ସଚେତନ ନାଗରିକମାନେ ଶୋଭାଯାତ୍ରାରେ ଯାଉଛନ୍ତି ।

ଦେଓଗାଁ,୨୭।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

କଶ୍ମୀର ପହଲଗାମ୍‌ଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପ୍ରତିବାଦରେ ଦେଓଗାଁ ବ୍ଲକ ବନ୍ଧପଡାରେ ଶନିବାର ସନ୍ଧ୍ୟାରେ ଦଳମତ ନିର୍ବିଶେଷରେ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଗାଁର ସଚେତନ ବ୍ୟକ୍ତିମାନେ କ୍ୟାଣ୍ଡେଲ ଧରି ଆତଙ୍କବାଦ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେବା ସହ ମୃତକଙ୍କ ପରିବାର ପ୍ରତି ନ୍ୟାୟ ପ୍ରଦାନ ଦାବି କରି ବନ୍ଧପଡା ଫାଣ୍ଡି ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସରପଞ୍ଚ ଗୋପାଳଚନ୍ଦ୍ର ମିଶ୍ର, ରାମଜୀ ଚୌଧୁରୀ, ସଂକୀର୍ତ୍ତନ ବାଗ, ବାସୁଦେବ ସିଂ ନିନା, ଗୋପାଳ ସିଂ ନିନା, ତୀର୍ଥରାଜ ବର୍ଗର୍ତ୍ତି, ବନବାସ ନାଏକ, ଜିତେନ୍ଦ୍ର ପଟ୍ଟନାୟକ,ଅଚ୍ୟୁତାନନ୍ଦ ମିଶ୍ର, ଅଶ୍ୱିନୀ ସାହୁ ତଥା ଅନ୍ୟମାନେ ଉପସ୍ଥିତ ଥିଲେ ।

# ପୂର୍ବପୁରୁଷଙ୍କ ବଳିଦାନକୁ ମନେପକାଇ ଭବିଷ୍ୟତ ଗଢ଼ିବାକୁ ଆହ୍ୱାନ

ବଲାଙ୍ଗୀର,୨୭।୪(ବୀରେନ୍ଦ୍ର କୁମାର ଝାଙ୍କର)

ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ସମାରୋହ ଶନିବାର ସ୍ଥାନୀୟ ଗାନ୍ଧୀଭବନଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଡେପୁଟି କଲେକ୍ଟର ଦେବସ୍ମିତ ମଲ୍ଲିକ, ମୁଖ୍ୟବକ୍ତା ଭାବେ ଆଧାପକ ସନ୍ଦୀପ କୁମାର କୁଅଁର, ସମ୍ମାନିତ ଅତିଥି ଭାବେ ଆସିଷ୍ଟାଣ୍ଟ ଡ଼ାଇରେକ୍ଟର (ଯୋଜନା) ସଞ୍ଜୟ କୁମାର ଦୀପ, ଜିଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର, ଅବସରପ୍ରାପ୍ତ ପ୍ରଶାସକ ନୀଳମଣି ମିଶ୍ର, ଆଡଭୋକେଟ୍ ଜୟରାମ ମିଶ୍ର ଯୋଗଦାନ କରିଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଜିଲା ପ୍ରଶାସନ ସମନ୍ୱୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ମୁଖ୍ୟବକ୍ତା କୁଅଁର ତାଙ୍କ ବକ୍ତବ୍ୟରେ ଅତୀତକୁ ଜାଣିବା ଏବଂ ଅତୀତକୁ ମନେ ପକାଇ ଆଗକୁ ବଢିବାକୁ କହିଥିଲେ । ଆମ ପୂର୍ବପୁରୁଷଙ୍କ ବଳିଦାନକୁ ମନେ ପକାଇ ଭବିଷ୍ୟତ ଗଢ଼ିବାକୁ କହିଥିଲେ । ଏହି ଅବସରରେ ବକ୍ତାମାନେ କୃଷ୍ଣଚନ୍ଦ୍ର ଗଜପତିଙ୍କ ତ୍ୟାଗ ସମ୍ପର୍କରେ ଆଲୋକପାତ କରିଥିଲେ । କୃଷ୍ଣଚନ୍ଦ୍ର ଗଜପତି ଖଣ୍ଡ ବିଖଣ୍ଡିତ ଓଡ଼ିଶାକୁ ଏକତ୍ରୀକରଣର ବୀଜ ବୁଣିଥିଲେ । ଓଡ଼ିଶାର ଭାଷା ବଞ୍ଚାଇବା ପାଇଁ ଲଢେଇ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି କହିଥିଲେ । ଜିଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ସାହୁ ସ୍ୱାଗତ ଭାଷଣ ଓ ମଞ୍ଚ ପରିଚାଳନା କରିଥିଲେ । ଜିଲା ସଂସ୍କୃତି ଅଧିକାରୀ ରଶ୍ମି ରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ ।



ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥି ।

**ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ସମାରୋହ**

# ଆତଙ୍କବାଦୀଙ୍କ ଆକ୍ରମଣ ପ୍ରତିବାଦରେ ମଶାଲ ଶୋଭାଯାତ୍ରା

ଟିଟିଲାଗଡ଼,୨୭।୪
(ଶରତ ମିଶ୍ର/ତୀର୍ଥଙ୍କର ପଟେଲ)

ଜାମ୍ମୁ କଶ୍ମୀରର ପହଲଗାମ୍‌ଠାରେ ଆତଙ୍କବାଦୀଙ୍କ ଆକ୍ରମଣ ଘଟଣାର ପ୍ରତିବାଦ କରି ଟିଟିଲାଗଡ଼ ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ସଂଯୋଜକ ତଥା ଆଇନଜୀବୀ ରାଜେଶ ବାବୁଙ୍କ ନେତୃତ୍ୱରେ ଶନିବାର ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ କଲ୍ୟାଣମଣ୍ଡପଠାରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ଟିଟିଲାଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତଙ୍କବାଦୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା । କାର୍ଯ୍ୟକ୍ରମରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ , ଟିଟିଲାଗଡ଼ ବାର ସଂଘ ସଭାପତି ସଞ୍ଜୟ ବେହେରା, ପୌରାଧ୍ୟକ୍ଷା ମମତା ଜୈନ, ଆରଏସଏସ, ବିଶ୍ୱ ହିନ୍ଦୁ ପରିଷଦ, ଆଦିବାସୀ କଲ୍ୟାଣ ଆଶ୍ରମ, ଦୁର୍ଗା ବାହିନୀ, ବଜରଙ୍ଗ ଦଳ, ପତଞ୍ଜଳି ଯୋଗ ସମିତି ସହ ଅନେକ ସଂଗଠନର କର୍ମକର୍ତ୍ତା ସାମିଲ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁଦର୍ଶନ ଦାଶ, ସେବକ ଚରଣ ଦାଶ, କୃଷ୍ଣଚନ୍ଦ୍ର ବାବୁ, ଟିକେଲାଲ ବେହେରା, ଉମ୍ବରୁଧର କର୍ମୀ, ଈଶ୍ୱର ଜୈନ, ମୋହନ ଲାଲ ଜୈନ, ଅରବିନ୍ଦ ପାଣିଗ୍ରାହୀ, ଲଳିତା ଲାଠ, ନନ୍ଦ ମହଲା, କ୍ଷୀରସିନ୍ଧୁ ସାହୁ, ଚିତ୍ତରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବକ୍ତାଗଣ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ଆତଙ୍କୀବାଦୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ । ଏହି ମର୍ମରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ଆଦର୍ଶ ପ୍ରିୟଦର୍ଶନୀ ବଳଙ୍କୁ ପ୍ରଦାନ କରାଯାଇଥିଲା ।

## ସଂକ୍ଷେପରେ

### ବିବାହ ବାର୍ଷିକୀରେ ମନ୍ଦିରକୁ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ପ୍ରଦାନ

ବିନିକା,୨୭।୪(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ମାରୱାଡ଼ି ପଡ଼ା ନିବାସୀ ଶ୍ୟାମ ସୁନ୍ଦର ଅଗ୍ରୱାଲା ଓ ତାଙ୍କ ସ୍ତ୍ରୀ ଶ୍ୟାମଦେବୀ ଅଗ୍ରୱାଲ ସେମାନଙ୍କ ବିବାହର ୫୦ବର୍ଷ ପୂର୍ତ୍ତିକୁ ଏକ ନିଆରା ଢଙ୍ଗରେ ପାଳନ କରିଥିଲେ। ରବିବାର ସହରର ପୁରୁଣା ବସ୍‌ଷ୍ଟାଣ୍ଡରେ ଥିବା ଦୁର୍ଗା ମନ୍ଦିରରେ ସେମାନେ ଥଣ୍ଡା ପାନୀୟ ଜଳର ସ୍ଥାୟୀ ବ୍ୟବସ୍ଥା କରିଛନ୍ତି। ମା'ଙ୍କ ଦର୍ଶନ ପାଇଁ ପ୍ରତିଦିନ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ଼ ହୁଏ। ସେମାନଙ୍କ ପାଇଁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଓ ମନ୍ଦିର ତରଫରୁ ବିଭିନ୍ନ ସମୟରେ ହେଉଥିବା ପୂଜା ବିଧିର ବ୍ୟବସ୍ଥା ପାଇଁ ସବୁଦିନିଆ ପାନୀୟ ଜଳର ଆବଶ୍ୟକ ଥିବାରୁ ଏହି ସମସ୍ୟାକୁ ଅଗ୍ରୱାଲ ଦମ୍ପତି ଦୂର କରିଛନ୍ତି। ଏଥିପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଇ ଦେବାସହ ସମସ୍ତ ଖର୍ଚ୍ଚ ବହନ କରିଛନ୍ତି। ସେହିପରି ଟିଟୁ ପାଣିଗ୍ରାହୀ ଓ ତାଙ୍କ ସ୍ତ୍ରୀ ମୌସୁମୀ ପାଣିଗ୍ରାହୀ ମଧ୍ୟ ମନ୍ଦିରକୁ ଏକ ଇନଭେଟର ଦାନ କରିଛନ୍ତି। ଏହି ଅବସରରେ ଦୁର୍ଗା ମନ୍ଦିର କମିଟି ତରଫରୁ ଏକ ବୈଠକ କରାଯାଇ ମନ୍ଦିର ସେବାରେ ସମର୍ପିତ ଉଭୟ ଦମ୍ପତିକୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

### ମିଠା ବ୍ୟବସାୟୀ ପ୍ରଭାତ ବକ୍ସିଙ୍କ ପରଲୋକ

ସୋନପୁର,୨୭।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ଘୋଡ଼ାଘାଟ ପଡ଼ାର ପ୍ରଭାତ ବକ୍ସି(ବାବୁଲି)ଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୫୫ ବର୍ଷ ବୟସ ହୋଇଥିଲା। ସେ ଜଣେ ସରଳ, ଅମାୟିକ ଓ ଧର୍ମପାରାୟଣ ବ୍ୟକ୍ତି ଥିଲେ। କଚେରୀ ଛକ ଓ ବ୍ଲକଛକର ପ୍ରସିଦ୍ଧ ମିଠା ଓ ଜଳଖିଆ ଦୋକାନୀ ଭାବେ ଜିଲା ତଥା ଜିଲା ବାହାରେ ଖୁବ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ସହରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ରବିବାର ବକ୍ସିଙ୍କ ମୃତ ଦେହ ପହଞ୍ଚିବା ପରେ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ଶତପଥୀ, ଦିନେଶ ଅଗ୍ରୱାଲା, ପ୍ରାକ୍ତନ ନଗରପାଳ ପ୍ରକାଶ ସାହୁ, କଇରୁ ସ୍ୱାଇଁ, ସମାଜସେବୀ ଶ୍ରୀବସ୍ତ ମଲ୍ଲିକ, ମନୋଜ ପଣ୍ଡା, ଜୟକୁମାର ମହଲା, ବ୍ୟବସାୟୀ ସଂଘର ପ୍ରାକ୍ତନ ସଭାପତି ରାମକୃଷ୍ଣ ମେହେରଙ୍କ ସମେତ ସ୍ୱଚ୍ଛ ଭାରତ ସଙ୍ଗଠନ, ଯୋଗାଳୟ, ବରିଷ୍ଠ ନାଗରିକ ସଂଘ, ବାପୁଜୀ କ୍ଲବ ଓ ସହରର ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ତାଙ୍କ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିଥିଲେ। ପୁତ୍ର କବୀର ବକ୍ସି ମୁଖାଗ୍ନି ଦେଇଥିଲେ। ବକ୍ସିଙ୍କ ମୃତଦେହ ଶୋଭାଯାତ୍ରା ଓ ରାମେଶ୍ୱର ଶ୍ମଶାନ ଘାଟରେ ଶେଷକୃତ୍ୟ ସମ୍ପନ୍ନ ସମୟରେ ଶତାଧିକ ଲୋକ ଏକାଠି ହୋଇ ବିଦାୟ ଜଣାଇଥିଲେ। ବକ୍ସିଙ୍କ ସ୍ତ୍ରୀ, ବାପା, ତିନିଭାଇ, ଦୁଇ ଶାଳକ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।


ପ୍ରଭାତ ବକ୍ସି।

### ଝାରମୁଣ୍ଡାରେ ବଜ୍ରକାପ୍ତା ଉଦ୍ଧାର



କର୍ଲାମୁଣ୍ଡା,୨୭।୪ (ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଝାରମୁଣ୍ଡାଠାରେ ରବିବାର ବଜ୍ରକାପ୍ତା ଉଦ୍ଧାର ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଏହି ବ୍ଲକର ଝାରମୁଣ୍ଡାଠାରେ ଗ୍ରାମର ରୁଦ୍ରମଣୀ ସାହୁ ନିଜ ଜମିକୁ ଯାଇଥିଲେ। ସେଠାରେ ବଜ୍ରକାପ୍ତାକୁ ଦେଖି ସ୍ଥାନୀୟ ଜଙ୍ଗଲ ବିଭାଗ କର୍ମଚାରୀଙ୍କୁ ସୂଚନା ଦେଇଥିଲେ। ସୂଚନାପାଇ ବନପାଳ ସମ୍ପଦ କୁମାର ପହଞ୍ଚି ବଜ୍ରକାପ୍ତା ଉଦ୍ଧାର କରିଥିଲେ। ବଜ୍ରକାପ୍ତାର ଓଜନ ୫କେ.ଜି.ରୁ ଅଧିକ ଥିବା ଜଣାପଡ଼ିଛି।

# କର୍ମସଂସ୍ଥାନ ଅଭାବ, ବାହାର ରାଜ୍ୟମୁହାଁ ଶିକ୍ଷିତ ଯୁବବର୍ଗ

ସୋନପୁର,୨୭।୪(ମୃତ୍ୟୁଞ୍ଜୟ ଶତପଥୀ)

**ସୁବର୍ଣ୍ଣପୁର ଜିଲାରେ ବଢୁଛି ବେରୋଜଗାରୀ**

ଶିଳ୍ପ ବିହୀନ ସୁବର୍ଣ୍ଣପୁର ଜିଲାରେ ଏବେ ବେରୋଜଗାରଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଜିଲାରେ ପର୍ଯ୍ୟାପ୍ତ ରୋଜଗାର ସୁଯୋଗ ନ ଥିବାରୁ ଯୁବଗୋଷ୍ଠୀ ଏବେ ପେଟପାଟଣା ପାଇଁ ରାଜ୍ୟ ବାହାରକୁ ଯାଉଥିବା ଦେଖିବାକୁ ମିଳୁଛି। ତଥାପି ଜିଲାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

୧୯୮୨ ମସିହାରେ ଏଠାରେ ସ୍ପିନିଂ ମିଲ୍ ପ୍ରତିଷ୍ଠା ହୋଇଥିଲା। ସେତେବେଳେ ହଜାରେରୁ ଅଧିକ ଲୋକ ମିଲ୍ ଦ୍ୱାରା ରୋଜଗାର ପାଇଥିଲେ। ହେଲେ ଏବେ ଏହା ରୋଗଣା ଅବସ୍ଥାରେ ରହିଛି। ବର୍ତ୍ତମାନ ଶହେରୁ କମ୍ ଶ୍ରମିକ କାମ କରୁଛନ୍ତି। ତଥାପି ଏହାର ପୁନରୁଦ୍ଧାର ଦିଗରେ ଧ୍ୟାନ ଦିଆଗଲା ନାହିଁ। ସେହିପରି ସୁବର୍ଣ୍ଣପୁର ଏକ କୃଷିପ୍ରଧାନ ଜିଲା ହୋଇଥିଲେ ମଧ୍ୟ ବେସରକାରୀ ଭାବେ ରାଇସ୍ ମିଲ୍ ଓ ଅଏଲ ମିଲ୍ ବ୍ୟତୀତ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା ଦିଗରେ ସରକାରୀସ୍ତରରେ ଯେତିକି ଧ୍ୟାନ ଦିଆଯିବା କଥା ଦିଆଯାଇନାହିଁ। ବେରୋଜଗାରୀ ଦୂର କରିବା ପାଇଁ ଏକମାତ୍ର ବିକଳ୍ପ ହେଉଛି ଶିଳ୍ପ ପ୍ରତିଷ୍ଠାନ ସ୍ଥାପନ। କିନ୍ତୁ ଏଠାରେ ତାହା କରାଯାଉନାହିଁ। ଗତ ସାଧାରଣ ନିର୍ବାଚନ ବେଳେ ଗୃହମନ୍ତ୍ରୀ ଅମିତ ଶାହ ରାଜ୍ୟରେ ଭାଜପା ସରକାର ଆସିଲେ ଏଠାରେ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା ଓ ପର୍ଯ୍ୟଟନ ଶିଳ୍ପର ବିକାଶ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇନି। ଜିଲାରେ ସରକାରୀ ପୋଲିଟେକ୍ନିକ, ଆଇଟିଆଇ ଆଦି ବୈଷୟିକ ଶିକ୍ଷା ପ୍ରତିଷ୍ଠାନ ଖୋଲିଛି। ପ୍ରତିବର୍ଷ ଶତାଧିକ ଯୁବତୀ ଯୁବକ ପାସ୍ କରୁଛନ୍ତି। କିନ୍ତୁ ଜିଲାରେ ଶିଳ୍ପ ପ୍ରତିଷ୍ଠାନ ନଥିବାରୁ ନିଯୁକ୍ତି ସୁଯୋଗ ପାଉନାହାନ୍ତି। ଅନ୍ୟପକ୍ଷରେ ସରକାରୀ ଚାକିରି ନଗଣ୍ୟ ଥିବାରୁ ଶିକ୍ଷିତ ବେକାରି ମାନେ ଜିଲା ନିଯୋଜନ କାର୍ଯ୍ୟାଳୟରେ ଆଉ ନାମ ପଞ୍ଜିକରଣ କରୁନାହାନ୍ତି। ଏହି ଶିକ୍ଷିତ ଯୁବଗୋଷ୍ଠୀ ସ୍ୱାବଲମ୍ବୀ ହେବାକୁ ଚାହିଁଲେ ମଧ୍ୟ ବିଭିନ୍ନ ବ୍ୟାଙ୍କରୁ ଏମାନଙ୍କୁ ସହଜରେ ଋଣ ଉପଲବ୍ଧ ହେଉ ନ ଥିବା ଅଭିଯୋଗ ହୋଇଛି। ଜିଲାରେ ରୋଜଗାର ଅଭାବରୁ ପ୍ରତିବର୍ଷ ୧୫ ହଜାରରୁ ଊର୍ଦ୍ଧ୍ୱ ଯୁବତୀ ଯୁବକ କାମ ଅନ୍ୱେଷଣରେ ବାହାର ରାଜ୍ୟକୁ ଯାଉଥିବା ଜଣାପଡ଼ିଛି। ଜିଲାରେ କୃଷି ଆଧାରିତ ଶିଳ୍ପର ବିକାଶ, ନୂତନ ଶିଳ୍ପ ପ୍ରତିଷ୍ଠା, ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ଓ ଶିକ୍ଷିତ ଯୁବଗୋଷ୍ଠୀଙ୍କୁ ପ୍ରୋତ୍ସାହନ ମିଳିଲେ ବେରୋଜଗାରୀ ଦୂର ହେବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

# ସାମାଜିକ ସଂସ୍କାର ଆଣିବା ଉପରେ ଗୁରୁତ୍ୱ


ମଠ ପରିସରରେ ଅନୁଷ୍ଠିତ ଡୁମାଲ ପରିଷଦ ବୈଠକ।

ସୋନପୁର,୨୭।୪(ମୃତ୍ୟୁଞ୍ଜୟ ଶତପଥୀ)

**ଜିଲା ଡୁମାଲ ପରିଷଦର ବୈଠକ**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କଳାପଥର ପଞ୍ଚାୟତର ପଧାନପାଲି ଗ୍ରାମ ନରସିଂହ ଖମନ ମଠ ପରିସରରେ ଜିଲା ଡୁମାଲ ପରିଷଦର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଅଶିନୀ କୁମାର ମହାକୁର ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ଡୁମାଲ ସମାଜ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ। ଜିଲାସ୍ତରୀୟ ସାଧାରଣ ବୈଠକରେ ଆୟବ୍ୟୟ ଉପସ୍ଥାପନା କରାଯିବା ସହ ସାମାଜିକ ସମସ୍ୟା ସମାଧାନ, ସାମାଜିକ ସଂସ୍କାର ଆଣିବା, ବିବାହ କାର୍ଯ୍ୟ ଓ ମୃତାହ କାର୍ଯ୍ୟଗୁଡ଼ିକୁ ଠିକ ଭାବରେ ପରିଚାଳନା କରିବା, ଡୁମାଲ ପରିଷଦ ଓଡିଶା ପକ୍ଷରୁ ନୂତନ ଜାତି ପରିଚୟ ପତ୍ର ପ୍ରଦାନ କରଯିବା, ନାରୀ ନିର୍ଯାତନା, ବାଲ୍ୟବିବାହ ବନ୍ଦ କରିବା, ନାରୀ ସଶକ୍ତିକରଣ ଓ ଶିକ୍ଷା କ୍ଷେତ୍ରରେ ସାଧାରଣ ଜାତି ସମାଜ ଭାଇମାନଙ୍କୁ ସଚେତନ କରାଯିବା ନେଇ ଆଲୋଚନା କରାଯାଇଥିଲା। ଏହି ଅବସରରେ ଗ୍ରାମାଞ୍ଚଳରେ ଡୁମାଲ ପରିଷଦ ଓଡିଶା ସମ୍ବିଧାନର ଆଇନ ଏବଂ ଭାରତୀୟ ସମ୍ବିଧାନର ଆଇନକୁ ଠିକ୍ ଭାବେ ସଚେତନ କରିବା ପାଇଁ ଜିଲା କମିଟି ପକ୍ଷରୁ ତଦାରଖ କମିଟି ଗଠନ କରାଯାଇଥିଲା। ବୈଠକରେ ଜିଲା ଉପସଭାପତି ଲକ୍ଷ୍ମଣ ବଡ଼ିଆ, ହିଙ୍ଗିମା କେନ୍ଦ୍ର ସଭାପତି ବଶିଷ୍ଠ ପଡିଆ, କୋଟସମଲାଇ କେନ୍ଦ୍ର ସଭାପତି ନରସିଂହ ପଧାନ, ଜାଲୋଏ କେନ୍ଦ୍ର ସମ୍ପାଦକ ମାର୍କଣ୍ଡ କର୍ମୀ, କଳାପଥର କେନ୍ଦ୍ର ସଭାପତି ରବି ବଘାର, ମାଉଲିମାଳ କେନ୍ଦ୍ର ସଭାପତି ଅନ୍ତର୍ଯ୍ୟାମୀ କର୍ଣ୍ଣ, ବାଗବର କେନ୍ଦ୍ର ସମ୍ପାଦକ ହରିହର ପଧାନ, ହିଙ୍ଗିମା କେନ୍ଦ୍ର ଉପ ସଭାପତି ଜଗନ୍ନାଥ ପାତ୍ର, ରେଙ୍ଗାଲି ଗ୍ରାମ୍ୟ କମିଟି ସଭାପତି ବୁଦ୍ଧଦେବ ମହାକୁରଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। କବି ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

# ଖଦ୍ୟୋତ ଅନୁଷ୍ଠାନ ପକ୍ଷରୁ ପୁରସ୍କାର ବିତରଣ ଉତ୍ସବ

ବଲାଙ୍ଗୀର,୨୭।୪(ବୀରେନ୍ଦ୍ର କୁମାର ଝାଙ୍କର)

ସ୍ଥାନୀୟ ତେଲିଗୋଠପଡାସ୍ଥିତ ଐତିହାସିକ ପୂର୍ଣ୍ଣଚନ୍ଦ୍ର ରଥ ପାଠାଗାର ସମ୍ମିଳନୀ କକ୍ଷରେ ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାଗରିକ କମିଟି ଉପସଭାପତି ନିତ୍ୟାନନ୍ଦ ମିଶ୍ର ମୁଖ୍ୟଅତିଥି, ରେଡକ୍ରସ ସାଧନ କର୍ମୀ ଡ. ରବିଚନ୍ଦ୍ର ପଶାୟତ, ବନ୍ଧପଡା ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ଆନନ୍ଦ ଚନ୍ଦ୍ର ପଣ୍ଡା ଏବଂ ସାମାଜିକ କର୍ମୀ ଆକୁଳ ବେହେରା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଉପଲକ୍ଷେ ଆୟୋଜିତ ରଙ୍ଗୋଲି, କୌତୁକ ପୋଷାକ, ସଙ୍ଗୀତ ଓ ଡ୍ୟାନ୍ସ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ସାର୍ଟିଫିକେଟ ଓ ମେଡାଲ ଦେଇ ପୁରସ୍କୃତ କରିଥିଲେ। ସଙ୍ଗୀତରେ ସଞ୍ଜନା ମିଶ୍ର, ହର୍ଷିତା ସିଂ, ସମର୍ପିତା ବାରିକ, ନୈତିକ ନୟନ ଦାଶ, ଚିତ୍ରାଙ୍କନରେ ସୌମ୍ୟ ରଞ୍ଜନ ସାହୁ, ଡ୍ୟାନ୍ସରେ ଅଭିପ୍‌ସା ସାହୁ, ହର୍ଷିତା ସିଂ, ପ୍ରିୟାଂଶୀ ମହାନ୍ତି, ଯଶରାଜ ବିନ୍, ଆଦ୍ୟାଶା ଅନାଲିକା ଯୋଷୀ ଏବଂ ରଙ୍ଗୋଲିରେ ମଧୁସ୍ମିତା କର୍ଣ୍ଣ, ସବିତା ବାରିକ, ବାସନ୍ତୀ ପୁରୋହିତ, ଅନିମା ସିଂଙ୍କୁ ପୁରସ୍କୃତ କରାଯାଇଥିଲା। ସଭାରେ ମୋତିଲାଲ ସାହୁ, ଅନନ୍ତ ବିଶୋଇ, ପ୍ରମୋଦ କୁମାର ସାହୁ, ଦୀପକ ମହାନ୍ତି, ଅନ୍ତର୍ଯ୍ୟାମୀ ଯୋଷୀ, ନମ୍ରତା ପାଣିଗ୍ରାହୀ, ରାଜେଶ ପାଣିଗ୍ରାହୀ, ସତ୍ୟ ନାରାୟଣ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଶେଷରେ ଦିବାକର ହୋତା ଧନ୍ୟବାଦ ଅର୍ପଣ କରିଥିଲେ।


ପୁରସ୍କୃତ ପ୍ରତିଯୋଗୀଙ୍କ ସହ ଅତିଥି ଓ ଆୟୋଜକ।

# କେରଳରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

**୨ ମାସରେ ୨ ଦାଦନ ଶ୍ରମିକଙ୍କ ମୃତ୍ୟୁ**

ଲାଞ୍ଜିଗଡ଼,୨୭।୪(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକରେ ଦିନକୁ ଦିନ ଦାଦନ ସମସ୍ୟା ଥମିବାର ନା ଧରୁନାହିଁ। ଗତ ୨ ମାସ ତଳେ ଏହି ବ୍ଲକର ମାଲିଯୁବାଙ୍ଗ ପଞ୍ଚାୟତ କେନ୍ଦୁପେଟ ଗାଁର ଜଣେ ନାବାଳକ ଦାଦନ ଶ୍ରମିକ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଜିଲା ଅନକାପାଲିକୁ କାମ କରିବାକୁ ଯାଇ ସେଠାରେ ଅଜଣା ରୋଗରେ ମୃତ୍ୟୁ ବରଣ କରିଥିଲେ। ଏହାର ୨ ମାସ ନ ପୂରୁଣୁ ପୁଣିଥରେ ଏହି ବ୍ଲକର ବେନଗାଁ ପଞ୍ଚାୟତ ଅନ୍ତର୍ଗତ ବରାପାଲି ଗାଁର ଯୁବକ କାଳିବାବୁ ହରିଜନ (୪୫)ଙ୍କ ବୁଧବାର କେରଳର ଆଙ୍ଗାମାଲିରେ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁସାରେ,କାଳିବାବୁ ହରିହନ ଏକ ବର୍ଷ ହେଲା କେରଳର ଆଙ୍ଗାମାଳି ଜିଲାକୁ ଯାଇ ଏକ ଘରୋଇ ଇଟା କାର ଖାନାରେ ଶ୍ରମିକ ଭାବେ କାମ କରୁଥିଲେ। ଗତ ବୁଧବାର ଦିନ ରାସ୍ତାରେ ଚାଲିକି ଯାଉଥିବା ସମୟରେ କୌଣସି ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ପରିବାର ଲୋକେ ମୃତ ଶରୀର ଆଣିବା ପାଇଁ ଓ ଆର୍ଥିକ ସହାୟତା ପାଇଁ ସ୍ଥାନୀୟ ପ୍ରଶାସନ ସହ ଜିଲାପାଳଙ୍କୁ ଗୁହାରି କରିଥିଲେ। ପରିବାର କହିଲେ ତାଙ୍କର ସ୍ତ୍ରୀ ସମେତ ୨ ଝିଅ ପୁଅ ରହିଛନ୍ତି। ଏକମାତ୍ର ରୋଜଗାର କ୍ଷମ କାଳିବାବୁଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଏବେ ଅସହାୟ ହୋଇପଡିଛନ୍ତି। ଅନ୍ୟପଟେ କାରଖାନା ମାଲିକ ଆମ୍ବୁଲାନ୍ସ ଦ୍ୱାରା ମୃତ ଦେହକୁ ଗାଁକୁ ପଠାଇ ଦେଇଥିଲେ। ଶନିବାର ଜନ୍ମମାଟି ବରାପାଲିରେ ମୃତଦେହ ପହଞ୍ଚିବା ପରେ କାନ୍ଦ ବୋବାଳୀରେ ଗାଁ ଫାଟି ପଡିଥିଲା। ପରେ ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଥିଲା। ଏ ନେଇ ଅତିରିକ୍ତ ଜିଲା ଶ୍ରମ ଅଧିକାରୀ ଜୀତମ ମାଝୀଙ୍କୁ ପଚାରିବାରୁ, ଜିଲା ପ୍ରଶାସନ ପକ୍ଷରୁ ଶୁଦ୍ଧିକ୍ରିୟା ପାଇଁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ମୃତକଙ୍କ ପରିବାର ପକ୍ଷରୁ କାଗଜପତ୍ର ଦାଖଲ କଲେ ସରକାରଙ୍କ ପକ୍ଷରୁ ଯାହାକିଛି ବ୍ୟବସ୍ଥା ଅଛି ତାହା ଯୋଗାଇ ଦିଆଯିବ ବୋଲି ଶ୍ରମ ଅଧିକାରୀ ମାଝୀ କହିଛନ୍ତି।

# ବନ୍ଧପଡ଼ାରେ କ୍ୟାଣ୍ଡେଲ ଶୋଭାଯାତ୍ରା


ସଚେତନ ନାଗରିକମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ଦେଓଗାଁ,୨୭।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

କଶ୍ମୀର ପହଲଗାମ୍‌ଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପ୍ରତିବାଦରେ ଦେଓଗାଁ ବ୍ଲକ ବନ୍ଧପଡାରେ ଶନିବାର ସନ୍ଧ୍ୟାରେ ଦଳମତ ନିର୍ବିଶେଷରେ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗାଁର ସଚେତନ ବ୍ୟକ୍ତିମାନେ କ୍ୟାଣ୍ଡେଲ ଧରି ଆତଙ୍କବାଦ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେବା ସହ ମୃତକଙ୍କ ପରିବାର ପ୍ରତି ନ୍ୟାୟ ପ୍ରଦାନ ଦାବି କରି ବନ୍ଧପଡା ଫାଣ୍ଡି ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସରପଞ୍ଚ ଗୋପାଳଚନ୍ଦ୍ର ମିଶ୍ର, ରାମଜୀ ଚୌଧୁରୀ, ସଂକୀର୍ତ୍ତନ ବାଗ, ବାସୁଦେବ ସିଂ ନିନା, ଗୋପାଳ ସିଂ ନିନା, ତୀର୍ଥରାଜ ବରଗ୍ଡ଼ି, ବନବାସ ନାଏକ, ଜିତେନ୍ଦ୍ର ପଟ୍ଟନାୟକ,ଅଚ୍ୟୁତାନନ୍ଦ ମିଶ୍ର, ଅଶ୍ୱିନୀ ସାହୁ ତଥା ଅନ୍ୟମାନେ ଉପସ୍ଥିତ ଥିଲେ।

# ଆତଙ୍କବାଦୀଙ୍କ ଆକ୍ରମଣ ପ୍ରତିବାଦରେ ମଶାଲ ଶୋଭାଯାତ୍ରା

ଟିଟିଲାଗଡ଼,୨୭।୪
(ଶରତ ମିଶ୍ର/ତୀର୍ଥଙ୍କର ପଟେଲ)

ଜାମ୍ମୁ କଶ୍ମୀରର ପହଲଗାମ୍‌ଠାରେ ଆତଙ୍କବାଦୀଙ୍କ ଆକ୍ରମଣ ଘଟଣାର ପ୍ରତିବାଦ କରି ଟିଟିଲାଗଡ଼ ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ସଂଯୋଜକ ତଥା ଆଇନଜୀବୀ ରାଜେଶ ବାବୁଙ୍କ ନେତୃତ୍ୱରେ ଶନିବାର ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ କଲ୍ୟାଣମଣ୍ଡପଠାରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ଟିଟିଲାଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତଙ୍କବାଦୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। କାର୍ଯ୍ୟକ୍ରମରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ଟିଟିଲାଗଡ଼ ବାର ସଂଘ ସଭାପତି ସଞ୍ଜୟ ବେହେରା, ପୌରାଧ୍ୟକ୍ଷା ମମତା ଜୈନ, ଆରଏସଏସ, ବିଶ୍ୱ ହିନ୍ଦୁ ପରିଷଦ, ଆଦିବାସୀ କଲ୍ୟାଣ ଆଶ୍ରମ, ଦୁର୍ଗା ବାହିନୀ, ବଜରଙ୍ଗ ଦଳ, ପତଞ୍ଜଳି ଯୋଗ ସମିତି ସହ ଅନେକ ସଂଗଠନର କର୍ମକର୍ତ୍ତା ସାମିଲ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଦର୍ଶନ ଦାଶ, ସେବକ ଚରଣ ଦାଶ, କୃଷ୍ଣଚନ୍ଦ୍ର ବାବୁ, ଟିକେଲାଲ ବେହେରା, ଉମ୍ବରୁଧର କର୍ମୀ, ଈଶ୍ୱର ଜୈନ, ମୋହନ ଲାଲ ଜୈନ, ଅରବିନ୍ଦ ପାଣିଗ୍ରାହୀ, ଲଳିତା ଲାଠ, ନନ୍ଦ ମହଲା, କ୍ଷୀରସିନ୍ଧୁ ସାହୁ, ଚିତ୍ତରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବକ୍ତାଗଣ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ଆତଙ୍କୀବାଦୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ଏହି ମର୍ମରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ଆଦର୍ଶ ପ୍ରିୟଦର୍ଶନୀ ବଳଙ୍କୁ ପ୍ରଦାନ କରାଯାଇଥିଲା।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର କର୍ମକର୍ତ୍ତା ନିର୍ବାଚନ


ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବଲାଙ୍ଗୀର ଶାଖାର ସଦସ୍ୟ ଓ କର୍ମକର୍ତ୍ତା।

ବଲାଙ୍ଗୀର,୨୭।୪(ବୀରେନ୍ଦ୍ର କୁମାର ଝାଙ୍କର)

ସ୍ଥାନୀୟ ନୃସିଂହ ମନ୍ଦିରଠାରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବଲାଙ୍ଗୀର ଶାଖା ସଭାପତି ଗୋବିନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଂଘର କାର୍ଯ୍ୟ କାଳ ସମ୍ପୂର୍ଣ୍ଣ ହୋଇଥିବାରୁ ନୂତନ କର୍ମକର୍ତ୍ତା ନିର୍ବାଚନ ପାଇଁ ବରିଷ୍ଠ ସଦସ୍ୟ ସତ୍ୟବନ୍ତ ବେଦବାକଙ୍କୁ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଥିଲା। ଏହାପରେ ଅନୁଷ୍ଠିତ ନିର୍ବାଚନରେ ସଭାପତି ଭାବେ ଗୋବିନ୍ଦ ମିଶ୍ର, ଉପସଭାପତି ଭାବେ ପର୍ଶୁରାମ ନାୟକ, ସାଧାରଣ ସମ୍ପାଦକ ଭାବେ କୃଷ୍ଣଚନ୍ଦ୍ର ନାଥ, ଯୁଗ୍ମ ସମ୍ପାଦକ ଚୈତନ୍ୟ ପଟେଲ ଓ ଅଡିଟର ଭାବେ ନରେନ୍ଦ୍ର କବାଟ ନିର୍ବାଚିତ ହୋଇଥିଲେ। ଏହାଛଡା କାର୍ଯ୍ୟକାରିଣୀ ସଭ୍ୟ ଭାବେ ପ୍ରଭାକର ମିଶ୍ର, ଶ୍ୟାମସୁନ୍ଦର ମିଶ୍ର, ଜୟଦେବ ବେହେରା, ପ୍ରାଣବଲ୍ଲଭ ତ୍ରିପାଠୀ, ବିଜୟ କୁମାର ବାଗ, ପୁରୁଷୋତ୍ତମ ପଣ୍ଡା ଓ ବୈକୁଣ୍ଠ ସ୍ୱାଇଁଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିବା ଜଣାପଡିଛି। ଶେଷରେ ହରେକୃଷ୍ଣ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ଘଟଣାରେ ଚାଲିଗଲା ୪ ବର୍ଷ ଶିଶୁର ଜୀବନ

ପାଟଣାଗଡ଼,୨୭।୪(ସଚ୍ଚିଦାନନ୍ଦ ମହାକୁର)

- ହାଇୱା ପଛରେ ପିଟିହୋଇ ବାଇକ୍ ଦୁର୍ଘଟଣାଗ୍ରସ୍ତ
- ମା', ବାପା ସମେତ ୩ ଗୁରୁତର

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଲରମ୍ବା ଥାନା ଅଧୀନ ଘସିଏନ ଲରମ୍ବା ରାସ୍ତାରେ ରବିବାର ଏକ ହାଇୱାକୁ ପଛପଟୁ ଏକ ବାଇକ୍ ଧକ୍କା ଦେବା ଫଳରେ ଜଣେ ୪ ବର୍ଷ ଶିଶୁର ମୃତ୍ୟୁ ଘଟିଛି। ମୃତ ଶିଶୁ ଜଣକ ହେଲେ ଚିରଞ୍ଜୀବୀ ବରିହା। ଏହି ଦୁର୍ଘଟଣାରେ ଚିରଞ୍ଜୀବୀଙ୍କ ବାପା ଭୀମ ବରିହା, ମା' ଚନ୍ଦ୍ରିକା ଓ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ପ୍ରକାଶ ଯେ, ଲରମ୍ବା ଥାନା ବାଗମୁଣ୍ଡ ଗ୍ରାମର ଭୀମ ପରିବାର ସହ ସକ୍ରିପାଣି ଗାଁକୁ ଏକ ବାହାଘରରେ ଯୋଗ ଦେବାକୁ ଯାଉଥିଲେ। ପୁଅ ଚିରଞ୍ଜୀବୀ ବାଇକ୍ ଆଗରେ ବସିଥିଲା। ଜଣେ ସମ୍ପର୍କୀୟ ବାଇକ୍ ଚଳାଉଥିଲେ। କୌଣସି କାରଣରୁ ବାଇକ୍ ଭାରସାମ୍ୟ ହରାଇ ଆଗରେ ଯାଉଥିବା ହାଇୱା ପଛପଟେ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଚିରଞ୍ଜୀବୀଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଆହତ ୩ ଜଣଙ୍କୁ ଉଦ୍ଧାର କରି ପ୍ରଥମେ ସ୍ଥାନୀୟ ଘସିଏନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ପାଟଣାଗଡ ଉପଖଣ୍ଡ ଡାକ୍ତରଖାନା ନିଆଯାଇଥିଲା। ସେଠାରୁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ହାଇୱା ଚାଳକ ଫେରାର ହୋଇଯାଇଛି। ଖବର ପାଇ ଲରମ୍ବା ପୋଲିସ ପହଞ୍ଚି ଏକ ମାମଲା (ନଂ ୮୯/୨୦୨୫) ରୁଜୁ କରି ତଦନ୍ତ ଚଳାଇଛି।

# 'ଶିକ୍ଷା, ସଙ୍ଗଠନ ଜରିଆରେ ସାମାଜିକ ଉନ୍ନତି ସମ୍ଭବ'

ବଲାଙ୍ଗୀର,୨୭।୪(ବୀରେନ୍ଦ୍ର କୁମାର ଝାଙ୍କର)


ସମ୍ମିଳନୀରେ ଯୋଗଦେଇଥିବା ଅତିଥି।

**ରାଜ୍ୟସ୍ତରୀୟ ଶବର ସମାଜ ଚିନ୍ତନ ସମ୍ମିଳନୀ**

ରାଜ୍ୟସ୍ତରୀୟ ଶବର ସମାଜର ଚିନ୍ତନ ସମ୍ମିଳନୀ ସ୍ଥାନୀୟ ଏଆର ପ୍ୟାଲେସ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଥିଲା। ଆବାହକ ସତ୍ୟ ନାରାୟଣ ଭୋଇଙ୍କ ଆହ୍ୱାନକ୍ରମେ ରାଜ୍ୟର ବିଭିନ୍ନ ଜିଲାରୁ ବହୁ ପ୍ରତିନିଧି ଏହି ସମ୍ମିଳନୀରେ ଯୋଗ ଦେଇଥିଲେ। ସମ୍ମିଳନୀରେ ସଭାପତି ଚିତ୍ତ ରଞ୍ଜନ ବନଗୁଲା, ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଶରତ ଚନ୍ଦ୍ର ନାଏକ, ସମ୍ମାନିତ ଅତିଥି ଭାବେ ବିଦ୍ୟାଧର ଦେହୁରୀ ଯୋଗଦାନ କରିଥିଲେ। ଏହି ଅବସରରେ ଶବର ସମାଜର ଶିକ୍ଷା ସଂସ୍କୃତି, ନୟାଗଡ ଜିଲା କଣ୍ଟିଲୋ ନିକଟସ୍ଥ କାଳିଆପାଲ୍ଲୀ (ଶବରପଲ୍ଲୀ) ବିଶ୍ୱାବସୁ ପୀଠର ଉନ୍ନତୀକରଣ ଏବଂ ପୂଜାପଦ୍ଧତି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ମୁଖ୍ୟଅତିଥି ନାଏକ ଶବର ସମାଜ କିଭଳି ସଙ୍ଗଠିତ ହେବ ସେ ନେଇ କହିଥିଲେ। ଶିକ୍ଷା ହେଉଛି ସାମାଜିକ ଉନ୍ନତିର ଆଧାର। ତେଣୁ ଶିକ୍ଷିତ ହୋଇ ନିଜ ଅଧିକାର ସାବ୍ୟସ୍ତ କରିବା, ସଂଘର୍ଷ କରିବାକୁ ପ୍ରସ୍ତୁତ ହେବା ଏବଂ ରାଜନୀତିରେ ଅଂଶୀଦାର ହେବା ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥି ଦେହୁରୀ ତାଙ୍କ ବକ୍ତବ୍ୟରେ ଶବରମାନେ ମୂଳ ନିବାସୀ ବୋଲି କହି ସୃଷ୍ଟି ଆରମ୍ଭରୁ ଶବର ସଭ୍ୟତା ରହିଛି ବୋଲି କହିଥିଲେ। ଜିଲା ସଭାପତି ଯଥା ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରଗଡ ଜିଲାର ଶବର ସମାଜ ସଭାପତି ଚତୁର୍ଭୁଜ ଭୋଇ, ନୂଆପଡା ଜିଲା ସଭାପତି ସୋମନାଥ ଖମାରୀ, କଳାହାଣ୍ଡି ଜିଲା ସଭାପତି ଧନୁର୍ଜୟ ଭୋଇ, ସୋନପୁର ଜିଲା ସଭାପତି ବୈଦ୍ୟନାଥ ଭୋଇ, କନ୍ଧମାଳର ପଞ୍ଚାନନ ଭୋଇ, ବୌଦ୍ଧର ଦେବାର୍ଚ୍ଚନ ଭୋଇ, ଯାଜପୁରର ଗୋବର୍ଦ୍ଧନ ଖଟୁଆ, ପୁରୀର ପ୍ରକାଶ ପାତ୍ର, ସମ୍ବଲପୁରର ତାପସ ଭୋଇ ,ଖୋର୍ଦ୍ଧାରୁ ବିଦ୍ୟାଧର ଭୋଇ, କଟକରୁ ଶରତ ନାଏକ, ଢେଙ୍କାନାଳର ପାହାଳି ଦେହୁରୀ ଯୋଗ ଦେଇଥିଲେ। ଏହାଛଡା ସମ୍ପାଦକ ବିଶ୍ୱମ୍ବର ଭୋଇ, ରାହାସ ବିହାରୀ ଭୋଇ, ନବୀନ ଭୋଇ, ରଞ୍ଜିତ ବେହେରା, ଅଶୋକ କୁମାର ବୁଡେକ, ଜ୍ଞାନ ପ୍ରକାଶ ବିଶ୍ୱାଳ, ତରଣୀସେନ ଭୋଇ, କ୍ଷୀରୋଦ ନାଗ, ରାଡୁ କାଲସାଏ, କୈଳାସ ଭୋଇଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ସର୍ବସମ୍ମତି କ୍ରମେ ସତ୍ୟନାରାୟଣ ଭୋଇ ଏବଂ ତାପସ ଭୋଇଙ୍କୁ ରାଜ୍ୟ ସଂଯୋଜକ ଭାବେ ମନୋନୀତ କରାଯାଇଥିବା ଜଣାପଡିଛି।

# ଢାବାରେ ଚଢ଼ାଉ: ଜଣେ ଗିରଫ

**ଧର୍ମଗଡ,୨୭।୪(ଘାସିରାମ ଜଗତ)**

ବେଆଇନ ମଦ କାରବାର ଉପରେ ଅଙ୍କୁଶ ଲଗାଇବା ପାଇଁ ଧର୍ମଗଡ ଥାନାର ନୂତନ ଥାନା ଅଧିକାରୀ ପ୍ରଶାନ୍ତ କୁମାର କୋଲାରସ ଅଣ୍ଟା ଭିଡିଛନ୍ତି। ଥାନା ଅଧିକାରୀ କୋଲାରସଙ୍କ ନେତୃତ୍ୱରେ ଧର୍ମଗଡ ନିକଟସ୍ଥ ଚିଲଚିଲା ଗ୍ରାମର ଏକ ଢ଼ାବାରେ ଚଡାଉ କରାଯାଇ ୧୧୯ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏଥିରେ ସଂପୃକ୍ତ ଅଭିଯୁକ୍ତ ନାଗେଶର ନାଏକ (୫୭)ଙ୍କୁ ଗିରଫ କରାଯାଇଛି। ଏନେଇ ଧର୍ମଗଡ ଥାନାରେ କେଶ ନମ୍ବର ୧୨୧/୨୫ରେ ଏକ ମାମଲା ରୁଜୁ ହୋଇଛି। ଏହି ଢାବାରେ ଦୀର୍ଘ ଦିନ ହେଲା ବେଆଇନ ଭାବେ ବିଦେଶୀ ମଦ ବିକ୍ରି ହେଉଥିବା ଅଭିଯୋଗ ହୋଇ ଆସୁଥିଲା। ଶନିବାର ରାତିରେ ଥାନା ଅଧିକାରୀ ସଦଳବଳେ ଉକ୍ତ ଢାବା ଉପରେ ଚଢ଼ାଉ କରି ବିଭିନ୍ନ ବ୍ରାଣ୍ଡର ୧୧୯ ଲିଟର ବେଆଇନ ବିଦେଶୀ ମଦ ଜବତ କରିଥିଲେ।

# ପଙ୍କୋଦ୍ଧାର ହେଉନି, ଦୂଷିତ ହେଉଛି ଜଳାଶୟ

**ବଡ଼ଗାଁ,୨୭।୪ (ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ପଞ୍ଚାୟତର ବିଭିନ୍ନ ପଡ଼ାରେ ଥିବା ଜଳାଶୟଗୁଡ଼ିକର ପଙ୍କ ଉଦ୍ଧାର କରାଯାଉ ନାହିଁ। ଫଳରେ ଜଳାଶୟ ଅପରିଷ୍କାର ରହୁଛି। ବଡ଼ଗାଁ ପଞ୍ଚାୟତରେ ରଜାବନ୍ଦ, ଗୌଣ୍ଟିଆବନ୍ଦ, ଭଦ୍ରିବନ୍ଦ, ପିପେଲମୁଣ୍ଡା ଓ କିଆବନ୍ଦ ଜଳାଶୟ ରହିଛି। ଗ୍ରାମବାସୀ ଏହି ଜଳାଶୟ ଉପରେ ନିର୍ଭରଶୀଳ। ହେଲେ ପାଣି ଅପରିଷ୍କାର ରହୁଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବଡ଼ଗାଁ ଭଣ୍ଡାର ପଡ଼ାରେ ଥିବା ରଜାବନ୍ଦ ଜଳାଶୟ ଅଧିକ ଦୂଷିତ ହୋଇଛି।

ଏହି ଜଳାଶୟର ପଙ୍କ ଉଦ୍ଧାର କାମ ୨୦୦୬ରେ ହୋଇଥିଲା। ଏହା ଉପରେ ପଠାନପଡା, ଭୂୟାଁପଡ଼ା, ଭଣ୍ଡାରପଡ଼ା, କାଲୋପଡ଼ା, କଲୋନିପଡ଼ା ଗ୍ରାମବାସୀ



ରାଜା ବନ୍ଧ ପୋଖରୀ।

ନିର୍ଭର କରିଥାନ୍ତି। ଉକ୍ତ ଜଳାଶୟ ସମ୍ପୂର୍ଣ୍ଣ ଅସ୍ୱାସ୍ଥ୍ୟକର ହୋଇଥିବାରୁ ଗ୍ରାମବାସୀ ଗାଧୋଇବା ପରେ ଚର୍ମରୋଗ ହେଉଥିବା କହିଛନ୍ତି। ସେହିପରି ଗୌଣ୍ଟିଆବନ୍ଦ ଜଳାଶୟ ପାଣି ମଧ ଅପରିଷ୍କାର। ଏହି ଜଳାଶୟ ଉପରେ ବନଡିପା ଓ ବଡ଼ଗାଁ ବସ୍ତିବାସିନ୍ଦା ନିର୍ଭର କରୁଛନ୍ତି। ୨୦୧୨ରେ ପଙ୍କ ଉଦ୍ଧାର ପରେ ଆଉ କାମ ହୋଇନାହିଁ। ସେହିପରି ଭଦ୍ରିବନ୍ଦ, ପିପେଲମୁଣ୍ଡା ଓ କିଆବନ୍ଦର ପାଣି ଅପରିଷ୍କାର ଓ ଅସ୍ୱାସ୍ଥ୍ୟକର। ଏହିସବୁ ପୋଖରୀରେ ମାଛଚାଷ ପାଇଁ ନିଲାମ ହୋଇ ଚାଷ କରାଯାଇଛି। ଲୋକେ ବ୍ୟବହାର କରୁଥିବା ପୋଖରୀରେ ମାଛଚାଷ କରିବା ପୂର୍ବରୁ କିମ୍ବା ମାଛ ଧରିବା ପରେ ପଙ୍କ ଉଦ୍ଧାର କରାଗଲେ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ଗ୍ରାମବାସୀ କହିଛନ୍ତି। ଏ ବିଷୟରେ ବଡ଼ଗାଁ ସରପଞ୍ଚ ସୁନ୍ଦର ସାମୁଏଲ ସଏଙ୍କୁ ଯୋଗାଯୋଗ କରିବାରୁ, ମାଛଚାଷ ହୋଇଥିବାରୁ ପଙ୍କ ଉଦ୍ଧାର କାମ ହୋଇପାରୁନାହିଁ। ଖୁବ୍‌ଶୀଘ୍ର ବିଭିନ୍ନ ପୋଖରୀରେ ପଙ୍କ ଉଦ୍ଧାର କାମ ହେବ ବୋଲି ସେ କହିଛନ୍ତି।

# ମଦ ବିରୋଧରେ ତାତିଲେ ମହିଳା ଘର ଘର ବୁଲି ମଦ ନଷ୍ଟ କଲେ



ମହିଳାମାନେ ମଦ ନଷ୍ଟ କରୁଛନ୍ତି।

**କୁତ୍ରା,୨୭।୪(ଦେବାଶିଷ ସାହୁ)**

ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ବୁଡାକଟା ଗ୍ରାମର ମହିଳାମାନେ ରବିବାର ମଦ ବିରୋଧୀ ଅଭିଯାନ ଆରମ୍ଭ କରିଛନ୍ତି। ୫୦ରୁ ଊର୍ଦ୍ଧ୍ୱ ମହିଳା ବୁଡାକଟା ଗ୍ରାମରେ ସମ୍ପୂର୍ଣ୍ଣଭାବେ ମଦ ବନ୍ଦ କରିବା ପାଇଁ ନାରା ଦେଇଥିଲେ। ବୁଦ୍ଧିଜୀବୀ ବେଦପ୍ରକାଶ କାକ, ବିନୋଦଙ୍କ ସହ ସେମାନେ ଘରକୁ ଘର ଯାଇ ମଦ ବିକ୍ରି ବନ୍ଦ କରିବା ପାଇଁ ତାଗିଦ୍ କରିବା ସହିତ ଦେଶୀ ବିଦେଶୀ ମଦଗୁଡ଼ିକୁ ନଷ୍ଟ କରିଥିଲେ। ମହିଳାମାନେ ଘରୁ ଗୋଡ଼ କାଢି ମଜୁରି କରି ଦୁଇ ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରୁଛନ୍ତି। ହେଲେ ପୁରୁଷମାନେ ମଦ ପିଇ ପରିବାରରେ ଅଶାନ୍ତି ସୃଷ୍ଟି କରୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ମଦ ପିଇବା ଯୋଗୁ ଅକାଳରେ ଜୀବନ ଯାଉଛି। ତେଣୁ ଗ୍ରାମରେ ସମ୍ପୂର୍ଣ୍ଣଭାବେ ମଦ ବନ୍ଦ କରିବୁ ବୋଲି ମହିଳାଗୋଷ୍ଠୀମାନେ କହିଛନ୍ତି। ପୋଲିସ ପ୍ରଶାସନ ଓ ଅବକାରୀ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ଆଗକୁ ମଦ ବିକ୍ରି ବନ୍ଦ ନ କଲେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ୩ ପିକ୍‌ଅପ୍ ଭ୍ୟାନ୍‌ରେ ବେଆଇନ ଚାଲାଣବେଳେ ୩୦୧ ଛେଳି ଜବତ

**କୁଆଁରମୁଣ୍ଡା,୨୭।୪(ମହେନ୍ଦ୍ର କୁମାର ସାହୁ)**

ଉତ୍ତରପ୍ରଦେଶ ରାଏବରେଲି ଓ ଉନାଓ ଅଞ୍ଚଳରୁ ୩ଟି ପିକ୍‌ଅପ୍ ଭ୍ୟାନ୍‌ରେ ୩୦୧ ଛେଳି ରାଉରକେଲା ଓ ପାଲଲହଡ଼ା ଅଞ୍ଚଳକୁ ଚାଲାଣ କରାଯାଉଥିବା ବେଳେ ରବିବାର ସକାଳେ ବୀରମିତ୍ରପୁର ପୋଲିସ ୧୪୩ ନମ୍ବର ଜାତୀୟ ରାଜପଥର ତଳସରା ଓ ଲାସେ ମଧ୍ୟବର୍ତ୍ତୀ ରାସ୍ତାରୁ ଜବତ କରିଛି। ଏ ନେଇ ଏକ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତ ୩ ପିକଅପ ଭ୍ୟାନ୍ ଚାଳକ ରାଜନ, ଅନିଲ କୁମାର ଓ ୱାଶିମ ଆକ୍ରମଙ୍କୁ ନୋଟିସ ଦେଇ ସେମାନଙ୍କ ଜିମାରେ ଛେଳିଗୁଡ଼ିକୁ ଛଡାଯାଇଛି ବୋଲି ଆଇଆଇସି ରାମପ୍ରସାଦ ନାଗ ସୂଚନା ଦେଇଛନ୍ତି।

# ଜିଲା କୁଣହାଁ ସମାଜ ସମ୍ମିଳନୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ରାଜଗାଙ୍ଗପୁର,୨୭।୪(ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲା କିସାନ(କୁଣହାଁ) ସମାଜ ପକ୍ଷରୁ ରାଜଗାଙ୍ଗପୁର ନିକଟସ୍ଥ ଜାମପାଲି ଫୁଟବଲ ପଡିଆଠାରେ ରବିବାର ଜିଲା ସ୍ତରୀୟ କୁଣହାଁ ସମାଜ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଦେବେନ୍ଦ୍ର ପ୍ରସାଦ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀକୁ ରାଜ୍ୟ ସଭାପତି ସୁନାର୍ଶି କିସାନ ଜୟ ଧର୍ମେ ଝଣ୍ଡା ଏବଂ ଶାଳ ବୃକ୍ଷ ସ୍ଥଳରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ସମ୍ମିଳନୀରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମକୁନ୍ଦ କିସାନ, ବଣେଇ ଉପଖଣ୍ଡ ସ୍ତରୀୟ ମୁଖ୍ୟ ବାଜି କିସାନ, ମୁଖ୍ୟ ପୁରୋଧା ବୟୋଜ୍ୟେଷ୍ଠ ବଏଲୋ କିସାନ, ନରସିଂହ ମିଞ୍ଜ, କପିଳେଶ୍ୱର କିସାନ, ଡଃ ଭୋଲେଶ୍ୱର ପ୍ରଧାନ, ଯୁଧିଷ୍ଠିର କିସାନ, ନକୁଲ କିସାନ, ଜୟଦେବ କିସାନ, ସ୍ୱପ୍ନା ମିଞ୍ଜ, ଗଣେଶ୍ୱର ପିଙ୍ଗ, ବିରେନ୍ଦ୍ର ଲାକ୍ରା, ବିତନା ମାଝୀ, ଅଧ୍ୟାପକ ଗୁରୁଚରଣ କିସାନ, ଗହ୍ଣାଇ ଲାକ୍ରା, ଚନ୍ଦ୍ରମଣି କିସାନ, କୃଷ୍ଣ ଲାକ୍ରା, ବିନିତା ଲାକ୍ରା, ମଞ୍ଜୁ ମିଞ୍ଜ ପ୍ରମୁଖ ଯୋଗଦେଇଥିଲେ। ସୁନ୍ଦରଗଡ଼ ଜିଲାର ଆଦିବାସୀ ସଂପ୍ରଦାୟଙ୍କ ମଧ୍ୟରେ କିସାନ ସମାଜକୁ ଏକ ଶିକ୍ଷିତ ଓ ସମୃଦ୍ଧଶୀଳ ସମାଜରେ ପରିଣତ କରିବାକୁ ଉଦ୍ୟମ କରାଯିବା ବୋଲି ସେମାନେ କହିଥିଲେ। ସମ୍ମିଳନୀରେ ସମାଜରେ ଦେଖାଦେଇଥିବା ୫୫୦ ଏବଂ ୯୦୦ ନାଗ୍ରା ନାମର ଖରାପ ପ୍ରଚଳନକୁ ବିରୋଧ କରି କେବଳ କିସାନ ବା କୁଣହାଁ ସମାଜ ନାମରେ ପରିଚୟ ସୃଷ୍ଟି କରିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା। ଜାତିର ପରମ୍ପରା ଅନୁସାରେ ସାମାଜିକ କାର୍ଯ୍ୟକ୍ରମ କରିବାକୁ ଏବଂ ଜାତିର ଭାଷା ସଂସ୍କୃତିର ସୁରକ୍ଷା କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସେହିଭଳି ସମାଜକୁ ବିଭାଜନ ନ କରି ସମସ୍ତେ ସଙ୍ଗଠିତ ଭାବେ କୁଣହାଁ ଜାତିର ୪ ଟି ସମାଜ କିସାନ, ମିର୍ଦ୍ଧା, କୁଡା, ମାଟିଆଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରଖି ସାମାଜିକ ସଦଭାବନା ରଖିବାକୁ ସମ୍ମିଳନୀରେ ଆଲୋଚନା ହୋଇଥିଲା। ଶେଷରେ ସୁନ୍ଦରଗଡ଼ ଜିଲା କୁଣହାଁ ସମାଜର ଜିଲା ସ୍ତରୀୟ ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯାଇ ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରାଯାଇଥିଲା। ଏହି ସମ୍ମିଳନୀରେ କିସାନ ସମାଜର ଗାୟିକା ସୁମତି ବାଗ, ମାନ୍ଦଲ ବାଦକ ସୁରେନ୍ଦ୍ର ଟପ୍ପୋ, ତାହଣେ ବାଦ୍ୟକାର ଦିନୁ ମାଝୀ ଓ ଗଙ୍ଗା ଘାଟ ବରିହା ଦୟାନନ୍ଦ କଚ୍ଛୁଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଗାଇକା ସୁମତି ବାଗଙ୍କ ନେତୃତ୍ୱରେ ସାଂସ୍କୃତିକ ନୃତ୍ୟ ଗୀତ ପରିବେଷଣ କରାଯାଇଥିଲା।

# ଶ୍ରମିକ ସଙ୍ଗଠନ କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ

**ସୁନ୍ଦରଗଡ,୨୭।୪(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ମ୍ୟୁନିସିପାଲଟି ମଣ୍ଡପଠାରେ ଜିଲା ଏଆଇଟିୟୁସି ସହ ବନ୍ଧିତ ସମସ୍ତ କର୍ମଚାରୀ ଓ ଶ୍ରମିକଙ୍କ ପକ୍ଷରୁ ମେ ମାସରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ଏଆଇଟିୟୁସିର ରାଜ୍ୟ ସଭାପତି ଅଶୋକ ଦାଶଙ୍କ ନିର୍ଦ୍ଦେଶ କ୍ରମେ ତଥା ତାଙ୍କ ଉପସ୍ଥିତିରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ନିଖିଳ ଓଡ଼ିଶା ଏମଡିଏମ ପାଚିକା ସହାୟିକା ସଂଘର ରାଜ୍ୟ ସଭାପତି କମଲ କୁମାର ଷଣ୍ଢ ସଭାପତିତ୍ୱ କରିଥିଲେ। ମେ ୧ ତାରିଖରେ ବିଶ୍ୱ ଶ୍ରମିକ ଦିବସ ବ୍ଲକ ଗୁଡିକରେ ପାଳନ କରିବା ପାଇଁ ସ୍ଥିର ହୋଇଛି। ମେ ୫ ତାରିଖ ସର୍ବନିମ୍ନ ମଜୁରୀ ଦାବି ଦିବସ ପାଳନ ଅବସରରେ ଜିଲାର ଏଆଇଟିୟୁସି ସହବନ୍ଧିତ ସମସ୍ତ ସ୍କିମ ୱାର୍କର୍ମାନେ ସୁନ୍ଦରଗଡ଼ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ସ୍ଥିର କରିଛନ୍ତି। ମେ ୨୦ ତାରିଖରେ ସର୍ବ ଭାରତୀୟ ଟ୍ରେଡ ୟୁନିୟନର ଡାକରା ଅନୁଯାୟୀ ୪ଟା ଶ୍ରମ କୋଡ ବାତିଲ ନିମନ୍ତେ ସମସ୍ତ ବ୍ଲକର ସ୍କିମ ୱାର୍କରମାନେ ଧର୍ମଘଟରେ ସାମିଲ ହେବେ। ଏହି ବୈଠକରେ କୋଲ ମାଇନ୍ସ ନେତା ବି .ଡି ରାୟ ଶ୍ରମିକ ଦିବସ କାହିଁକି ପାଳନ କରାଯାଏ ସେ ବିଷୟରେ କହିଥିଲେ। ଚାରି ଶ୍ରମ କୋଡ ଲାଗୁ ହେଲେ ଶ୍ରମିକଙ୍କ କ'ଣ କ୍ଷତି ହେବ ତାହା ବୁଝାଇଥିଲେ। ସମସ୍ତେ ମିଶି ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ନିଖିଳ ଓଡ଼ିଶା ଏମଡିଏମ ପାଚିକା ସହାୟିକା ସଂଘର ଜିଲା କାର୍ଯ୍ୟକାରୀ ସଭାନେତ୍ରୀ ଗୋଲାପି ବନଛୋର, ରାଜ୍ୟ ଉପ ସଭାପତି ସାବିତ୍ରୀ ପଟେଲ, ନିଖିଳ ଓଡ଼ିଶା ଆଶା କର୍ମୀ ସଂଘର କାର୍ଯ୍ୟକାରୀ ସଭାପତି ସୁରେଖା ନାଗ, ଟାଙ୍ଗରପାଲି ବ୍ଲକ ସମ୍ପାଦିକା ଯମୁନା ଭୈଷାଲ, ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘର ସହ ସମ୍ପାଦିକା ସସ୍ମିତା ମାଝୀ ଆଲୋଚନାରେ ଭାଗ ନେଇଥିଲେ। ବିଭିନ୍ନ ବ୍ଲକରୁ ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ, ପାଚିକା ସହାୟିକାମାନେ ଯୋଗ ଦେଇଥିଲେ। ଏହି ବୈଠକକୁ ଏଆଇଟିୟୁସି ଜିଲା କାର୍ଯ୍ୟକାରୀ ସଭାନେତ୍ରୀ ତଥା ନିଖିଳ ଓଡ଼ିଶା ଆଶା କର୍ମୀ ସଂଘ ଜିଲା ସଭାପତି ମାତିଲଦା କୁଲୁ ପରିଚାଳନା କରିଥିଲେ। ଶେଷରେ କମଲ କୁମାର ଷଣ୍ଢ ଧନ୍ୟବାଦ ଦେଇ ଥିଲେ।

# ଦୁର୍ଘଟଣାରେ ଚାଲିଗଲା ୪ ବର୍ଷ ଶିଶୁର ଜୀବନ

■ହାଇୱା ପଛରେ ପିଟିହୋଇ ବାଇକ୍ ଦୁର୍ଘଟଣାଗ୍ରସ୍ତ

■ମା', ବାପା ସମେତ ୩ ଗୁରୁତର

**ପାଟଣାଗଡ଼,୨୭।୪(ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ଲରମ୍ବା ଥାନା ଅଧୀନ ଘସିଏନ ଲରମ୍ବା ରାସ୍ତାରେ ରବିବାର ଏକ ହାଇୱାକୁ ପଛପଟୁ ଏକ ବାଇକ୍ ଧକ୍କା ଦେବା ଫଳରେ ଜଣେ ୪ ବର୍ଷ ଶିଶୁର ମୃତ୍ୟୁ ଘଟିଛି। ମୃତ ଶିଶୁ ଜଣକ ହେଲେ ଚିରଞ୍ଜୀବୀ ବରିହା। ଏହି ଦୁର୍ଘଟଣାରେ ଚିରଞ୍ଜୀବୀଙ୍କ ବାପା ଭୀମ ବରିହା, ମା' ଚନ୍ଦ୍ରିକା ଓ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ପ୍ରକାଶ ଯେ, ଲରମ୍ବା ଥାନା ବାଗମୁଣ୍ଡ ଗ୍ରାମର ଭୀମ ପରିବାର ସହ ସକ୍ରିପାଣି ଗାଁକୁ ଏକ ବାହାଘରରେ ଯୋଗ ଦେବାକୁ ଯାଉଥିଲେ। ପୁଅ ଚିରଞ୍ଜୀବୀ ବାଇକ୍ ଆଗରେ ବସିଥିଲା। ଜଣେ ସମ୍ପର୍କୀୟ ବାଇକ୍ ଚଳାଉଥିଲେ। କୌଣସି କାରଣରୁ ବାଇକ୍ ଭାରସାମ୍ୟ ହରାଇ ଆଗରେ ଯାଉଥିବା ହାଇୱା ପଛପଟେ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଚିରଞ୍ଜୀବୀଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଆହତ ୩ ଜଣଙ୍କୁ ଉଦ୍ଧାର କରି ପ୍ରଥମେ ସ୍ଥାନୀୟ ଘସିଏନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ପାଟଣାଗଡ ଉପଖଣ୍ଡ ଡାକ୍ତରଖାନା ନିଆଯାଇଥିଲା। ସେଠାରୁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ହାଇୱା ଚାଳକ ଫେରାର ହୋଇଯାଇଛି।

# ଏବିଭିପିର ବିକ୍ଷୋଭ ପ୍ରଦର୍ଶନ, କାର୍ଯ୍ୟାନୁଷ୍ଠାନ ଦାବି

**ସୁନ୍ଦରଗଡ଼,୨୭।୪ (ଜୟ ନାରାୟଣ ମେଣ୍ଡୁଲି)**

ଜମ୍ମୁ- କଶ୍ମୀରର ପହଲଗାମ୍‌ଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ନିନ୍ଦା କରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସୁନ୍ଦରଗଡ଼ ତରଫରୁ ସ୍ଥାନୀୟ ଡିଆରଡିଏ ଛକରେ ଶନିବାର ସନ୍ଧ୍ୟାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା




ଏବିଭିପି ପକ୍ଷରୁ ସୁନ୍ଦରଗଡ ଡିଆରଡିଏ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ସହ ଭାରତ ସରକାରଙ୍କ ତରଫରୁ ଆତଙ୍କବାଦୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହି ବିକ୍ଷୋଭ ପ୍ରଦର୍ଶନରେ ଏବିଭିପି ସୁନ୍ଦରଗଡ଼ର ଜିଲା ସଂଯୋଜକ ବାପୁନ ପଶାୟତ, ନଗର ସଭାପତି ଶୁଭ୍ରାଂଶୁ ସେନାପତି, ଜିଲା ସଙ୍ଗଠନ ସମ୍ପାଦକ ନାରାୟଣ ବେହେରା, ଚୁମକି ନାଏକ, ଗୋବର୍ଦ୍ଧନ ବାରିକ, ସୁମନ୍ତ ରୋହିଦାସ, ଯୋଗରାଜ ସିଂ, ଜ୍ୟୋତି ଛତ୍ରିଆ, ଦୀପକ କୁଜୁର୍, ଅମର ସମାତ, ଶମ୍ଭୁ ଠାକୁର, ପ୍ରଣବ ପଧାନ, ଜୟନ୍ତ ମହାନ୍ତ, ପ୍ରିୟଙ୍କା ଓରାମ, ସୁନିମା ଉପସ୍ଥିତ ଥିଲେ।

# ମୃତ ପର୍ଯ୍ୟଟକଙ୍କୁ ଶ୍ରଦ୍ଧାଞ୍ଜଳି

**କୁତ୍ରା,୨୭।୪ (ଦେବାଶିଷ ସାହୁ)**

ପହଲଗାମ୍‌ରେ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ସୁନ୍ଦରଗଡ଼ ଜିଲା ସ୍କାଉଟ୍‌ସ ଏବଂ ଗାଇଡ୍‌ସ ତରଫରୁ ଭାରତ ସ୍କାଉଟ୍‌ସ ଗାଇଡ୍‌ସ ରାଜ୍ୟ ମୁଖ୍ୟ କମିଶନର ଡ.କାଳିପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ରବିବାର ନୀରବ ପ୍ରାର୍ଥନା ସହ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ଜିଲା ସ୍କାଉଟ୍‌ସ କମିଶନର ଡ.ବିଭୀଷଣ ବାରିକଙ୍କ




ଛାତ୍ରୀଛାତ୍ରମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

ନେତୃତ୍ୱରେ ଡିଓସି ଗାଇଡ ଦୀପିକା କେର୍କେଟା,ସ୍କାଉଟ୍‌ସ ମାଷ୍ଟର ଧୃତିସୁନ୍ଦର ସାହୁ, ଜଗନ୍ନାଥ କିଶାନ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସମସ୍ତେ ଏକତ୍ରିତ ହୋଇ ଆତଙ୍କବାଦୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ଜିଲା ଶିକ୍ଷା, ପ୍ରଶିକ୍ଷଣ ପ୍ରତିଷ୍ଠାନର ବାର୍ଷିକୋତ୍ସବ 'ଝଙ୍କାର'



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ସୁନ୍ଦରଗଡ଼,୨୭।୪(ଜୟ ନାରାଣ ମେଣ୍ଡୁଲୀ)**

ସୁନ୍ଦରଗଡ଼ ଶଙ୍କରା ସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବାର୍ଷିକୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷା ଲିପିକା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ, ମୁଖ୍ୟ ବକ୍ତାଭାବେ ପଦ୍ମଶ୍ରୀ ହଳଧର ନାଗଙ୍କ ସମେତ ଅନ୍ୟ ଅତିଥି କାର୍ଯ୍ୟକ୍ରମରେ ଯୋଗଦେଇ ପିଲାଙ୍କ ଭବିଷ୍ୟତ ଗଠନ ପାଇଁ ଶିକ୍ଷକଙ୍କ ଆଚରଣ, ଚରିତ୍ର, ସମାଜ ପାଇଁ ଶିକ୍ଷାର ଗୁରୁତ୍ୱ ଏବଂ ଉତ୍ତମ ଶିକ୍ଷକ ଗଠନ ପାଇଁ ଶୃଙ୍ଖଳା ଓ ସମୟାନୁବର୍ତ୍ତିତା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ମା', ମାତୃଭୂମି ଓ ମାତୃଭାଷାର ଗୁରୁତ୍ୱକୁ କେବେ ନ ଭୁଲି ବିଦ୍ୟା ସହିତ ଶିକ୍ଷା ପ୍ରତ୍ୟେକ ଶିକ୍ଷାର୍ଥୀ ପାଇଁ ନିହାତି ଆବଶ୍ୟକ ବୋଲି ମୁଖ୍ୟ ବକ୍ତା ତାଙ୍କ ଅଭିଭାଷଣରେ ମତ ରଖିଥିଲେ। ଅନୁଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ସୁଜାତା କାଲୋ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ପ୍ରଶିକ୍ଷିକା ମାର୍ଟିନା ଶ୍ୟାମଳୀ ମଲ୍ଲୀ ମଞ୍ଚ ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ଦମୟନ୍ତୀ ପଧାନ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ନ୍ୟୁଜଲେଟର ସୁନ୍ଦରଗଡଶ୍ରୀର ଦ୍ୱିତୀୟ ସଂସ୍କରଣ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ଚଳିତ ବର୍ଷ ବାର୍ଷିକ କ୍ରୀଡା ଉତ୍ସବ ତଥା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ଗୁରୁ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ସମସ୍ତ ଶିକ୍ଷକ ପ୍ରଶିକ୍ଷକ ଓ ପ୍ରଶିକ୍ଷିକା ସୁଶ୍ରୀ ସସ୍ମିତା ନାୟକ, ବୁଦ୍ଧରାମ କିସାନ, ସର୍ବେଶ୍ୱର ଦାସ, ମମତା ମାଝୀ, ସୌମ୍ୟରଞ୍ଜନ ମହାଳିକ, ସୁଜ୍ଞାନନନ୍ଦ କୁସୁମ, ବନ୍ଦିତା ରାଣୀ ଦାସ, ପ୍ରିୟଦର୍ଶିନୀ ପାତ୍ର, ନିଳିମା ଲାକ୍ରା, ଅନୁତୃଷ୍ଣା ସିଂ, କମ୍ପୁଟର ଅନୁଦେଷ୍ଟା ରାଜେଶ କୁମାର ବେହେରାଙ୍କ ସମେତ ଅନୁଷ୍ଠାନର ଗୁରୁ ଛାତ୍ରୀଛାତ୍ରମାନେ ସହଯୋଗ କରିଥିଲେ। ଶେଷରେ ଗୁରୁ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ 'ଝଙ୍କାର' ପରିବେଷଣ କରାଯାଇଥିଲା। ଗୁରୁ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ, ସମ୍ବଲପୁରୀ, ଛଉ, ମରାଠୀ, ପଞ୍ଜାବୀ ଏବଂ ବଲିଉଡ ନୃତ୍ୟ, ସଙ୍ଗୀତ ଓ ନାଟକ ଦର୍ଶକମାନଙ୍କ ମନକୁ ମୋହି ନେଇଥିଲା।

# କର୍ମ କ୍ଷେତ୍ରରେ କଠିନ ପରିଶ୍ରମ, ସମର୍ପିତ ହେଲେ ଉନ୍ନତି ନିଶ୍ଚିତ

**ରାଉରକେଲା,୨୭।୪ (ବିପ୍ଳବ ରଞ୍ଜନ ଦାଶ)**

## ଆର୍‌ଏସ୍‌ପିରେ ୯ ମହାପ୍ରବନ୍ଧକଙ୍କୁ ପଦୋନ୍ନତି

ଆର୍‌ଏସ୍‌ପି ମନ୍ଥନ ସମ୍ମିଳନୀ କକ୍ଷରେ ଗତ ଗୁରୁବାର ନୂତନ ପଦୋନ୍ନତି ପାଇଥିବା ମୁଖ୍ୟ ମହାପ୍ରବନ୍ଧକମାନଙ୍କ ପାଇଁ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟଅତିଥି ଭାବେ ଯୋଗଦେଇ ପଦୋନ୍ନତି କେବଳ ଏକ ପଦବୀ ନୁହେଁ, ଏହା କଠିନ ପରିଶ୍ରମ ଓ ସମର୍ପଣର ପ୍ରତିଫଳନ ବୋଲି କହିଥିଲେ। ଏହି ଅବସରରେ କାରଖାନାର ୯ଜଣ ମହାପ୍ରବନ୍ଧକଙ୍କୁ ମୁଖ୍ୟ ମହାପ୍ରବନ୍ଧକ ଭାବେ ପଦୋନ୍ନତି ପତ୍ର ପ୍ରଦାନ କରାଯାଇଥିଲା। ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ବିତ୍ତ ଓ ଲେଖା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରିଆ, କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବି. ଆର୍ ପଲାଇ, ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏମ୍. ପି. ସିଂହ, ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ଚିକିତ୍ସା




କାର୍ଯ୍ୟକ୍ରମରେ ପଦୋନ୍ନତି ପତ୍ର ପ୍ରଦାନ କରାଯାଉଛି।

ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମ୍‌ଓ ଇନ୍‌ଚାର୍ଜ ଡକ୍ଟର ଜୟନ୍ତ କୁମାର ଆଚାର୍ଯ୍ୟଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ନବ ପଦୋନ୍ନତିପ୍ରାପ୍ତ ବରିଷ୍ଠ ଅଧିକାରୀମାନଙ୍କୁ ଅଭିନନ୍ଦନ ଜଣାଇ ଆଲୋକ ବର୍ମା କହିଥିଲେ, କମ୍ପାନୀ ଦୃଷ୍ଟିକୋଣରୁ ସିଜିଏମ୍ ପଦବୀ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେଉଁଠାରେ ଦାୟିତ୍ୱ ନିର୍ବାହ ମହତ୍ୱପୂର୍ଣ୍ଣ ଅଟେ। ଏହି ଅବସରରେ ଉପସ୍ଥିତ ଅନ୍ୟ ବରିଷ୍ଠ ଅଧିକାରୀ ମଧ ନୂତନ ପଦୋନ୍ନତୀପ୍ରାପ୍ତ ସିଜିଏମ ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସଙ୍ଗଠନରେ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପଦୋନ୍ନତି ପାଇଥିବା ଅଧିକାରୀ ହେଲେ ରାଞ୍ଚି ସ୍ଥିତ(ଆଇରନ ଓ ସିଣ୍ଟର) ବିଭାଗର ସିଜିଏମ୍ ଡକ୍ଟର ତାପସ ରଞ୍ଜନ ମହାନ୍ତି, ଏସ୍‌ଏମ୍‌ଏସ୍-୨ ବିଭାଗର ସିଜିଏମ୍ ଏମ୍‌ଜି ଶ୍ରୀକାନ୍ତ, ସିସିଡବ୍ଲ୍ୟୁ ବିଭାଗର ସିଜିଏମ ଶେଖର ନାରାୟଣ, ଟିଏସ୍ ଓ ସିଏସ୍‌ଆର ବିଭାଗର ସିଜିଏମ ଟି. ଜି କାନେକର, ପ୍ରୋଜେକ୍ଟ ବିଭାଗର ସିଜିଏମ ଦିଲୀପ କୁମାର ସାହୁ, ରିଫ୍ରାକ୍ଟୋରିଜ ଏବଂ ଏଲ୍‌ଡିବିପି ବିଭାଗର ସିଜିଏମ ସୁଧାଂଶୁ ଶେଖର ପଣ୍ଡା ଏବଂ ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ସିଏମ୍‌ଓ ଡକ୍ଟର ପ୍ରତିଭା ଷଡଙ୍ଗୀ। ଉଲ୍ଲେଖନୀୟ, ଡକ୍ଟର ପ୍ରତିଭା ଷଡଙ୍ଗୀ ଆର୍‌ଏସ୍‌ପିର ପ୍ରଥମ ମହିଳା ଡାକ୍ତର ଭାବେ ସିଜିଏମ୍ ପଦବୀ ପାଇଛନ୍ତି। ଏଚ୍‌ଆର ଓଡି ବିଭାଗର ଜିଏମ୍ ଏସ୍. ବଡପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସଂକ୍ଷେପରେ

### କ୍ଲଷ୍ଟରସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଦେବଗଡ,୨୭।୪(ଶଶାଙ୍କ ଶେଖର ଝାଙ୍କର)

ତିଲେଇବଣି ବ୍ଲକ ଧୋବଲିପଥର କ୍ଲଷ୍ଟର କଦମଦର୍ହ କଲୋନୀ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଧୋବଲିପଥର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତିଲେଇବଣି ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମାଡ ମୁଖ୍ୟ ଅତିଥି, ଧୋବଲିପଥର କ୍ଲଷ୍ଟର ସିଆର୍‌ସିସି ଛାୟାକାନ୍ତ ବିଶ୍ୱାଳ, ଅବସର ଗ୍ରହଣ କରିବାକୁ ଥିବା ପୂର୍ବତନ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ଦେହୁରୀ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସହକାରୀ ଶିକ୍ଷକ ଚିତ୍ତରଞ୍ଜନ ନାଏକ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ପୂର୍ବତନ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ଦେହୁରୀଙ୍କୁ ସମ୍ମାନିତ କରାଯାଇଥିଲା।

### କଳସ ଶୋଭାଯାତ୍ରା, ନାମ ସଂକୀର୍ତ୍ତନ

ଝାରସୁଗୁଡା,୨୭।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡା ସଦର ବ୍ଲକ ଅନ୍ତର୍ଗତ ସାରସମାଲଠାରେ କଳସ ଶୋଭାଯାତ୍ରା ଓ ଷୋହଳ ପ୍ରହରୀ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ଶନିବାର ସନ୍ଧ୍ୟାରେ ସାରସମାଲ ଗ୍ରାମର ଶତାଧିକ ମହିଳା, ପୁରୁଷ କଳସ ଯାତ୍ରାରେ ନିକଟସ୍ଥ ପୋଖରୀରୁ ପାଣି ଆଣିଥିଲେ। ରବିବାର ସକାଳେ ନାମ ସଂକୀର୍ତ୍ତନ ଆରମ୍ଭ ହେବା ସହିତ ବିଭିନ୍ନ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ନାମସଂକୀର୍ତ୍ତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଭାପତି ଦୁବରାଜ ମୁଣ୍ଡା, ଉପସଭାପତି କପିଳ ମୁଣ୍ଡା, ସମ୍ପାଦକ ରାଜା ମୁଣ୍ଡା, କୋଷାଧ୍ୟକ୍ଷ ମିଶ୍ର ମୁଣ୍ଡାଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

### ପହଲଗାମ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି, ଦୀପଦାନ

ସମ୍ବଲପୁର,୨୭।୪(ପ୍ରମୋଦ ବହିଦାର)

ସମ୍ବଲପୁର କଲ୍ୟାଣ ନଗର ଓ ଏସ୍‌ଆର୍‌ଆଇଟି କଲୋନୀର ସଦସ୍ୟଙ୍କୁ ନେଇ ଗଠିତ କାହ୍ନା ଅନୁଷ୍ଠାନ ପକ୍ଷରୁ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଭାରତମାତାକି ଜୟ ନାରା ଦେଇ ନଗର ପରିକ୍ରମା ପରେ ଦୁଇମିନିଟ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ସ୍ଥାନୀୟ ହନୁମାନ ମନ୍ଦିରରେ ଦୀପଦାନ କରାଯାଇଥିଲା। ଏଥିରେ କାହ୍ନାର ସଭାପତି ତ୍ରିଲୋଚନ ରାୟ, ସମ୍ପାଦକ ଦୀନବନ୍ଧୁ ପଣ୍ଡା, ଏସ୍‌ଆର୍‌ଆଇଟି କଲୋନୀ କମିଟି ସମ୍ପାଦକ ଚନ୍ଦ୍ରକାନ୍ତ ମହାନ୍ତି, ସୁଶିଲ ମିଶ୍ର ଯୋଗ ଦେଇ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରିଥିଲେ। କାର୍ଯ୍ୟକ୍ରମରେ ବିଭୂତି ଦାଶ, ଡ଼ୋଲାମଣୀ ମେହେର, ଅଶୋକ ଦାଶ, ଅନୁପ ବହୁଗୁଣା, ଅନୁରାଗ ଦାଶ, ପ୍ରଭାତ ଗୁରୁ, ସୋମ୍ୟ ମିଶ୍ର, ରଞ୍ଜିତ ସାହୁ, ରୂପିତ ମିଶ୍ର, ଅର୍ପିତ ମିଶ୍ର, ଶିବ ଷଡଙ୍ଗୀ ପ୍ରମୁଖଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ।

### ପିସିସି ସଭାପତିଙ୍କ ଗସ୍ତ ପାଇଁ ପ୍ରସ୍ତୁତି ବୈଠକ

ଦେବଗଡ,୨୭।୪(ଶଶାଙ୍କ ଶେଖର ଝାଙ୍କର)

ଆସନ୍ତା ୫ରେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ଦେବଗଡ ଜିଲା ଗସ୍ତ କରି ଆୟୋଜନ ହେବାକୁ ଥିବା ପଦଯାତ୍ରା ଓ ଜନସଭାକୁ ସମ୍ବୋଧିତ କରିବେ। ଏହି ପରିପ୍ରେକ୍ଷୀରେ ଦେବଗଡ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ଜିଲା କଂଗ୍ରେସ ସମ୍ପାଦକ ରମେଶ ଚନ୍ଦ୍ର ପାତ୍ର, ପୂର୍ବତନ ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ସୁରେନ୍ଦ୍ର କୁମାର ସାହୁ, ଆକାଶ ଦାଶ, ଅଲେଖ ଚନ୍ଦ୍ର ନାଏକ, ଶ୍ରୀତମ ସାହୁ, ସନ୍ତୋଷ କୁମାର ଉଦାବର, ରସରାଜ ପାତ୍ର, ସୁଶୀଳ କୁମାର ଗୁଡିଆ ଓ ସାଗର କୁମାର ପ୍ରଧାନ ଯୋଗଦେଇ ପିସିସି ସଭାପତିଙ୍କ ଗସ୍ତ କାର୍ଯ୍ୟକ୍ରମ ସଫଳ ପାଇଁ ଆଲୋଚନା କରିଥିଲେ।

# ଶିଳ୍ପୀ, ବୁଣାକାରଙ୍କ ସମସ୍ୟା ସମାଧାନ ହେବ

**ପଶ୍ଚିମ ଓଡ଼ିଶା ଶିଳ୍ପୀ ଓ ବୁଣାକାର ସମାବେଶ**

ଝାରସୁଗୁଡା,୨୭।୪(ଆଶିଷ ରଞ୍ଜନ ଦାଶ)



ସମାବେଶରେ ମନ୍ତ୍ରୀ ସୁରେଶ ପୂଜାରୀ ଓ ଅନ୍ୟମାନେ।

ଝାରସୁଗୁଡା ସହରସ୍ଥିତ ଏମ୍‌ସିଏଲ୍ ଅଡିଟୋରିୟମ ହଲ୍‌ରେ ରବିବାର ପୂର୍ବାହ୍ନରେ ପଶ୍ଚିମ ଓଡ଼ିଶା ଶିଳ୍ପୀ ଓ ବୁଣାକାରଙ୍କ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିଳ୍ପୀ ଓ ବୁଣାକାରଙ୍କ ଆର୍ଥିକ ବିକାଶ ସହ ଜଡିତ ନୂତନ ଡିଜାଇନ, ଇ-ମାର୍କେଟିଂ, କଞ୍ଚାମାଲ ସମସ୍ୟା, ଆର୍ଥିକ ପରିଚାଳନା ଓ ସାମାଜିକ ସୁରକ୍ଷା ଆଦି ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଏହି ସମାବେଶରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଶିଳ୍ପୀ ଓ ବୁଣାକାରଙ୍କ ସମସ୍ୟା ସମ୍ପର୍କରେ ଖୁବ୍‌ଶୀଘ୍ର ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କ ସହ ଆଲୋଚନା କରି ସମାଧାନ କରାଯିବ। ଏଥିସହ ଆଗାମୀ ଦିନରେ ସେମାନଙ୍କ ଉନ୍ନତି ପାଇଁ ରୋଡ୍ ମ୍ୟାପ ତିଆରି କରାଯିବ ବୋଲି ପୂଜାରୀ କହିଛନ୍ତି। ଏହି ସମାବେଶରେ ଓଡ଼ିଶା ଶିଳ୍ପୀ ସଂଘର ସମ୍ପାଦକ ପ୍ରିୟରଞ୍ଜନ କର, ଝାରସୁଗୁଡା ଜିଲା ଶାଖା ସଭାପତି କଳ୍ପନା ରଣାଙ୍କ ସହିତ ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼, ସୋନପୁର, ବଲାଙ୍ଗୀର, କଳାହାଣ୍ଡି ଜିଲାର ବହୁସଂଖ୍ୟକ ଶିଳ୍ପୀ ଓ ବୁଣାକାର ଯୋଗଦେଇଥିଲେ।

# ୧୬ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ

ଝାରସୁଗୁଡା,୨୭।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳି ଲଇକେରା ବ୍ଲକ ଅଞ୍ଚଳରେ ରବିବାର ଦିନ କୋଟି ଟଙ୍କା ସହ ୧୬ ଟି କାର୍ଯ୍ୟ ର ଶିଳାନ୍ୟାସ କରାଯାଇଛି। ବିଧାୟକ ଟଙ୍କଧର ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ବିଶେଷକରି ଲଇକେରା ପଞ୍ଚାୟତ ଜଗନ୍ନାଥ ମନ୍ଦିରର ନବୀକରଣ, ପାନପାଲି ଗ୍ରାମରେ କୀର୍ତ୍ତନ ମଣ୍ଡପ ନିର୍ମାଣ, ଭାତଲଇଡାରେ ରାମଜୀ ମନ୍ଦିର ନିର୍ମାଣ, କାଙ୍କମାଲ ଗ୍ରାମରେ ଶିବମନ୍ଦିର ନବୀକରଣ ସହ ସାହସପୁରଠାରୁ ମାଲିଡିହି ରାସ୍ତାରେ ୨ଟି ସେତୁ ନିର୍ମାଣର ଶିଳାନ୍ୟାସ, ସାଲେଟିକ୍ରା-ବାଗଡିହି ରାସ୍ତାରେ ସୁଉଚ ସେତୁର ଶିଳାନ୍ୟାସ ସହ ୧୬ଟି କାର୍ଯ୍ୟର ଶିଳାନ୍ୟାସ କରାଯାଇଛି। ଏହି ଅବସରରେ ବିଧାୟକ ତ୍ରିପାଠୀ କହିଛନ୍ତି, ଆଗାମୀ ଦିନରେ ଲଇକେରା ବ୍ଲକ ଅଞ୍ଚଳରେ ଆହୁରି ବିକାଶମୂଳକ କାର୍ଯ୍ୟ କରାଯିବ। ରାଜ୍ୟ ସରକାରଙ୍କ ସହାୟତାରେ ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ବ୍ଲକରେ ଖରାଦିନେ ୩୦୦ ନଳକୂପ ଖୋଳାଯାଇଛି। ବିଭିନ୍ନ କମ୍ପାନୀ ସହାୟତାରେ ପୋଖରୀଗୁଡ଼ିକର ପୁନରୁଦ୍ଧାର ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ଆସନ୍ତା ୨/୩ ମାସରେ ପ୍ରତି ଗ୍ରାମରେ ସୋଲାର ଲାଇଟ୍ ଲଗାଯିବ ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲା ପ୍ରକଳ୍ପ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ବିଡିଓ ଜର୍ଜ ଡୁଙ୍ଗଡୁଙ୍ଗ, ସୁକାନ୍ତି ଜୟପୁରିଆ, କୁଳମଣି କିଷାନ, ଦୁତିଆ ଓରାମ, ରାମୁରଞ୍ଜନ ମିଶ୍ର, ପଙ୍କଜ ବେହେରା, ପ୍ରଦୀପ ପ୍ରଧାନ, ବିନୋଦ ବୁଦୁଲା, ନବୀନ ବୁଦୁଲା, ମିଉଜିଲାଲ ଦଣ୍ଡସେନା, କାର୍ତ୍ତିକ ବେହେରା, ସାଗର ଧୁରୁଆ, ରୋହିତ କିଶାନ, ନିଶିକାନ୍ତ ପଟେଲ, ସୁଶାନ୍ତ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।



କାଙ୍କମାଳ ଶିବ ମନ୍ଦିର ନବୀକରଣ ପାଇଁ ବିଧାୟକ ଶିଳାନ୍ୟାସ କରୁଛନ୍ତି।

# ସାରସ୍ୱତ ବନ୍ଧୁମିଳନ, କବିତା ପାଠୋତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଦେବଗଡ,୨୭।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡସ୍ଥିତ 'ଅପରାହ୍ନ' ସାହିତ୍ୟ ପରିବାର ଆନୁକୂଲ୍ୟରେ ସ୍ଥାନୀୟ ସଂସ୍କୃତି ଭବନ ମଞ୍ଚରେ ଅନୁଷ୍ଠାନର ବାର୍ଷିକ ସାରସ୍ୱତ ବନ୍ଧୁମିଳନ ଓ କବିତା ପାଠୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ସାହିତ୍ୟ ପରିବାରର ଦେବଗଡ ଜିଲା ସଂଯୋଜକ ଟିକେଶ୍ୱର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ମୁଖ୍ୟବକ୍ତା ଦେବଗଡ ଉପଜିଲାପାଳ ପରିକ୍ଷିତ ସାହୁ, ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ସମ୍ମାନିତ ବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଭାରତ ଭୂଷଣ ନନ୍ଦ ଯୋଗଦେଇ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସେହିପରି ବରେଣ୍ୟ ଅତିଥି ବାବେ 'ଅପରାହ୍ନ' ବାଲେଶ୍ୱରର ପ୍ରତିଷ୍ଠାତା ସମ୍ପାଦକ ବଂଶୀଧର ଜେନା ଓ ବାଲେଶ୍ୱରସ୍ଥିତ ଶ୍ରୀଲିପ୍ତା ପ୍ରିଣ୍ଟ ମିଡିଆର ନିର୍ଦ୍ଦେଶିକା ଲକ୍ଷ୍ମୀପ୍ରିୟା ଦାସ ଯୋଗଦେଇଥିଲେ। ବରିଷ୍ଠ କବି ବିପିନ ବିହାରୀ ପୃଷ୍ଟି କାର୍ଯ୍ୟକ୍ରମ ସଂଯୋଜନା ଓ ଅଧାପକ ଚିତ୍ତରଞ୍ଜନ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କବୟିତ୍ରୀ ପଦ୍ମିନୀ ଦାଶ ମହାପାତ୍ର ଓ ପଦ୍ମିନୀ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସ୍ୱରଚିତ କବିତା ପାଠୋତ୍ସବରେ ୫୦ରୁ ଊର୍ଦ୍ଧ୍ୱ କବୟିତ୍ରୀ ଓ କବି ଯୋଗେଦଇ କବିତା ପାଠ କରିଥିଲେ। 'ଅପରାହ୍ନ' ସାହିତ୍ୟ ପରିବାର ବହୁ କବୟିତ୍ରୀ ଓ କବିଙ୍କୁ ଅତିଥିଙ୍କ ଦ୍ୱାରା ସାରସ୍ୱତ ସମ୍ମାନ-୨୦୨୫ ପ୍ରଦାନ କରାଯାଇଥିଲା। ମନୋରଞ୍ଜନ ସୂତାର ଧନ୍ୟବାଦ ଦେଇଥିଲେ। ଫଣୀନ୍ଦ୍ର କୁମାର ଧଳ, ବେଣୁଧର ବେହେରା, ଭେଷଜ କୁମାର ଭୋଜ, ଜଗଦୀଶ ସାମଲ ଓ ଚିତ୍ତରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପୁସ୍ତକ ସମ୍ପାଦନା ଏକ ପ୍ରଭାବୀ କଳା

ସମ୍ବଲପୁର,୨୭।୪(ବି.ଶଙ୍କର)

ସର୍ଜନଶୀଳତା, ଅଭିନବତ୍ୱ ଓ ପ୍ରତିବଦ୍ଧତା ସମ୍ପାଦନାର ପ୍ରମୁଖ ବୈଶିଷ୍ଟ୍ୟ । ବୈଚିତ୍ର ମଧ୍ୟରେ ସମ୍ପାଦନା ଐକ୍ୟ ସ୍ଥାପନ କରିଥାଏ। ରବିବାର ରାତିରେ ସାହିତ୍ୟ ଅନଷ୍ଠାନ ଅନ୍ୟା ଆୟୋଜିତ ଆଲୋଚନାଚକ୍ରରେ ବକ୍ତାମାନେ ଏହା କହିଛନ୍ତି । ସମ୍ବଲପର ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟରେ ଅନ୍ୟା ଆବାହକ ଡ. ଦ୍ୱରିକାନାଥ ନାୟକ ସଂଯୋଜନା କରିବା ସହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନୁବାଦ ଏକ କଳା ଶୀର୍ଷକ ପ୍ରସଙ୍ଗରେ ଅତିଥି ବକ୍ତା ଭାବରେ ବିଶିଷ୍ଟ କବି ସୂର୍ଯ୍ୟ ମିଶ୍ର ଓ ଖବରଦାତା ଶିବ ନନ୍ଦ ଯୋଗଦେଇ କହିଥିଲେ ଯେ, ସମ୍ପାଦକ ଜଣେ ସାରସ୍ୱତ ମଧ୍ୟସ୍ଥି। ସୌନ୍ଦର୍ଯ୍ୟବୋଧ ଏବଂ ଇତିହାସବୋଧ ହେଉଛି ଉତ୍ତମ ସମ୍ପାଦନାର ପ୍ରାଣଶକ୍ତି। ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ରଙ୍କ ଅଧକ୍ଷତା କରି ସମ୍ପାଦନା କଳାର ଲକ୍ଷ୍ୟ ଓ ଉପାଦେୟତା ଉପରେ ମତବ୍ୟକ୍ତ କରିଥିଲେ। ଲେଖକ, ସମ୍ପାଦକ ତଥା ଗବେଷକ ଡ. ଗୌରିଦାସ ପଧାନଙ୍କ ସମ୍ପାଦନୀୟ ଯାତ୍ରାର ରଜତ ଜୟନ୍ତୀ ଅବସରରେ କାର୍ଯ୍ୟକ୍ରମ ହୋଇଥିଲା। ଡ. ଗୌରୀଦାସ ପଧାନ ନିଜର ସମ୍ପାଦନା ଅଭିଜ୍ଞତା ବର୍ଣ୍ଣନା କରିଥବା ବେଳେ ବିଶିଷ୍ଟ କବି ପ୍ରଦୀପ କୁମାର ପଣ୍ଡା ଉପସଂହାର ବକ୍ତବ୍ୟ ରଖିଥିଲେ ।

# ବିଧାୟକଙ୍କ ଅଭିଯୋଗ ଶୁଣାଣି

ଦେବଗଡ,୨୭।୪(ଶଶାଙ୍କ ଶେଖର ଝାଙ୍କର)

ତିଲେଇବଣି ବ୍ଲକ ସଦର ମହକୁମାରେ ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୧୨ଟି ବ୍ୟକ୍ତିଗତ ଏବଂ ସାମୂହିକ ଅଭିଯୋଗ ହୋଇଥିଲା। ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ଅନୁପସ୍ଥିତିରେ ତାଙ୍କ ପ୍ରତିନିଧି ତିଲେଇବଣି ବ୍ଲକ ପଞ୍ଚାୟତ ସଭାପତି ପ୍ରଶାନ୍ତ କୁମାର ସାହୁ ଏହି ଶିବିରରେ ଯୋଗଦେଇ ଲୋକଙ୍କଠାରୁ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ସମସ୍ତ ଅଭିଯୋଗ ବିଧାୟକଙ୍କ ଦୃଷ୍ଟିକୁ ଅଣାଯାଇ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ଏହି ଶିବିରରେ ରାସ୍ତା, ପାନୀୟ ଜଳ, ବିଦ୍ୟୁତ୍, ଗାଁ ମଣ୍ଡପ ନିର୍ମାଣ ସମେତ ଆବାସ ଗୃହ ପ୍ରଦାନ ସମ୍ପର୍କିତ ଅଭିଯୋଗ କରାଯାଇଥିବା ଜଣାପଡିଛି।

# ଭୂମିହୀନଙ୍କୁ ସ୍ଥାୟୀ ପଟ୍ଟା ବାଣ୍ଟିଲେ ରାଜସ୍ୱ ମନ୍ତ୍ରୀ



କାର୍ଯ୍ୟକ୍ରମରେ ମନ୍ତ୍ରୀ ସୁରେଶ ପୂଜାରୀ ଜଣେ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରୁଛନ୍ତି।

ଲଖନପୁର,୨୭।୪(ଗୌତମ ସାହୁ)

ଝାରସୁଗୁଡା ଜିଲା ଲଖନପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଭୂମିହୀନଙ୍କୁ ବସୁନ୍ଧରା ଯୋଜନାରେ ସ୍ଥାୟୀ ଜମି ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି । ଏଥିରେ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ କହିଛନ୍ତି, ଗରିବ ଭୂମିହୀନ ଲୋକଙ୍କ ପାଖରେ ସ୍ଥାୟୀ ଜମି ପଟ୍ଟା ସହିତ ପ୍ରଧାନମନ୍ତ୍ରୀ ଆବାସ, ଆବଶ୍ୟକ ସୁବିଧା ରହିବା ସରକାରଙ୍କ ଲକ୍ଷ୍ୟ। ଏହି ଅବସରରେ ମନ୍ତ୍ରୀ ପୂଜାରୀ ୬୩ ଜଣ ହିତାଧିକାରୀଙ୍କୁ ସ୍ଥାୟୀ ଜମି ପଟ୍ଟା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡା ଅତିରିକ୍ତ ଜିଲାପାଳ (ରାଜସ୍ୱ), ଉପଜିଲାପାଳ, ଲଖନପୁର ତହସିଲଦାର ଓ ବିଡିଓଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# 'ସ୍ୱତନ୍ତ୍ର ଓଡ଼ିଶା ଗଠନରେ କୃଷ୍ଣଚନ୍ଦ୍ରଙ୍କ ଅବଦାନ ଅତୁଳନୀୟ'

ଝାରସୁଗୁଡା,୨୭।୪(ଆଶିଷ ରଞ୍ଜନ ଦାଶ)

**ଜିଲାସ୍ତରୀୟ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ସମାରୋହ**

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ବିନ୍ଧାଣି ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜିଲାସ୍ତରୀୟ ଜୟନ୍ତୀ ସମାରୋହ ସ୍ଥାନୀୟ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ସମାରୋହରେ ଅତିଥି ଭାବେ ଅତିରିକ୍ତ ଜିଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲାପାଳ(ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଛନ୍ତି, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଜଳସେଚନ କ୍ଷେତ୍ରରେ ପାରଳା ମହାରାଜା କୃଷ୍ଣଚନ୍ଦ୍ରଙ୍କ ଅବଦାନ ଅତୁଳନୀୟ। ମୁଖ୍ୟବକ୍ତା ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ପ୍ରାଧାପିକା ଡ. ସ୍ୱର୍ଣ୍ଣମୟୀ ପୁରୋହିତ ଯୋଗଦେଇ କୃଷ୍ଣଚନ୍ଦ୍ରଙ୍କ ଭାଷାଭିତ୍ତିକ ରାଜ୍ୟ ଗଠନ ଦିଗରେ ଆନ୍ଦୋଳନ ଓ ପାରଳାଖେମୁଣ୍ଡିରେ ଉତ୍କଳ ସମ୍ମିଳନୀର ଆୟୋଜନ ସମ୍ପର୍କରେ ଆଲୋଚନା କରିଥିଲେ। ବସନ୍ତ ନାଥ, ପ୍ରଣତି ପଟ୍ଟନାୟକ ଓ ପ୍ରେମସାଗର ଦେହରିଆ ପ୍ରମୁଖ ମହାରାଜା କୃଷ୍ଣଚନ୍ଦ୍ରଙ୍କ ଗୁଣାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପହଲଗାମ୍‌ରେ ମୃତ୍ୟୁ ଘଟିଥିବା ପର୍ଯ୍ୟଟକଙ୍କ ଆତ୍ମାର ସଦ୍‌ଗତି ପାଇଁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ସମାରୋହରେ ବୁଦ୍ଧିଜୀବୀ, ସାହିତ୍ୟିକ, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ମନ୍ତ୍ରୀଙ୍କ ପାଖଲୋକ କହି ଠକେଇ: ଅଭିଯୁକ୍ତ ଗିରଫ

ଦେବଗଡ,୨୭।୪(ଶଶାଙ୍କ ଶେଖର ଝାଙ୍କର)

ନିଜକୁ ପ୍ରଭାବଶାଳୀ ନେତା, ମନ୍ତ୍ରୀଙ୍କ ପାଖଲୋକ ଦର୍ଶାଇବା ସହ ସେମାନଙ୍କ ସହିତ ଉଠାଇଥିବା ଫଟୋ ଦେଖାଇ ଅଭିନବ ଉପାୟରେ ଲକ୍ଷାଧିକ ଟଙ୍କା ଠକେଇ କରିବା ଅଭିଯୋଗରେ ଦେବଗଡ଼ ପୋଲିସ ଜଣେ ଅଭିଯୁକ୍ତଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଦେବଗଡ଼ ପୌରାଞ୍ଚଳ ନିଳବେର୍ଣ୍ଣୀସାହିର ଉଇଲିୟମ ହେନେଜ(୫୦)। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଭୁବନେଶ୍ୱର ୟୁନିଟ୍-୪ରେ ଅସ୍ଥାୟୀ ଭାବେ ରହୁଥିବା ହେନେଜ ବିଭିନ୍ନ ସମୟରେ ସରକାରୀ କାଗଜପତ୍ର ଦେଖାଇବା ସହ ନିଜକୁ ଉଚ୍ଚ ଶିକ୍ଷିତ ଏଚ୍‌ଏଡିଟି, ୟୁଏନ୍ ଜାତିସଂଘ, ୟୁଏନ୍ ହାବିଟାଟ ଓ ଏପିଏଚ୍‌ଏସ୍, ୟୁନାଇଟେଡ ନେସନ୍ସ ସଂସ୍ଥା ସଦସ୍ୟ ସହ ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀଙ୍କ ସହିତ ଉଠାଇଥିବା ଫଟୋ ଦେଖାଇ ନିଜକୁ ସେମାନଙ୍କ ପାଖଲୋକ ବୋଲି ଦର୍ଶାଉଥିଲେ। ଏଥିସହ ମୁଖ୍ୟ ଶାସନ ସଚିବ, ଆଇଏଏସ୍, ଆଇପିଏସ୍ ତଥା କେଜିଏଫ୍ ମାଇନିଙ୍ଗ କମ୍ପାନୀର ମାଲିକଙ୍କ ପରିଚୟ ଦେଇ ଲୋକଙ୍କୁ ଏନ୍‌ଏଚ୍‌ଏଆଇ, ପୋଲିସ ଚାକିରି, ସିଭିଲ ଲାଇସେନ୍ସ, ମଦ ବାର୍ ଲାଇସେନ୍ସ, ରେଲୱେ ଚାକିରି, ପେଟ୍ରୋଲ ପମ୍ପ, ମାଇନିଂ ଟ୍ରାନ୍ସପୋର୍ଟିଂ, ଓଏମ୍‌ସି ଚାକିରି ସମେତ ଏଚ୍‌ଏଡିଟି ଟ୍ରଷ୍ଟ ମାଧ୍ୟମରେ ସ୍କର୍ପିଓ, ହାଇୱା କରାଇଦେବେ ବୋଲି ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗ ଗ୍ରାମର ପୁରନ୍ଦର କୁମ୍ଭାରଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଟ୍ରଷ୍ଟ ଜରିଆରେ ୨ଗୋଟି ହାଇୱା ଗାଡ଼ିର ରେଜିଷ୍ଟ୍ରେଶନ ବାବଦରେ ପୁରନ୍ଦରଙ୍କଠାରୁ ୨୦୨୪ ନଭେମ୍ବର ୧୮ରେ ୩ଲକ୍ଷ ୪୦ ହଜାର ଟଙ୍କା, ମଦ ବାର୍ ବାବଦରେ ୪ ଲକ୍ଷ ୫୦ ହଜାର ଟଙ୍କା ନେଇଥିଲେ। ପରବର୍ତ୍ତୀ ଉଇଲିୟମଙ୍କ ଚରିତ୍ର ବିଷୟରେ ଜାଣିବା ପରେ ପୁରନ୍ଦର ଟଙ୍କା ମାଗିଥିଲେ। ହେଲେ ସେ ଦିନ ପରେ ଦିନ ଗଡ଼ାଇ ଚାଲିଥିଲେ। ଏପରି କି ତାଙ୍କୁ ଧମକ୍ ମଧ ଦେଇଥିଲେ। ଏନେଇ ପୁରନ୍ଦର ଗୁରୁବାର ଦେବଗଡ଼ ଆଦର୍ଶ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୭୭/୨୫) ରୁଜୁ କରିଥିଲା।

# 'ବ୍ରଜରାଜନଗର ମହୋତ୍ସବ ଜାତୀୟ ମହୋତ୍ସବରେ ପରିଣତ ହେବ'

ବ୍ରଜରାଜନଗର,୨୭।୪(ବିଜୟ ବରାଡ଼)

ସ୍ଥାନୀୟ ମହୋତ୍ସବ ପଡ଼ିଆରେ ୨ ଦିନ ଧରି ଚାଲିଥିବା ବ୍ରଜରାଜନଗର ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ କହିଛନ୍ତି, ଆଗାମୀ ଦିନରେ ବ୍ରଜରାଜନଗର ମହୋତ୍ସବ ଜାତୀୟ ସ୍ତରୀୟ ମହୋତ୍ସବରେ ପରିଣତ ହେବ। ସମ୍ମାନିତ ଅତିଥି ଭାବେ ବରଗଡ ଏମ୍‌ପି ପ୍ରଦୀପ ପୁରୋହିତ, ଝାରସୁଗୁଡ଼ା ଜିଲାପାଳ ଆବୋଲି ସୁନିଲ୍ ନରୱଣେ, ବ୍ରଜରାଜନଗର ପୌରପରିଷଦ ଅଧକ୍ଷ ଗୋପାଳ ସୀତାନି, କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ଇବ୍ ଭ୍ୟାଲି କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅୱଧ କିଶୋର ପାଣ୍ଡେ ଯୋଗଦେଇଥିଲେ। ମହୋତ୍ସବ କମିଟି ସଭାପତି ଡ. ବିଜୟ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବରେ କେନ୍ଦ୍ରାପଡ଼ାର ସର୍ଦ୍ଦାର ଗ୍ରୁପ୍ ଭଜନ ଓ ସଙ୍ଗୀତ ପରିବେଷଣ କରିଥିଲା। ସେହିପରି ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କ ଓଡ଼ିଶୀ ନୃତ୍ୟ କରିଥିଲେ। ବିଭିନ୍ନ ଅନୁଷ୍ଠାନ କଳାକାର ନୃତ୍ୟ କରିଥିବାବେଳେ ପୁରୀର ଗୋଟିପୁଅ ନୃତ୍ୟରେ ଦର୍ଶକ ଝୁମିଥିଲେ।



ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାରେ ମନ୍ତ୍ରୀ ସୁରେଶ ପୂଜାରୀ ଓ ଅନ୍ୟମାନେ।

**ବ୍ରଜରାଜନଗର ମହୋତ୍ସବ ଉଦ୍‌ଯାପିତ**

ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି କୁଳମଣି ଦାଶ, ଉପସଭାପତି ଆଲୋକ ପଣ୍ଡା, ନିର୍ମଳ ସିଂହ ଚାୱଳା, ସାଧାରଣ ସମ୍ପାଦକ ଅମରେନ୍ଦ୍ର ରାୟ, ମୁଖ୍ୟ ସଂଯୋଜକ ଉପେନ ଚରଣ ସାହୁ, ସହ ସମ୍ପାଦକ କବି ସ୍ୱାଇଁ ଓ ତପନ ସ୍ୱାଇଁ, କୋଷାଧକ୍ଷ ବିନୟ ଜୟସ୍ୱାଲ, ମିଡ଼ିଆ ପ୍ରଭାରୀ ତ୍ରିଲୋଚନ ଦାଶ, ସାଂସ୍କୃତିକ ସମ୍ପାଦକ ସୁଶୀଲ ପୁରୋହିତ, ଉପଦେଷ୍ଟା ପବନ ସକ୍ସେରିଆ ପ୍ରମୁଖଙ୍କ ଉଦ୍ୟମରେ ପ୍ରାୟ ୧୦ ବର୍ଷ ହେବ ବନ୍ଦ ଥିବା ଏହି ମହୋତ୍ସବ ଚଳିତବର୍ଷ ସମ୍ଭବ ହୋଇଛି। ଏହି ଅବସରରେ କବି କ୍ଷୀରୋଦ କୁଅଁରଙ୍କ ସମ୍ପାଦନାରେ ଇରାବତୀ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଆକାଶବାଣୀ ସ୍ୱୀକୃତିପ୍ରାପ୍ତ କଳାକାର ଅଞ୍ଜନ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ବ୍ରଜରାଜନଗର କଲେଜ ଅଧ୍ୟାପକ ବିକ୍ରମ ପ୍ରଧାନ, ଓପିଏମ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରତିଭା ମହାପାତ୍ରଙ୍କ ନେତୃତ୍ୱରେ ସ୍କାଉଟ୍, ଗାଇଡ୍ କାର୍ଯ୍ୟରେ ସହଯୋଗ କରିଥିଲେ। ବ୍ରଜରାଜନଗର ପୌରପରିଷଦ କାର୍ଯ୍ୟ ନିର୍ବହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ନେତୃତ୍ୱରେ ସମସ୍ତ କର୍ମଚାରୀ ନିଜର ନିର୍ବାହ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ରଜରାଜନଗର ଉପଖଣ୍ଡ ପୋଲିସ ଅଧିକାରୀ ଚିନ୍ତାମଣି ପ୍ରଧାନ ଓ ଥାନା ଆଇଆଇସି ଧବଳେଶ୍ୱର ସାହୁଙ୍କ ନେତୃତ୍ୱରେ ପୋଲିସ ମୁତୟନ କରାଯାଇଛି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆକଳନଠାରୁ କମିପାରେ ଅକ୍ଷୟତୃତୀୟା କାରବାର

## ୩୦ରେ ଅକ୍ଷୟ ତୃତୀୟା



**ଭୁବନେଶ୍ୱର,୨୭।୪: (ଅଭୟ ଦାଶ)**

ଆଉ ଦିନ କେତେଟା ପରେ ଅକ୍ଷୟ ତୃତୀୟା। ହେଲେ ସୁନା ଦର ଆକାଶଛୁଆଁ ରହିଥିଲାବେଳେ ରୁପା ମୂଲ୍ୟ ଲକ୍ଷେ ଉପରେ ରହିଛି। ସେହିଭଳି ସାରା ଦେଶରେ ବିବାହ ଋତୁ ଜାରି ରହିଥିଲାବେଳେ ଭିନ୍ନ ଭିନ୍ନ ଶୁଭକାର୍ଯ୍ୟ ମଧ୍ୟ ଭାରତରେ କରାଯାଉଛି। ଏହାରି ମଧ୍ୟରେ ସୁନା ଦର ଜାତୀୟ ବଜାରରେ ୯୦,୦୦୦ ରୁ ୯୭,୦୦୦ ଟଙ୍କା ଥିଲାବେଳେ ଓଡ଼ିଶା ବଜାରରେ ୯୦,୦୦୦ ରୁ ୯୮,୦୦୦ ମଧ୍ୟରେ କାରବାର ହେଉଛି। ସେହିପରି ମୂଲ୍ୟବାନ ଅଳଙ୍କାର ଓ ହୀରା ମୂଲ୍ୟ ସର୍ବୋଚ୍ଚସ୍ତରରେ ଥିଲାବେଳେ ରୁପା ଦର ଉଭୟ ବଜାରରେ ଲକ୍ଷେ ଉପରେ ରହିଛି।

ଅପରପକ୍ଷରେ କ୍ରମାଗତ ଭାବେ ସୁନା ଓ ରୁପାର ଦର ବୃଦ୍ଧି ପାଉଥିଲାବେଳେ ଗତ ୩ ଦିନ ହେବ ଉଭୟ ସୁନା ଓ ରୁପା ଦରରେ ସୁଧାର ଆସିଛି। ହେଲେ ଆଗକୁ ଅକ୍ଷୟ ତୃତୀୟା ଆସୁଥିଲାବେଳେ ବଜାରର ଚାହିଦା ସେହି ପରିମାଣରେ ଦେଖିବାକୁ ମିଳୁନାହିଁ। ଗୋଟିଏ ପଟରେ ସୁନା ଓ ରୁପାର ଦରବୃଦ୍ଧି ଜାରି ରହିଥିଲାବେଳେ ଅପରପକ୍ଷରେ ଅତ୍ୟାବଶ୍ୟକ ସାମଗ୍ରୀର ଦର ମଧ୍ୟ ଆକାଶଛୁଆଁ ରହିଛି। ପରମ୍ପରା ଅନୁଯାୟୀ ଅକ୍ଷୟ ତୃତୀୟାରେ ମୂଲ୍ୟବାନ ସାମଗ୍ରୀ (ସୁନା, ରୁପା ଓ ପ୍ରିମିୟମ ଅଳଙ୍କାର) ସାଙ୍ଗକୁ ଅନ୍ୟାନ୍ୟ ଧାତୁ କ୍ରୟର ବିଧି ଥିଲାବେଳେ ଦରବୃଦ୍ଧି ଗ୍ରାହକଙ୍କ ପାଇଁ ବାଧକ ସାଜିଛି ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ସେହିପରି ଅକ୍ଷୟ ତୃତୀୟା କାରବାର ପାଇଁ ରିଟେଲ ବ୍ୟବସାୟୀଙ୍କଠାରୁ ଆରମ୍ଭକରି ସର୍ବବୃହତ ଅଳଙ୍କାର ପ୍ରତିଷ୍ଠାନଗୁଡିକ ପକ୍ଷରୁ ଆକର୍ଷଣୀୟ ଅଫର ସାଙ୍ଗକୁ ମନଲୋଭା ସାଜସଜ୍ଜା କରାଯାଉଛି। ହେଲେ ଗତ ବର୍ଷର କାରବାର ଅପେକ୍ଷା ଚଳିତ ବର୍ଷର ଅକ୍ଷୟ ତୃତୀୟା କାରବାର ଯଥେଷ୍ଟ ପରିମାଣରେ କମିପାରେ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରୁଥିଲାବେଳେ ଅଳଙ୍କାର ବ୍ୟବସାୟୀମାନେ ଭଲ କାରବାର ପାଇଁ ଆଶାବାଦି ଅଛନ୍ତି। ସେହିଭଳି ଉଭୟ ଜାତୀୟ ଓ ଘରୋଇ ବଜାରର ଅଳଙ୍କାର ପ୍ରତିଷ୍ଠାନଗୁଡିକ ପକ୍ଷରୁ ଆକର୍ଷଣୀୟ ଉପହାରର ବ୍ୟବସ୍ଥା ସାଙ୍ଗକୁ ଅତୁଳନୀୟ ଅଫର କାରବାର ବୃଦ୍ଧିରେ ବେଶ ସହାୟକ ହେବ ବୋଲି ଆଶା କରାଯାଉଥିଲାବେଳେ ଦରବୃଦ୍ଧି ଓ ବିବାହ ଋତୁ ଏହି ସମୟର କାରବାରକୁ କିଛି ପରିମାଣରେ ଲାଘବ କରିପାରେ ବୋଲି ଆକଳନ କରାଯାଉଛି।

# ଏନ୍‌ଏସ୍‌ଇ ପକ୍ଷରୁ ସହାୟତା

**ଭୁବନେଶ୍ୱର,୨୭।୪**

ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ପକ୍ଷରୁ କଶ୍ମୀରର ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାରକୁ ସହାୟତା ଘୋଷଣା କରାଯାଇଛି। ଏପରିକି ୨୦୨୫ ଏପ୍ରିଲ ୨୨ କଶ୍ମୀରର ପହଲଗାମଠାରେ ଘଟିଥିବା ଦୁଃଖଦ ଆତଙ୍କବାଦୀ ଆକ୍ରମଣ ପୂରା ଦେଶକୁ ସ୍ତବ୍ଧ କରି ଦେଇଛି। ଏଭଳି ପରିସ୍ଥିତିରେ ଏନଏସଇ ଏହି ହୃଦୟ ବିଦାରକ ହିଂସାକାଣ୍ଡରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାରକୁ ସମୁଦାୟ ୧ କୋଟି ଟଙ୍କା (ଅର୍ଥାତ୍ ପରିବାର ପିଛା ପାଖାପାଖି ୪ ଲକ୍ଷ ଟଙ୍କା) ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛି। ଏ ନେଇ ଏନଏସଇର ଏମ୍‌ଡି ତଥା ସିଇଓ ଆଶିଷ କୁମାର ଚୌହାନ କହିଛନ୍ତି, ଏହା ଆମ ଦେଶ ପାଇଁ ଏକ ସାମୂହିକ ଶୋକର ମୁହୂର୍ତ୍ତ ହୋଇଥିଲାବେଳେ ଆମର ସମବେଦନା ଏବଂ ପ୍ରାର୍ଥନା ପ୍ରଭାବିତ ପରିବାରମାନଙ୍କ ସହିତ ରହିଛି।

# ରବି କିଶନ କପିଳା ପଶୁ ଆହାରର ବ୍ରାଣ୍ଡ ଆମ୍ବାସାଡର




**ଭୁବନେଶ୍ୱର,୨୭।୪**

କାମଧେନୁ କ୍ୟାଟଲ ଫିଡ୍‌ସ ପ୍ରାଇଭେଟ ଲିମିଟେଡ୍‌ର ପ୍ରମୁଖ ଉତ୍ପାଦ ତଥା କପିଳା ପଶୁ ଆହାରର ନୂତନ ବ୍ରାଣ୍ଡ ଆମ୍ବାସାଡର ଭାବେ ଅଭିନେତା ରବି କିଶନଙ୍କୁ ନିଯୁକ୍ତ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଉତ୍ତରପ୍ରଦେଶର କାନପୁରଠାରେ ଏହି ବ୍ରାଣ୍ଡ ଅବସ୍ଥିତ ରହିଛି। ଏହି ବ୍ରାଣ୍ଡ ବର୍ତ୍ତମାନ ଦେଶର ୧୮ ରାଜ୍ୟରେ ୪୦୦ ଡିଲର୍ସ ଏବଂ ୪୦୦୦ରୁ ଅଧିକ ସବ୍‌ଡିଲରଙ୍କ ଜରିଆରେ କାରବାର କରୁଛି। ବ୍ରାଣ୍ଡ ଗୁଣାତ୍ମକ ପଶୁ ଆହାର ସାଙ୍ଗକୁ ଉନ୍ନତମାନର ଉତ୍ପାଦ ଏବଂ ଅନେକ ପ୍ରକାର ପଶୁ ଖାଦ୍ୟ ବଜାରରେ ଉପଲବ୍ଧ କରାଉଛି। ବଜାର ଚାହିଦା ଓ ଗ୍ରାହକଙ୍କ ଆବଶ୍ୟକତା ଅନୁଯାୟୀ ବ୍ରାଣ୍ଡ ଉତ୍ପାଦ ଉତ୍ପାଦନ କରୁଥିଲାବେଳେ ସୁଲଭ ମୂଲ୍ୟରେ ସବୁବର୍ଗର ଗ୍ରାହକଙ୍କ ପକେଟକୁ ସୁହାଇଲା ଭଳି ଦରରେ ବ୍ରାଣ୍ଡ ଖାଦ୍ୟ ଯୋଗାଇ ଦେଉଛି।

# ପିଟର ଇଂଲଣ୍ଡର ନୂତନ ଅଭିଯାନ

**ଭୁବନେଶ୍ୱର,୨୭।୪**

ଆଦିତ୍ୟ ବିର୍ଲା ଫ୍ୟାସନ ଆଣ୍ଡ ରିଟେଲ ଲିମିଟେଡର ପ୍ରମୁଖ ବ୍ରାଣ୍ଡ ତଥା ପିଟର ଇଂଲଣ୍ଡର ନୂତନ ଅଭିଯାନ 'ଦି ଜେଣ୍ଟଲମ୍ୟାନ୍ସ ଲିଗ-ଲିଗ ଅଫ ଲିଜେଣ୍ଡସ'ର ଅନାବରଣ (ଶୁଭାରମ୍ଭ) ନିକଟରେ ହୋଇଯାଇଛି। ଏପରିକି ଦେଶର ସବୁଠାରୁ ପ୍ରସିଦ୍ଧ କ୍ରିକେଟ୍ ମହୋତ୍ସବ 'ଜିଓଷ୍ଟାର ଆଇପିଏଲ୍' ରେ ଶୁଭାରମ୍ଭ ହୋଇଥିବା ଏହି ଅଭିଯାନ କ୍ରୀଡା କ୍ଷେତ୍ରର ସବୁଠାରୁ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ କପିଲ ଦେବ, ସାର୍ ଭିଭିଆନ୍ ରିଚାର୍ଡସ୍ ଏବଂ ଅନ୍ତର୍ଜାତୀୟ କ୍ରିକେଟ୍ର ଅଦୃଶ୍ୟ ସ୍ୱର ହର୍ଷ ଭୋଗଲେଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ସେହିପରି କ୍ରିକେଟ୍ ପ୍ରତି ଗଭୀର ଭାବେ ଆଗ୍ରହୀ ଥିବା ଦେଶରେ ପିଟର ଇଂଲଣ୍ଡ ଏବଂ କ୍ରିକେଟ୍ କିମ୍ବଦନ୍ତୀଙ୍କ ମଧ୍ୟରେ ଏହି ପ୍ରଥମ ସହଯୋଗ ଐତିହ୍ୟ, ଶୈଳୀ ଏବଂ ଜେଣ୍ଟଲମ୍ୟାନ୍ସ ଗେମ୍‌ର ସ୍ଥାୟୀ ଆକର୍ଷଣର ଏକ ଉତ୍ସବକୁ ସୂଚାଉଛି। ଏ ସମ୍ପର୍କରେ ପିଟର ଇଂଲଣ୍ଡର ଚିଫ୍ ଅପରେଟିଂ ଅଫିସର ଅନିଲ ଏସ୍ କୁମାର କହିଛନ୍ତି, ଜେଣ୍ଟଲମ୍ୟାନ୍ସ ଲିଗ୍ ସଂଗ୍ରହରୁ ଜାରି ରହିଥିବା ଏହି ନୂତନ ଲିଗ୍ ଅଫ୍ ଲିଜେଣ୍ଡସ୍ ଏକ ଉତ୍ସବ ଏବଂ କ୍ରିକେଟ୍ର କାଳଜୟୀ ଆକର୍ଷଣ ଏବଂ ଏହାକୁ ଆକାର ଦେଇଥିବା ବ୍ୟକ୍ତିବିଶେଷଙ୍କ ଲୋକପ୍ରିୟତା ପ୍ରତି ଆମର ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛୁ।

# ବଜାରରେ ରୟାଲ ଏନ୍‌ଫିଲ୍ଡର ହଣ୍ଟର ୩୫୦



**ଭୁବନେଶ୍ୱର,୨୭।୪**

ରୟାଲ ଏନ୍‌ଫିଲ୍ଡର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ '୨୦୨୫ ହଣ୍ଟର୍ ୩୫୦'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ଏକ ଫିଚର-ପ୍ୟାକ୍ଡ ଅପ୍‌ଗ୍ରେଡ ମଡେଲ ଯାନ ହୋଇଥିଲାବେଳେ ଲୋକପ୍ରିୟ ଷ୍ଟ୍ରିଟ ରୋଡ୍‌ଷ୍ଟର୍‌ର ଏକ ନୂଆ ବେଞ୍ଚମାର୍କ ସ୍ଥାପନ କରିଛି। ବିଶ୍ୱର ସବୁଠାରୁ ଆକର୍ଷଣୀୟ ସ୍ଥାନଗୁଡିକ ଦ୍ୱାରା ଅନୁପ୍ରାଣିତ ଓ ବିଶ୍ୱବ୍ୟାପୀ ଗ୍ରାହକଙ୍କ ପାଇଁ ଡିଜାଇନ କରାଯାଇଥିବା ଏହି ମଡେଲ ୩ଟି ନୂଆ ରଙ୍ଗ ଏବଂ ଅପ୍‌ଗ୍ରେଡେଡ ଫିଚର ସହିତ ଆସିଛି। ସହରର ରାସ୍ତାଗୁଡିକ ପାଇଁ ନିର୍ମିତ ଏବଂ ପୂର୍ବ ତୁଳନାରେ ଅଧିକ ଆରାମଦାୟକ ଓ ସକ୍ଷମ ହୋଇଥିବା ୨୦୨୫ ହଣ୍ଟର୍ ୩୫୦କୁ ଏକାସଙ୍ଗେ ମୁମ୍ବାଇ ଓ ଦିଲ୍ଲୀରେ ଆୟୋଜିତ ରୟାଲ ଏନ୍‌ଫିଲ୍ଡର ପ୍ରଥମ ଷ୍ଟ୍ରିଟ କଲ୍ଚର ଫେଷ୍ଟିଭାଲ ହଣ୍ଟରହୁଡରେ ଉନ୍ମୋଚନ କରାଯାଇଛି।

ଏ ସମ୍ପର୍କରେ ରୟାଲ ଏନ୍‌ଫିଲ୍ଡର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ଯଦବିନ୍ଦର ସିଂହ ଗୁଲେରିଆ କହିଛନ୍ତି, ୨୦୨୫ ହଣ୍ଟର ୩୫୦ ଆମ ପୋର୍ଟଫୋଲିଓରେ ଏକ ସ୍ୱତନ୍ତ୍ର ମୋଟରସାଇକେଲ ରହିଆସିଛି, ଯାହାକି ଶକ୍ତିଶାଳୀ ଓ ଆକର୍ଷଣୀୟ ହେବା ସହିତ ଏହାକୁ ପ୍ରଥମ ଥରର ରାଇଡର ଓ ସହରର ଯାତ୍ରୀଙ୍କ ଦ୍ୱାରା ବହୁମାତ୍ରାରେ ପସନ୍ଦ କରାଯାଉଛି। ଆମେ ଏହାର ପ୍ରଦର୍ଶନକୁ ଉନ୍ନତ କରିଛୁ ଏବଂ ଉତ୍କୃଷ୍ଟ ଅପ୍‌ଗ୍ରେଡ ସାମିଲ କରିଛୁ, ଯାହା ଏହାକୁ ହାସଲ କରିବା ଓ ଚଳାଇବା ପାଇଁ ଆହୁରି ଅଧିକ ଉତ୍ସାହଜନକ କରୁଛି। ସେହିଭଳି ଏହି ନୂଆ ହଣ୍ଟର ୩୫୦ର ନୂତନ ଫିଚରଗୁଡ଼ିକ ମଧ୍ୟରେ ରିଓର ଧଳା ବାଲିଠାରୁ ଆରମ୍ଭ କରି ଲଣ୍ଡନର ଲାଲ ଇଟା କାନ୍ଥର ଧାଡି ଓ ଟୋକିଓର କଳା ପିଚୁ ସଡକ ପର୍ଯ୍ୟନ୍ତ ସାମିଲ ରହିଛି।

# ଏଲ୍‌ଟିଏଫ୍‌ଏଲ୍‌ର ତ୍ରୈମାସିକ ଫଳାଫଳ

**ଭୁବନେଶ୍ୱର,୨୭।୪**

ଏଲ୍ ଆଣ୍ଡ ଟି ଫାଇନାନ୍ସ ଲିମିଟେଡ (ଏଲ୍‌ଟିଏଫ୍‌ଏଲ୍)ର ତ୍ରୈମାସିକ ଫଳାଫଳ ନିକଟରେ ଘୋଷଣା କରାଯାଇଛି। ଏପରିକି ୨୦୨୫ ମାର୍ଚ୍ଚ ୩୧ର ଶେଷ ହୋଇଥିବା ତ୍ରୈମାସିକ ସୁଦ୍ଧା କମ୍ପାନୀ ସର୍ବକାଳୀନ ସର୍ବୋଚ୍ଚ ଟିକସ ପରବର୍ତ୍ତୀ ଲାଭ (ପିଏଟି) ୨୬୪୪ କୋଟି ଟଙ୍କା ସଂଗ୍ରହ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷର ଏହି ଅବଧି ତୁଳନାରେ ୧୪% ବୃଦ୍ଧି ଘଟିଛି। ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହୋଇଥିବା ୪ର୍ଥ ତ୍ରୈମାସିକରେ କମ୍ପାନୀ ମୋଟ ୬୩୬ କୋଟି ଟଙ୍କାର ପିଏଟି ହାସଲ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷର ଏହି ଅବଧି ତୁଳନାରେ ୧୫% ଅଧିକ ହୋଇଛି। ବିଶେଷ କରି ଏହାର ରିଟେଲ ବୁକ ସମ୍ପ୍ରତି ୯୫,୧୮୦ କୋଟି ଟଙ୍କା ହୋଇଛି, ଯାହା ୨୦୨୪ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହୋଇଥିବା ରିଟେଲ ବୁକ ତୁଳନାରେ ୧୯% ଅଧିକ ହୋଇଛି। କମ୍ପାନୀ ମଧ୍ୟ ବାର୍ଷିକ ୬୦,୦୪୦ କୋଟି ଟଙ୍କାର ରିଟେଲ ଋଣ ପ୍ରଦାନ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୧୧% ଅଧିକ ଏବଂ ଏହାର ତ୍ରୈମାସିକ ଭିତ୍ତିରେ ରିଟେଲ ଋଣ ପ୍ରଦାନ ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହୋଇଥିବା ତ୍ରୈମାସିକରେ ୧୪,୮୯୯ କୋଟି ଟଙ୍କାରେ ସ୍ଥିର ରହିଛି।

ଏ ସମ୍ପର୍କରେ ଏଲ୍‌ଟିଏଫ୍‌ଏଲ୍‌ର ଏମ୍‌ଡି ତଥା ସିଇଓ ସୁଦୀପ୍ତ ରାୟ କହିଥିଲେ, ଏହି ବର୍ଷରେ ଉଲ୍ଲେଖନୀୟ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଆମର ପ୍ରଦର୍ଶନ ମଜଭୁତ ରହିଛି ଏବଂ ଚାଲେଞ୍ଜପୂର୍ଣ୍ଣ ପରିବେଶ ମଧ୍ୟରେ ଆଗକୁ ବଢିବା ନିମନ୍ତେ ଆମର ସାମର୍ଥ୍ୟକୁ ପ୍ରଦର୍ଶିତ କରିଛି। ଏହି ସ୍ଥିରତା ସମଗ୍ର ବ୍ୟବସାୟ କ୍ଷେତ୍ରରେ ସାମଗ୍ରିକ ଦକ୍ଷତା ଉପରେ ଆମର ମଜଭୁତ ଦୃଷ୍ଟିନିବଦ୍ଧ ଦ୍ୱାରା ସୁଦୃଢ ଆସେଟ ମାନକୁ ପୁନଃସୁଦୃଢ କରିବା ପ୍ରତି ଆମର ଏକନିଷ୍ଠ ପ୍ରତିବଦ୍ଧତା ଯୋଗୁ ସମ୍ଭବ ହୋଇଛି।

# ଏନ୍‌ବିଟି ସହ ଆମାଜନ ଇଣ୍ଡିଆର ବୁଝାମଣା

**ଭୁବନେଶ୍ୱର,୨୭।୪**

ନ୍ୟାଶନାଲ ବୁକ୍ ଟ୍ରଷ୍ଟ (ଏନ୍‌ବିଟି) ଏବଂ ଆମାଜନ ଇଣ୍ଡିଆ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ହୋଇଯାଇଛି। ଏପରିକି ଆମାଜନ ଇଣ୍ଡିଆ ଏନ୍‌ବିଟି ଏବଂ ଏନସିଇଆରଟି ସହ ଭାଗୀଦାରିରେ ଦେଶବ୍ୟାପୀ ପୁସ୍ତକ ଦାନ ଅଭିଯାନ ଆରମ୍ଭ କରିଛି। ଆଗାମୀ ୧୨ ସପ୍ତାହ ମଧ୍ୟରେ ଅଙ୍ଗନୱାଡ଼ି, ସରକାରୀ ବିଦ୍ୟାଳୟ ଓ ତୃଣମୂଳ ସ୍ତରୀୟ ଅନୁଷ୍ଠାନକୁ ହଜାର ହଜାର ପୁସ୍ତକ ବଣ୍ଟନ କରାଯିବ। ସେହିଭଳି ଚଳିତ ବିଶ୍ୱ ପୁସ୍ତକ ଦିବସ ଅବସରରେ ଆମାଜନ ଇଣ୍ଡିଆ ଏହାର 'ମେକ୍ ଇଣ୍ଡିଆ ରିଡ୍ ମୋର' ଅଭିଯାନକୁ ଆଗେଇ ନେଉଛି, ସାରା ଦେଶରେ ପାଠକଙ୍କ ପାଇଁ ପୁସ୍ତକ ଉପଲବ୍ଧତାକୁ ବିସ୍ତାର କରିବା ଦିଗରେ ଆମାଜନର ଚାଲିଥିବା କାର୍ଯ୍ୟ ଉପରେ ଏହି ପ୍ରତିବଦ୍ଧତା ନିର୍ଭର କରିଥାଏ। ଆମାଜନ୍ ଇଣ୍ଡିଆର ସାମ୍ପ୍ରତିକ ଟ୍ରେଣ୍ଡ୍ ଉଭୟ ନୂତନ ଗ୍ରାହକ ଏବଂ ବର୍ଗ ବିକ୍ରିରେ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ସହିତ ଦେଶବ୍ୟାପୀ ପୁସ୍ତକ ପ୍ରତି ଆଗ୍ରହ ବୃଦ୍ଧି କରିଛି। ଟିୟର-୨ ସହରଗୁଡ଼ିକ ଏହି ସମ୍ପ୍ରସାରଣକୁ ବିଶେଷ ଭାବେ ପ୍ରୋତ୍ସାହିତ କରୁଛନ୍ତି ଏବଂ ମହାନଗରଗୁଡ଼ିକରେ ନୂତନ ପୁସ୍ତକ ଅଭିବୃଦ୍ଧି ହାରଠାରୁ ଦୁଇଗୁଣ ଅଧିକ ରହିଛି। ଏହି ଚାହିଦାକୁ ସମର୍ଥନ କରିବା ପାଇଁ କମ୍ପାନୀ ଏହାର ସମାନ ଦିନର ଡେଲିଭରି କ୍ଷମତାକୁ ଯଥେଷ୍ଟ ବୃଦ୍ଧି କରିଛି, ଯାହା ଗତ ବର୍ଷ ତୁଳନାରେ ଶୀର୍ଷ ୨୦ଟି ସହରରେ ଦୁଇଗୁଣ ଗ୍ରାହକଙ୍କ ନିକଟରେ ପହଞ୍ଚିଛି। ଆମାଜନ୍ ଇଣ୍ଡିଆର ପୁସ୍ତକ ଓ ଖେଳନା ନିର୍ଦ୍ଦେଶକ ରାଜର୍ଷି ଗୁଇନ୍ କହିଛନ୍ତି, ପୁସ୍ତକ ଆମାଜନର ପରିଚୟର କେନ୍ଦ୍ରରେ ରହିଛି ଏବଂ ଭାରତର ପାଠକମାନଙ୍କ ପ୍ରତି ଆମର ପ୍ରତିବଦ୍ଧତା ପୂର୍ବାପେକ୍ଷା ଗଭୀର ରହିଛି। ସେହିଭଳି ନ୍ୟାଶନାଲ ବୁକ୍ ଟ୍ରଷ୍ଟ ଇଣ୍ଡିଆର ନିର୍ଦ୍ଦେଶକ ଯୁବରାଜ ମଲ୍ଲିକ କହିଛନ୍ତି, ମେକ୍ ଇଣ୍ଡିଆ ରିଡ୍ ମୋର ଅଭିଯାନରେ ଆମାଜନ ଇଣ୍ଡିଆ ସହ ସହଯୋଗ କରି ନ୍ୟାଶନାଲ ବୁକ୍ ଟ୍ରଷ୍ଟ ଆନନ୍ଦିତ। ଏହି ଭାଗୀଦାରି ପୁସ୍ତକଗୁଡ଼ିକୁ ସମସ୍ତଙ୍କ ପାଇଁ ଉପଲବ୍ଧ କରାଇବା ପାଇଁ ଆମର ମିଳିତ ଲକ୍ଷ୍ୟକୁ ପ୍ରତିଫଳିତ କରୁଛନ୍ତି। ସେହିପରି ଏନ୍‌ସିଇଆରଟିର ସେକ୍ରେଟାରି ଅମନ ଶର୍ମା କହିଛନ୍ତି, ଏହି ପଦକ୍ଷେପ ମାଧ୍ୟମରେ ୨୫,୦୦୦ ଏନସିଇଆରଟି ପାଠ୍ୟପୁସ୍ତକ ଅବହେଳିତ ସମ୍ପ୍ରଦାୟକୁ ଦାନ କରାଯିବ, ସାକ୍ଷରତାକୁ ପ୍ରୋତ୍ସାହିତ କରାଯିବ ଏବଂ ଜାତୀୟ ଶିକ୍ଷା ନୀତିର ପରିକଳ୍ପନା ସହିତ ଯୋଡ଼ି ହୋଇ ପଢ଼ିବାର ଆନନ୍ଦକୁ ପାଳନ କରାଯିବ।

# ହର୍ ଷ୍ଟାର୍ଟଅପ୍ ସିଜନ୍-୨ର ଶୁଭାରମ୍ଭ

**ଭୁବନେଶ୍ୱର,୨୭।୪**

ବ୍ରିଟାନିଆ ମ୍ୟାରିଗୋଲ୍ଡର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ହର୍ ଷ୍ଟାର୍ଟଅପ୍ ସିଜନ୍-୨ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଗ୍ରୁପ୍ ଏମ୍ ମୋସନ୍ ଏଂଟରଟେନମେଂଟ ଆଣ୍ଡ ମାଇଣ୍ଡସେୟାର ସହିତ ସହମତି କ୍ରମେ ଏହି କାର୍ଯ୍ୟ ଲଞ୍ଚ୍ ହୋଇଛି, ଏହା ହେଉଛି ଜାତୀୟସ୍ତରର ପ୍ରଥମ ରିୟଲିଟି ସିରିଜ୍, ଯାହାକି ଦେଶବ୍ୟାପୀ ମହିଳା ଉଦ୍ୟୋଗୀମାନେ ସେମାନଙ୍କର ନୂଆ ନୂଆ ଚିନ୍ତାଧାରାକୁ ପ୍ରଦର୍ଶନ କରିବାର ଏକ ପ୍ଲାଟଫର୍ମ ପାଲଟିଛି। ଏହି ସୋ'ର ପ୍ରିମିୟମ ଜିଓହଟ୍‌ଷ୍ଟାରରେ ହୋଇସାରିଛି, ଏଥିରେ ୧୦ଲକ୍ଷ ଟଙ୍କାର ଗୋଲଡେନ୍ ଗ୍ରାଣ୍ଟ ପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ୪୦ ଜଣ ଫାଇନାଲିଷ୍ଟ ସାମିଲ୍ ହୋଇଛନ୍ତି।। ଗ୍ରୁପ୍ ଏମ୍ ମୋସନ୍ କଂଟେଟର ବିଷୟ ପରିକଳ୍ପନା ସହିତ ବ୍ରିଟାନିଆ ମ୍ୟାରିଗୋଲ୍ଡ ହର୍ ଷ୍ଟାର୍ଟଅପ୍ ସୋ' କେବଳ ଏକ ସିରିଜରେ ସୀମିତ ହୋଇ ରହିନାହିଁ, ଏହା ହେଉଛି ପରିବର୍ତ୍ତନର ଏକ ଦ୍ୱାରକ ଯାହାକି ମହିଳାମାନଙ୍କର ସ୍ୱପ୍ନ ଓ ଭାବନାକୁ ବାସ୍ତବତାରେ ରୂପାନ୍ତରିତ କରିବା ପାଇଁ ପାଣ୍ଠି ପ୍ରଦାନ, ମେଣ୍ଟରସିପ୍ ବା ମାର୍ଗଦର୍ଶନ ଏବଂ ଜାତୀୟସ୍ତରରେ ଦୃଶ୍ୟମାନତା ମାଧ୍ୟମରେ ସହାୟତା ପ୍ରଦାନ କରୁଛି। ଏହି ସୋ ହେଉଛି ୨୦୨୪ ଜୁଲାଇରେ ଲଂଚ କରାଯାଇଥିବା ବ୍ରିଟାନିଆ ମ୍ୟାରିଗୋଲ୍ଡ ହର୍ ଷ୍ଟାର୍ଟଅପ୍ କଂଟେଷ୍ଟର ପୂର୍ତ୍ତି, ଯେଉଁଥିରେ ଭାରତବ୍ୟାପୀ ଏକ ଲକ୍ଷରୁ ଅଧିକ ମହତ୍ୱାକାଂକ୍ଷୀ ମହିଳା ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ, ପ୍ରାୟ ୧୦୦ ଜଣରୁ ଅଧିକ ମହିଳା ବୃତିଗତ ତାଲିମ୍ ଗ୍ରହଣ କରିଥିଲେ, ସେମାନଙ୍କ ମଧ୍ୟରୁ ବଛାବଛି ପର୍ଯ୍ୟାୟ ପରେ ୪୦ ଜଣଙ୍କୁ ବଛା ଯାଇଥିଲା। ପ୍ରତ୍ୟେକ ଅଂଶଗ୍ରହଣକାରୀ ୧୦ ଲକ୍ଷ ଟଙ୍କାର ବ୍ରିଟାନିଆ ମ୍ୟାରି ଗୋଲ୍ଡ କିମ୍ବା ମେଂଟରସିପ୍ ପାଇବା ସହିତ ଜାତୀୟସ୍ତରରେ ଦୃଶ୍ୟମାନତା ଓ ଇକୋ ସିଷ୍ଟମ୍ ଆକ୍ସେସ ପ୍ରାପ୍ତ କରିବେ। ଶ୍ରେଷ୍ଠ ୧୦ଜଣ ପ୍ରଦର୍ଶନକାରୀ ୧୦ ଲକ୍ଷ ଟଙ୍କାର ସମ୍ମାନଜନକ ଗୋଲଡେନ୍ ଗ୍ରାଣ୍ଟ ବିଜୟୀ ହେବେ, ଯେତେବେଳେ କି ଅନ୍ୟ ସମ୍ଭାବନାପୂର୍ଣ୍ଣ ମହିଳା ଉଦ୍ୟୋଗୀମାନେ ଏନ୍‌ଏସଡିସି ମହିଳା ଉଦ୍ୟୋଗୀ ମେଂଟରସିପ୍ କାର୍ଯ୍ୟକ୍ରମରେ ପ୍ରବେଶ କରିବେ। ସିଦ୍ଧାର୍ଥ ଗୁପ୍ତା, ଜେନେରାଲ୍ ମ୍ୟାନେଜର୍ - ମାର୍କେଟିଂ, ବ୍ରିଟାନିଆ କହିଛନ୍ତି ବ୍ରିଟାନିଆ ମ୍ୟାରି ଗୋଲ୍ଡର ମହିଳା ଉଦ୍ୟୋଗୀଙ୍କର ସଶକ୍ତିକରଣ ପାଇଁ ଏହି ଯାତ୍ରା ୫ବର୍ଷ ତଳେ ଏକ ସରଳ ବିଶ୍ୱାସରୁ ଆରମ୍ଭ ହୋଇଥିଲା ଯେ ଦେଶବ୍ୟାପୀ ଲକ୍ଷ ଲକ୍ଷ ମହିଳାଙ୍କ ମନରେ ଶକ୍ତିଶାଳୀ ବ୍ୟବସାୟ ଯୋଜନା ରହିଛି ଏବଂ ସେମାନେ ଏହାକୁ ବାସ୍ତବରେ ରୂପାୟିତ କରିବା ପାଇଁ ଏକ ପ୍ଲାଟଫର୍ମ ଏବଂ ସହାୟତା ଆବଶ୍ୟକ କରୁଛନ୍ତି। ଯାହାକି ଏକ ଜାତୀୟସ୍ତରର ପ୍ରତିଯୋଗିତା ଭାବରେ ଆରମ୍ଭ କରାଯାଇଥିଲା ବୃଦ୍ଧି ପାଇ ହର୍ ଷ୍ଟୋର୍ ପରି ପ୍ରୟାସ ତଥା ଏବେ ହର୍ ଷ୍ଟାର୍ଟ ଅପ୍ ସୋ'ର ସିଜନ୍ ୨ ସହିତ ଏକ ବଳିଷ୍ଠଇକୋସିଷ୍ଟମରେପରିଣତହୋଇଛି।

**Classified Everyday**
**0674-2580101, 9692975378**




**REAL ESTATE**
**SALE**

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ୍ ବିକ୍ରିହେବ। 9114705579. D-76258

**Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call- 9861642492.** D-200

ଭୁବନେଶ୍ୱର- ପିପିଲି **Toll Gate Puri road** ନିକଟରେ **Gharabari Plot** ଏବଂ ନଖରାରେ **3/4 BHK Duplex** ବିକ୍ରିହେବ। **8327785834.** D-76261

**Duplex sale with gated society AIIMS Hospital, Bhubaneswar. 8455909543, 7735579312.** D-76262





For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377

**700sqft Hall available in Uttara Chhak Main road. Contact: 9692671608.** D-305

**1000 sqft Hall available in Lewis Main Road. Contact: 9692671608.** D-302

**3BHK flat available for rent in Gudiapokhari near Krupajal College. Contact: 9692671608.** D-304




Full body massage by experience therapist with homely atmosphere. 9114559860. D-275

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

I, Kirti Pandey Mishra, W/o- Pradipta Kumar Mishra residence of Kalika Devi Sahi, Bhandari Lane, Puri-752001, P.S.- Town PS, Odisha declare by this affidavit No.- 2512 dated- 25.04.2025 that now onwards I shall be known as Kirti Pandey for all purposes. D-312

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Notary Public, Paralakhemundi, Gajapati, Odisha, dated 26 April 2025. I, Gulibindal Ranjit Kumar, S/o- Gulibindala Chiranjeebulu, Village- Radhu, P.O.- Derigam, District.- Rayagada, Odisha, PIN- 765024 declare that my original name is Gulibindal Ranjit Kumar. It has recorded in my Aadhaar card No.-xxxx xxx 0374 and Pan card, but in my HSC Pass Board Certificate my surname has been recorded as Gulibindala instead of Gulibindal.Henceforth, I will be known and continue by my surname as Gulibindal Ranjit Kumar for all purposes. D-313

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**ମନେ ପଡ଼ନ୍ତି**

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ଡମଞ୍ଜୁଳା ମହାନ୍ତି**


ବୈଶାଖ ଶୁକ୍ଳପକ୍ଷ ପ୍ରତିପଦା

ଚାହୁଁ ଚାହୁଁ ଚାରିବର୍ଷ ବିତିଗଲା, ସବୁ ସମୟରେ ତୁମର ଅନୁପସ୍ଥିତି ଆମ୍ଭେମାନେ ଅନୁଭବ କରୁଅଛୁ। ଆମର ପ୍ରାର୍ଥନା ପରମେଶ୍ୱରଙ୍କ ନିକଟରେ ତୁମେ ଶାନ୍ତିରେ ଥାଅ। ତୁମର ସ୍ନେହ, ଶ୍ରଦ୍ଧା, ଆନ୍ତରିକତା ଓ ଆଶୀର୍ବାଦ ଆମର କାମନା।

ଶୋକସନ୍ତପ୍ତ:- ନନା, ନୂଆବୋଉ, ଅପା, ଭାଇ, ଅଞ୍ଜୁ, ଶୋଭନ, ରମା, ସଞ୍ଜୁ, ତପୁ, ଟିଟି, ପାପୁ, ତୁତୁଲୁ, ଆନିଆ

ଧ-୨୯୫

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଡପ୍ରହ୍ଲାଦ ଦାଶ**

ଅରୁଆ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା
ଆବିର୍ଭାବ-୧୦।୧୨।୧୯୨୨
ତିରୋଧାନ- ୧୭।୦୪।୨୦୨୫

ଅମର ଆତ୍ମାର ସଦ୍‌ଗତି ପାଇଁ ବାସୁଦେବଙ୍କୁ ବିନମ୍ର ପ୍ରାର୍ଥନା।


-:ଶୋକସନ୍ତପ୍ତ:-
ସ୍ତ୍ରୀ, ପୁତ୍ର, ବୋହୂ, ଝିଅ, ଜ୍ୱାଇଁ, ନାତି ନାତୁଣୀ ଏବଂ ବନ୍ଧୁ ଆତ୍ମୀୟସ୍ୱଜନ।


ଧ-୨୯୪

# ସୁସ୍ଥ ହୃତ୍‌ପିଣ୍ଡ ଅନ୍ତରାଳେ...


ଡା. ରାମଚନ୍ଦ୍ର ରାଉତ

''ହୃଦ୍‌ଘାତ ବା ହାର୍ଟ ଆଟାକ୍ ଯାହାକୁ 'Acute Myocardial Ischemia (AME) କୁହାଯାଏ, ତାହା ହୃଦ୍‌ଯନ୍ତ୍ରର ମାଂସପେଶୀକୁ ରକ୍ତ ସଞ୍ଚାଳନ ବନ୍ଦ ହେବା ଦ୍ୱାରା ହୋଇଥାଏ। ହୃଦ୍‌ଯନ୍ତ୍ରରୁ ମାଂସପେଶୀକୁ ରକ୍ତ ଯୋଗାଉଥିବା ଦୁଇଟି ମୁଖ୍ୟ ଧମନୀ ଓ ଏହାର ଶାଖା ଏହିପରି ପାଞ୍ଚଗୋଟି ଧମନୀରୁ ଏକ ବା ଏକାଧିକ ଅବରୋଧ (blockage) ସୃଷ୍ଟି ହେଲେ ହୃଦ୍‌ଘାତ ହୋଇଥାଏ। ଏହା ବାମ ମୁଖ୍ୟ କରୋନାରୀ ଧମନୀରେ ଅଧିକ ପରିଲକ୍ଷିତ ହୋଇଥାଏ।''





ମନୁଷ୍ୟ ଶରୀରରେ ମସ୍ତିଷ୍କ ପରେ ହୃତ୍‌ପିଣ୍ଡ ବା ହାର୍ଟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। କହିବାକୁ ଗଲେ ହୃଦ୍‌ଯନ୍ତ୍ର ଦ୍ୱାରା ମସ୍ତିଷ୍କକୁ ରକ୍ତ ସଞ୍ଚାଳନ ନ ହେଲେ କେବଳ ମସ୍ତିଷ୍କକୁ କ'ଣ, ଶରୀରର କୌଣସି ଅଙ୍ଗ କାର୍ଯ୍ୟକ୍ଷମ ହୋଇପାରିବ ନାହିଁ। ମାତ୍ର ୩୦୦–୪୦୦ ଗ୍ରାମ୍ ଓଜନ ବିଶିଷ୍ଟ ତିନିଗୋଟି ସ୍ତରର ଗୋଟିଏ ଛୋଟିଆ ରକ୍ତ ସଞ୍ଚାଳନ ପମ୍ପ ରୂପେ କମ୍ପନ କରୁଥିବା ହୃଦ୍‌ଯନ୍ତ୍ରଟି ଗର୍ଭସଞ୍ଚରଣର ମାତ୍ର ୪–୫ ସପ୍ତାହରୁ ନିରବଚ୍ଛିନ ଭାବେ ମଣିଷ ବଞ୍ଚିଥିବା ଯାଏ କାର୍ଯ୍ୟ କରୁଥାଏ। ପ୍ରକାରାନ୍ତେ ହୃଦ୍‌ଯନ୍ତ୍ର ବନ୍ଦ ହେଲେ ଲୋକଟି ମୃତ୍ୟୁମୁଖରେ ପଡ଼ିଥାଏ ଏବଂ ମୃତ୍ୟୁ ହେଲେ ହୃଦ୍‌ଯନ୍ତ୍ରଟି ବନ୍ଦ ହୋଇଯାଏ। ମାତ୍ର ୧୨ ସେମି ଲମ୍ବ, ୮.୫ ସେମି ଓସାର ଓ ୬ ସେମି ମୋଟା ବିଶିଷ୍ଟ ହୃଦ୍‌ଯନ୍ତ୍ର ପ୍ରତି ମିନିଟ୍‌ରେ ହାରାହାରି ୭୨ ଥର (୬୦–୮୦), ପ୍ରତି ଘଣ୍ଟାରେ ୪୩୨୦ଥର, ଗୋଟିଏ ଦିନରେ ଲକ୍ଷେ ଚାରିହଜାର ଥର ସ୍ପନ୍ଦିତ (ସଙ୍କୁଚିତ ଓ ପ୍ରସାରିତ) ହୋଇଥାଏ। ଏହାଦ୍ୱାରା ଶରୀରର ସମସ୍ତ ଅଙ୍ଗକୁ ରକ୍ତ ସଞ୍ଚାଳନ ହୋଇଥାଏ। ଗୋଟିଏ ହୃଦ୍‌ଯନ୍ତ୍ର କାର୍ଯ୍ୟ ଅର୍ଥାତ୍ ପ୍ରତ୍ୟେକ ସ୍ପନ୍ଦନ ପାଇଁ ଏହା ୦.୮ ସେକେଣ୍ଡ ନେଇଥାଏ ଓ ସଙ୍କୋଚନ ପାଇଁ ଯେତିକି ସମୟ ନିଏ, ପ୍ରସାରଣ ପାଇଁ ତା'ଠାରୁ ଅଢ଼େଇ ଗୁଣ ସମୟ ନେଇଥାଏ। ଅର୍ଥାତ୍ ହୃଦ୍‌ଯନ୍ତ୍ର ଯେତିକି ସମୟ ସଙ୍କୁଚିତ ହୁଏ ତା' ତୁଳନାରେ ଅଢ଼େଇରୁ ୩ ଗୁଣ (ପ୍ରସାରିତ) ବିଶ୍ରାମ ନେଇଥାଏ। ତେଣୁ ଏହା ଉପରେ କାର୍ଯ୍ୟଭାର କିଛି ମାତ୍ରାରେ କମ୍ ହୋଇଥାଏ। ସାଧାରଣତଃ ହୃଦ୍‌ଯନ୍ତ୍ରର ତିନିଗୋଟି ଆବରଣ ମଧ୍ୟରୁ ମାଂସପେଶୀୟ ଆବରଣ ବା ମାୟୋକାର୍ଡିୟମ୍ ଏହି କାର୍ଯ୍ୟ କରିଥାଏ।

ହୃଦ୍‌ଯନ୍ତ୍ରର ସଙ୍କୋଚନ ସମୟରେ ହେଉଥିବା ବଳ ଦ୍ୱାରା ରକ୍ତ ସଞ୍ଚାରଣ ହୋଇଥାଏ ଏବଂ ଏହା ଧମନୀରେ ରକ୍ତଚାପ ସୃଷ୍ଟି କରିଥାଏ, ଯାହା ସାଧାରଣତଃ ୧୨୦ ମିମି ପାରଦର ଚାପ ସହ ସମାନ। ସେହିପରି ଡାଇଷ୍ଟୋଲ୍ ସମୟରେ ରକ୍ତଚାପ ସାଧାରଣତଃ ୮୦ ମିମି ପାରଦ ହୋଇଥାଏ। ଏହି ସମୟରେ ପଲ୍‌ସ ପ୍ରେସର (ନାଡ଼ି ଚାପ) ଏହି ଦୁଇ ଚାପର ତଫାତ ଅର୍ଥାତ୍ ୪୦ ମିମି ପାରଦ ହୋଇଥାଏ। ରକ୍ତଚାପ ବୃଦ୍ଧି ହେଲେ ଏହା ମଧ୍ୟ ଅସୁବିଧା ହୋଇଥାଏ। ମାତ୍ର ଉଚ୍ଚ ରକ୍ତଚାପ ଏକ ବହୁଳ ପରିଲକ୍ଷିତ ଓ ପ୍ରାୟତଃ କାରଣ ଜଣା ନ ପଡ଼ିବା ଏକ ରୋଗ, ଯାହାକି ମେଦବହୁଳତା, ଶାରୀରିକ ପରିଶ୍ରମର ଅଭାବ, ଆପେକ୍ଷିକ ଲବଣ, ଧୂମପାନ, ମାନସିକ ଚାପ, ବିଷାଦ ଓ ଆହୁରି ଅନେକ କାରଣରୁ ହୋଇଥାଏ ବୋଲି ଅନୁମାନ କରାଯାଉଛି। ଉଚ୍ଚ ରକ୍ତଚାପ ଥରେ ଜଣାପଡ଼ିଲେ ଏହା ପାଇଁ ନିୟମିତ ଔଷଧ ସେବନ ଓ ଡାକ୍ତରୀ ପରାମର୍ଶର ଆବଶ୍ୟକତା ପଡ଼ିଥାଏ।

ଏତଦ୍‌ବ୍ୟତୀତ ହୃଦ୍‌ଘାତ ବା ହାର୍ଟ ଆଟାକ୍ ଯାହାକୁ 'Acute Myocardial Ischemia (AME) କୁହାଯାଏ, ତାହା ହୃଦ୍‌ଯନ୍ତ୍ରର ମାଂସପେଶୀକୁ ରକ୍ତ ସଞ୍ଚାଳନ ବନ୍ଦ ହେବା ଦ୍ୱାରା ହୋଇଥାଏ। ହୃଦ୍‌ଯନ୍ତ୍ରରୁ ମାଂସପେଶୀକୁ ରକ୍ତ ଯୋଗାଉଥିବା ଦୁଇଟି ମୁଖ୍ୟ ଧମନୀ ଓ ଏହାର ଶାଖା ଏହିପରି ପାଞ୍ଚଗୋଟି ଧମନୀରୁ ଏକ ବା ଏକାଧିକ ଅବରୋଧ (blockage) ସୃଷ୍ଟି ହେଲେ ହୃଦ୍‌ଘାତ ହୋଇଥାଏ। ଏହା ବାମ ମୁଖ୍ୟ କରୋନାରୀ ଧମନୀରେ ଅଧିକ ପରିଲକ୍ଷିତ ହୋଇଥାଏ।

ହୃଦ୍‌ଯନ୍ତ୍ରକୁ ରକ୍ତ ସଞ୍ଚାରଣ କରାଉଥିବା ଧମନୀଗୁଡ଼ିକୁ କରୋନାରୀ ଧମନୀ କୁହାଯାଇଥାଏ। କାରଣ ଏହା ହୃଦ୍‌ଯନ୍ତ୍ରର ମୁକୁଟ ପରି ପ୍ରତୀୟମାନ ହୁଅନ୍ତି। ଧମନୀରେ କୋଲେଷ୍ଟରଲ, ଆଥେରୋମା ଇତ୍ୟାଦି ଜମି ରକ୍ତ ସଞ୍ଚାଳନର ବାଟ ବନ୍ଦ କରିଥାଏ। ଏଥିପାଇଁ ସ୍ଥଳବିଶେଷରେ ଷ୍ଟେଣ୍ଟ, ବାଇପାସ୍ ସର୍ଜରି ଇତ୍ୟାଦି କରାଯାଇଥାଏ। ରକ୍ତ ଜମାଟ ଓ ଚର୍ବିଜାତୀୟ ଉପାଦାନ ହ୍ରାସ ପାଇଁ ଔଷଧ ଦିଆଯାଇଥାଏ। ଏବେ ବିନା ଅପରେଶନରେ ମଧ୍ୟ ହାର୍ଟ ବ୍ଲକେଜର ଚିକିତ୍ସା କରାଯାଇପାରୁଛି।

ଆମ ଶରୀରରେ ରକ୍ତ ସଞ୍ଚାଳନ ଏହିପରି ହୋଇଥାଏ। ପ୍ରଥମେ ଶରୀରର ସମସ୍ତ ଅଙ୍ଗ ଓ ଅଂଶରୁ ଦୂଷିତ ରକ୍ତ ସଂଗ୍ରହ ହୋଇ ଊର୍ଦ୍ଧ୍ୱ ଓ ଅଧ ଭେନା(vena) କାଭା(cava) ଦ୍ୱାରା ଦକ୍ଷିଣ ଅଳିନ୍ଦକୁ ଆସି ଦକ୍ଷିଣ ନିଳୟ ଦେଇ ଅଙ୍ଗାରକାମ୍ଳରହିତ ଓ ଅମ୍ଳଜାନଯୁକ୍ତ ହୋଇ ପରିଷ୍କାର ରକ୍ତ ହେବା ପାଇଁ ଫୁସ୍‌ଫୁସ୍‌କୁ ଯାଏ। ସେଠାରୁ ଏହା ଫୁସ୍‌ଫୁସ୍ ଶିରା ଦେଇ ବାମ ଅଳିନ୍ଦ ଓ ନିଳୟ ମଧ୍ୟ ଦେଇ ଧମନୀ ଦ୍ୱାରା ଶରୀରର ସମସ୍ତ ଅଙ୍ଗକୁ ଯାଇଥାଏ। ଏହି ପ୍ରକ୍ରିୟା ନିରନ୍ତର ଚାଲିଥାଏ। ସାଧାରଣତଃ ହୃତ୍‌ପିଣ୍ଡର ଚାରିଗୋଟି କୋଠରି ମଧ୍ୟରୁ କେବଳ ଗୋଟିଏ ପଟ ଉପର କୋଠରିରୁ ତଳ କୋଠରିକୁ ବାଟ ଥାଏ। ବାମରୁ ଦକ୍ଷିଣ କିମ୍ବା ଦକ୍ଷିଣରୁ ବାମକୁ ବାଟ ନ ଥାଏ। ଏହା ସେପ୍ଟମ ଦ୍ୱାରା ବନ୍ଦ ହୋଇଥାଏ।

ବହୁତ ସମୟରେ ଏପରି ହୋଇଥାଏ ଯେ ଆମେ କେବଳ ରୋଗ ପାଇଁ ଔଷଧ ଖାଇଥାଉ। ମାତ୍ର ରୋଗ କାହିଁକି ହେଉଛି, କିପରି ନ ହେବ ସେଥିପାଇଁ ଚିନ୍ତା କରି ନ ଥାଉ। ହୃଦ୍‌ରୋଗ ଜନ୍ମସମୟର ଅପରିପକ୍ୱ ଗଠନ ଯୋଗୁ ଶିଶୁମାନଙ୍କଠାରେ ହୋଇଥାଏ। ମାତ୍ର ଏହା ଏବେ ଅପରେଶନ ଦ୍ୱାରା ସଜଡ଼ା ଯାଇପାରୁଛି। ଅନେକ ସ୍ଥାନରେ ତାହା ସମ୍ପୂର୍ଣ୍ଣ ମାଗଣାରେ କରାଯାଉଛି। ସେହିପରି ଗଳା ସଂକ୍ରମଣ ଓ ଗଣ୍ଠି ସଂକ୍ରମଣ ପରବର୍ତ୍ତୀ ସମୟରେ ହାର୍ଟର କପାଟିକା(ଭାଲ୍‌ଭ)ଗୁଡ଼ିକ ନଷ୍ଟ ହୋଇ ଆର୍‌ଏଚ୍‌ଡି ବା କପାଟିକାଜନିତ ରୋଗ ହୋଇଥାଏ। ଏହାର ଚିକିତ୍ସା ଦୀର୍ଘଦିନ ଧରି ଔଷଧ ଦ୍ୱାରା ହୋଇଥାଏ ଓ ସ୍ଥଳବିଶେଷରେ ଅପରେଶନ କରାଯାଏ।

ସବୁଠାରୁ ଅଧିକ ସଂଖ୍ୟାରେ ହେଉଥିବା ହୃଦ୍‌ରୋଗ ହେଲା ହାର୍ଟ ଆଟାକ, ଯାହା କରୋନାରୀ ଧମନୀରେ ରକ୍ତ ସଞ୍ଚାଳନରେ ବାଧା ଯୋଗୁ ହୋଇଥାଏ। ବର୍ତ୍ତମାନ ଏହାର ସମ୍ପୂର୍ଣ୍ଣ ଓ ଫଳପ୍ରଦ ଚିକିତ୍ସା କରାଯାଇପାରୁଛି। ପୁରୁଷମାନଙ୍କ କ୍ଷେତ୍ରରେ ହୃଦ୍‌ଘାତର ଲକ୍ଷଣ ମୁଖ୍ୟତଃ ଛାତିରେ ଯନ୍ତ୍ରଣା ହେଉଥିବା ବେଳେ ମହିଳାମାନଙ୍କ କ୍ଷେତ୍ରରେ ଏହା ବାନ୍ତି ଲାଗିବା, ବଦହଜମି ଲାଗିବା, କାନ୍ଧରେ କଷ୍ଟ ଲାଗିବା ପରି ହୋଇଥାଏ। ଡାଇବେଟିସ ରୋଗୀଙ୍କ କ୍ଷେତ୍ରରେ ବେଳେବେଳେ ଏହି ଯନ୍ତ୍ରଣା ସହଜରେ ଜଣାପଡ଼ି ନ ଥାଏ। ତେବେ ଆମ୍ଭେମାନେ ଚାହିଁଲେ ହୃଦ୍‌ରୋଗକୁ କମାଇ ପାରିବା ଏବଂ ହୃଦ୍‌ରୋଗଜନିତ ମୃତ୍ୟୁରୁ ରକ୍ଷା ପାଇପାରିବା।

ନିୟମିତ ବ୍ୟାୟାମ, ସନ୍ତୁଳିତ ଖାଦ୍ୟ, ଓଜନ ହ୍ରାସ, ଚର୍ବି ହ୍ରାସ, ରକ୍ତଚାପ ନିୟନ୍ତ୍ରଣ, ରକ୍ତରେ ଶର୍କରା ନିୟନ୍ତ୍ରଣ, କମ୍ ଲୁଣ, କମ୍ ଚିନି, ଅଧିକ ତନ୍ତୁଜାତୀୟ ଓ ଫଳ ପନିପରିବାଯୁକ୍ତ ଖାଦ୍ୟ, ସୁସ୍ଥ ମନ, ସୁସ୍ଥ ଚିନ୍ତାଧାରା, ମାନସିକ ଚାପ ହ୍ରାସ ଓ ଆହୁରି ଅନେକ ଏହିପରି କାର୍ଯ୍ୟବିଧି ହୃଦ୍‌ଘାତର ଆଶଙ୍କା କମାଇ ଦେଇଥାଏ।

– ବରିଷ୍ଠ ଚିକିତ୍ସକ, ଭୁବନେଶ୍ୱର
ମୋ : ୯୪୩୭୭୪୨୪୯୯

## ଆଲର୍ଜିରୁ ମିଳିବ ଉପଶମ...



ଆପଣ ଆଲର୍ଜିଜନିତ ସମସ୍ୟାକୁ ନେଇ ଚିନ୍ତିତ କି? ଯଦି ହଁ, ତେବେ ଏଥିରୁ କେତେକାଂଶରେ ଉପଶମ ପାଇବାର ସହଜ ଉପାୟ ଆମର ହାତ ପାଆନ୍ତାରେ ରହିଛି। ଯଦି ଜଣେ ବ୍ୟକ୍ତି ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନ୍ 'ଇ'ଯୁକ୍ତ ଖାଦ୍ୟ ସାମିଲ କରନ୍ତି, ତେବେ ସେ ଏଥିରୁ କେତେକାଂଶରେ ଉପଶମ ପାଇପାରିବେ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ମତ ଦେଇଛନ୍ତି। ଏହି ଭିଟାମିନ୍ ଆମ ଶରୀର ପାଇଁ ବେଶ୍ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। କେବଳ ସେତିକି ନୁହେଁ, ଏପରି ଖାଦ୍ୟ ଖାଇବା ଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଭିଟାମିନ୍ 'ଇ' ଯୁକ୍ତ ଖାଦ୍ୟ ଚର୍ବିରେ ମିଶିଲେ ତାହା ଆଣ୍ଟିଅକ୍ସିଡାଣ୍ଟ ପରି କାମ କରେ। ଏହା ଶରୀରରେ କୋଲେଷ୍ଟରଲ୍‌ର ପରିମାଣକୁ ସନ୍ତୁଳିତ ଅବସ୍ଥାରେ ରଖିଥାଏ। ଗଜାମୁଗ, ଗଜାବୁଟ, ସୂର୍ଯ୍ୟମୁଖୀ ତେଲ, ପାଳଙ୍ଗ ଶାଗ ଚିନାବାଦାମ ଆଦିରେ ଭିଟାମିନ୍ 'ଇ' ପ୍ରଚୁର ମାତ୍ରାରେ ଭରି ରହିଛି।

## ଡିପ୍ରେସନ୍ ଦୂର କରେ ଉତ୍ତମ ଖାଦ୍ୟ



ଶରୀରକୁ ସୁସ୍ଥ ଓ ମଜଭୁତ୍ ରଖିବାରେ ଉତ୍ତମ ଖାଦ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆମେ କେତେ ରୋଗମୁକ୍ତ ଓ ସୁସ୍ଥ ଜୀବନ ଜିଉଛେ, ତାହା ଆମ ଖାଦ୍ୟ ଉପରେ ନିର୍ଭର କରେ। ହେଲେ, ଏବେ ଅନେକେ ଖାଇବାରେ ସନ୍ତୁଳନ ନ ରଖିବାରୁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ନିକଟରେ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ବିଷୟକୁ ନେଇ ସର୍ଭେ କରିଥିଲେ। ଉକ୍ତ ସର୍ଭେର ଶୀର୍ଷକ ଥିଲା 'ଉତ୍ତମ ଖାଦ୍ୟ ଓ ଡିପ୍ରେସନ'। କିଛି ମାସ ଧରି ଏହା ଉପରେ ସର୍ଭେ କରି ସେମାନେ ଏକ ସିଦ୍ଧାନ୍ତରେ ଉପନୀତ ହୋଇଥିଲେ। ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଯଦି ଜଣେ ବ୍ୟକ୍ତି ନିୟମିତ ଉତ୍ତମ ତଥା ଭିଟାମିନଯୁକ୍ତ ଖାଦ୍ୟ ଖାଆନ୍ତି, ତେବେ ସେ ନିଜକୁ ଡିପ୍ରେସନ୍‌ରୁ କେତେକାଂଶରେ ଦୂରେଇ ରଖିପାରିବେ। ବେଳେବେଳେ କେତେକେ ଡିପ୍ରେସନ୍‌ରେ ରହିବା ଯୋଗୁ ଅଧିକ ଖାଦ୍ୟ ଖାଇଥାନ୍ତି। ଏହାଫଳରେ ପରବର୍ତ୍ତୀ ସମୟରେ ସେମାନେ ମେଦ ବହୁଳତାର ଶିକାର ହୋଇଥାନ୍ତି। ତେଣୁ ଆମକୁ ପ୍ରତିଦିନ ସନ୍ତୁଳିତ ଖାଦ୍ୟ ଠିକ୍ ପରିମାଣରେ ଖାଇବା ନିହାତି ଜରୁରୀ। ଗାଜର, ମୂଳା, କଖାରୁ, ପାଳଙ୍ଗ ଶାଗ, ଚିନାବାଦାମ, ଟମାଟୋ, କମଳା ଆଦି ଖାଦ୍ୟ ଶରୀର ପାଇଁ ବେଶ୍ ଉପଯୋଗୀ, ଯାହାକୁ ପ୍ରତିଦିନ ଆମେ ଆମ ଖାଦ୍ୟରେ ସାମିଲ୍ କରିପାରିବା। ଏହାବ୍ୟତୀତ ନିଜକୁ ଡିପ୍ରେସନ୍‌ରୁ ଦୂରେଇ ରଖିବା ପାଇଁ ନିଜର ମାନସିକତାକୁ ସକାରାତ୍ମକ ରଖନ୍ତୁ।

## ସୁସ୍ଥ ରହିବ କିଡ୍‌ନୀ



ଆମ ଶରୀରର ଏକ ମୁଖ୍ୟ ଓ ଦରକାରୀ ଅଙ୍ଗ ହେଉଛି କିଡ୍‌ନୀ। ଶରୀରରେ ପ୍ରବାହିତ ହେଉଥିବା ରକ୍ତକୁ ଏହା ବିଶୋଧନ କରି ଅଦରକାରୀ ତତ୍ତ୍ୱକୁ ନିଷ୍କାସନ କରିଥାଏ। କିଡ୍‌ନୀ କାର୍ଯ୍ୟ ବାଧାପ୍ରାପ୍ତ ହେଲେ ହାତଗୋଡ଼ ଫୁଲିଯାଏ। ଶରୀରର ଯୋଡ଼ା ଅଂଶଗୁଡ଼ିକରେ ଦରଜ ଅନୁଭୂତ ହୁଏ। ରକ୍ତଚାପ ଅସନ୍ତୁଳିତ ରହେ। ଦୁର୍ବଳ ଲାଗେ। ବାନ୍ତି ଉଠାଏ ଆଉ ବେଳେବେଳେ ହୁଏ ମଧ୍ୟ। ନିଃଶ୍ୱାସପ୍ରଶ୍ୱାସ ନେବାରେ ବି ବାଧା ଉପୁଜେ, ଫଳରେ ଶ୍ୱାସକ୍ରିୟାଜନିତ ଅନେକ ରୋଗ ଶରୀରରେ ଦେଖାଦିଏ। ତେଣୁ କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ ପ୍ରଚୁର ପରିମାଣର ପାଣି ପିଅନ୍ତୁ। କିଡ୍‌ନୀଜନିତ ରୋଗ ଦେଖାଗଲେ ଶରୀରରେ ୟୁରିଆ ତତ୍ତ୍ୱ ବଢ଼ିଯାଏ। ସେଥିପାଇଁ ଆପଣ ଏହାକୁ ସନ୍ତୁଳିତ ରଖିବା ପାଇଁ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ। ଦୈନିକ ୫ଗ୍ରାମ୍ ଲୁଣ ମଧ୍ୟ ଖାଆନ୍ତୁ। ଯଦି ଆପଣ ନିଶାଦ୍ରବ୍ୟ ସେବନ କରୁଛନ୍ତି, ତେବେ ଏହାକୁ ତୁରନ୍ତ ଛାଡ଼ନ୍ତୁ, କାରଣ ଏହା ସ୍ୱାସ୍ଥ୍ୟ ତଥା କିଡ୍‌ନୀ ପ୍ରତି ବେଶି କ୍ଷତିକାରକ। ଆଉ ମଧ୍ୟ ଆପଣ ଯଦି କୌଣସି କିଡ୍‌ନୀଜନିତ ରୋଗର ଶିକାର ହୁଅନ୍ତି, ତେବେ ଯଥାଶୀଘ୍ର ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ଉପକାରୀ ହଳଦୀ

ହଳଦୀ କେବଳ ସୌନ୍ଦର୍ଯ୍ୟ ପାଇଁ ନୁହେଁ ବରଂ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଏଥିରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଶରୀରରେ ଥଣ୍ଡା ସୃଷ୍ଟି କରୁଥିବା କୋଷଗୁଡ଼ିକୁ ଏହା ନଷ୍ଟ କରିଦିଏ। ହଳଦୀ ଶରୀରରେ ଇନ୍‌ସୁଲିନ୍ ପ୍ରତିରୋଧକୁ ବଢ଼ାଇଥାଏ। ହଳଦୀ ସମସ୍ତ ମାଂସପେଶୀକୁ ଶକ୍ତ ରଖେ। ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହା ଆମ ମସ୍ତିଷ୍କର କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରାଇଥାଏ। ଏହା ରକ୍ତ ଚାପକୁ କମାଇବା ସହ ଶରୀରରେ ରକ୍ତ ସଞ୍ଚାଳନ ଠିକ ଭାବେ କରିଥାଏ।



## ସ୍ୱାସ୍ଥ୍ୟ ସୂଚନା

➤ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ୍ୟ ବ୍ରେକ୍‌ଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟ ତାଲିକାରେ ତଟକା ଫଳମୂଳ ସହ ଏଥିରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ, ଯାହା ଶରୀର ପାଇଁ ବେଶ୍ ଉପକାରୀ।

➤ଦୈନନ୍ଦିନ ଖାଦ୍ୟ ତାଲିକାରେ ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବା ସାମିଲ କରନ୍ତୁ। ଏହା ଶରୀରକୁ ଆବଶ୍ୟକ ମୁତାବକ ଶକ୍ତି ଯୋଗାଇଥାଏ।



➤କିଛି ବ୍ୟକ୍ତିଙ୍କର ବିଳମ୍ବିତ ରାତିରେ ଖାଦ୍ୟ ଖାଇବାର ଅଭ୍ୟାସ ରହିଛି। ଏହି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ ଏବଂ ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ।

➤ପ୍ରତିଦିନ ଶିଡ଼ି ଚଢ଼ିବା ଏକ ଭଲ ବ୍ୟାୟାମ। ହେଲେ, ଆପଣଙ୍କର ଯଦି କିଛି ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି, ତେବେ ଶିଡ଼ି ଯେତେ କମ୍ ଚଢ଼ିବେ ତାହା ସେତେ ଭଲ।

➤ଅଧିକ ଲୁଣ ଓ ଚିନିଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।

➤ଖାଇବା ସମୟରେ କେବେ ବି ପାଣି ପିଅନ୍ତୁ ନାହିଁ। କାରଣ ଏହା ପାଚନ କ୍ରିୟାକୁ ପ୍ରଭାବିତ କରିଥାଏ। ଖାଇବାର ଅଧ ଘଣ୍ଟାଏରୁ ଘଣ୍ଟାଏ ପରେ ପାଣି ପିଅନ୍ତୁ।

# ଆବେଲ ପୁରସ୍କାର-୨୦୨୫

''ଚଳିତ ବର୍ଷ ପାଇଁ ଜାପାନର ୭୮ ବର୍ଷ ବୟସ୍କ ଗଣିତଜ୍ଞ ମାସାକି କାଶିୱାରାଙ୍କୁ ଆବେଲ ପୁରସ୍କାର ପ୍ରଦାନ କରିବା ପାଇଁ ନରୱେ ବିଜ୍ଞାନ ଓ କଳା ଏକାଡେମୀ ଘୋଷଣା କରିଛି। ବୀଜଗାଣିତିକ ବିଶ୍ଳେଷଣ ଓ ପ୍ରତିନିଧିତ୍ୱ ତତ୍ତ୍ୱରେ ଏବଂ ବିଶେଷ ଭାବେ ଡି-ମଡ୍ୟୁଲର ବିକାଶ ଓ କ୍ରିଷ୍ଟାଲ ଆଧାର ଆବିଷ୍କାରରେ ତାଙ୍କର ମୌଳିକ ଅବଦାନ ପାଇଁ ତାଙ୍କୁ ଏହି ବର୍ଷର ଆବେଲ ପୁରସ୍କାର ପ୍ରଦାନ ପାଇଁ ମନୋନୀତ କରାଯାଇଛି।''


ଇଂ. ମାୟାଧର ସ୍ୱାଇଁ





ମାସାକି କାଶିୱାରା

ଆବେଲ ପୁରସ୍କାର ହେଉଛି ଗଣିତ ପାଇଁ ପ୍ରଦାନ କରାଯାଉଥିବା ଗୋଟିଏ ଉଲ୍ଲେଖନୀୟ ପୁରସ୍କାର। ଗଣିତ କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ଜଣେ ଗଣିତଜ୍ଞଙ୍କୁ ଏହା ପ୍ରଦାନ କରାଯାଇଥାଏ। ନରୱେର ବିଶିଷ୍ଟ ଗଣିତଜ୍ଞ ନିଲ୍‌ସ ହେନ୍‌ରିକ ଆବେଲ (୧୮୦୨–୧୮୨୯)ଙ୍କ ନାମାନୁସାରେ ନରୱେ ସରକାର ଏହାକୁ ୨୦୦୨ ମସିହାରେ ପ୍ରତିଷ୍ଠା କରିଛନ୍ତି। ପଞ୍ଚଘାତୀ ସମୀକରଣ ସମାଧାନ ସମ୍ଭବ ନୁହେଁ ବୋଲି ସେ ପ୍ରଥମେ ପ୍ରମାଣ କରିଥିଲେ। ମାତ୍ର ୨୭ ବର୍ଷର ସ୍ୱଳ୍ପ ଜୀବନକାଳ ମଧ୍ୟରେ ସେ ଇଲିପ୍‌ଟିକ ଫଳନ ଓ ଆବେଲୀୟ ଫଳନ ଉପରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିଲେ।

ଆବେଲ ପୁରସ୍କାରକୁ ନୋବେଲ ପୁରସ୍କାରର ସମସ୍କନ୍ଧ ଭାବରେ ବିଚାର କରାଯାଏ। ସୂଚନାଯୋଗ୍ୟ ଯେ, ଗଣିତକୁ ସମସ୍ତ ବିଜ୍ଞାନର ରାଣୀ କୁହାଯାଉଥିଲେ ସୁଦ୍ଧା ନୋବେଲ ପୁରସ୍କାରରେ ମଧ୍ୟ ଗଣିତକୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ଆବେଲ ପୁରସ୍କାରରେ ୭୫ ଲକ୍ଷ କ୍ରୋନର (୭୨୦୦୦୦ ଆମେରିକୀୟ ଡଲାର) ପ୍ରଦାନ କରାଯାଏ। ପୁରସ୍କାର ଚୟନ ପାଇଁ ଗଣିତଜ୍ଞଙ୍କର ଦେଶ, ବୟସ କିମ୍ବା ଅଧ୍ୟୟନ କ୍ଷେତ୍ରକୁ ବିଚାର କରାଯାଏ ନାହିଁ। ଗଣିତର ଯେ କୌଣସି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଏ। ବର୍ଷକୁ ଅତି ବେଶୀରେ ତିନି ଜଣ ଗଣିତଜ୍ଞଙ୍କୁ ଏହି ପୁରସ୍କାର ଦିଆଯାଏ। ୨୦୦୩ରୁ ଏପର୍ଯ୍ୟନ୍ତ ୨୮ ଜଣ ଗଣିତଜ୍ଞଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି।

ଚଳିତ ବର୍ଷ ପାଇଁ ଜାପାନର ୭୮ ବର୍ଷ ବୟସ୍କ ଗଣିତଜ୍ଞ ମାସାକି କାଶିୱାରାଙ୍କୁ ଆବେଲ ପୁରସ୍କାର ପ୍ରଦାନ କରିବା ପାଇଁ ନରୱେ ବିଜ୍ଞାନ ଓ କଳା ଏକାଡେମୀ ଘୋଷଣା କରିଛି। ବୀଜଗାଣିତିକ ବିଶ୍ଳେଷଣ ଓ ପ୍ରତିନିଧିତ୍ୱ ତତ୍ତ୍ୱରେ ଏବଂ ବିଶେଷ ଭାବେ ଡି–ମଡ୍ୟୁଲର ବିକାଶ ଓ କ୍ରିଷ୍ଟାଲ ଆଧାର ଆବିଷ୍କାରରେ ତାଙ୍କର ମୌଳିକ ଅବଦାନ ପାଇଁ ତାଙ୍କୁ ଏହି ବର୍ଷର ଆବେଲ ପୁରସ୍କାର ପ୍ରଦାନ ପାଇଁ ମନୋନୀତ କରାଯାଇଛି।

ଆବେଲ ପୁରସ୍କାର ଘୋଷଣା ପତ୍ରରେ କୁହାଯାଇଛି, ''କାଶିୱାରା ହେଉଛନ୍ତି ଜଣେ ବିଚକ୍ଷଣ ଗଣିତଜ୍ଞ। ତାଙ୍କ ସହିତ ୭୦ରୁ ଅଧିକ ସହଯୋଗୀ କାର୍ଯ୍ୟ କରିଛନ୍ତି। ଗତ ୫୦ ବର୍ଷ ଧରି ସେ ଗଣିତରେ ପ୍ରତିନିଧିତ୍ୱ ତତ୍ତ୍ୱ ଓ ବୀଜଗାଣିତିକ ବିଶ୍ଳେଷଣରେ ଗଭୀର ଅନୁଧ୍ୟାନ କରି ଏହାକୁ ସମୃଦ୍ଧ କରିଛନ୍ତି। ସମସାମୟିକ ଗଣିତରେ ତାଙ୍କ କାର୍ଯ୍ୟ ସର୍ବଦା ସମ୍ମୁଖ ଭାଗରେ ରହିଛି ଏବଂ ଏହା ଅନେକ ପିଢ଼ିର ଗବେଷକମାନଙ୍କୁ ପ୍ରେରଣା ଦେବ।''

କାଶିୱାରା ୧୯୪୭ ମସିହା ଜାନୁୟାରୀ ୩୦ ତାରିଖରେ ଜାପାନର ୟୁକି ଠାରେ ଜନ୍ମଗ୍ରହଣ କରିଥିଲେ। ୧୯୬୯ ମସିହାରେ ସ୍ନାତକ ଓ ୧୯୭୧ରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ସେ ୧୯୭୪ରେ 'ଗାଣିତିକ ବିଜ୍ଞାନ ଗବେଷଣା ପ୍ରତିଷ୍ଠାନ'ରୁ ପିଏଚ୍‌ଡି ଡିଗ୍ରୀ ଲାଭ କରି ସେଠାରେ ୧୯୭୮ ମସିହାରେ ପ୍ରଫେସର ଓ ପରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି।

କାଶିୱାରା ଜାପାନ ଏକାଡେମୀର ସଭ୍ୟ ଏବଂ ଫରାସୀ ବିଜ୍ଞାନ ଏକାଡେମୀର ବୈଦେଶିକ ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଗଣିତରେ କୃତୀ ପାଇଁ ସେ ଅନେକ ପୁରସ୍କାର ଓ ସମ୍ମାନ ଲାଭ କରିଛନ୍ତି। ୨୦୧୯ରେ ତାଙ୍କୁ ଏସିଆର ଶ୍ରେଷ୍ଠ ଏକଶତ ବୈଜ୍ଞାନିକମାନଙ୍କ ମଧ୍ୟରେ ତାଙ୍କୁ ନିର୍ବାଚିତ କରାଯାଇଥିଲା।

ଆବେଲ ପୁରସ୍କାର ପାଇବାରେ କାଶିୱାରା ହେଉଛନ୍ତି ପ୍ରଥମ ଜାପାନ ନାଗରିକ। ତାଙ୍କୁ ଚଳିତ ବର୍ଷ ମେ' ୨୦ ତାରିଖରେ ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ।

–୭୦, ଲକ୍ଷ୍ମୀ ବିହାର, ଫେଜ୍ ୧, ଭୁବନେଶ୍ୱର–୧୮
ମୋ: ୯୪୩୮୬୯୩୭୨୪

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଏପ୍ରିଲ ୨୮/୨୦୨୫ Bhubaneswar, Monday, April 28/ 2025

# ମୁମ୍ବାଇ-ଜାମସେଦପୁର ସେମିଫାଇନାଲ



ମୁମ୍ବାଇ ସିଟି ଏଫ୍ସି ଓ ଇଣ୍ଟର କାଶୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚ। (ଫଟୋ: ବିକାଶ ନାୟକ)

**ଭୁବନେଶ୍ୱର, ୨୭।୪ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ଫାଇନାଲରେ ଜାମସେଦପୁର ଏଫ୍ସି ପେନାଲ୍ଟି ଶୁଟ୍ଆଉଟ ୫-୪ ଗୋଲରେ ନର୍ଥଇଷ୍ଟ ୟୁନାଇଟେଡକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟ ଗୋଲଶୂନ୍ୟ ରହିବାପରେ ଫଳାଫଳ ପାଇଁ ଶୁଟ୍ଆଉଟ ପଦ୍ଧତି

**କଳିଙ୍ଗ ସୁପର କପ୍ ଫୁଟବଲ**

ଅବଲମ୍ବନ କରାଯାଇଥିଲା। ଏଥିରେ ଜାମସେଦପୁର ଦଳ ୫ଟି ଗୋଲ ଦେଇଥିବାବେଳେ ନର୍ଥଇଷ୍ଟ ୪ ଗୋଲରେ ସୀମିତ ରହିଥିଲା। ଫଳରେ ନର୍ଥଇଷ୍ଟର ଅଭିଯାନ କ୍ୱାର୍ଟର ଫାଇନାଲରୁ ଶେଷ ହୋଇଛି। ଅତିଥି ତଥା ଡେପୁଟି ସେକ୍ରେଟାରି ସୌମ୍ୟ ସାର୍ଥକ ମିଶ୍ର ମ୍ୟାଚ ଆରମ୍ଭ ପୂର୍ବରୁ ଉଭୟ ଦଳର ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। କ୍ୱାର୍ଟର ଫାଇନାଲ ଶେଷ ସହ ଟୁର୍ନାମେଣ୍ଟର ସେମିଫାଇନାଲ ଲାଇନ୍ଅପ୍ ହୋଇଯାଇଛି। ୩୦ ତାରିଖ ପ୍ରଥମ ସେମିଫାଇନାଲରେ ମୋହନ ବାଗାନ ସୁପର ଜାଏଣ୍ଟକୁ ଭେଟିବ ଏଫ୍ସି ଗୋଆ। ସେହିଦିନ ଅନ୍ୟ ଏକ ସେମିଫାଇନାଲ ମୁମ୍ବାଇ ସିଟି ଏଫ୍ସି ଓ ଜାମସେଦପୁର ଏଫ୍ସି ମଧ୍ୟରେ ଅନୁଷ୍ଠିତ ହେବ। ତୃତୀୟ କ୍ୱାର୍ଟର ଫାଇନାଲରେ ମୁମ୍ବାଇ ସିଟି ଏଫ୍ସି ୧-୦ ଗୋଲରେ ଇଣ୍ଟର କାଶୀକୁ ହରାଇ ଦେଇଥିଲା। ମ୍ୟାଚର ୭୧ତମ ମିନିଟରେ ଲାଲିଆଞ୍ଜୁଆଲା ଚାଙ୍ଗ୍ଟେ ସ୍କୋର କରିଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ମ୍ୟାଚ ଆରମ୍ଭରେ ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ଶେଷରେ କ୍ରୀଡ଼ା ବିଭାଗର ଓଏସ୍ଡି ସୋନାଲି ଚାନ୍ଦ ଅତିଥିଭାବେ ଯୋଗଦେଇ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

ପୂରା ଟୁର୍ନାମେଣ୍ଟରେ ଉତ୍ସାହୀ ପ୍ରଦର୍ଶନ କରିଥିବା ଇଣ୍ଟର କାଶୀ ଏହି ମ୍ୟାଚରେ ମୁମ୍ବାଇକୁ ମଧ୍ୟ କଡ଼ା ଟକ୍କର ଦେଇଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଇଣ୍ଟର କାଶୀର ପ୍ରଦର୍ଶନ ଉତ୍ସାହୀ ରହିଥିଲା। ମାତ୍ର ଲାଲିଆଞ୍ଜୁଆଲାଙ୍କ ଗୋଲ ମ୍ୟାଚରେ ଫରକ ଆଣିଥିଲା। ବିପଜ୍ଜନକ ପ୍ରଦର୍ଶନ ପାଇଁ ୪୫+୧୨ ମିନିଟରେ ମୁମ୍ବାଇ ସିଟି ଏଫ୍ସିର ନିକୋଲାଓସ କାରେଲିସ, ୪୫+୧୪ ମିନିଟରେ ଇଣ୍ଟର କାଶୀର ମାରିଓ ବାର୍କୋ ଭିଲାର, ୭୯ତମ ମିନିଟରେ ମହମ୍ମଦ ଅସିଫ ୟେଲୋ କାର୍ଡ ପାଇଥିଲେ। ପୂରା ମ୍ୟାଚରେ ଉତ୍ତମ ପ୍ରଦର୍ଶନ ପାଇଁ ମୁମ୍ବାଇ ସିଟି ଏଫ୍ସିର ଜର୍ଜ ଓର୍ଟିଜ ମେଣ୍ଡୋଜା ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ପୂର୍ବରୁ ପ୍ରଥମ ଦୁଇ ଦଳଭାବେ ମୋହନ ବାଗାନ ସୁପର ଜାଏଣ୍ଟ ଓ ଏଫ୍ସି ଗୋଆ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରି ସାରିଥିଲେ। ଇଣ୍ଟର କାଶୀର ବିଦାୟ ସହ ଟୁର୍ନାମେଣ୍ଟରୁ ଆଇ-ଲିଗ୍ ଦଳ ଗୁଡ଼ିକର ଅଭିଯାନ ଶେଷ ହୋଇଯାଇଛି। ପୂର୍ବରୁ ପ୍ରି-କ୍ୱାର୍ଟର ଫାଇନାଲରୁ ଗୋକୁଲମ୍ କେରଳ ବିଦାୟ ନେଇ ସାରିଛି। ଅନ୍ୟତମ ଆଇ-ଲିଗ୍ ଦଳ ଚର୍ଚ୍ଚିଲ ବ୍ରଦର୍ସ ଟୁର୍ନାମେଣ୍ଟରୁ ଓହରି ଯାଇଛି। ମେ ୩ ତାରିଖରେ ଫାଇନାଲ ଅନୁଷ୍ଠିତ ହେବ।

**ସେମିଫାଇନାଲ ସୂଚୀ (ଏପ୍ରିଲ ୩୦)**

ପ୍ରଥମ ସେମିଫାଇନାଲ: ମୋହନ ବାଗାନ ସୁପର ଜାଏଣ୍ଟ ବନାମ ଏଫ୍ସି ଗୋଆ। ସମୟ: ଅପରାହ୍ନ ୪ଟା ୩୦

ଦ୍ୱିତୀୟ ସେମିଫାଇନାଲ: ମୁମ୍ବାଇ ସିଟି ଏଫ୍ସି ବନାମ ଜାମସେଦପୁର ଏଫ୍ସି। ସମୟ: ରାତି ୮ଟା।

# ମହିଳା ଓ ପୁରୁଷରେ ଓଡ଼ିଶା ଚାମ୍ପିୟନ




ଚାମ୍ପିୟନ ଓଡ଼ିଶା ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୨୭।୪ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ସର୍ବଭାରତୀୟ ଗେଟ୍ବଲ୍ ଚାମ୍ପିୟନଶିପ୍ର ଉଭୟ ମହିଳା ଓ ପୁରୁଷ ବର୍ଗରେ ଓଡ଼ିଶା ଚାମ୍ପିୟନ ହୋଇଛି। ମହିଳା ବିଭାଗରେ ଓଡ଼ିଶା ସ୍ୱର୍ଣ୍ଣ ଓ ଉତ୍ତର ପ୍ରଦେଶ ରୌପ୍ୟ ପଦକ ହାସଲ କରିଛି। ପୁରୁଷରେ ଓଡ଼ିଶା, ମଧ୍ୟ ପ୍ରଦେଶ ଓ ବିହାର

**ସର୍ବଭାରତୀୟ ଗେଟ୍ବଲ ଉଦ୍ଯାପିତ**

ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ଆଇନଜୀବୀ ନିର୍ଭୟ କୁମାର ସାମନ୍ତରାୟ, କ୍ରୀଡ଼ା ସଙ୍ଗଠକ ନବରଞ୍ଜନ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ଗେଟ୍ବଲ ଆସୋସିଏଶନ ସଭାପତି ରଞ୍ଜନ କୁମାର ନନ୍ଦ, ସମ୍ପାଦକ ମହମ୍ମଦ ଆଜମ, ଯୁଗ୍ମ ସମ୍ପାଦକ ବାସୁଦେବ ଓଝା, ଗୌତମ ବେହେରା, କୁନାଲ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଏଆଇଏଫ୍ଏଫ୍ ନିଷ୍ପତ୍ତି ଉପରେ କାସ୍‌ର ରହିତାଦେଶ

**ନୂଆଦିଲ୍ଲୀ,୨୭।୪(ପି.ଟି.)**

ଚଳିତ ସିଜନର ଆଇ-ଲିଗ୍ ଟାଇଟଲକୁ ନେଇ ଲାଗି ରହିଥିବା ବିବାଦ ଜାରି ରହିଛି। କୋର୍ଟ ଅଫ ଆର୍ବିଟ୍ରେଶନ ଫର ସ୍ପୋର୍ଟ (କାସ) ରବିବାର ଇଣ୍ଟର କାଶୀ କ୍ଲବ ପକ୍ଷରୁ କରାଯାଇଥିବା ଆବେଦନର ଶୁଣାଣି କରି ଗୋଆର ଚର୍ଚ୍ଚିଲ ବ୍ରଦର୍ସକୁ ଚାମ୍ପିୟନ ଘୋଷଣା କରିବାର ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ୍)ର ନିଷ୍ପତ୍ତି ଉପରେ ରହିତାଦେଶ ଜାରି କରିଛି। ଏଆଇଏଫ୍ଏଫ୍ର ଅପିଲ୍ସ କମିଟି ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଥିବା ଇଣ୍ଟର କାଶୀ ବିରୋଧରେ ରାୟ ଦେବା ପରେ ଗତ ୧୮ ତାରିଖରେ ଚର୍ଚ୍ଚିଲ ବ୍ରଦର୍ସକୁ ଆଇ-ଲିଗ୍ ଚାମ୍ପିୟନ ଘୋଷଣା କରାଯାଇଥିଲା। ଏହି ନିଷ୍ପତ୍ତି ବିରୋଧରେ ଇଣ୍ଟର

**ଆଇ-ଲିଗ୍ ଟାଇଟଲ ବିବାଦ**

କାଶୀ ସୁଇଜରଲାଣ୍ଡସ୍ଥିତ ବିଶ୍ୱର ସର୍ବୋଚ୍ଚ ସ୍ପୋର୍ଟ୍ସ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲା।

'ଏଆଇଏଫ୍ଏଫ୍ର ଅପିଲ କମିଟି ନେଇଥିବା ନିଷ୍ପତ୍ତି ଉପରେ ରହିତାଦେଶ ଜାରି କରାଯାଇଛି। ଏଆଇଏଫ୍ଏଫ୍କୁ ମାମଲାର ଚୂଡ଼ାନ୍ତ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ଆଇ-ଲିଗ୍ ୨୦୨୪-୨୫ ସିଜନର ଚାମ୍ପିୟନ ଘୋଷଣା ନ କରିବାକୁ ଏବଂ କୌଣସି ମେଡାଲ ସେରିମନୀ ଆୟୋଜନ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି' ବୋଲି କାସ୍‌ର ଅପିଲ୍ସ ଆର୍ବିଟ୍ରେଶନ ଡିଭିଜନର ଉପସଭାପତି ଏଲିଜାବେଥ ଷ୍ଟେନର ନିର୍ଦ୍ଦେଶରେ ଉଲ୍ଲେଖ କରିଛନ୍ତି।

ଆଇ-ଲିଗ୍ ଫୁଟବଲ ଟୁର୍ନାମେଣ୍ଟ ଗତ ୬ ତାରିଖରେ ଶେଷ ହୋଇଥିବା ବେଳେ ଚର୍ଚ୍ଚିଲ ବ୍ରଦର୍ସ ୪୦ ପଏଣ୍ଟ ସହ ଟେବୁଲ ଶୀର୍ଷରେ ରହିଥିଲା।

# ରସୁଲଗଡ଼ ପ୍ରିମିୟର ଲିଗ୍ ଟ୍ରଫି ଉନ୍ମୋଚିତ

**ଭୁବନେଶ୍ୱର, ୨୭।୪ (ତପନ ସ୍ୱାଇଁ):** ରସୁଲଗଡ଼ ୟୁଥ୍ କ୍ଲବ ଆନୁକୂଲ୍ୟରେ ରସୁଲଗଡ଼ ପ୍ରିମିୟର ଲିଗ୍ର ୧୦ମ ସଂସ୍କରଣ ସୋମବାରଠାରୁ ଜିଜିପି ପଡ଼ିଆରେ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ରବିବାର ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀ ୪ ଦଳର ଅଧିନାୟକଙ୍କ ଉପସ୍ଥିତିରେ ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଗ ନେବାକୁ ଯାଉଥିବା ଦଳ ଏବଂ ଉପସ୍ଥିତ ଥିବା ଅଧିନାୟକମାନେ ହେଲେ ଗୋପୀନାଥ ଦେବ ଏକାଦଶର କାଳନ୍ଦୀ ରାଉତ, ମା' ଦୁର୍ଗା ଏକାଦଶର ଦେବାଶିଷ ଜେନା, ମା' କୋଚିଳେଇ ଏକାଦଶର ତୋଫାନ ରାଉତ ଓ ବ୍ରହ୍ମେଶ୍ୱର ଏକାଦଶର ପ୍ରଶାନ୍ତ ଶ୍ରୀଚନ୍ଦନ ରାୟ।

# ଆଇ ସ୍ୱିମ୍ ମିଟ୍ ଉଦ୍ଯାପିତ



ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବାଳିକା ବାଳକ ସୁଇମର।

**ଭୁବନେଶ୍ୱର, ୨୭।୪ (ତପନ ସ୍ୱାଇଁ)**

କିଟ୍ ଓ କିସ୍‌ର ସୁଇମିଂ ପୁଲ୍ କମ୍ପ୍ଲେକ୍ସରେ ୨୬ ଓ ୨୭ ତାରିଖ ଦୁଇଦିନଧରି ଆଇ ସ୍ୱିମ୍ ସୁଇମିଂ ମିଟ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶର ବିଭିନ୍ନ ଭାଗରୁ ୪୫୦ ସୁଇମର ଅଂଶଗ୍ରହଣ କରିଥିଲେ। ଏହା ମଧ୍ୟରେ ସମ୍ବଲପୁର, କିସ୍-ଗ୍ଲେନମାର୍କ ଓ ଜେଏସ୍ଡବ୍ଲ୍ୟୁ ଆଦି ଓଡ଼ିଶାର ବିଭିନନ ଏକାଡେମୀର ୩୫୦ ଛାତ୍ରୀଛାତ୍ର ସାମିଲ। କିସ୍ ସୁଇମରମାନେ ପ୍ରଥମ ଦିବସରେ ପ୍ରଭାବୀ ପ୍ରଦର୍ଶନ କରି ୧ ସ୍ୱର୍ଣ୍ଣ,

**କିସ୍ ସୁଇମରଙ୍କୁ ୧୨ ପଦକ**

୫ ରୌପ୍ୟ ଓ ୬ ବ୍ରୋଞ୍ଜ ସମେତ ୧୨ ପଦକ ହାସଲ କରିଛନ୍ତି। ସମସ୍ତ ପଦକ ହାସଲକାରୀଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି। ଏହି ପ୍ରତିଯୋଗିତା ବାଳିକା ବାଳକ ସୁଇମରଙ୍କ ପାଇଁ ଏକ ଭଲ ପ୍ଲାଟଫର୍ମ ସଦୃଶ ହୋଇଛି। ଏଥିରୁ ସେମାନେ ଅନେକ ଅନୁଭୂତି ଲାଭ କରିଛନ୍ତି।

# ରାଜ୍ୟ ଓପନ ଚେସ୍: ସ୍ୱପ୍ନିଲ ଚାମ୍ପିୟନ

**ଭୁବନେଶ୍ୱର, ୨୭।୪ (ତପନ ସ୍ୱାଇଁ):** କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲରେ ରବିବାର ଅନୁଷ୍ଠିତ ୪ର୍ଥ ଶ୍ୟାମଳି ଦେ ସ୍ମାରକୀ ରାଜ୍ୟ ଓପନ ଚେସ୍‌ରେ ଭୁବନେଶ୍ୱରର ସ୍ୱପ୍ନିଲ ପ୍ରିୟଦର୍ଶୀ ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ପୂରା ୫ ପଏଣ୍ଟ ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ତନ୍ମୟ ତ୍ରିପାଠୀ (୪.୫), ଲବ୍ୟଜ୍ୟୋତି ରାଉତରାୟ (୪.୫), ଦେବୀ ପ୍ରସାଦ ନାୟକ (୪) ଓ ଅମରେନ୍ଦ୍ର ଖମାରୀ (୪) ଟପ୍-୫ ଫିନିଶ୍ କରିଛନ୍ତି। ବିଭିନ୍ନ ବୟସ ଓ ବାଳିକା ବର୍ଗର ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୯ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

# ମୁମ୍ବାଇ, ଆର୍‌ସିବି ବିଜୟୀ



ଉଇକେଟ ନେବା ପରେ ଉଲ୍ଲସିତ ମୁମ୍ବାଇର ଯଶପ୍ରୀତ୍ ବୁମ୍ରା।

**ମୁମ୍ବାଇ,୨୭।୪**

ସୂର୍ଯ୍ୟକୁମାର ଯାଦବଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଓ ଯଶପ୍ରୀତ ବୁମରାଙ୍କ ୪ ଉଇକେଟ ସଫଳତା ବଳରେ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍ଆଇ) ୫୪ ରନର ବଡ଼ ବ୍ୟବଧାନରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍ଏସ୍ଜି)କୁ ପରାସ୍ତ କରିଛି। ମୁମ୍ବାଇ ଦ୍ୱାରା ପ୍ରଦତ୍ତ ୨୧୬ ରନର ଟାର୍ଗେଟର ପିଛା କରୁଥିବା ଲକ୍ଷ୍ନୌ ୧୬୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଏହା ମୁମ୍ବାଇ ଦଳର ଲଗାତର ପଞ୍ଚମ ଓ ମୋଟ ଉପରେ ଷଷ୍ଠ ବିଜୟ। ଆଇପିଏଲ ଇତିହାସରେ ଏହା ମୁମ୍ବାଇ ପାଇଁ ୧୫୦ତମ ବିଜୟ। ରବିବାର ସନ୍ଧ୍ୟାରେ ଖେଳାଯାଇଥିବା ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍ସିବି) ୬ ଉଇକେଟରେ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି)କୁ ପରାସ୍ତ କରିଛି। ଦିଲ୍ଲୀ ପକ୍ଷରୁ ପ୍ରଦତ୍ତ ୧୬୩ ରନର ଟାର୍ଗେଟକୁ ଆର୍ସିବି ୧୮.୩ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହି ବିଜୟ ସହ ବେଙ୍ଗାଲୁରୁ ପଏଣ୍ଟ ଟେବୁଲର ଶୀର୍ଷକୁ ଉଠିଛି। ଅନ୍ୟପକ୍ଷରେ ଦିଲ୍ଲୀ ପୂର୍ବ ଭଳି ତୃତୀୟ ସ୍ଥାନରେ ରହିଛି।


ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୨୦ ଓଭରରେ ୭ ଉଇକେଟ ହରାଇ ୨୧୫ ରନ କରିଥିଲା। ଦଳ ପକ୍ଷରୁ ରିୟାନ ରିକଲଟନ ୩୨ ବଲରେ ୫୮ (୬ ଚୌକା ଓ ୪ ଛକା) ଓ ସୂର୍ଯ୍ୟକୁମାର ଯାଦବ ୨୮ ବଲରେ ୫୪ (୪ ଲେଖାଏ ଚୌକା ଓ ଛକା) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱିଲ ଜ୍ୟାକ୍ସ ୨୯ (୩ ଚୌକା ଓ ୧ ଛକା), ନମନ ଧିର ୨୫ (୨ ଲେଖାଏ ଚୌକା ଓ ଛକା) ଓ କର୍ବିନ ବୋଶ୍ଚ ୨୦ (୨ ଚୌକା ଓ ୧ ଛକା) ରନ କରିଥିଲେ। ଲକ୍ଷ୍ନୌ ପାଇଁ ଇଞ୍ଜୁରୀରୁ ପ୍ରତ୍ୟାବର୍ତ୍ତନ କରିଥିବା ମୟଙ୍କ ଯାଦବ ଓ ଆଭେଶ ଖାନ ଦୁଇଟି ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଆରମ୍ଭରୁ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିବା ଲକ୍ଷ୍ନୌ ୨୦ ଓଭରରେ ୧୬୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଆୟୁଷ ବଦୋନୀ ୩୫ (୨ ଲେଖାଏଁ ଚୌକା ଓ ଛକା), ମାର୍ଶ ୨୪ ବଲରେ ୩୪ (୩ ଚୌକା ଓ ୨ ଛକା) ଓ ନିକୋଲସ ପୁରନ ୧୫ ବଲରେ ୨୭ (୧ ଚୌକା ଓ ୩ ଛକା) ରନ କରିଥିଲେ। ମୁମ୍ବାଇ ଲାଗି ବୁମରା ୪ ଉଇକେଟ ନେଇଥିବାବେଳେ ଟ୍ରେଣ୍ଟ ବୋଲ୍ଟ ୩ ଓ ୱିଲ ଜ୍ୟାକ୍ସ ୨ଟି ଉଇକେଟ ନେଇଥିଲେ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ରାଜସ୍ଥାନ ବନାମ ଗୁଜରାଟ
ସ୍ଥାନ: ଜୟପୁର
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ଆଇପିଏଲ୍ ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୦ | ୭ | ୩ | ୦ | ୧୪ | +୦.୫୨୧ |
| ଗୁଜରାଟ ଟାଇଟନ୍ସ | ୮ | ୬ | ୨ | ୦ | ୧୨ | +୧.୧୦୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୬ | ୪ | ୦ | ୧୨ | +୦.୮୮୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୬ | ୩ | ୦ | ୧୨ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୯ | ୫ | ୩ | ୧ | ୧୧ | +୦.୧୭୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୦ | ୫ | ୫ | ୦ | ୧୦ | -୦.୩୨୫ |
| କୋଲକାତା ନାଇଟ ରାଇଡର୍ସ | ୯ | ୩ | ୫ | ୧ | ୭ | +୦.୨୧୨ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୯ | ୩ | ୬ | ୦ | ୬ | -୧.୧୦୩ |
| ରାଜସ୍ଥାନ ରୟାଲ୍ସ | ୯ | ୨ | ୭ | ୦ | ୪ | -୦.୬୨୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୯ | ୨ | ୭ | ୦ | ୪ | -୧.୩୦୨ |




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ